Ah! No. You are looking from the wrong side. They could escape dying only if their body did not decay. It is just because their body decays that they die. It is because their body becomes useless that they die. If they are not to die, their body should not become useless. This is just the contrary. It is precisely because the body decays, declines and ends in a complete degradation that death becomes necessary. But if the body followed the progressive movement of the inner being, if it had the same sense of progress and perfection as the psychic being, there would be no necessity for it to die. One year added to another need not bring a deterioration. It is only a habit of Nature. It is only a habit of what is happening at this moment. And that is exactly the cause of death. One can foresee quite well, on the contrary, that the movement for perfection which is at the beginning of life might continue under another form. I have already told you that one does not foresee an uninterrupted growth, for that would need changing the height of the houses after some time! But this growth in height may be changed into a growth in perfection: the perfection of the form. All the imperfections of the form may be gradually corrected, all the weaknesses replaced by strength,

all the incapacities by skill. Why should it not be like this? You do not think in that way because you have the habit of seeing things otherwise. But there is no reason why this should not happen....

One sheds off something, but it's in order to grow again and have something more. One must be able to keep the harmony and the beauty till the end. There is no reason why one should have a body which has no longer any purpose in being, in existing; because it would no longer be good for anything. To be no longer good for anything, that is exactly what makes it disappear. One could have a body that grows from perfection to perfection. There are many things in the body that make you say: "Ah, if it were like that! Ah, I would like it to be thus!" (I am not speaking of your character, for there are so many things that need changing; I am speaking only of your physical appearance). You see some disharmony somewhere and you say: "If this disharmony disappeared, how much better would it be!"… But why don't you think that it could be done? If you look at yourself in quite an objective way—not with that sort of attachment one has for one's little person, but quite objectively, you look at yourself as you would look at another person and tell yourself: "But this thing is not altogether in harmony with that", and if you look yet more closely, it becomes very interesting: you discover that this disharmony is the expression of a defect in your character. It is because in your character there is something a bit twisted, not quite harmonious, and in your body this is reproduced somewhere. You try to arrange it in your body and you find out that to get back to the source of this physical disharmony, you have to find out the defect in your inner being. And then you begin to work and the result is obtained.

You don't know to what an extent the body is plastic! From another standpoint, I would say it is terribly rigid and that is why the body deteriorates. But that is because we do not know how to make use of it. We do not know, when we are still fresh like little leaves, how to will for a luxuriant, magnificent, faultless flowering. And instead of telling oneself with a somewhat miserable look: "It is a pity my arms are too thin or my legs are too long or my back is not straight or my head is not quite harmonious", if one said: "It must be otherwise, my arms must be proportionate, my body harmonious, every form in me must express a higher beauty", then one will succeed. And you will succeed if you know how to do it with the true will that is persistent, tranquil, that is not impatient, does not care for appearances of defeat, continues its work quietly, very quietly, continues to will that it be so, to look for the inner reason, to discover it, to work with energy. Immediately, as soon as you see a little black worm somewhere, which does not look pretty and makes a small rather unpleasant, disgusting stain, you pick it up, pull it out and throw it away and put a lovely light in its place. And after a time you discover: "Why! that disharmony I had in my face is disappearing; that sign of brutality, unconsciousness which was in my expression, it is going away." And then ten years later you don't recognise yourself any longer.

You are all, here, youthful matter; you must know how to profit by it—and not for petty, selfish and stupid reasons but for the love of beauty, for the need of harmony.

If the body is to last, it must not deteriorate. There must not be any decay. It must win on one side: it must be a transformation, it must not be a decay. With decay there is no possibility of immortality.

17 June 1953

**"No, I Will Not Die"**

Ah! well, that depends upon the people. Two things are necessary. First of all, nothing in your being, no part of your being should want to die. That does not happen often. You have always a defeatist in you somewhere: something that is tired, something that is disgusted, something that has had enough of it, something that is lazy, something that does not want to struggle and says: "Well! Ah! Let it be finished, so much the better." That is sufficient, you are dead.

But it is a fact: if nothing, absolutely nothing in you consents to die, you will not die. For someone to die, there is always a second, perhaps the hundredth part of a second when he gives his consent. If there is not this second of consent, he does not die.

I knew people who should have really died according to all physical and vital laws; and they

refused. They said: “No, I will not die”, and they lived. There are others who do not need at all to die, but they are of that kind and say: “Ah! Well! Yes, so much the better, it will be finished”, and it is finished. Even that much, even nothing more than that: you need not have a persistent wish, you have only to say: “Well, yes, I have had enough!” and it is finished. So it is truly like that. As you say, you may have death standing by your bedside and tell him: “I do not want you, go away”, and it will be obliged to go away. But usually one gives way, for one must struggle, one must be strong, one must be very courageous and enduring, must have a great faith in the importance of life; like someone, for example, who feels very strongly that he has still something to do and he must absolutely do it. But who is sure he has not within him the least bit of a defeatist, somewhere, who just yields and says: “It is all right”?… It is here, the necessity of unifying oneself.

1 July 1953

**Make Death Magnificent**

if one must for some reason or other leave one’s body and take a new one, is it not better to make of one’s death something magnificent, joyful, enthusiastic, than to make it a disgusting defeat? Those who cling on, who try by every possible means to delay the end even by a minute or two, who give you an example of frightful anguish, show that they are not conscious of their soul…. After all, it is perhaps a means, isn’t it? One can change this accident into a means; if one is conscious one can make a beautiful thing of it, a very beautiful thing, as of everything. And note, those who do not fear it, who are not anxious, who can die without any sordidness are those who never think about it, who are not haunted all the time by this “horror” facing them which they must escape and which they try to push as far away from them as they can. These, when the occasion comes, can lift their head, smile and say, “Here I am.”

It is they who have the will to make the best possible use of their life, it is they who say, “I shall remain here as long as it is necessary, to the last second, and I shall not lose one moment to realise my goal”; these, when the necessity comes, put up the best show. Why?—it is very simple, because they live in their ideal, the truth of their ideal; because that is the real thing for them, the very reason of their being, and in all things they can see this ideal, this reason of existence, and never do they come down into the sordidness of material life.

So, the conclusion:

One must never wish for death.

One must never will to die.

One must never be afraid to die.

And in all circumstances one must will to exceed oneself.

**Transformatiom**

**The Work of Transfomation**

Of all things the most difficult is to bring down the Divine Consciousness into the material world; must the endeavour be abandoned on that account? Surely not.

*

There is a Supreme Divine Consciousness. We want to manifest this Divine Consciousness in the physical life.

*

The goal is not to lose oneself in the Divine Consciousness. The goal is to let the Divine Consciousness penetrate into Matter and transform it.

*

The spirituality of tomorrow will take up matter and transform it.

*

Immortality is not a goal, it is not even a means. It will proceed naturally from the fact of living the Truth.

*

Unless one has an endless patience and an unshakable perseverance, it is better not to start on the way of transformation.

*

Somebody asked me,—

“In the work of Transformation, who is the slowest to do his part, man or God?”

I replied,—

Man finds that God is too slow to answer his prayers.

God finds that man is too slow to receive His influence.

But for the Truth-Consciousness all is going on as it ought to go.

**An Integral Transformation**

We want an integral transformation, the transformation of the body and all its activities.

Formerly, when one spoke of transformation one meant solely the transformation of the inner consciousness. One tried to discover in oneself this deep consciousness and rejected the body and its activities like an encumbrance and a useless thing, in order to attend only to the inner movement. Sri Aurobindo declared that this was not enough; the Truth demanded that the material world should also participate in this transformation and become an expression of the deeper Truth. But when people heard this, many thought that it was possible to transform the body and its activities without bothering in the least about what was happening within—naturally this is not quite true. Before you can undertake this work of physical transformation, which of all things is the most difficult, your inner consciousness must be firmly established, solidly established in the Truth, so that this transformation may be the final expression of the Truth—"final" for the moment at least.

The starting-point of this transformation is receptivity, we have already spoken about it. That is the indispensable condition for obtaining the transformation. Then comes the change of consciousness. This change of consciousness and its preparation have often been compared with the formation of the chicken in the egg: till the very last second the egg remains the same, there is no change, and it is only when the chicken is completely formed, absolutely alive, that it itself makes with its little beak a hole in the shell and comes out. Something similar takes place at the moment of the change of consciousness. For a long time you have the impression that nothing is happening, that your consciousness is the same as usual, and, if you have an intense aspiration, you even feel a resistance, as though you were knocking against a wall which does not yield. But when you are ready within, a last effort—the pecking in the shell of the being—and everything opens and you are projected into another consciousness.

I said that it was a revolution of the basic equilibrium, that is, a total reversal of consciousness comparable with what happens to light when it passes through a prism. Or it is as though you were turning a ball inside out, which cannot be done except in the fourth dimension. One comes out of the ordinary three-dimensional consciousness to enter the higher four-dimensional consciousness, and into an infinite number of dimensions. This is the indispensable starting-point. Unless your consciousness changes its dimension, it will remain just what it is with the superficial vision of things, and all the profundities will escape you. (4 January 1951)

**The Physical Battle**

We come now to the most terrible battle of all, the physical battle which is fought in the body; for it goes on without respite or truce. It begins at birth and can end with the defeat of one of the two combatants: the force of transformation and the force of disintegration. I say at birth, for in fact the two movements are in conflict from the very moment one comes into the world, although the conflict becomes conscious and deliberate only much later. For every indisposition, every illness, every malformation, even accidents, are the result of the action of the force of disintegration, just as growth, harmonious development, resistance to attack, recovery from illness, every return to the normal functioning, every progressive improvement, are due to the action of the force of transformation. Later on, with the development of the consciousness, when the fight becomes deliberate, it changes into a frantic race between the two opposite and rival movements, a race to see which one will reach its goal first, transformation or death. This means a ceaseless effort, a constant concentration to call down the regenerating force and to increase the receptivity of the cells to this force, to fight step by step, from point to point against the devastating action of the forces of destruction and decline, to tear out of its grasp everything that is capable of responding to the ascending urge, to enlighten, purify and stabilise. It is an obscure and obstinate struggle, most often without any apparent result or any external sign of the partial victories that have been won and are ever uncertain—for the work that has

been done always seems to need to be redone; each step forward is most often made at the cost of a setback elsewhere and what has been done one day can be undone the next. Indeed, the victory can be sure and lasting only when it is total. And all that takes time, much time, and the years pass by inexorably, increasing the strength of the adverse forces.

All this time the consciousness stands like a sentinel in a trench: you must hold on, hold on at all costs, without a quiver of fear or a slackening of vigilance, keeping an unshakable faith in the mission to be accomplished and in the help from above which inspires and sustains you. For the victory will go to the most enduring.

(Bulletin, February 1954)

**This Movement of Progressive Harmony**

By means of a rational and discerning physical education, we must make our body strong and supple enough to become a fit instrument in the material world for the truth-force which wants to manifest through us.

In fact, the body must not rule, it must obey. By its very nature it is a docile and faithful servant. Unfortunately, it rarely has the capacity of discernment it ought to have with regard to its masters, the mind and the vital. It obeys them blindly, at the cost of its own well-being. The mind with its dogmas, its rigid and arbitrary principles, the vital with its passions, its excesses and dissipations soon destroy the natural balance of the body and create in it fatigue, exhaustion and disease. It must be freed from this tyranny and this can be done only through a constant union with the psychic centre of the being. The body has a wonderful capacity of adaptation and endurance. It is able to do so many more things than one usually imagines. If, instead of the ignorant and despotic masters that now govern it, it is ruled by the central truth of the being, you will be amazed at what it is capable of doing. Calm and quiet, strong and poised, at every minute it will be able to put forth the effort that is demanded of it, for it will have learnt to find rest in action and to recuperate, through contact with the universal forces, the energies it expends consciously and usefully. In this sound and balanced life a new harmony will manifest in the body, reflecting the harmony of the higher regions, which will give it perfect proportions and ideal beauty of form. And this harmony will be progressive, for the truth of the being is never static; it is a perpetual unfolding of a growing perfection that is more and more total and comprehensive. As soon as the body has learnt to follow this movement of progressive harmony, it will be possible for it to escape, through a continuous process of transformation, from the necessity of disintegration and destruction. Thus the irrevocable law of death will no longer have any reason to exist.

When we reach this degree of perfection which is our goal, we shall perceive that the truth we seek is made up of four major aspects: Love, Knowledge, Power and Beauty. These four attributes of the Truth will express themselves spontaneously in our being. The psychic will be the vehicle of true and pure love, the mind will be the vehicle of infallible knowledge, the vital will manifest an invincible power and strength and the body will be the expression of a perfect beauty and harmony.

Bulletin, November 1950

**The ABC of the Transformation of the Body**

Now, as you know, from the physical point of view human beings live in frightful ignorance. They cannot even say exactly… For instance, would you be able to tell exactly, at every meal, the amount of food and the kind of food your body needs?—simply that, nothing more than that: how much should be taken and when it should be taken…. You know nothing about it, there's just a vague idea of it, a sort of imagination or guesswork or deduction or… all sorts of things which have nothing to do with knowledge. But that exact knowledge: "This is what I must eat, I must eat this much"—and then it is finished. "This is what my body needs." Well, that can be done. There's a time when one knows it very well. But it asks for years of labour, and above all years of work almost without any mental control, just with a consciousness that's subtle enough to establish a connection with the elements of transformation and progress. And to know also how to determine for one's body, exactly, the amount of physical

effort, of material activity, of expenditure and recuperation of energy, the proportion between what is received and what is given, the utilisation of energies to re-establish a state of equilibrium which has been broken, to make the cells which are lagging behind progress, to build conditions for the possibility of higher progress, etc… it is a formidable task. And yet, it is that which must be done if one hopes to transform one's body. First it must be put completely in harmony with the inner consciousness. And to do that, it is a work in each cell, so to say, in each little activity, in every movement of the organs. With this alone one could be busy day and night without having to do anything else…. One does not keep up the effort and, above all, the concentration, nor the inner vision.

I have put to you quite a superficial question: it seems astonishing to you that one can know the exact amount of what one should eat, and what should be eaten at a certain time, and at what time one should take one's meal, and when one is ready for another! Well, that is an altogether superficial part of the problem, yet if you enter into the combination of the cells and the inner organisation in order that all this may be ready to respond to the descending Force…. First, are you conscious of your physical cells and their different characteristics, their activity, the degree of their receptivity, of what is in a healthy condition and what is not? Can you say with certainty when you are tired, why you are tired? When there's something wrong somewhere, can you say, "It is because of this that I am suffering"?… Why do people rush to the doctor? Because they are under the illusion that the doctor knows better than they how to look inside their body and find out what's going on there—which is not very reasonable, but still that's the habit! But for oneself, who can look inside himself quite positively and precisely and know exactly what is out of order, why it is disturbed, how it has been disturbed? And all this is simply a work of observation; afterwards one must do what is necessary to put it back into order again, and that is still more difficult.

Well, this is the A B C of the transformation of the body. Voilà.( 24 February 1954)

**Endless Patience and Endurance**

One must be careful... one must not say, "Here we are, it's no use, I shall never achieve anything, all my efforts are futile; all this is an illusion, it is impossible." On the contrary, one must say, "I wasn't vigilant enough." One must wait long, very long, before one can say, "Ah! It is done and finished." Sometimes one must wait for years, many years….

I am not saying this to discourage you, but to give you patience and perseverance—for there is a moment when you do arrive. And note that the vital is a small part of your being—a very important part, we have said that it is the dynamism, the realising energy, it is very important; but it is only a small part. And the mind!…which goes wandering, which must be pulled back by all the strings to be kept quiet! You think this can be done overnight? And your body?… You have a weakness, a difficulty, sometimes a small chronic illness, nothing much, but still it is a nuisance, isn't it? You want to get rid of it. You make efforts, you concentrate; you work upon it, establish harmony, and you think it is finished, and then…. Take, for instance, people who have the habit of coughing; they can't control themselves or almost can't. It is not serious but it is bothersome, and there seems to be no reason why it should ever stop. Well, one tells oneself, "I am going to control this." One makes an effort—a yogic effort, not a material one—one brings down consciousness, force, and stops the cough. And one thinks, "The body has forgotten how to cough." And it is a great thing when the body has forgotten, truly one can say, "I am cured." But unfortunately it is not always true, for this goes down into the subconscient and, one day, when the balance of forces is not so well established, when the strength is not the same, it begins again. And one laments, "I believed that it was over! I had succeeded and told myself, 'It is true that spiritual power has an action upon the body, it is true that something can be done', and there! it is not true. And yet it was a small thing, and I who want to conquer immortality! How will I succeed?… For years I have been free from this small thing and here it is beginning anew!" It is then that you must be careful.

You must arm yourself with an endless patience and endurance. You do a thing once, ten times, a hundred times, a thousand times if necessary, but you do it till it gets done. And not done only here and there, but everywhere and everywhere at the same time.

**A Total Conversion Is Necessary**

Until now all the victories which have been won have reactions that are finally defeats. There is never anything definitive and complete. Every time one has the feeling of having gained a victory, one finds out that this victory was incomplete, partial, fugitive. This is a fact one can always observe if one looks carefully at oneself. Not that things are necessarily what they were before, no, something has changed, but everything has not changed and not changed completely.

This is very apparent, very noticeable in physical conquests over the body. Through a very assiduous labour one succeeds in overcoming a weakness, a limitation, a bad habit, and one believes this is a definitive victory; but after some time or at times immediately one realises that nothing is completely done, nothing is definitive, that what one thought to have accomplished has to be done again. For only a total change of consciousness and the intervention of a new force, a reversal of consciousness can make the victory complete.

In the old Chaldean tradition, very often the young novices were given an image when they were invested with the white robe; they were told: "Do not try to remove the stains one by one, the whole robe must be purified." Do not try to correct your faults one by one, to overcome your weaknesses one by one, it does not take you very far. The entire consciousness must be changed, a reversal of consciousness must be achieved, a springing up out of the state in which one is towards a higher state from which one dominates all the weaknesses one wants to heal, and from which one has a full vision of the work to be accomplished

I believe Sri Aurobindo has said this: things are such that it may be said that nothing is done until everything is done. One step ahead is not enough, a total conversion is necessary.

How many times have I heard people who were making an effort say, "I try, but what's the use of my trying? Every time I think I have gained something, I find that I must begin all over again." This happens because they are trying to go forward while standing still, they are trying to progress without changing their consciousness. It is the entire point of view which must be shifted, the whole consciousness must get out of the rut in which it lies so as to rise up and see things from above. It is only thus that victories will not be changed into defeats.

26 December 1956

Ref. Health and Healing in Yoga

(Sri Aurobindo Ashram, Pondicherry)

✾

# ସ୍ୱାସ୍ଥ୍ୟର ଭିତ୍ତିଭୂମି

ଶ୍ରୀମା

ଓଡ଼ିଆ ଅନୁବାଦ: ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମା

**ଉତ୍ତମ ଅଭ୍ୟାସ**

ବର୍ତ୍ତମାନ ପର୍ଯ୍ୟନ୍ତ ଆନନ୍ଦ ଓ ଉତ୍ତମ ସ୍ୱାସ୍ଥ୍ୟ ପୃଥିବୀରେ ଏକ ସାଧାରଣ ଅବସ୍ଥା ନୁହନ୍ତି। ସେମାନଙ୍କର ବିରୋଧୀ ଶକ୍ତିମାନଙ୍କର ଅନୁପ୍ରବେଶଠାରୁ ଆମ୍ଭେ ସେମାନଙ୍କୁ ରକ୍ଷା କରିବା।

ଜୀବନ ଚଳଣି ଓ ଦିନ ଚର୍ଯ୍ୟାର ସଂଶୋଧନ କରିପାରିଲେ ତୁମ୍ଭେ ଉତ୍ତମ ସ୍ୱାସ୍ଥ୍ୟ ଲାଭର ଆଶା କରିପାରିବ।

ଏକଥା ବିସ୍ମୃତ ହୁଅ ନାହିଁ ଯେ ଆମ୍ଭମାନଙ୍କ ଯୋଗ ସକାଶେ ଶକ୍ତିଶାଳୀ ଓ ସାସ୍ଥ୍ୟବାନ ଶରୀରର ଆବଶ୍ୟକତା ଅଛି। ଏଥି ସକାଶେ ବ୍ୟାୟାମ କରିବା, କର୍ମ ବହୁଳ ଓ ନିୟମିତ ଜୀବନ ଯାପନ କରିବା, ପୁଷ୍ଟିକର ଖାଦ୍ୟ ଖାଇବା, ପରିଶ୍ରମ କରିବା ଓ ସୁଖନିଦ୍ରା ଆବଶ୍ୟକ। ଉତ୍ତମ ସାସ୍ଥ୍ୟ ମାଧ୍ୟମରେ ରୂପାନ୍ତରିତ ହେବାର ମାର୍ଗ ପରିଦୃଷ୍ଟ ହୁଏ।

ବ୍ୟାୟାମ କରିବା, ସରଳ ଓ ସ୍ୱାସ୍ଥ୍ୟକର ଜୀବନ ଯାପନ କରିବା ଏକ ଉତ୍ତମ ବ୍ୟବସ୍ଥା, ମାତ୍ର ଶରୀର ପୂର୍ଣ୍ଣତା ପ୍ରାପ୍ତହେବା ସକାଶେ ଦିବ୍ୟ ଶକ୍ତି ଦିଗକୁ ଧାବିତ ହେବା ଆବଶ୍ୟକ। ଏହା କେବଳ ଦିବ୍ୟ ପ୍ରଭାବର ଅଧୀନ ହେବା ଦିବ୍ୟତାର ଅନୁଭବ ସକାଶେ ନିରବଚ୍ଛିନ୍ନ ଆସ୍ପୃହା କରିବା ଉଚିତ୍।

**ଡାକ୍ତର, ଡାକ୍ତରଖାନା ଓ ଶାରୀରିକ ଶିକ୍ଷାର ଆବଶ୍ୟକତା କ'ଣ ?**

ମୋତେ ଅନେକ ସମୟରେ ପ୍ରଶ୍ନ କରାହୁଏ, "ଆମ୍ଭେମାନେ ଏକ ଆଦର୍ଶନୀତିର ପାଳନକର୍ତ୍ତା ଭାବରେ ଶରୀରକୁ ବିଶ୍ୱରେ ଉଦ୍ଭାସିତ ଦିବ୍ୟସତ୍ତାଙ୍କର ଯନ୍ତ୍ରଭାବରେ ଗ୍ରହଣ କରି କାର୍ଯ୍ୟକରୁ। ଆମ୍ଭମାନଙ୍କୁ ଏହି ଶିକ୍ଷା ଦିଆଯାଇଅଛି ଏବଂ ଆମ୍ଭେମାନେ ଏହି ସତ୍ୟର ଉପଲବ୍ଧି ସକାଶେ ଚେଷ୍ଟା କରୁଛୁ। ତେବେ ଆଶ୍ରମ, ଡାକ୍ତର, ବୈଦ୍ୟଶାଳା ଏବଂ ଆଧୁନିକ ଜ୍ଞାନକୌଶଳ ପୁଷ୍ଟ ଶାରୀରିକ ଶିକ୍ଷାର ଆବଶ୍ୟକତା କ'ଣ ?" ତୁମ୍ଭମାନଙ୍କ ମଧ୍ୟରୁ କେହି ବଣଭୋଜି କରିବାକୁ ଗଲେ ମୁଁ ସେମାନଙ୍କୁ କୌଣସି ସ୍ଥାନରୁ ପାଣି ନ ପିଇ ପରିଷ୍କୃତ ପାଣି ପିଇବା ସକାଶେ କାହିଁକି କହେ ? ତୁମ୍ଭେ ଖାଉଥିବା ଫଳଗୁଡ଼ିକ ମୁଁ କାହିଁକି ବିଶୋଧନ କରେ ? ଏପରି ଅନେକ କଥା ଅଛି।

ଏସବୁ ପରସ୍ପରର ବିରୋଧ କରୁଥିଲା ପରି ମନେ ହେଉଅଛି। ମୁଁ ଆଜି ତୁମ୍ଭଙ୍କୁ କିଛି କହିବି ଏବଂ ଏହା ତୁମ୍ଭ ମଧ୍ୟରେଥିବା ସନ୍ଦେହ ଓ ବିରୋଧୀ ମନୋଭାବକୁ ଦୂର କରିଦେଇ ପାରିବ। ମୁଁ ତୁମ୍ଭଙ୍କୁ ଅନେକ ଥର କହିଅଛି ଯେ ଯେତେବେଳେ ଦୁଇଟି ଆଦର୍ଶ ବା ନିୟମ ପରସ୍ପରର ବିରୋଧ କରୁଥିବା ପରି ପ୍ରତୀତ ହେବ ସେତେବେଳେ ତୁମ୍ଭେ ଟିକିଏ ଉଚ୍ଚତର ସୋପାନରେ ଅଧିରୂଢ଼ ହୋଇ ବିରୋଧ କରୁଥିବା ବିଷୟଗୁଡ଼ିକର ନିର୍ଣ୍ଣୟ କରିବ ଏବଂ ମନନଶୀଳ ସମନ୍ୱୟ ସହିତ ଏଗୁଡ଼ିକର ସମାଧାନ କରିବ।

ଆମ୍ଭମାନଙ୍କର ଶରୀର ଚର୍ଚ୍ଚା କରିବା, ଏହାକୁ ରକ୍ଷା କରିବା, ସୁସ୍ଥ ଓ କର୍ମଠ ରଖିବା, ଏହାର ସାମର୍ଥ୍ୟରେ ଉନ୍ନତି ଆଣିବା ଏବଂ ପୂର୍ଣ୍ଣ ସ୍ୱାସ୍ଥ୍ୟକର ଅବସ୍ଥାରେ ରଖିବାର ପ୍ରଣାଳୀଗୁଡ଼ିକ ଏକାବେଳକେ ଓ ସମ୍ପୂର୍ଣ୍ଣଭାବରେ ଆମ୍ଭମାନଙ୍କର ଚେତନାର ସ୍ଥିତି ଉପରେ ନିର୍ଭର କରେ। ଆମ୍ଭମାନଙ୍କର ଶରୀର ଚେତନା ପର୍ଯ୍ୟାୟର ଏକ ଯନ୍ତ୍ର ଏବଂ ଶରୀରଠାରୁ ଅଭିଳଷିତ କାମ ଆଦାୟ କରିବା ସକାଶେ ଚେତନା ଏହା ଉପରେ ସିଧାସଳଖ କ୍ରିୟାଶୀଳ ହୁଏ। ଯଦି ଆମ୍ଭେମାନେ ଏତିକି ଜାଣିପାରିବା ତେବେ ଏହି କାର୍ଯ୍ୟଟି ସହଜରେ ସମାହିତ ହୋଇ ପାରିବ।

ଯଦି ତୁମ୍ଭେ ଚେତନାର ଏକ ସାଧାରଣ ସ୍ତରରେ ରହିଥାଅ, ଦର୍ଶନ ଏବଂ ଚିନ୍ତାକର ତେବେ ଏହି ସାଧାରଣ ପର୍ଯ୍ୟାୟଭୁକ୍ତ ଚେତନା ତୁମ୍ଭର ଶରୀର ଉପରେ ପ୍ରଭାବ ବିସ୍ତାର କରେ। ଏହି ଭୌତିକ ପ୍ରକ୍ରିୟା ସଙ୍ଗେ ମାନବ ସମାଜର ସହସ୍ର ବର୍ଷର ବୈଜ୍ଞାନିକ ଚିନ୍ତାଧାରା ସଂଶ୍ଳିଷ୍ଟ ହୋଇ ରହିଅଛି। ଏହି ବିଜ୍ଞାନ ଅତି ଜଟିଳ, ଅସଂଖ୍ୟ ଏହାର ପ୍ରଣାଳୀ, ଦ୍ୱନ୍ଦଯୁକ୍ତ, ଅନିର୍ଦ୍ଦିଷ୍ଟ, ଅନେକ ସମୟରେ ବିରୋଧଭାବ ଉଦ୍ଦୀପକ, ସବୁବେଳେ ଅଗ୍ରଗତି କରିବାରେ ପ୍ରୟାସୀ ଏବଂ ଆପାତ ସିଦ୍ଧ ଅଟେ। ଶରୀର ଚର୍ଚ୍ଚା ସମସ୍ତଙ୍କ ଦ୍ୱାରା ଆଦୃତ ଓ ଅନୁସୃତ ହେଲେ ମଧ୍ୟ ସୁଫଳ କ୍ୱଚିତ ମିଳିଅଛି। ଅନେକ ଅଭିକ୍ରିୟା, ଅନୁସନ୍ଧାନ ଓ ପର୍ଯ୍ୟବେକ୍ଷଣ ସ୍ତୁପୀକୃତ ହୋଇ ଗଢ଼ିଅଛି। ଏଗୁଡ଼ିକ ଆମ୍ଭମାନଙ୍କୁ ଖାଦ୍ୟ, କାର୍ଯ୍ୟସୂଚୀ, ବ୍ୟାୟାମ ଓ ଜୀବନର ବାହ୍ୟ ପରିପ୍ରକାଶଗୁଡ଼ିକୁ ନିୟମାନୁବର୍ତ୍ତୀ କରିବାକୁ ଶିଖାଏ। ଶରୀରକୁ ସୁସ୍ଥସବଳ ରଖି କର୍ମକ୍ଷମ କରାଇବାକୁ ଯେଉଁମାନେ ଇଚ୍ଛା କରନ୍ତି ସେମାନଙ୍କ ସକାଶେ ଯଥୋଚିତ ଭିତ୍ତିର ସୃଷ୍ଟି କରେ। ଏହା ଶରୀରର ଗଠନ ଅସାମଞ୍ଜସ୍ୟର ସଂଶୋଧନ କରେ, ସାଧାରଣ ସ୍ଥିତିକୁ ଉନ୍ନତ କରେ ଏବଂ ସମୟ ସମୟରେ ଆଖିଦୃଶିଆ ଫଳ ପ୍ରାପ୍ତିରେ ସାହାଯ୍ୟ କରେ।

ମୁଁ ଆଉ ଗୋଟିଏ ବାକ୍ୟ ଯୋଗ କରୁଅଛି। ଏହି ବୌଦ୍ଧିକ ମାନବିକ ବିଜ୍ଞାନ ବର୍ତ୍ତମାନ ସତ୍ୟର ସନ୍ଧାନରେ ସତତ ବ୍ରତୀ ହେବା ସଙ୍ଗେ ଆତ୍ମାର ଅସ୍ତିତ୍ୱ ଓ ସତ୍ୟର ନିକଟବର୍ତ୍ତୀ ହେଉଅଛି। ପରମ

ସତ୍ୟର ସନ୍ଧାନ ସକାଶେ ଏ ଦୁଇଟି ସଠିକ ବୁଝାମଣା ସହିତ ପରସ୍ପର ସହିତ ସଂଯୁକ୍ତ ହେବାର ସମ୍ଭାବନା ମୁଁ ଦେଖିପାରୁଅଛି।

ତେଣୁ ଯେଉଁମାନେ ଶରୀର ପ୍ରଧାନ ଭୂମିରେ ବାସ କରୁଅଛନ୍ତି ଓ ତତ୍ ସମ୍ବନ୍ଧୀୟ ଚେତନା ମଧ୍ୟରେ ଅଛନ୍ତି ସେମାନଙ୍କର ଶରୀର ସକାଶେ ଏହି ଉପାୟ ଓ ସାରଣୀଗୁଡ଼ିକ ପ୍ରଯୁକ୍ତ ହେବେ। ମାନବ ସମାଜର ଅଧିକାଂଶ ବ୍ୟକ୍ତି, ଏପରିକି ଆଶ୍ରମର ଅନ୍ତେବାସୀମାନେ ପୂର୍ଣ୍ଣଶାରୀରିକ ଚେତନାରେ ରହନ୍ତି ନାହିଁ। ନିଜର ଶରୀରର ଯତ୍ନ ନେବା ସକାଶେ ସେମାନେ ଭୌତିକ ବିଜ୍ଞାନ ଦ୍ୱାରା ନିର୍ଦ୍ଧାରିତ ନିୟମ ଗୁଡ଼ିକର ଅନୁସରଣ ଓ ପାଳନ କରିବା ଉଚିତ। (୨୯ ମେ, ୧୯୫୭)

**ଶାରୀରିକ ଶିକ୍ଷା**

ମାନବୀୟ ଚେତନାର ସୁବିସ୍ତୃତ ପରିସର ମଧ୍ୟରେ ଶାରୀରିକ ଶିକ୍ଷା ଏକ ପର୍ଯ୍ୟାୟ ଏବଂ ଏହା ପ୍ରଣାଳୀ, କ୍ରମାନୁସାରୀ, ଶୃଙ୍ଖଳା ଓ ନୀତି ନିୟମ ମଧ୍ୟରେ ନିୟନ୍ତ୍ରିତ ହୋଇଥାଏ। ନମନୀୟତା ଓ ଗ୍ରହଣଶୀଳତାର ଅଭାବ ଭୌତିକ କ୍ଷେତ୍ରରେ ଦୃଷ୍ଟ ହୁଏ ଏବଂ ଗୋଟିଏ ସଙ୍ଗଠିତ, ନିର୍ଦ୍ଦିଷ୍ଟ ଏବଂ ଭାବାନୁସାରୀ ପ୍ରକ୍ରିୟା ତା'ର ସ୍ଥାନ ଅଧିକାର କରେ। ମନୁଷ୍ୟର ଆଧାରର ସକଳ ଅଂଶକୁ ଏହା ସ୍ପର୍ଶକରେ ଏବଂ ପ୍ରତ୍ୟେକ ଅଂଶ ଅନ୍ୟଟି ଉପରେ ନିର୍ଭରଶୀଳ ଥାଏ। ଏପରିକି ଗୋଟିଏ ମାନସିକ ବା ପ୍ରାଣିକ ଆବେଗ ତାହାର ପ୍ରକାଶ ନିମିତ୍ତ ଏକ ନିର୍ଦ୍ଦିଷ୍ଟ ସାରଣୀ ଦରକାର କରେ। ତେଣୁ ଶରୀର ସମ୍ବନ୍ଧୀୟ ସକଳ ଶିକ୍ଷା ସଫଳ ହେବା ସକାଶେ ପରିଶ୍ରମ ବହୁଳ, ତନ୍ନତନ୍ନ ଭାବେ ପରୀକ୍ଷିତ, ଦୂରପ୍ରସାରୀ ଓ ପ୍ରଣାଳୀବଦ୍ଧ ହେବା ଦରକାର। ଶରୀର କେତେଗୁଡ଼ିଏ ଅଭ୍ୟାସର ପରିପ୍ରକାଶ ହୋଇଥିବାରୁ ଉପରୋକ୍ତ ପର୍ଯ୍ୟାୟଗୁଡ଼ିକ ଅଭ୍ୟାସର ବଶବର୍ତ୍ତୀ ହେବା ଉଚିତ। ଏହି ଅଭ୍ୟାସ ଗୁଡ଼ିକ ସଂଯତ ଓ ଶୃଙ୍ଖଳିତ ଭାବରେ ରହିବେ, ପରସ୍ଥିତି ସଙ୍ଗେ ତାଳ ଦେଇ ଚାଲିବା ସକାଶେ ନମନୀୟ ହେବେ ଏବଂ ଶରୀରର ବୃଦ୍ଧି ଓ ଉନ୍ନତି ସକାଶେ ସହଯୋଗ କରିବେ।

ଶରୀରର ସବୁଶିକ୍ଷା ଜନ୍ମଠାରୁ ଆରମ୍ଭ ହୋଇ ସାରାଜୀବନ ଚାଲିବ। ଏହାର ଆରମ୍ଭ ସକାଶେ ଯେ କୌଣସି ସମୟ ଶୀଘ୍ର କିମ୍ବା ଏହାକୁ ଚଳାଇ ରଖିବାକୁ କୌଣସି ସମୟରେଖା ବିଳମ୍ବ ବୋଲି ଧରାଯାଏ ନାହିଁ।

ଶାରୀରିକ ଶିକ୍ଷାର ତିନୋଟି ବିଭାଗ ଅଛି। (କ) ଶରୀରର କାର୍ଯ୍ୟ ଉପରେ ସଂଯମ ଓ ଶୃଙ୍ଖଳା, (ଖ) ଶରୀରର ସମସ୍ତ ଅଂଶମାନଙ୍କର ସମ୍ପୂର୍ଣ୍ଣ, ପ୍ରଣାଳୀବଦ୍ଧ ଓ ସଙ୍ଗତି ସମ୍ପନ୍ନ ଚାଳନା ଓ (ଗ) ଶରୀର ସମ୍ବନ୍ଧୀୟ ବିକୃତି, ଅସ୍ୱାଭାବିକ ଭାବେ ଅଙ୍ଗଗୁଡ଼ିକର କ୍ଷୟ ବୃଦ୍ଧିର ନିରାକରଣ।

ଏହା କୁହାଯାଇ ପାରେ ଯେ ଜନ୍ମ ହେବାର ପ୍ରଥମ ଦିନ ଏପରିକି ପ୍ରଥମ ଘଣ୍ଟାଠାରୁ ଶିଶୁ ଖାଦ୍ୟ, ନିଦ୍ରା ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ଏହି ପ୍ରଣାଳୀର ଅନ୍ତର୍ଭୁକ୍ତ ହେବା ଉଚିତ। ଜୀବନ ଆରମ୍ଭରୁ ଶିଶୁ ଯଦି ସଦ୍‌ଗୁଣମାନଙ୍କର ଶିକ୍ଷା କରେ ତାହା ତାହାର ଅବଶିଷ୍ଟ ଜୀବନର ଅସୁବିଧା ଓ ଦୁଃଖ କଷ୍ଟକୁ ଦୂର କରିବାରେ ସାହାଯ୍ୟ କରେ। ଏତଦ୍ୱାରା ଶିଶୁଟିର ପ୍ରଥମ କେତେବର୍ଷ ଶିକ୍ଷା ଦାୟିତ୍ୱରେଥିବା ଅଭିଭାବକମାନଙ୍କର କାର୍ଯ୍ୟ ଲାଘବ ହୋଇପାରିବ।

ଏହି ଶିକ୍ଷାକୁ ସର୍ବତୋଭାବେ ସଫଳ କରିବା ସକାଶେ ମନୁଷ୍ୟର ଶରୀର ସମ୍ବନ୍ଧରେ ସର୍ବନିମ୍ନ ଜ୍ଞାନ ଆବଶ୍ୟକ। ଏହାର ଗଠନ ଓ କାର୍ଯ୍ୟକଳାପ ସମ୍ବନ୍ଧରେ ସମ୍ୟକ ଜ୍ଞାନ ମଧ୍ୟ ଆବଶ୍ୟକ। ଶିଶୁର କ୍ରମବୃଦ୍ଧି ସଙ୍ଗେ ଅଭ୍ୟନ୍ତରସ୍ଥିତ ଅଙ୍ଗମାନଙ୍କ ସମ୍ବନ୍ଧରେ ଶିକ୍ଷା ଦିଆଯିବା ଉଚିତ। ତଦ୍ୱାରା ସେ ସେଗୁଡ଼ିକୁ ସଂଯତ ରଖିବାକୁ ଓ କ୍ରିୟାଗୁଡ଼ିକୁ ସାଧାରଣ ଓ ସଙ୍ଗତିପୂର୍ଣ୍ଣ କରିବା ସକାଶେ ସମର୍ଥ ହୋଇ ପାରିବ। ସ୍ଥିତାବସ୍ଥା, ଶରୀରଗଠନ, ଏବଂ ଅଙ୍ଗପ୍ରତ୍ୟଙ୍ଗାଦିର ସଞ୍ଚାଳନ ସମ୍ପର୍କୀୟ ଖରାପ ଅଭ୍ୟାସଗୁଡ଼ିକ ଅଳ୍ପ ବୟସରୁ ଶୀଘ୍ର ବଢ଼ିଯାଏ ଏବଂ ଏଗୁଡ଼ିକର ପ୍ରତିକୂଳ ପ୍ରଭାବ ତା'ର ସାରା ଜୀବନ ରହିଥାଏ। ଯେଉଁମାନେ ଶାରୀରିକ ଶିକ୍ଷାକୁ ଗମ୍ଭୀର ଦୃଷ୍ଟିରେ ବିଚାର କରନ୍ତି ଏବଂ ସେମାନଙ୍କର ପିଲାମାନଙ୍କୁ ସର୍ବୋତ୍ତମ ପରିସ୍ଥିତି ଓ କ୍ରମବିକାଶ ମଧ୍ୟରେ ରଖିବାକୁ ଇଚ୍ଛା କରନ୍ତି ସେମାନେ ଆବଶ୍ୟକ ନିର୍ଦ୍ଦେଶ ଓ ଲକ୍ଷଣଗୁଡ଼ିକ ସମ୍ବନ୍ଧରେ ସଚେତନ ହେବା ଆବଶ୍ୟକ। ଏହି ବିଷୟଟି ବର୍ତ୍ତମାନ ଅଧିକରୁ ଅଧିକ ଜୋର ଦେଇ ପଢ଼ାଯାଉଅଛି ଏବଂ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ଥାଇ ଅନେକ ପୁସ୍ତକ ବଜାରରେ ବିକ୍ରିଅଛି ଏବଂ ନୂତନ ପୁସ୍ତକ ମଧ୍ୟ ବାହାରୁଅଛି।

ସବୁ ବିଷୟରେ କ୍ରିୟାତ୍ମକ ପ୍ରୟୋଗ ସମ୍ବନ୍ଧରେ ଟିକିନିଖି ଆଲୋଚନା କରିବାର ଅବସର ଏଠାରେ ନାହିଁ, କାରଣ ପ୍ରତ୍ୟେକ ସମସ୍ୟା ଭିନ୍ନ ଭିନ୍ନ ରୂପରେ ଆସନ୍ତି ଏବଂ ସମସ୍ୟାର ପ୍ରକୃତି ଉପରେ ତା'ର ସମାଧାନ ନିର୍ଭର କରେ। ଖାଦ୍ୟ ସଙ୍ଗେ ଜଡ଼ିତ ପ୍ରଶ୍ନଟି ବିଶଦଭାବରେ ଆଲୋଚିତ ହୋଇଅଛି। ଶିଶୁଟିର ବୃଦ୍ଧି ସକାଶେ ଯେଉଁ ଖାଦ୍ୟର ଆବଶ୍ୟକ ତାହା ସମସ୍ତେ ଜାଣନ୍ତି ଏବଂ ଏହା ଅନୁସୃତ ହେବା ଉଚିତ। ମାତ୍ର ଏହା ମନେରଖିବା ଉଚିତ ଯେ ଶରୀରର ନିଜସ୍ୱ ସ୍ୱଭାବ ଠିକ୍ ଭାବରେ ଥିବା ପର୍ଯ୍ୟନ୍ତ ତାହା ଯେ କୌଣସି ତଥ୍ୟ ଆଧାରିତ ନିୟମଠାରୁ ଭଲ କାର୍ଯ୍ୟ କରିପାରେ। ତେଣୁ ଶିଶୁର ସାଧାରଣ ବୃଦ୍ଧି ଓ ବିକାଶ ଇଚ୍ଛାକରୁଥିବା ପିତାମାତା ଶିଶୁକୁ ତା'ର ରୁଚି ନଥିବା ଖାଦ୍ୟ ଦେବା ଅନୁଚିତ। ଶରୀର ଅନେକ ସମୟରେ ତାହା ପ୍ରତି ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରୁଥିବା ଖାଦ୍ୟ ସମ୍ବନ୍ଧରେ ସଚେତନ ରହେ। ଶିଶୁ ଯଦି ତା'ର କୌଣସି ପ୍ରକାର ପରିବର୍ତ୍ତନଧର୍ମୀ ମନୋଭାବ ପ୍ରକାଶ କରେ ତେବେ ଖାଦ୍ୟର ପରିବର୍ତ୍ତନ ଅଣାଯାଇପାରେ।

ମାନସିକ ବା ପ୍ରାଣିକ ଆବେଗ ଦ୍ୱାରା ପ୍ରଭାବିତ ନହେଲା ପର୍ଯ୍ୟନ୍ତ ଶରୀର ତା'ର ନିଜ ପାଇଁ କ'ଣ ଦରକାର ତାହା ବୁଝିପାରେ। ମାତ୍ର ଏଥିରୁ ସୁଫଳ ପ୍ରାପ୍ତି ସକାଶେ ଶିଶୁକୁ ତା'ର କାମନା ବାସନା ଓ ପ୍ରକୃତ ଦରକାରୀ ବସ୍ତୁ ସମ୍ପର୍କରେ ଶିକ୍ଷାଦିଆଯିବା ଆବଶ୍ୟକ। ସରଳ, ସ୍ୱାସ୍ଥ୍ୟକର, ସୁଷମ ଓ କ୍ଷୁଧାବର୍ଦ୍ଧକ ଖାଦ୍ୟ ଖାଇବା ସକାଶେ ତାକୁ ସାହାଯ୍ୟ କରିବାକୁ ହେବ। ଜଟିଳ ଖାଦ୍ୟ ଅର୍ଥାତ୍ ତେଲ ମସଲା ଆଦିର ସ୍ୱଳ୍ପ ବ୍ୟବହାର ଉଚିତ। ଦୈନିକ ଖାଦ୍ୟରେ ମେଦ ବର୍ଦ୍ଧକ ଖାଦ୍ୟ ପରିହାର କରିବାକୁ ହେବ। ଶିଶୁ ତା'ର କ୍ଷୁଧାର ମାତ୍ରା ଅନୁସାରେ ଖାଇବ, ଭୋଜିଭାତର ଦୃଷ୍ଟିରଖି ଭୋଜନ କରି ନାହିଁ। ଖାଦ୍ୟ ଗ୍ରହଣ କଲେ ଶରୀରକୁ ଶକ୍ତି ଓ ସାମର୍ଥ୍ୟ ମିଳେ ଏକଥା ଶିଶୁ ଜାଣିବ, ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ଅତ୍ୟଧିକ ଖାଇବ ନାହିଁ। ଶିଶୁର ମନୋଭାବର ଅନୁକୂଳ ଖାଦ୍ୟ ଶୁଦ୍ଧ ଭାବରେ ସ୍ୱାସ୍ଥ୍ୟସମ୍ମତ ପରିବେଶ ମଧ୍ୟରେ ପ୍ରସ୍ତୁତ ହେବ। ଖାଦ୍ୟ ସରଳ ଓ ରୁଚିକର ହେବା ବାଞ୍ଛନୀୟ। ଶିଶୁର ବୟସ ଓ ନିୟମିତ ଅଙ୍ଗଚାଳନାକୁ ଦେଖି ତାକୁ ଖାଦ୍ୟ ଦିଆଯିବ। ତା'ର ବୃଦ୍ଧି ସକାଶେ ସବୁ ପ୍ରକାର ଉପାଦାନ ଏ ଖାଦ୍ୟରେ ରହିବ। ସୁସ୍ଥ ରହିବା ସକାଶେ ଏବଂ ଶକ୍ତିର ଆହରଣ କରିବା ସକାଶେ ଶିଶୁକୁ ଖାଦ୍ୟ ଦିଆଯିବ, ମାତ୍ର ଏହାକୁ ବାଧବାଧକତା ଓ ବଳପ୍ରୟୋଗ କରି କରାଯିବ ନାହିଁ। ପିଲାମାନଙ୍କୁ "ତୁମ୍ଭେ ଗୋଟିଏ ଭଲ ପିଲା ନୁହଁ। ତୁମ୍ଭଙ୍କୁ ଫଳରସ ପ୍ରସ୍ତୁତ ଖାଦ୍ୟ ଦିଆଯିବ ନାହିଁ", ଏପରି କହିବା ଏକ ମାରାତ୍ମକ ଭୁଲ। ଏପରି କରିବା ଦ୍ୱାରା ତୁମ୍ଭେ ତାଙ୍କୁ ଜଣାଇ ଦିଅ ଯେ ତାଙ୍କର ଲୋଭ ସକାଶେ ତାଙ୍କୁ ଖାଦ୍ୟ ଦିଆଯାଏ। ମାତ୍ର ତାଙ୍କର ଶରୀରର ଆବଶ୍ୟକତା ସକାଶେ ନୁହେଁ।

ଅଳ୍ପ ବୟସରୁ ପିଲାକୁ ଆଉ ଗୋଟିଏ ଶିକ୍ଷା ଦେବା ଉଚିତ। ପରିଷ୍କାର ପରିଚ୍ଛନ୍ନ ରହିବା ଓ ସ୍ୱାସ୍ଥ୍ୟକର ଅଭ୍ୟାସ କରିବା ଏହି ଶିକ୍ଷାର ଅନ୍ତର୍ଗତ। ପରିଷ୍କାର ରହିବା ସକାଶେ ସ୍ୱାସ୍ଥ୍ୟରକ୍ଷାର ନିୟମଗୁଡ଼ିକୁ ସମ୍ମାନ ନ ଦେଲେ ତାକୁ ଜ୍ୱର ହୋଇପାରେ, ଏପରି କହିବା ଉଚିତ ନୁହେଁ। ଭୟ ଦେଖାଇବା ଶିକ୍ଷାର ସବୁଠାରୁ ମନ୍ଦ ଦିଗ ଏବଂ ଭୟଜନିତ ଦୋଷକୁ ନିମନ୍ତ୍ରଣ କରିବାରେ ଏହା ସାହାଯ୍ୟ କରିଥାଏ। ଯେତେବେଳେ ଅସୁସ୍ଥତାର ଭୟ ନଥିବ ସେତେବେଳେ ଏହା ପ୍ରତି ଆକର୍ଷଣ ମଧ୍ୟ କମିଯିବ। ଗୋଟିଏ ପ୍ରତିଷ୍ଠିତ ବିଶ୍ୱାସ ଅଛି ଯେ ଦୁର୍ବଳ ପିଲାମାନେ ଶିକ୍ଷା ଦିଗରେ ଅଧିକ ଉନ୍ନତି କରିଥାଆନ୍ତି। ଏ କଥାର ଯଥାର୍ଥତା କିଛି ନାହିଁ। ବୋଧହୁଏ ଏପରି ଏକ ସମୟଥିଲା ଯେତେବେଳେ ଶାରୀରିକ ଦୁର୍ବଳତା ସକାଶେ ଏକ ଆବେଗପୂର୍ଣ୍ଣ ଓ କ୍ଷଣିକ ରୁଚି ସମାଜରେ ପ୍ରଚଳିତ ଥିଲା। କିନ୍ତୁ ସୌଭାଗ୍ୟ ବଶତଃ ଏହି ମନୋବୃତ୍ତି ଦୂର ହୋଇଯାଇଅଛି। ଆଜିକାଲି ସୁଗଠିତ, ବଳିଷ୍ଠ ମାଂସପେଶୀଯୁକ୍ତ ଓ ସମତୁଲ ଶରୀର ପ୍ରତି ଲୋକମାନଙ୍କର ଆଗ୍ରହବୃଦ୍ଧି ପାଇଅଛି। ଶିଶୁମାନେ ସୁସ୍ଥ ଶରୀର ପ୍ରତି ସମ୍ମାନ କରିବା ଉଚିତ। ରୋଗର ଆକ୍ରମଣ ଶକ୍ତିକୁ ପ୍ରତିହତ କରିପାରୁଥିବା ବଳିଷ୍ଠ ଶରୀରଧାରୀ ଲୋକମାନଙ୍କର ମଧ୍ୟ ସମ୍ମାନ କରିବା ଦରକାର। ଅନେକ ସମୟରେ ଶିଶୁ ତା'ର ଅସୁସ୍ଥତାକୁ ଗୁରୁତର ବୋଲି ଦେଖାଇବାକୁ ଚେଷ୍ଟା କରେ। ଏହାଦ୍ୱାରା ସେ କେତେବେଳେ କାମକୁ ଏଡ଼ାଇ ଯିବା, ପିତାମାତାଙ୍କ ମନରେ ତା ପ୍ରତି ସମବେଦନା ସୃଷ୍ଟି କରିବା ଓ ତା'ର ପରିବର୍ତ୍ତିତ ମନୋଭାବରେ ପୂର୍ତ୍ତି ସକାଶେ ଯତ୍ନ କରେ। ଏପରି କାର୍ଯ୍ୟ ମଙ୍ଗଳକର ନୁହେଁ ବୋଲି ତାକୁ କହିବାକୁ ହେବ ଏବଂ ରୋଗ କାହାରି ସମବେଦନାକୁ ଡାକି ଆଣେ ନାହିଁ ବୋଲି ତା'ର ହୃଦ୍‌ବୋଧ କରାଇବାକୁ ହେବ। ଦୁର୍ବଳତାକୁ ସେହି ଶିଶୁମାନେ ଏକ ଆୟୁଧଭାବେ ଗ୍ରହଣ କରି ଅନ୍ୟମାନଙ୍କୁ ସେମାନଙ୍କ ପ୍ରତି ଆକର୍ଷଣ କରିବାର ଚେଷ୍ଟା କରନ୍ତି। ଏପରି କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ପିଲାମାନଙ୍କୁ ଜଣାଇଦେବା ଉଚିତ ଯେ ରୋଗ ଦୁର୍ବଳତା ଓ କ୍ଷୁଦ୍ର ମନୋଭାବର ଲକ୍ଷଣ ମାତ୍ର। ଏହା କୌଣସି ଗୁଣ ବା ଆଦର୍ଶର ସୂଚକ ନୁହେଁ।

ଶିଶୁ ତା'ର ଅଙ୍ଗପ୍ରତ୍ୟଙ୍ଗ ହଲାଇ ଖେଳିବା ଦିନଠାରୁ ତା'ର ସର୍ବାଙ୍ଗୀନ ବୃଦ୍ଧି ସକାଶେ ପ୍ରଣାଳୀବଦ୍ଧ କାର୍ଯ୍ୟକ୍ରମ ଗ୍ରହଣ କରିବା ଉଚିତ। ଦୈନିକ ଶିଶୁ ଉଠିବା ସମୟରେ କୋଡ଼ିଏ ବା ତିରିଶ ମିନିଟ ଏଥିପାଇଁ ଯଥେଷ୍ଟ। ଏହାଦ୍ୱାରା ବୃଦ୍ଧି ସାବଲୀଳ ହୁଏ, ମାଂସପେଶୀଗୁଡ଼ିକର ଗଠନ ସୁନ୍ଦର ହୁଏ, ମେରୁଦଣ୍ଡ ଓ ଗଣ୍ଠିଗୁଡ଼ିକର ବ୍ୟଥା ବାଧାପ୍ରାପ୍ତ ହୁଏ। ଏପରି ବ୍ୟଥା ବିଷୟ ଜଣେ ଚିନ୍ତା କରିବା ପୂର୍ବରୁ ଏହା ପହଞ୍ଚିଯାଇଥାଏ। ଶିଶୁମାନଙ୍କ ଶିକ୍ଷାଖସଡ଼ାରେ ଖେଳକୁଦ ଓ ବାହାରେ ହେଉଥିବା ଖେଳ ପ୍ରତି ଗୁରୁତ୍ୱ ଦିଆଯିବା ଦରକାର। ସଂସାରର ସମସ୍ତ ଔଷଧ ଯେଉଁ ସ୍ୱାସ୍ଥ୍ୟ ଦେବାର ଉଦ୍‌ଘୋଷଣ କରନ୍ତି, ତାହାଠାରୁ ବହୁଭାବରେ ଅଧିକ ଲାଭ ଏହି ଖେଳକୁଦରୁ ମିଳିଥାଏ। ସୂର୍ଯ୍ୟ କିରଣରେ ଏକ ଘଣ୍ଟାବୁଲିବା ଦୁର୍ବଳତା ଓ ରକ୍ତହୀନତା ଦୂରକରି ଦେଇପାରେ। ଗୁଡ଼ାଏ ଟନିକ ସେବନ ନ କରିବାକୁ ମୋର ପରାମର୍ଶ। ଏହା ଅକ୍ଷର ସହିତ ପାଳନ କରାଯିବା ଉଚିତ। ଏହି ଶରୀରଚର୍ଚ୍ଚା କାର୍ଯ୍ୟକ୍ରମ ମଧ୍ୟରେ ଶରୀରର ସୁଗଠନ ସକାଶେ ଅନେକ ଗୁଡ଼ିଏ ନିର୍ଦ୍ଧାରିତ ନିୟମ ଅଛି। ବ୍ୟକ୍ତିଗତ ଭାବରେ ପ୍ରଯୁକ୍ତ ହେଲେ ଏଗୁଡ଼ିକ ସୁଫଳ ଦିଅନ୍ତି। ଜଣେ ବିଶେଷଜ୍ଞଙ୍କର ତତ୍ତ୍ୱାବଧାନରେ ଏ କାର୍ଯ୍ୟ ହେବା ଉଚିତ। ଯଦି ଏହା ସମ୍ଭବ ନ ହୁଏ ତେବେ ଏ ସମ୍ପର୍କୀୟ ମାର୍ଗଦର୍ଶକ ପୁସ୍ତିକାଗୁଡ଼ିକର ସାହାଯ୍ୟ ନେବା ଉଚିତ।

କାର୍ଯ୍ୟକ୍ରମ ଯାହା ହେଉନା କାହିଁକି ଗୋଟିଏ ଶିଶୁ କିଛି ଘଣ୍ଟା ଶୋଇବା ଦରକାର। ବୟସ ଅନୁସାରେ ଶୋଇବା କମ ବା ବେଶୀ ହେବ। ଦୋଳିରେ ରହୁଥିବା ସମୟ ମଧ୍ୟରେ ଜାଗ୍ରତ ରହିବାଠାରୁ ଶିଶୁର ଶୋଇବା ଭଲ। ବଢ଼ିବା ସଙ୍ଗେ ଶୋଇବା ସମୟ କମିଯାଏ। ଯୁବକତ୍ୱ ପ୍ରାପ୍ତ ନହେଲା ପର୍ଯ୍ୟନ୍ତ ଶୋଇବା ସୀମା ୮ଘଣ୍ଟାରୁ କମ୍ ହେବା ଉଚିତ ନୁହେଁ। ଶାନ୍ତ ଓ ଆଲୋକିତ ସ୍ଥାନ ଏ

ସକାଶେ ପ୍ରଶସ୍ତ। ବିନା କାରଣରେ ଶିଶୁ ବେଶୀ ସମୟ ନଶୋଇ ରହିବ ନାହିଁ। ମଧ୍ୟରାତ୍ରୀର ପୂର୍ବ ଘଣ୍ଟାଗୁଡ଼ିକ ସ୍ନାୟୁମାନଙ୍କୁ ବିଶ୍ରାମଦେବା ସକାଶେ ଉତ୍ତମ। ଜାଗ୍ରତ ଅବସ୍ଥାରେ ମଧ୍ୟ ସ୍ନାୟବିକ ଦୌର୍ବଲ୍ୟ ଦୂରକରିବା ସକାଶେ ବିଶ୍ରାମ ଆବଶ୍ୟକ। ପେଶୀ ଓ ସ୍ନାୟୁଗୁଡ଼ିକୁ ବିଶ୍ରାମ ଦେବା ସକାଶେ ଶିଶୁମାନଙ୍କୁ କମ୍‌ବୟସରୁ ଶିକ୍ଷା ଦେବା ଉଚିତ। ଅନେକ ପିତାମାତା ସେମାନଙ୍କର ପିଲାମାନଙ୍କୁ ଲଗାତର କାର୍ଯ୍ୟରେ ନିଯୁକ୍ତ କରନ୍ତି। ପିଲାଟି ନୀରବ ରହିଲେ ସେମାନେ ତାକୁ ଜ୍ୱର ହୋଇଛି ବୋଲି ଭାବନ୍ତି। ବିଶ୍ରାମ ଓ ଦୁର୍ବଳତାକୁ ପ୍ରଶମନ କରିବା ପରିବର୍ତ୍ତେ ସେମାନେ ପିଲାମାନଙ୍କୁ ଘରକାମରେ ନିଯୁକ୍ତ କରନ୍ତି। କ୍ରମବର୍ଦ୍ଧିଷ୍ଣୁ ସ୍ନାୟବିକ ପ୍ରକ୍ରିୟା ତା' ଉପରେ ଜୋରଜବରଦସ୍ତ ଭାବରେ ଲଦି ଦିଆଯାଇଥିବା କାର୍ଯ୍ୟର ଭାର ବହନ କରିପାରେ ନାହିଁ। ଅନେକ ପ୍ରଚଳିତ ଚିନ୍ତାଧାରାର ବିରୋଧ କରି ମୁଁ କହେ ଯେ ପିଲାମାନଙ୍କୁ କୌଣସି ଗୃହକାର୍ଯ୍ୟ କରିବାକୁ ଦିଆଯିବା ମଙ୍ଗଳକର ନୁହେଁ। ଏହି ଧାରାର ବିପରୀତ କ୍ରିୟାଟି ଶୁଭଙ୍କର ହୁଏ। ପିତାମାତା ପିଲାର ସେବା କରିବା ଓ ତା'ର ସମ୍ୟକ ଯତ୍ନ ନେବା ଉଚିତ। ପିଲାଟି ଯଦି ତା'ର ପରିବାର ସକାଶେ କାମ କରିବାକୁ ସ୍ୱତଃ ଇଚ୍ଛାକରେ ଏବଂ ଖେଳିବା ମନୋଭାବ ନେଇ ଏ କାମ କରେ ତେବେ ଏପରି କାର୍ଯ୍ୟରେ କ୍ଷତି ନାହିଁ। ଏହା ସହିତ ଏକଥା କେହି ବିସ୍ମୃତ ହେବା ଉଚିତ ନୁହେଁ ଯେ ପିଲାର ଶରୀର ଉତ୍ତମ ରୂପେ କାର୍ଯ୍ୟ ସମ୍ପାଦନ କରିବାକୁ ତା'ର ଯଥେଷ୍ଟ ବିଶ୍ରାମ ଆବଶ୍ୟକ। ଏହି ବିଶ୍ରାମ ସମୟ କୌଣସି ପରିସ୍ଥିତିରେ କମ ହେବା ଉଚିତ ନୁହେଁ।

ମୁଁ କହିଅଛି ଯେ ପିଲାମାନେ ଖୁବ କମ୍ ବୟସରୁ ସ୍ୱାସ୍ଥ୍ୟ, ଶାରୀରିକ ଶକ୍ତି ଓ ସମତା ପ୍ରତି ଆସ୍ଥାବାନ ହେବେ। ସୌନ୍ଦର୍ଯ୍ୟର ଗୁରୁତ୍ୱ ବିଷୟରେ ସେମାନେ ଅବହିତ ହେବେ। ଶିଶୁ ସୁନ୍ଦର ହେବାର ପ୍ରଯତ୍ନ କରିବ, ମାତ୍ର ଏହା ଅନ୍ୟକୁ ଖୁସି କରିବା ବା ସେମାନଙ୍କର ପ୍ରଶଂସାର ପାତ୍ର ହେବା ସକାଶେ ନୁହେଁ। ଏକ ବିଶାଳ ଓ ମହନୀୟ ଆଦର୍ଶ ଭାବରେ ଏହା କରାଯିବ। ଶରୀରର ଅଂଶ ସମୂହ ଏବଂ ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକର ଚଳଣି ମଧ୍ୟରେ ସଙ୍ଗତି ଆଣିବାର ସମ୍ଭାବନା ସମସ୍ତଙ୍କ ମଧ୍ୟରେ ଅଛି। ପ୍ରାରମ୍ଭରୁ ପାରମ୍ପରିକ ଶୈଳୀ ମଧ୍ୟରେ ବର୍ଦ୍ଧିତ ବ୍ୟକ୍ତି ନିଜ ମଧ୍ୟରେ ଥିବା ସଙ୍ଗତି ବିଷୟରେ ସଚେତନ ଥାଇ ସୌନ୍ଦର୍ଯ୍ୟ ପ୍ରକାଶର ସହାୟକ ହୋଇଥାଆନ୍ତି। ପୂର୍ଣ୍ଣାଙ୍ଗ ଶିକ୍ଷାର ଅନ୍ୟ ବିଭାବଗୁଡ଼ିକ ସମ୍ପର୍କରେ କହିଲାବେଳେ ଶିଶୁର ଆନ୍ତର ପ୍ରବୃତ୍ତି ଗୁଡ଼ିକର ବିକାଶ ସକାଶେ ଆମ୍ଭେମାନେ ଯତ୍ନବାନ ହେବା ଏବଂ ଦିନେ ନା ଦିନେ ଏହି ପ୍ରଯତ୍ନ ସୌନ୍ଦର୍ଯ୍ୟର ପୂର୍ଣ୍ଣ ପରିପ୍ରକାଶ କରିପାରିବ।

ଏ ପର୍ଯ୍ୟନ୍ତ ମୁଁ ପିଲାମାନଙ୍କର ଶରୀରଗତ ବୈଷମ୍ୟ ଦୂର କରିବାକୁ ଓ ଅସଙ୍ଗଠିତ ଅଂଶଗୁଡ଼ିକର ସଙ୍ଗତି ଆଣିବାକୁ ଗବେଷଣାଦୀପ୍ତ ଶାରୀରିକ ଶିକ୍ଷାର ଆବଶ୍ୟକତା ବିଷୟରେ କହିଅଛି। ଯଦି କୌଣସି କାରଣବଶତଃ ପିଲାଦିନେ ବା ଯୁବକ ଅବସ୍ଥାରେ ଏ ଶିକ୍ଷା ଦିଆଯାଇ ନପାରେ ତେବେ ଯେ କୌଣସି ଅବସ୍ଥାରେ ଓ ବୟସରେ ଏ କାର୍ଯ୍ୟ ଆରମ୍ଭ କରାଯାଇ ସାରାଜୀବନ ଧରି ଚାଲିବା ଉଚିତ। ବିଳମ୍ବରେ ଏ କାର୍ଯ୍ୟ ଆରମ୍ଭ କରାଗଲେ ଖରାପ ଅଭ୍ୟାସ ଗୁଡ଼ିକର ସଂଶୋଧନ କରିବା- ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ନରମ ଓ ନମନୀୟ କରିବା ଏବଂ ଅସଙ୍ଗଠିତ ଅଙ୍ଗର ବିକୃତିଗୁଡ଼ିକର ନିରାକରଣ କରିବା ପରି ସମସ୍ୟାଗୁଡ଼ିକ ଆସିଥାଆନ୍ତି।

ମାତ୍ର ସାମଗ୍ରିକ ଗଠନ ଓ ସଙ୍ଗତିର ପୁନଃପ୍ରତିଷ୍ଠା ସକାଶେ ଏହି ପ୍ରସ୍ତୁତି ପର୍ବ ଅଧିକ ଧୈର୍ଯ୍ୟ ଓ ନିଷ୍ଠା ଆବଶ୍ୟକ କରେ। କିନ୍ତୁ ଯଦି ତୁମ୍ଭେ ତୁମ୍ଭ ମଧ୍ୟରେ ସୌନ୍ଦର୍ଯ୍ୟ ବୋଧର ଆଦର୍ଶକୁ ବଞ୍ଚାଇ ରଖିପାର ତେବେ ଶୀଘ୍ର ହେଉ ବା ବିଳମ୍ବରେ ହେଉ, ତୁମ୍ଭେ ତୁମ୍ଭ ଦ୍ୱାରା ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିବ। (ବୁଲେଟିନ୍, ଏପ୍ରିଲ ୧୯୫୧)

**ସୌନ୍ଦର୍ଯ୍ୟର ତପସ୍ୟା**

ସୌନ୍ଦର୍ଯ୍ୟର ତପସ୍ୟା ଜୀବନର ନୀତି ନିୟମ ମଧ୍ୟରେ ଆମ୍ଭମାନଙ୍କୁ କାର୍ଯ୍ୟ ସ୍ୱାଧୀନତା ଦିଗକୁ ନେଇଯିବ। ଏକ ସୁନ୍ଦର ଶରୀର ଗଠନ, ଅଙ୍ଗଭଙ୍ଗୀର ସଙ୍ଗତି, ଚଳପ୍ରଚଳ ହେବାର ନମନୀୟତା, କାର୍ଯ୍ୟ କରିବାରେ ଶକ୍ତିମାନ ଏବଂ ସ୍ୱାସ୍ଥ୍ୟ ଓ ଜୀବକୋଷ କ୍ରିୟାର କୁଶଳତା ଏହାର ପୃଷ୍ଠଭୂମି ହେବ।

ଏହି ସୁଫଳ ପାଇବା ସକାଶେ, ଏକ ସାଧାରଣ ନିୟମାନୁଯାୟୀ, ଅଭ୍ୟାସଗୁଡ଼ିକ ପାର୍ଥିବ ଜୀବନ ଗଠନ ନିମନ୍ତେ ସହାୟକ ହେବେ। କାରଣ ଶରୀର ତା'ର ଗଣ୍ଡି ଓ ନିୟମାନୁବନ୍ଧ କାର୍ଯ୍ୟକ୍ରମ ମଧ୍ୟରେ ଭଲଭାବରେ ରହିପାରେ। ମାତ୍ର ଜଣେ କେବେ ହେଲେ ଅଭ୍ୟାସ ଦାସ ହେବା ଭଲ ନୁହେଁ। ସେଗୁଡ଼ିକ ଯେତେ ଭଲହେଲେ ମଧ୍ୟ ଆବଶ୍ୟକତାନୁସାରେ ପରିବର୍ତ୍ତନ କରିବା ପାଇଁ ସେସବୁ ନମନୀୟ ହେବା ଉଚିତ।

ଶକ୍ତ ଓ ନମନୀୟ ପେଶୀଗୁଡ଼ିକର ସ୍ନାୟୁଗୁଡ଼ିକ ଲୁହା ପରି ଟାଣ ହୋଇ ତ୍ୟାଗ କରାନଯାଇ ପାରୁଥିବା ଯେ କୌଣସି ଅବସ୍ଥାରେ କାମ କରିବା ଉଚିତ। ଶରୀରଠାରୁ ତା'ର ଶକ୍ତି ଓ ସାମର୍ଥ୍ୟ ବହିର୍ଭୁତ କୌଣସି କାର୍ଯ୍ୟ ଆଶା କରିବା ଉଚିତ ନୁହେଁ। ବୃଦ୍ଧି ଓ ଅଗ୍ରଗତି କରିବା ସକାଶେ ଯେତିକି ଶକ୍ତି ଦରକାର ସେତିକି ବ୍ୟବହାର କରିବା, ଦୌର୍ବଲ୍ୟ ସୃଷ୍ଟି କରୁଥିବା, ଶେଷରେ ଶାରୀରିକ ଅବକ୍ଷୟ ଏବଂ ଅସଙ୍ଗତି ଆଣୁଥିବା ସକଳ ଉଦ୍ଦେଶ୍ୟ ଓ କାର୍ଯ୍ୟ ପରିହାର କରିବାକୁ ହେବ।

ଶରୀରକୁ ଉଚ୍ଚତର ଚେତନାର ଯନ୍ତ୍ର ବିଶେଷରୂପେ ତିଆରି କରିବାକୁ ଲକ୍ଷ୍ୟ ରଖିଥିବା ଶାରୀରିକ ଚର୍ଚ୍ଚାର ବିଭିନ୍ନ ବିଭାବ ପବିତ୍ର ଅଭ୍ୟାସଗୁଡ଼ିକ ସକାଶେ ଉନ୍ମୁଖ ହୋଇ ରହନ୍ତି। ଏଗୁଡ଼ିକ ହେଲା ଶୋଇବାର ନିୟମ, ଖାଦ୍ୟ, ବ୍ୟାୟାମ ଓ ଅନ୍ୟ କାର୍ଯ୍ୟଗୁଡ଼ିକର ଶୃଙ୍ଖଳିତ ଅନୁଷ୍ଠାନ। ପ୍ରତ୍ୟେକଙ୍କର ଶରୀର ଆବଶ୍ୟକତା ସମ୍ବନ୍ଧରେ

ଚିକିନିଖି ଅନୁସନ୍ଧାନ କରାଯିବ। ପ୍ରତ୍ୟେକ ବ୍ୟକ୍ତିଙ୍କର ଆବଶ୍ୟକତା ଭିନ୍ନ ହେଉଥିବାରୁ ବ୍ୟକ୍ତିଗତ ଭାବରେ ଏ କାର୍ଯ୍ୟ କରାହେବ। ଏହାର ପରିଣାମ ସ୍ୱରୂପ ଏକ ସାର୍ବଜନୀନ ନିୟମ ବା ଯୋଜନା ତିଆରି କରାଯାଇ ପାରିବ। ଏହା ତିଆରି ହୋଇଗଲାପରେ ସମସ୍ତେ ଏହାକୁ ଆନ୍ତରୀକତା ସହ ଗ୍ରହଣକରିବେ ଏବଂ କୌଣସି ଖିଲାପ ନକରି କାର୍ଯ୍ୟ କରିବେ। "ଏଇ ଥରକ ତ ହୋଇଗଲା" ଏପରି କହିଲେ ଚଳିବ ନାହିଁ। ଦୁର୍ବଳତାର ସୁଯୋଗରେ ଏହାର ପୁନରାବୃତ୍ତି ହୁଏ। ଏପରି ହେଲେ ଇଚ୍ଛା ଶକ୍ତି ନିମ୍ନଗାମୀ ହୁଏ ବିଫଳତା ସକାଶେ ଦ୍ୱାର ଉନ୍ମୁକ୍ତ ହୋଇଯାଏ। ତେଣୁ ସମସ୍ତ ଦୁର୍ବଳତାକୁ ପରିହାର କରିବା, ରାତ୍ରୀକାଳୀନ ସୁଷୁପ୍ତିର ବଳୟରୁ ବାହାରେ ରହିବା, ଅତିଲୋଭର ବଶବର୍ତ୍ତୀ ହୋଇ ଖାଦ୍ୟ ଖାଇବା, ଗୁଳାଛାଡ଼ି ନ ଯିବା, ହସଖୁସି କରି ମସଗୁଲ ହେବା ଏବଂ କ୍ଷଣିକ ସୁଖଲାଭରୁ ଦୂରରେ ରହିବା କାମ୍ୟ। ଏଗୁଡ଼ିକ ବ୍ୟକ୍ତିର ଶକ୍ତି ହ୍ରାସ କରନ୍ତି ଏବଂ ଦୈନନ୍ଦିନ କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରନ୍ତି। ଜଣେ ସଦ୍‌ଭାବ ସମ୍ପନ୍ନ ଓ ପବିତ୍ର ନୀତିଯୁକ୍ତ ଜୀବନକୁ ଗ୍ରହଣ କରିବା ଉଚିତ ଏବଂ ସମ୍ପୂର୍ଣ୍ଣତାର ଯେତେଦୂର ସମ୍ଭବ ନିକଟବର୍ତ୍ତୀ ହେବା ସକାଶେ ଶରୀରକୁ ପ୍ରସ୍ତୁତ କରିବା ଆବଶ୍ୟକ। ଏହି ଆଦର୍ଶକୁ ରୂପାୟିତ କରିବା ସକାଶେ ସମସ୍ତ ପାପକର୍ମ, ଅତ୍ୟଧିକ କର୍ମାନୁଷ୍ଠାନ, ଧୀରଗତିରେ ବିଷକ୍ରିୟା କରୁଥିବା ତମାଖୁ, ମଦିରା ତ୍ୟାଗ କରିବା ଉଚିତ। ଅନେକ ଲୋକଙ୍କ ସକାଶେ ଏଗୁଡ଼ିକ ଅପରହାର୍ଯ୍ୟ ହୋଇପଡ଼େ ଏବଂ କ୍ରମେ ବ୍ୟକ୍ତି ବିଶେଷଙ୍କର ଇଚ୍ଛାଶକ୍ତି ଓ ସ୍ମରଣ ଶକ୍ତିକୁ ନଷ୍ଟ କରିଦିଏ। ଖାଦ୍ୟର ପ୍ରସ୍ତୁତି ଓ ଉପଯୋଗ ଉପରେ ଦିଆଯାଉଥିବା ନିରର୍ଥକ ପ୍ରାଧାନ୍ୟ ବଦଳରେ ଶରୀରର ବୈଜ୍ଞାନିକ ଜ୍ଞାନ ଏବଂ ଏହାର ଉପଯୋଗ ପ୍ରାଧାନ୍ୟ ଲାଭ କରିବ। ଖାଦ୍ୟ ଓ ଶୟନ ସମ୍ବନ୍ଧରେ ମଧ୍ୟ ପବିତ୍ରତା ବଜାୟ ରଖିବାକୁ ହେବ। ନିଦ୍ରାବିନା ରହିବା ଅପେକ୍ଷା କିପରି ସୁଖନିଦ୍ରା ହେବ ସେକଥା ଜାଣିବା ଭଲ। ନିଦ୍ରାବସ୍ଥାରେ ନିଶ୍ଚେତନା ମଧ୍ୟକୁ ଚାଲିଗଲେ ତାହା ଶରୀରକୁ ସତେଜ କରିବା ପରିବର୍ତ୍ତେ ଭାରାକ୍ରାନ୍ତ କରିଦିଏ। ପରିମିତ ଓ ପ୍ରୟୋଜନ ମୁତାବକ ଖାଦ୍ୟ ଶୟନର ମାତ୍ରା କମାଇ ଦିଏ। ବେଶୀ ସମୟ ଅଶାନ୍ତ ନିଦ୍ରା ଅପେକ୍ଷା ଅଳ୍ପ ସମୟର ସୁଖ ନିଦ୍ରା ଭଲ। ଶୋଇବା ପୂର୍ବରୁ କପେ ଦୁଗ୍ଧ, ଫଳରସ ବା ସୁପ ଗ୍ରହଣ କରିବା ଏକ ଉତ୍ତମ ଅଭ୍ୟାସ। ଅଳ୍ପ ମାତ୍ରାରେ ଖାଦ୍ୟ ଗ୍ରହଣ ଶାନ୍ତିର ନିଦ୍ରା ଆଣେ। ସମସ୍ତେ ଉଚ୍ଚ କ୍ୟାଲୋରୀଯୁକ୍ତ ଖାଦ୍ୟଠାରୁ ଦୂରରେ ରହିବା ଉଚିତ କାରଣ ଏହା ଦ୍ୱାରା ନିଦ୍ରା ବାଧା ପ୍ରାପ୍ତ ହୁଏ, ବିକ୍ଷୁବ୍ଧ ହୁଏ, ସ୍ୱପ୍ନ ଦ୍ୱାରା ଆକ୍ରାନ୍ତ ହୁଏ ଏବଂ ଅବସାଦ ଯୁକ୍ତ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହିପରି ହେବ - ମନକୁ ନିର୍ମଳ ରଖିବା, ଭାବାବେଗକୁ ଶାନ୍ତ କରିବା, କାମନାର ପ୍ରାବଲ୍ୟକୁ ଲଗାମ ଦେବା ଏବଂ ଏଥି ସହିତ ସମ୍ପୃକ୍ତ ପଦାର୍ଥ ବା ବିଷୟମାନଙ୍କୁ ତ୍ୟାଗ କରିବା। ଶଯ୍ୟା ଗ୍ରହଣ କରିବା ପୂର୍ବରୁ ଯଦି କେହି ବହୁତ କଥାବାର୍ତ୍ତା କରିଥାଆନ୍ତି, କୌଣସି ଆଲୋଚନାରେ ଭାଗନେଇ ଥାଆନ୍ତି, କୌଣସି ସୁଖକର ଉତ୍ତେଜନାପୂର୍ଣ୍ଣ ପୁସ୍ତକ ପାଠ କରିଥାଆନ୍ତି, ତେବେ ସେ କିଛି ସମୟ ନୀରବ ଓ ଶାନ୍ତ ଭାବରେ ରହି ମାନସିକ ଭାରସାମ୍ୟ ରଖିବା ଦରକାର। ଏହା ଦ୍ୱାରା ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଶୋଇଥିବା ସମୟରେ ମସ୍ତିଷ୍କ ବିଶୃଙ୍ଖଳିତ ପର୍ଯ୍ୟାୟଗୁଡ଼ିକର ଅନ୍ତର୍ଭୁକ୍ତ ହୋଇ ପାରିବ ନାହିଁ। ଯେଉଁମାନଙ୍କର ଧ୍ୟାନ କରିବାର ଅଭ୍ୟାସ ଅଛି ସେମାନେ କିଛି ମିନିଟ ଏକ ଉତ୍ତମ ଓ ଅଭ୍ୟୁଦୟ ଆନୟନଧର୍ମୀ ବିଷୟରେ ନିବିଷ୍ଟ ହୋଇପାରନ୍ତି। ଏକ ଉଚ୍ଚତର ଚେତନାର ଉନ୍ମେଷ ସକାଶେ ଆସ୍ପୃହା କରିପାରିନ୍ତି। ନିଦ୍ରା ଏହା ଦ୍ୱାରା ସୁସଂଯତ ହେବ ଏବଂ ସେମାନେ ଶୋଇଥିବା ଅବସ୍ଥାରେ ନିଶ୍ଚେତନା ମଧ୍ୟକୁ ଟାଣି ହୋଇ ଯିବେ ନାହିଁ।

ଧୀର ଓ ଶାନ୍ତ ଭାବରେ ଗୋଟିଏ ପବିତ୍ର ରାତି ନିଦ୍ରାରେ କଟାଇବା ପରେ ସମ୍ବେଦନଭାବ ସଂଯୁକ୍ତ ଗୋଟିଏ ପବିତ୍ର ଦିନ ଆସେ। ଏହାର କାର୍ଯ୍ୟକ୍ରମ ସବୁ ଶରୀର ସକାଶେ ଦରକାରୀ ଅଭିବୃଦ୍ଧି ସୂଚକ ଓ କ୍ରମାନୁସାରୀ ବ୍ୟାୟାମ ଏବଂ କିଛି ନା କିଛି କାର୍ଯ୍ୟ ମଧ୍ୟରେ ବିଭକ୍ତ ହୋଇଯାଏ। କାରଣ ଦୁଇଟିଯାକ ପ୍ରକ୍ରିୟା ଶାରୀରିକ ତପସ୍ୟା କରିପାରବେ ଏବଂ କରିବା ମଧ୍ୟ ଉଚିତ। ବ୍ୟାୟାମ କଲା ସମୟରେ ଜଣେ ତାଙ୍କର ଶରୀରକୁ ସୁହାଇଲା ଭଳି କାର୍ଯ୍ୟକ୍ରମ କରିବେ, ଯଦି ସମ୍ଭବ ହୁଏ ଜଣେ ବିଶେଷଜ୍ଞଙ୍କର ସାହାଯ୍ୟ ନେବେ। କାରଣ ଏହି ବିଶେଷଜ୍ଞ ବ୍ୟାୟାମ ଗୁଡ଼ିକର ସଂଯୋଜନା ଓ ମୂଲ୍ୟାୟନ କରିବାକୁ ସମର୍ଥ ଅଟନ୍ତି ଏବଂ ସର୍ବୋତ୍ତମ ଫଳଲାଭ ସକାଶେ ସହାୟକ ହୁଅନ୍ତି। ନିଜର ମର୍ଜି ଅନୁସାରେ ବ୍ୟାୟାମ ଗୁଡ଼ିକର ଚୟନ ବା ସଂଯୋଜନା ହେବ ନାହିଁ। ନିଜକୁ ଭଲ ଲାଗେ ବୋଲି ଜଣେ ଯେ କୌଣସି ବ୍ୟାୟାମକୁ ଆଦରି ନେବା ଭଲ ନୁହେଁ। ପ୍ରଶିକ୍ଷଣ ନେବା ସମୟରେ ଶିକ୍ଷକଙ୍କର ଅନୁମୋଦନ ବିନା ତାଲିମ ଶୈଳୀରେ ପରିବର୍ତ୍ତନ କରିବା ଉଚିତ ନୁହେଁ। ପ୍ରତ୍ୟେକ ଶରୀରର ପୂର୍ଣ୍ଣତା ଏପରିକି କିଛି ଉନ୍ନତି ସମସ୍ୟା ଭାବରେ ଆସେ ଏବଂ ଏହାର ସମାଧାନ ହେବା ଉଚିତ। ଏହି ସମାଧାନ ଧୈର୍ଯ୍ୟ, ନିଷ୍ଠା, ଏବଂ ନିୟମାନୁବର୍ତ୍ତିତା ଉପରେ ନିର୍ଭର କରେ। ଲୋକମାନେ ଯାହା ଭାବନ୍ତୁ ପଛେ, ଖେଳାଳୀର ଜୀବନ ସୁଖର ବା ଗୁଳାବିହୀନ ଜୀବନ ନୁହେଁ। ଅନ୍ୟ ପକ୍ଷରେ ଏହା ପ୍ରଣାଳୀବଦ୍ଧ ପ୍ରଚେଷ୍ଟା ଓ ନିଷ୍ଠାପର ଅଭ୍ୟାସଦୀପ୍ତ ଜୀବନ। ଜଣେ ଇଚ୍ଛା କରୁଥିବା ଫଳ ପ୍ରାପ୍ତିରେ ବାଧାସୃଷ୍ଟି କରୁଥିବା ନିରର୍ଥକ ଓ ଚପଳତା ସୁଲଭ କାର୍ଯ୍ୟ ସକାଶେ ଏ ଜୀବନରେ ସ୍ଥାନ ନଥାଏ।

କର୍ମ କ୍ଷେତ୍ରରେ ମଧ୍ୟ ସାତ୍ତ୍ୱିକଭାବ ବିଦ୍ୟମାନ। କୌଣସି ପ୍ରକାର ବାଛବିଚାର ନକରି ପ୍ରତ୍ୟେକ କାର୍ଯ୍ୟକୁ ଆନନ୍ଦର ସହିତ କରିବା ଏହାର ଲକ୍ଷଣ। ନିଜର ପୂର୍ଣ୍ଣତା ପ୍ରାପ୍ତି ସକାଶେ କାମ ମଧ୍ୟରେ ବଡ଼ ସାନ ବା ଗୁରୁ ଲଘୁ ବିଚାର କରାଯାଏ ନାହିଁ। ଆତ୍ମସଂଯମ ଓ ଅଭ୍ୟୁଦୟ ସକାଶେ ସବୁକାମ ସମାନ ଭାବରେ ସହାୟକ ହୁଅନ୍ତି।

ନିଜର ଇଚ୍ଛାନୁସାରେ କାମ ନମିଳିଲେ ଲୋକେ ତାହାକୁ ଭଲ ଭାବରେ କରନଥାଆନ୍ତି ବୋଲି କୁହାଯାଏ। ଏହା ସତ୍ୟ, ମାତ୍ର ପ୍ରତ୍ୟେକ କାର୍ଯ୍ୟରେ ଆନନ୍ଦ ପାଇବା ସକାଶେ ଜଣେ ଶିକ୍ଷା କରିପାରିବ, ଏହା ତାହାଠାରୁ ଅଧିକ ସତ୍ୟ। ଅତ୍ୟନ୍ତ ନିମ୍ନମାନର କାମରେ ମଧ ଏ ଆନନ୍ଦ ମିଳିପାରେ। ନିଜର ପୂର୍ଣ୍ଣତା ପ୍ରାପ୍ତିରେ ଏହାର ବୀଜ ନିହିତ ଅଛି। ତୁମ୍ଭର ଭାଗ୍ୟ ଅନୁସାରେ ଯେ କୌଣସି କର୍ମ ତୁମ୍ଭଙ୍କୁ କରିବାକୁ ହେଲେ ଅଭ୍ୟୁଦୟ ପ୍ରାପ୍ତିର ଲକ୍ଷ୍ୟରଖି ଏ କାମ କର। ଗୋଟିଏ କାମକୁ କେବଳ ଭଲ ଭାବରେ କରିଦେଲେ ସମସ୍ୟାର ସମାଧାନ ହୁଏ ନାହିଁ, ନିରବଚ୍ଛିନ୍ନ ଚେଷ୍ଟା ଓ ପୂର୍ଣ୍ଣତା ଲକ୍ଷ୍ୟରେ ଏ କାର୍ଯ୍ୟ କରାଯିବା ଉଚିତ। ଏହି ପ୍ରଣାଳୀରେ କୌଣସି ସ୍ୱାତନ୍ତ୍ର୍ୟ ନ ଥାଇ ସବୁକାମ ଆନନ୍ଦଦାୟକ ହୁଏ। ସାଧାରଣ ସ୍ତରର କାର୍ଯ୍ୟଠାରୁ କଳାତ୍ମକ ଓ ବୌଦ୍ଧିକ କାର୍ଯ୍ୟ ପର୍ଯ୍ୟନ୍ତ ସକଳ କର୍ମ ଏହାର ପରିସରଭୁକ୍ତ। ଉନ୍ନତିର ବ୍ୟାପ୍ତି ଅସୀମ ଏବଂ ଏହା କ୍ଷୁଦ୍ରତମ କାର୍ଯ୍ୟ ପ୍ରତି ମଧ ପ୍ରଯୁକ୍ତ ହୋଇପାରେ।

ଏହା ଆମ୍ଭମାନଙ୍କୁ କର୍ମକୁ ଉଦାର ଦୃଷ୍ଟିରେ ଦେଖିବାର ଅବସର ପ୍ରଦାନ କରେ। ସବୁ ପ୍ରକାର ସାମାଜିକ ଚଳଣି ଓ ନୈତିକ ପ୍ରତିହିଂସା ଠାରୁ ଜଣେ ଦୂରରେ ସ୍ୱାଧୀନ ଭାବରେ ରହିବା ଉଚିତ। ଏହାର ଅର୍ଥ ନୁହେଁ ଯେ ଜଣେ ନିରୂପିତ ଓ ଅସଂଯତ ଜୀବନ ଯାପନ କରିବ। ଜଣେ ନିଜ ସକାଶେ କୌଣସି ନିୟମ କରିଦେଲେ ଏହା ସମସ୍ତ ସାମାଜିକ ନୀତିନିୟମଠାରୁ ଶୃଙ୍ଖଳିତ ହୁଏ। ଏହା ନିଜର ଡିଣ୍ଡିମ ଅଯଥାରେ ପିଟେ ନାହିଁ ଏବଂ ସମ୍ପୂର୍ଣ୍ଣ ଆନ୍ତରିକତା ଉପରେ ଗୁରୁତ୍ୱ ଆରୋପ କରେ। ନିଜର ସମଗ୍ର ଶାରୀରିକ କାର୍ଯ୍ୟକ୍ରମ ଶରୀରକୁ ସୁଗଠିତ, ଶକ୍ତିଶାଳୀ ଓ ସୁନ୍ଦର କରି ଗଢ଼ିବାକୁ ନିବେଦିତ ହେବା ଆବଶ୍ୟକ। ଏହା କରିବା ସକାଶେ ସମସ୍ତେ ସୁଖଲାଭର ଲାଳସା ବିଶେଷତଃ ଯୌନ ସମ୍ପର୍କିତ ସୁଖରୁ ଦୂରରେ ରହିବା ବାଞ୍ଛନୀୟ। ଯୌନ ସୁଖର ପ୍ରତ୍ୟେକଟି ମୃତ୍ୟୁ ଦିଗକୁ ଗୋଟିଏ ପାବଚ୍ଛ ପରି କାର୍ଯ୍ୟ କରେ। ତେଣୁ ଅତୀପ୍ରାଚୀନ କାଳରୁ ଓ ପ୍ରାଚୀନ ଗୁପ୍ତ ଶିକ୍ଷାକେନ୍ଦ୍ରମାନଙ୍କରେ ଅମରତ୍ୱଲାଭ ସକାଶେ ସାଧନା କରୁଥିବା ବ୍ୟକ୍ତିମାନଙ୍କ ସକାଶେ ଏହା ନିଷିଦ୍ଧ ଥିଲା। ଏକ ଦୀର୍ଘ ବା ସ୍ୱଳ୍ପକାଳସ୍ଥାୟୀ ନିଶ୍ଚେତନା ପ୍ରତ୍ୟେକ ଯୌନ କର୍ମର ଅନୁଧାବନ କରେ। ଏହା ସମସ୍ତ ପ୍ରକାର କୁପ୍ରଭାବର ଦ୍ୱାର ଉନ୍ମୋଚନ କରିଦିଏ ଏବଂ ଚେତନାସ୍ତରରେ ଅବକ୍ଷୟ ସୃଷ୍ଟି କରିପାରେ। ଅତିମାନସ ସ୍ତରୀୟ ଜୀବନ ଓ ସିଦ୍ଧି ସକାଶେ ସାଧନା କରୁଥିବା ବ୍ୟକ୍ତି କ୍ଷଣିକ ସୁଖ, ବିଶ୍ରାମ ଓ ଆନନ୍ଦର ଦ୍ୱାହି ଦେଇ ଚେତନାର ଉଚ୍ଚ ସୋପାନରେ କୌଣସି ପ୍ରକାର ସ୍ପନ୍ଦନକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ। ଶକ୍ତି ଓ ଆଲୋକ ମଧରେ ମାଂସପେଶୀର ଦୌର୍ବଲ୍ୟ ଦୂର କରିବାର ପ୍ରୟାସ ଶ୍ରେୟସ୍କର, ଅନ୍ଧକାର ଓ ଦୁର୍ବଳତା ମଧରେ ନୁହେଁ। ସ୍ୱାଭାବିକ ଆବେଗକୁ ସଂଯତ କରିବା ଉନ୍ନତିକାମୀ ଲୋକଙ୍କର ନିୟମାନୁବନ୍ଧ କର୍ତ୍ତବ୍ୟ। କିନ୍ତୁ ଯେଉଁମାନେ ଅତିମାନସ ଶକ୍ତିର ପ୍ରକାଶ ସକାଶେ ଯନ୍ତ୍ର ହେବାକୁ ଚାହାନ୍ତି ସେମାନଙ୍କ ସକାଶେ ଏହି ଆବେଗ ସଂଯମ ବାଧ୍ୟବାଧକତା ବା ତତ୍‌କାଳୀନ ବନ୍ଦ ପ୍ରକ୍ରିୟା ମଧରେ ନ ହୋଇ ଇତର ବସ୍ତୁକୁ ସ୍ୱର୍ଣ୍ଣାଭ ଦୀପ୍ତି ପ୍ରଦାନ କରୁଥିବା ସାମର୍ଥ୍ୟଦ୍ୱାରା ହେବା ଉଚିତ। ଫଳରେ ଯେଉଁ ଶକ୍ତି ପୁନର୍ବାର ଉତ୍ପତ୍ତି ସକାଶେ ବ୍ୟବହୃତ ହେଉଥିଲା ସେହି ଶକ୍ତି ଅଭ୍ୟୁତ୍ଥାନ ଓ ସମ୍ପୂର୍ଣ୍ଣ ରୂପାନ୍ତର ସକାଶେ ବିନିଯୁକ୍ତ ହୋଇପାରିବ। ଏହାର ଫଳ ଯଥାର୍ଥରେ ସତ୍ୟ ଓ ଉପକାରୀ ହେବା ସକାଶେ ସମସ୍ତ ଯୌନ ପ୍ରସଙ୍ଗ ଓ ବାସନା ମାନସିକ, ପ୍ରାଣିକ ଚେତନାରୁ ଏବଂ ପ୍ରାକୃତିକ ଚିନ୍ତାଧାରା ମଧରୁ ବାହାରି ଯିବା ଉଚିତ। ଦ୍ରୁତ ଓ ସ୍ଥାୟୀ ରୂପାନ୍ତର ପ୍ରକ୍ରିୟା ସମୂହ ଆନ୍ତରସ୍ଥିତିରୁ ବହିର୍ମୁଖୀ ହୁଅନ୍ତି, ଫଳରେ ବାହାରର ରୂପାନ୍ତର ସାଧାରଣ ଭାବରେ ହୁଏ ଏବଂ ଏହାର ଅନିବାର୍ଯ୍ୟ ଫଳରୂପେ ବିବେଚିତ ହୁଏ।

ନିଜ ଶରୀରକୁ ସମାଜର ରକ୍ଷାସକାଶେ ପ୍ରକୃତିର ନିୟମାନୁସାରେ ନିବେଦନ କରିବା କିମ୍ବା ଏହି ଶରୀରକୁ ଅନ୍ୟ ଏକ ନୂତନ ଜାତିର ସୃଷ୍ଟି ସକାଶେ ସୋପାନ ରୂପେ ବ୍ୟବହାର କରିବା - ଏ ଦୁଇଟି ମଧରୁ ଗୋଟିକର ସୁନିର୍ଦ୍ଦିଷ୍ଟ ଚୟନ ହେବା ଆବଶ୍ୟକ। ଦୁଇଟି କାର୍ଯ୍ୟ ଏକ ସଙ୍ଗେ ହେବା ସମ୍ଭବ ନୁହେଁ। ଏଣୁ ଜଣେ ଅତୀତ ଦିନ ଓ ପରମ୍ପରାର ସଭ୍ୟଭାବରେ ବଞ୍ଚିବ କିମ୍ବା ଭବିଷ୍ୟତର ଅତିମାନବ ଜାତିରେ ସାମିଲ ହେବ, ଏ ଦୁଇଟି ମଧରୁ ଗୋଟିକୁ ବାଛି ନେବା ଦରକାର।

ବର୍ତ୍ତମାନ ଜୀବନକୁ ଛାଡ଼ିଦେଇ ସେଥିରେ ସଫଳ ହେବା ପରେ ଆସୁଥିବା ଦିନର ଜୀବନ ସକାଶେ ଏବଂ ତା'ର କର୍ମଠ ଓ ଦକ୍ଷ ଅଂଶ ହେବା ସକାଶେ ପ୍ରସ୍ତୁତ ହେବା ଆବଶ୍ୟକ। ଅଫୁରନ୍ତ ସୌନ୍ଦର୍ଯ୍ୟ ଓ ସଙ୍ଗତି ସହ ଆନନ୍ଦମୟସ୍ଥିତି ପ୍ରତି ଉନ୍ମୁଖ ବ୍ୟକ୍ତି ବିଶେଷ ନଶ୍ୱର ସୁଖକୁ ତ୍ୟାଗ କରିବା ଉଚିତ।

***(ବୁଲେଟିନ୍, ଫେବୃୟାରୀ, ୧୯୫୩)***

**ବିଶ୍ରାମ, ନିଦ୍ରା ଓ ସ୍ୱପ୍ନ**

ଯଥେଷ୍ଟ ବିଶ୍ରାମ ସାଧନା ସକାଶେ ଉପକାରୀ।

ସାଧନା ସକାଶେ ସମୁଚିତ ବିଶ୍ରାମକୁ ପ୍ରାଧାନ୍ୟ ଦିଅଯିବା ଉଚିତ। ତୁମେ ବିଶ୍ରାମ ନେବ, ମାତ୍ର ଏହି ବିଶ୍ରାମ ବିରୋଧ କରୁଥିବା ଶକ୍ତିମାନଙ୍କୁ ପରାଭୂତ କରି ପାରୁନଥିବା ଶକ୍ତି ଦ୍ୱାରା ନୁହେଁ ଏହା ଏକ ସୁସଙ୍ଗଠିତ ଅନୁକୂଳ ପ୍ରଭାବ ଦ୍ୱାରା ହେବ। ବିଶ୍ରାମ ଶକ୍ତିର ସଂଜ୍ଞା ନିର୍ଦ୍ଦେଶ କରେ, ଦୁର୍ବଳତାର ନୁହେଁ।

ଶୋଇବାକୁ ଯିବା ପୂର୍ବରୁ ଶଯ୍ୟାଗ୍ରହଣ କରିବା ସମୟରେ ସମସ୍ତ ଦୌର୍ବଲ୍ୟକୁ ବିସ୍ମୃତ ହୁଅ। (ଏହାକୁ ମୁଁ ଶଯ୍ୟା ଉପରେ ଏକ ଢ଼ଳିପଡ଼ିଲା ପରି ମନେ କରେ।) ତା'ପରେ ସମ୍ପୂର୍ଣ୍ଣ ଆନ୍ତରିକତା ସହ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କର। ଏହା ସବୁ କିଛି କରିଦେଇପାରେ। ପୂର୍ଣ୍ଣକାମ ହେବା ପର୍ଯ୍ୟନ୍ତ ଚେଷ୍ଟାକର ଏବଂ ତା'ପରେ କ'ଣ ହେଉଅଛି ଦେଖ।

***ଗତ ରାତ୍ରୀରେ ମୋର ସୁଖ ନିଦ୍ରା ନ ହେବାର କାରଣ କ'ଣ ହୋଇପାରେ ?***

ଏଥିରୁ ଜଣାଯାଉଅଛି ଯେ ଶଯ୍ୟାଗ୍ରହଣ ପୂର୍ବରୁ ତୁମ୍ଭେ ତୁମ୍ଭ ଚିନ୍ତାକୁ ସ୍ଥିର କରି ପାରିନଥିଲ, ଶୋଇବା ପୂର୍ବରୁ ତୁମ୍ଭର ମନ ଚିନ୍ତାଶୂନ୍ୟ ହେବା ଉଚିତ।

ଶରୀରର ବର୍ତ୍ତମାନ ଅବସ୍ଥାରେ ନିଦ୍ରା ଏକାନ୍ତ ପ୍ରୟୋଜନ। ଅବଚେତନ ମନ ଉପରେ ଅଭିବୃଦ୍ଧି ସୂଚକ ପ୍ରଭାବ ପକାଇ ପାରିଲେ ଚେତନାସିକ୍ତ ସୁଖନିଦ୍ରା ହୋଇଥାଏ।

ଅଭିଜ୍ଞତା ମୋତେ କୁହେ ଯେ ଅଳ୍ପଖାଦ୍ୟ ଗ୍ରହଣ ଦ୍ୱାରା ସଂଯତନିଦ୍ରା ହୁଏ ନାହିଁ, ଶରୀର ଅସ୍ୱସ୍ତି ଅନୁଭବ କରେ ମାତ୍ର କୌଣସି ପରିସ୍ଥିତିରେ ଏହା ଚେତନାଶକ୍ତି ବୃଦ୍ଧିରେ ସହାୟକ ହୁଏ ନାହିଁ। ସୁଖକର, ଗଭୀର ଓ ଶାନ୍ତିମୟ ନିଦ୍ରାରେ ଜଣେ ତାଙ୍କର ଅନ୍ତରର ଗଭୀର ପ୍ରଦେଶ ସଙ୍ଗେ ସମ୍ପର୍କ ସ୍ଥାପନ କରିପାରିବେ।

***କାର୍ଯ୍ୟ ସମୟରେ ବିଶ୍ରାମ***

ଶରୀରର ଦୁଇଟି ଆଶ୍ଚର୍ଯ୍ୟମୟ ସାମର୍ଥ୍ୟ ଅଛି। ଗୋଟିଏ ଗ୍ରହଣ କରିବାର ଶକ୍ତି ଓ ଅନ୍ୟଟି ଧୈର୍ଯ୍ୟ। ନିଜର କଳ୍ପନା ମଧ୍ୟରେ ଆସୁଥିବା ବହୁବିଧ କାର୍ଯ୍ୟ ସମ୍ପାଦନ ସକାଶେ ଏହା ସମର୍ଥ। ଅଜ୍ଞାନାବୃତ୍ତ ଓ ଏକଛତ୍ରବାଦୀ ପ୍ରଭୁମାନଙ୍କ ଦ୍ୱାରା ନିୟନ୍ତ୍ରିତ ନହୋଇ ଯଦି ଏହା ଆଧାରର କୈନ୍ଦ୍ରିକ ସତ୍ୟ ଦ୍ୱାରା ଶାସିତ ହୁଏ ତେବେ ଏହାର କାର୍ଯ୍ୟକରିବାର ବ୍ୟାପ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେବ। ଏହାଠାରୁ ଆଶା କରାଯାଉଥିବା କର୍ମ ନୈପୁଣ୍ୟ ପ୍ରତି ମୁହୂର୍ତ୍ତରେ ଶାନ୍ତ, ଧୀର ବଳବାନ ଓ ସୁବିନ୍ୟସ୍ତ ଗତିରେ ପ୍ରକାଶିତ ହୁଏ, କାରଣ ଏହା କାର୍ଯ୍ୟ ମାଧ୍ୟମରେ ବିଶ୍ରାମର ଶିକ୍ଷାକରେ ଏବଂ ଯେଉଁ ସାହାଯ୍ୟକାରୀ ଓ ଚେତନାଯୁକ୍ତ ଶକ୍ତି ବ୍ୟୟ କରିଥାଏ ସେହି ଶକ୍ତି ଓ ସାମର୍ଥ୍ୟ ବିଶ୍ୱବ୍ୟାପ୍ତ ଶକ୍ତି ସଙ୍ଗେ ସମ୍ପର୍କ ସ୍ଥାପନ କରି ପୁନର୍ବାର ପ୍ରାପ୍ତ ହୁଏ। (ଶ୍ରୀମା- "ଜୀବନ ବିଜ୍ଞାନ")

***ଜଣେ କିପରି ଭାବରେ କାର୍ଯ୍ୟରେ ଶାନ୍ତିଲାଭ କରିପାରିବ ?***

ଆନ୍ତର ଚୟନର ସ୍ଥାୟୀ ସ୍ୱୀକୃତି ଉପରେ ଏହା ନିର୍ଭର କରେ। ଯେତେବେଳେ କେହି କୌଣସି ପଦାର୍ଥର ଆସ୍ପୃହା କରେ ଏବଂ ଏହି ଇଚ୍ଛା ସବୁବେଳେ ସର୍ବୋତ୍ତମ ଭାବରେ ଫଳବତୀ ହେବାର ଜାଣେ, ସେତେବେଳେ ଆଧାର ସ୍ଥିର ହୋଇଯାଏ ଏବଂ ସନ୍ଦେହ ଓ ଅନିଶ୍ଚିତ ମଧ୍ୟରେ ସ୍ପନ୍ଦନ ଗୁଡ଼ିକ ଶାନ୍ତ ହୁଅନ୍ତି। ଲକ୍ଷ୍ୟ ପଥରେ ଆଗେଇବା, ଲକ୍ଷ୍ୟ ହାସଲ କରିବା, ଏହା ପ୍ରାପ୍ତ ହେବାକୁ ରାସ୍ତାର ସନ୍ଧାନ କରିବା ଯଦି ଅବୋଧ ରହିଯାଏ ତେବେ ଏହା ପରିସ୍ଥିତିକୁ ବଦଳାଇ ଦେଇ ଆଧାରକୁ ବାତଚକ୍ର ପରି ବ୍ୟସ୍ତ କରିପକାଏ। ଏହି ସ୍ଥିତି ଦ୍ୱାରା ଶରୀର ପ୍ରକୃତ ବାଞ୍ଛିତ ପଦାର୍ଥ ପ୍ରାପ୍ତିରୁ ବଞ୍ଚିତ ହୁଏ। ଯଦି ଜଣକର ଶାନ୍ତ ବିଶ୍ୱାସ ଥାଏ, ତେବେ ସେ ଜାଣି ପାରେ ଯେ ଏପରି କୌଣସି ଆସ୍ପୃହା (କେବଳ ଆନ୍ତରିକ ଆସ୍ପୃହା) ନାହିଁ ଯାହାର ଉତ୍ତର ଦିଆ ନଯାଏ ଏବଂ ଏହି ଆସ୍ଥା ଶାନ୍ତ ଭାବ ଆଣିଦେବାରେ ସମର୍ଥ ହୁଏ। ଜଣେ ଖୁବ୍ ବ୍ୟଗ୍ରତା ଓ ଆଶା ନେଇ ଯାଚଞ୍ଚା କରି ପାରେ, ମାତ୍ର ସ୍ନାୟବିକ ଉତ୍ତେଜନା ନେଇ ଶୀଘ୍ର ଫଳପ୍ରାପ୍ତି ସମ୍ବନ୍ଧରେ ଅନ୍ୟଙ୍କୁ ପ୍ରଶ୍ନ କରେ ନାହିଁ। ସେ ଅପେକ୍ଷା କରିବାକୁ ଶିକ୍ଷା କରିଥାଏ। ମୁଁ କେଉଁଠାରେ କହିଅଛି, "ଅପେକ୍ଷା କରିବାକୁ ଶିଖିବା ଅର୍ଥ ସମୟକୁ ନିଜ ସଙ୍ଗରେ ନେବା।" ଏହା ଏକାନ୍ତ ସତ୍ୟ। ଉତ୍ତେଜନା ବ୍ୟକ୍ତି ବିଶେଷଙ୍କର ସମସ୍ତ ସମୟ ନଷ୍ଟ କରିଦିଏ। ତାଙ୍କର ସମୟ, ଶକ୍ତି ଓ କାର୍ଯ୍ୟ ସବୁ ନଷ୍ଟ ହୋଇଯାଏ। ଯାହା ସତ୍ୟ ତାହାହିଁ ଘଟିବ - ଏହି ଭାବ ଯଦି ଶାନ୍ତ ଓ ଧୀର ଚିତ୍ତରେ ବିଚାର କରାଯାଏ ଏବଂ ଏହାର ଆଗମନ ଦ୍ୱାର ଖୋଲି ଦିଆଯାଏ ତେବେ ଏହା ଅଧିକ କ୍ଷିପ୍ରଗତିରେ ସମାହିତ ହୁଏ। ଏବଂ ଏହି ଶାନ୍ତ ପରିବେଶ ମଧ୍ୟରେ ସମସ୍ତ କାର୍ଯ୍ୟ ମଙ୍ଗଳମୟ ହୁଏ। ***(୧୬ ଡିସେମ୍ବର, ୧୯୫୩)***

**କୌଣସି ବିଷୟରେ ଚିନ୍ତା ନକରିବାକୁ ଚେଷ୍ଟା କର**

ଏହା (ତୁମ୍ଭ ନିଜକୁ ନିର୍ଦ୍ଦେଶ କରି) ଆଜିକାଲି ସ୍ନାୟୁ ସମ୍ପର୍କୀୟ ରୋଗର ଚିକିତ୍ସା ପ୍ରଣାଳୀ ମଧ୍ୟରୁ ଗୋଟିଏ। ଅତ୍ୟଧିକ ଉତ୍ତଜନା ଓ ଅସ୍ଥିରତା ଦ୍ୱାରା ଯେତେବେଳେ ସ୍ନାୟୁଗୁଡ଼ିକ ଦୁର୍ବଳ ଓ ଅସୁସ୍ଥ ହୋଇ ପଡ଼ନ୍ତି ସେତେବେଳେ ମତ୍ସ୍ୟପାଳିତ ହେଉଥିବା କୃତ୍ରିମ ଜଳଭଣ୍ଡାର ପାଖରେ ବସିବା ସକାଶେ ପରାମର୍ଶ ଦିଆଯାଏ। ଏଗୁଡ଼ିକ ଅତି ସୁନ୍ଦର। ନୁହେଁକି ? ଏହା ନିକଟରେ ଖଣ୍ଡିଏ ଆରାମଚୌକି ଉପରେ ବସି ମନକୁ ଚିନ୍ତାଶୂନ୍ୟ (ନିଜର ଅସୁବିଧା ବିଷୟରେ) କରି ମାଛମାନଙ୍କର ଖେଳ ଉପରେ ଦୃଷ୍ଟି ଦେବା ଦରକାର। ବ୍ୟକ୍ତି ଜଣକ ମାଛମାନଙ୍କର ବୁଲିବା, ଯିବା ଆସିବା, ପହଁରିବା, ଓଲଟ ଭାବେ ବୁଡ଼ିବା, କୋଣକାଟି ଯିବା ଓ ପରସ୍ପରକୁ ଅନୁଧାବନ କରିବା ସଙ୍ଗେ ଜଳ ପଡ଼ିବାର ଧୀର ଗତିକୁ ଦେଖନ୍ତି। କିଛି ସମୟ ପରେ ଏହି ବ୍ୟକ୍ତି ମାଛମାନଙ୍କର ଅନୁରୂପ ଜୀବନ ଶୈଳୀରେ କିୟତ୍କାଳ ସକାଶେ ସ୍ଥିର ରହିଯାଆନ୍ତି। ମତ୍ସ୍ୟମାନଙ୍କ ପରି ଯିବା ଆସିବା, ସନ୍ତରଣ, ବୁଲିବା ଓ ଓଲଟ ଗତି କରିବାର ଚିତ୍ର ତାଙ୍କ ମାନସପଟରେଅଙ୍କିତ ହୋଇଯାଏ। ଏକ ଘଣ୍ଟା ସମୟ ଅତିବାହିତ ହେବା ପରେ ସେ ତାଙ୍କର ସ୍ନାୟୁଗୁଡ଼ିକର ଶକ୍ତି ଫେରି ପାଆନ୍ତି ଓ ବିଶ୍ରାମ କରନ୍ତି।

ମାତ୍ର ସର୍ତ୍ତ ଏହି ଯେ ନିଜେ ନିଜର ଦୁଃଖ ଅସୁବିଧା କଥା ବିସ୍ମୃତ ହୋଇ ମାଛମାନଙ୍କୁ ତାଙ୍କର ସ୍ୱାଭାବିକ ଭଙ୍ଗୀରେ ଦେଖିବେ।

***(୧୨ ଅଗଷ୍ଟ ୧୯୫୩)***

**ମାଂସପେଶୀର ଦୌର୍ବଲ୍ୟ ଦୂରକର, ପରିବ୍ୟାପ୍ତ ହୁଅ, ଶାନ୍ତିକୁ ଆହ୍ୱାନ କର**

ଶରୀରର ଗ୍ରହଣଶୀଳତାକୁ ଜଣେ କିପରି ବୃଦ୍ଧିକରି

ପାରିବ? ଅଂଶବିଶେଷ ଉପରେ ଏହା ନିର୍ଭର କରେ। ଆଧାରର ସମସ୍ତ ଅଂଶ ପ୍ରତି ସମାନ ପ୍ରଣାଳୀ ପ୍ରଯୁଜ୍ୟ। ଆରମ୍ଭରୁ ପ୍ରଥମ ସର୍ତ୍ତ ହେଲା ଯେତେଦୂର ସମ୍ଭବ ଶାନ୍ତ ରହିବା। ତୁମ୍ଭେ ଦେଖିଥିବ ଯେ ତୁମ୍ଭଶରୀରରେ କିଛି ଘଟିଲେ ଏବଂ ତୁମ୍ଭେ ତାକୁ ଗ୍ରହଣ ନକଲେ ଏହା ଏକ ଅପସାରଣ ଧର୍ମୀ ଅବସ୍ଥାସୃଷ୍ଟି କରେ। ଏପରି କିଛି ଥାଏ ଯାହା ପ୍ରାଣ, ମନ ଓ ଶରୀରରେ ଆସ୍ଥାନ ଜମାଇ ବସେ। ଏକ ପ୍ରକାର କାଠିନ୍ୟ ସୃଷ୍ଟ ହୋଇ ମାନସିକ, ପ୍ରାଣିକ ଓ ଶାରୀରିକ କଷ୍ଟ ଡାକିଆଣେ। ତେଣୁ ପ୍ରଥମ କଥା ହେଲା ନିଜର ଦୃଢ଼ ଇଚ୍ଛା ଶକ୍ତି ଦ୍ୱାରା ଏହି ଅପସାରଣର ପ୍ରତିରୋଧ କରିବା। ଏକ ଯନ୍ତ୍ରଣା ପୀଡ଼ିତ ସ୍ନାୟୁ ବା ଯନ୍ତ୍ରଣାଯୁକ୍ତ ମାଂସପେଶୀ ପରି ଏହାକୁ ତ୍ୟାଗ କରିବା ସଙ୍ଗେ ସଙ୍ଗେ ପେଶୀ ଦୌର୍ବଲ୍ୟ ଲାଘବ କରିବାକୁ ଶିକ୍ଷା କରିବା ଏବଂ ଶରୀରର ଯେ କୌଣସି ଅଂଶରେ ହେଲେ ମଧ୍ୟ ଏଥିରୁ ମୁକ୍ତି ପାଇବା ଏହାର ମୂଳ କଥା।

ମନ, ପ୍ରାଣ ଓ ଶରୀର ସ୍ତରରେ ଦୌର୍ବଲ୍ୟର ମୁକାବିଲା କରିବାର ପ୍ରଣାଳୀ ଭିନ୍ନ ହେଲେ ମଧ୍ୟ ତାର୍କିକ ଦୃଷ୍ଟିରୁ ଏହା ସମାନ। ଥରେ ଦ୍ୱନ୍ଦ ଅପସାରିତ ହୋଇଗଲେ କାର୍ଯ୍ୟରେ ଅସମ୍ମତି ପ୍ରକାଶ କରୁଥିବା ସତ୍ତାଟିକୁ ବାଦ ଦେବାକୁ ହେବ। ସେତେବେଳେ ଏହା ଏକ କ୍ଷଣସ୍ଥାୟୀ ଅବସ୍ଥା ବୋଲି ପ୍ରତୀତ ହେବ। ମାତ୍ର ଯେତେବେଳେ ଉପକାରୀ ବସ୍ତୁର ପ୍ରାପ୍ତି ସକାଶେ ଗ୍ରହଣଶୀଳତାର ମାନବୃଦ୍ଧି ଆବଶ୍ୟକ ହୁଏ ଏବଂ ଯନ୍ତ୍ରଣାର ଉପଶମ ସମ୍ଭବ ହୁଏ ନାହିଁ ସେତେବେଳେ ସୀମିତ ବଳୟ ମଧ୍ୟରୁ ବାହାରି ନିଜକୁ ବ୍ୟାପକ ଓ ବିସ୍ତୃତ ସତ୍ତା ସଙ୍ଗେ ସାମିଲ କର, ଏଥି ସହିତ ଅନୁଭବ କର ଯେ ତୁମ୍ଭଙ୍କୁ ଆଉ ସଙ୍କୀର୍ଣ୍ଣତା ମଧ୍ୟରେ ରହିବାକୁ ହେବ ନାହିଁ। ଏଥି ନିମିତ୍ତ ଅନେକଗୁଡ଼ିଏ ପ୍ରଣାଳୀ ଅଛି। ନିଜ ପିଠି ତଳେ ଏକ ମୋଟା କାଠପଟା ଦେଇ ଭାସୁଥିବାର ଅନେକେ କଳ୍ପନା କରନ୍ତି। ଏହା ପରେ କଳ୍ପନା ଗତି ସେମାନଙ୍କୁ ଏକ ପ୍ରଶାନ୍ତ ଜଳରାଶି ମଧ୍ୟକୁ ନେଇଯାଏ। କେତେକ ବ୍ୟକ୍ତି ଆକାଶ ଓ ତାରାମାନଙ୍କ ସଙ୍ଗେ ନିଜର ସାଦୃଶ୍ୟ ଖୋଜି ବସନ୍ତି ଓ ବିସ୍ତୃତ ଦିଗନ୍ତରେ ବ୍ୟାପ୍ତି ଭାବ ନେଇ ସମ୍ପର୍କିତ ହେବା ପାଇଁ ଚେଷ୍ଟା କରନ୍ତି। ଆଉ କେତେକ ବ୍ୟକ୍ତି ଏସବୁକୁ ପରିତ୍ୟାଗ କରି ନିଜର ଚେତନାରେ ଏହାକୁ ସୀମାହୀନ ଦିଗବଳୟ ପର୍ଯ୍ୟନ୍ତ ପ୍ରସାର କରନ୍ତି। ପୃଥିବୀ ବା ସମଗ୍ର ବିଶ୍ୱ ପରି ବିରାଟ ହେଲା ପର୍ଯ୍ୟନ୍ତ ଜଣେ ଏହାକୁ ବଢ଼ାଇ ପାରିବ। ଏପରି କରିବା ତାଙ୍କର ଗ୍ରହଣଶୀଳତାର ପରିଚୟ ଦିଏ। ମୁଁ କହିଅଛି ଯେ ଏହା ଏକ ତାଲିମ ସଂକ୍ରାନ୍ତ ପ୍ରସଙ୍ଗ। ଯେତେବେଳେ କୌଣସି ପ୍ରସଙ୍ଗ ତଡ଼ିତ୍‌ବେଗରେ ଉପସ୍ଥିତ ହୋଇ ମୁଣ୍ଡବ୍ୟଥାର କାରଣ ହୁଏ ଏବଂ ଏହାକୁ ସହ୍ୟକରିବା ଅସମ୍ଭବ ହୁଏ ସେତେବେଳେ ପୂର୍ବକଥିତ ସଙ୍କୁଚନ ପ୍ରଣାଳୀର ଆଶ୍ରୟ ନେବା ଉଚିତ। ଜଣେ ନିଜର ଭାବନାର ମାଧ୍ୟମରେ କାର୍ଯ୍ୟ କରିପାରିବେ ଓ ସ୍ଥାୟୀ ଶାନ୍ତି (ଶାନ୍ତ ମନୋଭାବ ଅନେକ ଦୁଃଖ ଦୂର କରିଦିଏ) ର ଆବାହନ କରିପାରିବେ। ଯେପରିକି, "ଶାନ୍ତି, ଶାନ୍ତି, ଶାନ୍ତି, ନିରାନନ୍ଦ - ସ୍ଥିରତା"। ଅନେକ ଅସୁବିଧା, ଶରୀର ସମ୍ବନ୍ଧୀୟ ବିପରୀତ ଧର୍ମୀ କାର୍ଯ୍ୟ, ସୌରଜଗତର ଛନ୍ଦୋବଦ୍ଧ କାର୍ଯ୍ୟ ଅନେକ ସମୟରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରନ୍ତି। ଅଣନିଃଶ୍ୱାସୀ କରିଦେଲାଭଳି ପରିସ୍ଥିତି ଆସେ ମାତ୍ର ଏହା ଅବଲୁପ୍ତ ହୋଇଯାଏ। ସ୍ନାୟୁ ମଣ୍ଡଳର କୈନ୍ଦ୍ରିକ ଭୂମି ସହଜରେ ଏହା ଦ୍ୱାରା ପ୍ରଭାବିତ ହୁଏ। ସୌରଜଗତର ଜାଲବୁଣା ମଧ୍ୟରେ ଯଦି କିଛି ଅଘଟଣ ଘଟେ ତେବେ ତୁମ୍ଭେ "ଶାନ୍ତି, ଶାନ୍ତି ଶାନ୍ତି" ବୋଲି କହିବ। ଅସ୍ଥିର ଅବସ୍ଥା ଦୂର ନହେଲା ପର୍ଯ୍ୟନ୍ତ ଧୈର୍ଯ୍ୟଧରି ରହିବ।

ଭାବନା ରାଜ୍ୟରେ ମଧ୍ୟ ଏପରି ଘଟିଥାଏ। ଉଦାହରଣଟିଏ ଦେଲେ ବୁଝି ହେବ। ତୁମ୍ଭେ କିଛି ପଢ଼ିବା ସମୟରେ ଏପରି ଏକ ଚିନ୍ତା ତୁମ୍ଭମନକୁ ଅଧିକାର କରେ ଯାହା ବିଷୟରେ ତୁମ୍ଭର ଧାରଣା ନଥାଏ। ତୁମ୍ଭର ମୁଣ୍ଡ ଭାରାକ୍ରାନ୍ତ ହୁଏ, ଇଟା ଲଦିଲା ପରି ଜଣାଯାଏ ଏବଂ ଶେଷରେ ମୁଣ୍ଡବ୍ୟଥାର କାରଣ ହୁଏ। ଏହି ପରିସ୍ଥିତିରେ କେବଳ ଗୋଟିଏ କାର୍ଯ୍ୟକରାଯାଇ ପାରେ। ଶବ୍ଦର ଆଡ଼ମ୍ବର ମଧ୍ୟରେ ଆବଦ୍ଧ ନ ହୋଇ ସ୍ୱାଭାବିକ ଭାବରେ ରୁହ(ଅଙ୍ଗଭଙ୍ଗୀ, ଅଳସ ଭାଙ୍ଗୀବା ଓ ସ୍ଥିର ଆସନାଧିରୂଢ଼), ଦୌର୍ବଲ୍ୟ ଦୂରକରିବାର ଚେଷ୍ଟା କର ଏବଂ ବ୍ୟାପ୍ତି ମଧ୍ୟକୁ ପ୍ରବେଶ କର। କେବଳ ବ୍ୟାପ୍ତି। କିଛି ବୁଝିବାର ଚେଷ୍ଟା କରନାହିଁ। ଏହା ସ୍ୱଭାବ ସୁଲଭ ଗତିରେ ପ୍ରବେଶ କରୁ। ଏହା ମୁଣ୍ଡବ୍ୟଥା ଦୂର ହେବାରେ ସହାୟକ ହେବ। ତୁମ୍ଭେ ଆଉ କୌଣସି ବିଷୟରେ ଚିନ୍ତା କରିବ ନାହିଁ, କିଛି ଦିନ ଅପେକ୍ଷା କରିବ ଏବଂ କେତେଦିନ ପରେ ତୁମ୍ଭର ଆନ୍ତର ସ୍ଥିତିର ସମୀକ୍ଷା କରି କହିବ, "ଓ! ଏହା କେତେ ସ୍ପଷ୍ଟ। ଯାହା ମୁଁ ବୁଝି ପାରିନଥିଲି ତାହା ଆଜି ବୁଝିପାରିଅଛି।" ଏହା ସେହିପରି ସହଜ ଭଙ୍ଗୀରେ ଓ ପ୍ରକାଶରେ ସମ୍ଭବ ହୁଏ। ***(୩୧ମାର୍ଚ୍ଚ, ୧୯୫୧)***

ପେଶୀ ଦୌର୍ବଲ୍ୟ ଦୂରକର, ନିଜକୁ ଦେଇଦିଅ, ତୁମ୍ଭମନ୍ତ୍ର ଜପ କର।

***ସକାଳେ କାହିଁକି ଜଣେ କ୍ଳାନ୍ତ ହୋଇ ଉଠେ ଏବଂ ଭଲ ନିଦ୍ରା ସକାଶେ ଜଣେ କ'ଣ କରିବା ଉଚିତ?***

ସକାଳେ ତୁମ୍ଭେ କ୍ଳାନ୍ତ ଭାବରେ ଉଠିବାର ମୂଳରେ ତମୋଗୁଣହିଁ ବିଦ୍ୟମାନ, ତମୋଗୁଣର ଏକ ବିରାଟ ପଟୁଆର। ମୁଁ ଶରୀରରେ ଯୌଗିକ କ୍ରିୟାର ପ୍ରୟୋଗ ସମୟରେ ଏହା ଜାଣି ପାରିଥିଲି। ଶରୀରର ରୂପାନ୍ତର ନହେବା ପର୍ଯ୍ୟନ୍ତ ଏହାକୁ ବାଦ୍ ଦିଆ ଯାଇପାରିବ ନାହିଁ।

ଚିତ୍‌ହୋଇ ଶୋଇ ରୁହ, ମାଂସପେଶୀ, ସ୍ନାୟୁଗୁଡ଼ିକୁ ନମନୀୟ କର। ଏହା ସହଜରେ ଶିକ୍ଷା କରିହୁଏ। ମୁଁ ଯେପରି କହେ, ଖଟ ଉପରେ ଖଣ୍ଡିଏ କନା ପଡ଼ିବା ପରି ଏହା ଜଣାଯାଏ, ଆଉ କିଛି

ନୁହେଁ। ଯଦି ମନର ସାହାଯ୍ୟ ନେଇ ତୁମ୍ଭେ ଏ କାମ କର ତେବେ ଶୋଇବା ପୂର୍ବରୁ ତୁମ୍ଭଙ୍କୁ ବ୍ୟସ୍ତକରୁଥିବା ଅବସ୍ଥା ଓ ଶୋଇବା ପରବର୍ତ୍ତୀ ଅବାଞ୍ଛିତ ସ୍ୱପ୍ନଠାରୁ ତୁମ୍ଭେ ମୁକ୍ତିଲାଭ କରି ପାରିବ। ମସ୍ତିଷ୍କର କୋଷାଣୁଜନିତ କାର୍ଯ୍ୟଗୁଡ଼ିକ ଲଗାମହୀନ ଭାବରେ ଆସି ବିଶେଷ କ୍ଲାନ୍ତିର କାରଣ ହୁଅନ୍ତି। ତେଣୁ ଏକ ସହଜ ସାବଲୀଳ ସ୍ଥିରତା, ସମ୍ପୂର୍ଣ୍ଣ ଧୀରତା ଏବଂ ଜଞ୍ଜାଳ ବିହୀନ ଅବସ୍ଥା ସୃଷ୍ଟି ହୋଇ ପାରିଲେ ସମସ୍ତ ବିରୋଧାତ୍ମକ କ୍ରିୟା ବନ୍ଦ ହୋଇଯାଏ। ମାତ୍ର ଏହା ଅୟମାରମ୍ଭ ମାତ୍ର।

ଏହା ପରେ ନଖରୁ ଶିଖା ପର୍ଯ୍ୟନ୍ତ, ବାହାରୁ ଅନ୍ତରସ୍ଥ ନିଭୃତ ପ୍ରଦେଶ ପର୍ଯ୍ୟନ୍ତ ଆତ୍ମ ସମର୍ପଣ, ଯଥାସମ୍ଭବ ଅହଙ୍କାର ତ୍ୟାଗ, ତୁମ୍ଭ ଉପରେ ପ୍ରଭାବ ପକାଉଥିବା ମନ୍ତ୍ରର, ସ୍ୱତଃସ୍ଫୂର୍ତ୍ତ ଓ ଆନ୍ତରିକ ସ୍ମରଣ ତୁମ୍ଭଙ୍କୁ ଭିନ୍ନ ସ୍ଥିତିରେ ଅଧିଷ୍ଠିତ ହେବା ସକାଶେ ସହାୟକ ହେବ। ଏହି ମନ୍ତ୍ର କିଛି ଥର ଜପକରି ସାରିବା ପରେ ଏବଂ ଏଥିରେ ଅଭ୍ୟସ୍ତ ହୋଇଗଲା ପରେ ତୁମ୍ଭେ ସଂସାର ଜଞ୍ଜାଳ ମୁକ୍ତ ଶାନ୍ତ ଅବସ୍ଥାକୁ ଚାଲି ଆସିବ, ଏହା ତୁମ୍ଭର ସୁଖନିଦ୍ରାର ହେତୁ ହେବ। ପୂର୍ବୋକ୍ତ ଅବସ୍ଥା ଅନେକ ସମୟ ଧରି ଅବ୍ୟାହତ ରହେ ଏବଂ ତୁମ୍ଭଙ୍କୁ ସୁଖନିଦ୍ରା ପ୍ରଦାନ କରେ। ନିଦରୁ ଉଠିଲେ ତୁମ୍ଭେ ସବୁ କଥା ସ୍ମରଣ କରି ପାରିବ ଏବଂ କିଛି ସମୟ ପୂର୍ବରୁ ଅନୁଭବ କରୁଥିବା ଶାନ୍ତ ଗମ୍ଭୀର ସ୍ଥିତିର ଏହା ଏକ ବର୍ଦ୍ଧିଷ୍ଣୁ ରୂପ ବୋଲି ଜାଣି ପାରିବ।

ପୂର୍ବୋକ୍ତ ସଂସାର ଜଞ୍ଜାଳରୁ ମୁକ୍ତ ପରିସ୍ଥିତିର ପୂର୍ଣ୍ଣ ଓ ମଧୁର ଅନୁଭବ ଦେବା ସକାଶେ ନିଦ୍ରା ଆସେ, ଏହି ସତ୍ୟ ସର୍ବଜନ ସମ୍ମତ, ଏହା ଶରୀରକୁ ରାତ୍ରୀକାଳୀନ କାର୍ଯ୍ୟ କରିବାକୁ ଅବସର ପ୍ରଦାନ କରେ ଏବଂ ବିଷବତ୍ ପ୍ରତୀତ ହେଉଥିବା ଅବାଞ୍ଛିତ କ୍ରିୟାକୁ ଦୂର କରେ। ଜାଗ୍ରତ ହେଲେ ଶୟନକାଳୀନ ଗୁରୁ ଅବସ୍ଥା ଅନ୍ତର୍ହିତ ହୁଏ ଏବଂ ସକଳ ସ୍ଥିତି ମଧୁରତାର ଆବାହନ କରେ।

ଯେଉଁମାନେ ଏହି ମୁକ୍ତ ସ୍ଥିତି ମଧ୍ୟରେ ଅବସ୍ଥାନ କରିବାକୁ ଅସମର୍ଥ ସେମାନେ ଶୋଇବାକୁ ଯିବା ସମୟରେ କୌଣସି ମନ୍ତ୍ର ଜପ କରିବା ଉଚିତ୍। କିନ୍ତୁ ଏହି ଶବ୍ଦରେ କମ୍ପନ ଥିବା ଆବଶ୍ୟକ। ଶରୀର ଉପରେ ଏହାର ସୁଦୂର ପ୍ରସାରୀ ପ୍ରଭାବ ରହେ, ଶବ୍ଦଗୁଡ଼ିକର ମୃଦୁ ମଧୁର କମ୍ପନ ତୁମ୍ଭଙ୍କୁ ନିଦ୍ରା ଦେବୀଙ୍କ କୋଳକୁ ନେଇଯାଏ। ଶରୀରର କମ୍ପନ ଅଧିକରୁ ଅଧିକ ହୁଏ ଏବଂ ତୁମ୍ଭେ ଏହାର ପରିସୀମା ବାହାରକୁ ଚାଲିଯାଅ। ତମସାଚ୍ଛନ୍ନ ଭାବରାଜିରୁ ଦୂରରେ ରହିବା ସକାଶେ ଏହାର କ୍ରିୟା ପ୍ରଶସ୍ତ।

ତମୋଗୁଣ ସୁଖନିଦ୍ରା ଆଣିପାରେ ନାହିଁ। ଏହି ପର୍ଯ୍ୟାୟଭୁକ୍ତ ନିଦ୍ରାକୁ ଆମେ ଦୁଇ ଭାଗରେ ବିଚାର କରିପାରିବା। ପ୍ରଥମଟି ତୁମ୍ଭଙ୍କୁ ଆଳସ୍ୟ ପରାୟଣ କରିଦିଏ ଏବଂ ପୂର୍ବ ଦିନ ତୁମ୍ଭେ କରିଥିବା ପରିଶ୍ରମର ମୂଲ୍ୟ ପାଇବାରୁ ତୁମ୍ଭଙ୍କୁ ବଞ୍ଚିତ ହେବାକୁ ବାଧ୍ୟକରେ। ଅନ୍ୟଟି ତୁମ୍ଭର ଶକ୍ତି ନଷ୍ଟ କରିଦିଏ ଏବଂ କୌଣସି ବାଚନିକ ବା ଶାରୀରିକ ବଳପ୍ରୟୋଗ ହେତୁ ତୁମ୍ଭେ ଶକ୍ତିହୀନ ହୋଇଅଛ ବୋଲି ଅନୁଭବ କର। ମୁଁ ଲକ୍ଷ୍ୟ କରି ଦେଖିଅଛି, ଯଦି ତୁମେ ରାତିର ନିଦକୁ ଭାଗଭାଗ କରି ଦିଅ (ଏହା ଏକ ଅଭ୍ୟାସ ମାତ୍ର) ତେବେ ରାତ୍ରୀ ସୁଖକର ହୁଏ। ଏହା କହିବାର ଅର୍ଥ ତୁମ୍ଭେ ସମୟର ସମାନୁପାତିକ ବିରତି ସହିତ ତୁମର ଚେତନା ଓ ଆସ୍ପୃହା ମଧ୍ୟକୁ ଫେରିଆସିବାକୁ ସମର୍ଥ ହେବା ଆବଶ୍ୟକ, ଚେତନାର ଆହ୍ୱାନ ଶ୍ରବଣ କରି ଜାଗ୍ରତ ହେବା ମଧ୍ୟ ଦରକାର। ମାତ୍ର ଏଥି ସକାଶେ ନିଦରୁ ଉଠାଇବାର ଘଣ୍ଟି ବାଜୁଥିବା ଘଣ୍ଟାର ଉପଯୋଗ କରାଯିବ ନାହିଁ। ସଂଯତ, ମଧୁର ଓ ଅନୁକୂଳ ସ୍ଥିତିରେ ନିଦ୍ରା ଯାଇଥିଲେ ନିଦରୁ ଉଠିପଡ଼ିବା ଶ୍ରେୟସ୍କର ନୁହେଁ।

ଶୋଇବା ପୂର୍ବରୁ ତୁମ୍ଭେ ନିଜକୁ ଏପରି କହିପାର, "ମୁଁ ଅମୁକ ସମୟରେ ଉଠିବି।" ((ପିଲାଦିନେ ତୁମେ ଏପରି କର), ଶୋଇବାର ପ୍ରଥମ ଭାଗ ତିନିଘଣ୍ଟା ଓ ଶେଷଭାଗ ଏକ ଘଣ୍ଟା ହିସାବରେ ଗଣାଯାଇ ପାରେ। ମାତ୍ର ପ୍ରଥମ ଭାଗ ତିନି ଘଣ୍ଟାରୁ କମ୍ ହେବ ନାହିଁ। ମୋଟ ଉପରେ ତୁମକୁ ଶୋଇବା ସକାଶେ ସାତଘଣ୍ଟା ସମୟ ଦରକାର। ଛଅଘଣ୍ଟା ମଧ୍ୟରେ କୌଣସି ପ୍ରକାର ଶୁଭଙ୍କର କାର୍ଯ୍ୟ ସମ୍ପାଦନ ସକାଶେ ଆବଶ୍ୟକ ସମୟ ମିଳେ ନାହିଁ। (ମୁଁ ସାଧନା ଦୃଷ୍ଟିରୁ କହୁଅଛି)

ରାତ୍ରୀର ସଦୁପେଯୋଗ କରିବା ଦ୍ୱାରା ଦୁଇଟି ଫଳ ମିଳିଥାଏ, ଗୋଟିଏ ନାସ୍ତିସୂଚକ। ଏହା ତୁମ୍ଭଙ୍କୁ ପଶ୍ଚାଦାବଲୋକନରୁ ରକ୍ଷା କରେ, ପ୍ରାପ୍ତ ବସ୍ତୁର କ୍ଷୟର ପ୍ରତିରୋଧ କରେ, - ଏଗୁଡ଼ିକ ପ୍ରକୃତରେ ଦୁର୍ଭାଗ୍ୟଜନକ। ଅନ୍ୟଟି ଦ୍ୱାରା ତୁମ୍ଭେ ଅଗ୍ରଗତି କର, ଅଗ୍ରଗତିର ଧାରା ଅବ୍ୟାହତ ରଖିପାର, ରାତ୍ରୀର ସଦୁପଯୋଗ କର ଏବଂ ରାତ୍ରୀ ଶେଷରେ ପେଶୀଗତ ଦୌର୍ବଲ୍ୟ ଦେଖାଯାଏ ନାହିଁ।

ଦୁଇଟି ପଦାର୍ଥର ତ୍ୟାଗ କରିବାକୁ ହେବ। ନିଶ୍ଚେତନାର ବଳୟ ମଧ୍ୟରେ ନିରୁଦ୍ୟମ ହୋଇ ପଡ଼ିରହିବା ଦ୍ୱାରା ଅବଚେତନ ଓ ନିଶ୍ଚେତନାର ଉତ୍ଥାନ ହୁଏ। ସେମାନେ ତୁମ୍ଭଙ୍କୁ ଜୟ କରନ୍ତି, ତୁମ୍ଭ ମଧ୍ୟରେ ପ୍ରବେଶ କରନ୍ତି। ଏହି ସ୍ଥିତିରେ ତୁମ୍ଭେ ପ୍ରାଣ ସ୍ତରୀୟ ବିପୁଳ କର୍ମ ସମ୍ଭାର ସୃଷ୍ଟି କରି ଦିଅନ୍ତି। ଏହି ସ୍ଥିତିରେ ତୁମ୍ଭେ ନିଜ ମଧ୍ୟରେ ଦ୍ୱନ୍ଦ ଓ କଳହର ଶିକାର ହୁଅ। ଲୋକମାନେ ଏପରି ପରିସ୍ଥିତି ମଧ୍ୟରୁ ମାଡ଼ଖାଇଲା ପରି ଖଣ୍ଡିଆଖାବରା ହୋଇ ବାହାରି ଆସନ୍ତି, ଏଥିରେ ସେମାନେ ପରାହତ ହୁଅନ୍ତି। ସମ୍ଭାବନାର ଆଲେଖ ଦେଖନ୍ତି ମାତ୍ର ମୁଁ ଗୋଟିଏ କଥା ଜାଣେ, ନିଦ୍ରାର ସ୍ଥିତି ଓ ପ୍ରକୃତିକୁ ପରିବର୍ତ୍ତନ କର।

**ଗତିଶୀଳ ଆନନ୍ଦ ଅନୁଭବ କର, ମସ୍ତିଷ୍କକୁ ନୀରବ ଏବଂ ସ୍ଥିର ରଖ।**

ସ୍ୱପ୍ନଲବ୍ଧ ଆବିଷ୍କାର ଗୁଡ଼ିକର ସଂଖ୍ୟା ନିର୍ଦ୍ଦେଶ କରାଯାଇ

ପାରେ ନାହିଁ। ମାତ୍ର ଗୋଟିଏ କଥା ସତ୍ୟ - ଅତ୍ୟଧିକ କ୍ଳାନ୍ତ ହୋଇଥିଲେ ଶୋଇବାକୁ ଯିବା ଉଚିତ ନୁହେଁ। ଏପରି କଲେ ତୁମ୍ଭେ ନିଶ୍ଚେତନା ମଧ୍ୟରେ ପଡ଼ିଯିବ। ଖାଇବା ପୂର୍ବରୁ ତୁମ୍ଭେ ଯେପରି ବିଶ୍ରାମ ନିଅ ସେହିପରି ଶୋଇବା ପୂର୍ବରୁ ବିଶ୍ରାମ ନେବା ସକାଶେ ମୁଁ ତୁମ୍ଭମାନଙ୍କୁ ପରାମର୍ଶ ଦେଉଅଛି। ମାତ୍ର କିପରି ଭାବରେ ବିଶ୍ରାମ କରାଯାଏ ତାହା ତୁମ୍ଭେମାନେ ଜାଣିବା ଦରକାର।

ଏହା କରିବା ସକାଶେ ଅନେକ ଉପାୟ ଅଛି। ମୁଁ ଗୋଟିଏ ଉପାୟ କଥା କହୁଅଛି। ଗୋଟିଏ ଖଟ କିମ୍ବା ଆରାମ ଚୌକୀ ଉପରେ ସହଜ ଭାବରେ ଶରୀରକୁ ପ୍ରସାରଣ କରି ବସ। ସ୍ନାୟୁଗୁଡ଼ିକର ସତେଜ ଭାବରେ ଆନୟନ ସକାଶେ ଚେଷ୍ଟା କର, ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ନ ହେଲା ପର୍ଯ୍ୟନ୍ତ ଚେଷ୍ଟା ଚଳାଇ ରଖ। ଏତିକି ହୋଇ ପାରିଲେ ଖଟ ଉପରେ ସହଜ ଶୈଳୀରେ ଶାୟିତ ତୁମ୍ଭର ଶରୀରର ସଞ୍ଚାଳନ ପ୍ରତି ଦୃଷ୍ଟି ଦିଅ ଏବଂ ମସ୍ତିଷ୍କକୁ ନୀରବ ଓ ସ୍ଥିର କରିବାର ଯତ୍ନ କର ଯେପରିକି ଏହା ନିଜ ସମ୍ବନ୍ଧରେ ସଚେତନ ହୋଇ ପାରିବ ନାହିଁ। ତାହାପରେ ଧୀର ଭାବରେ କୌଣସି ବସ୍ତୁ ପ୍ରତି ଦୃଷ୍ଟି ବା ଲକ୍ଷ୍ୟ ନ ଦେଇ ଶୋଇବାକୁ ଯାଅ। ପରଦିନ ସକାଳେ ଉଠିଲା ସମୟରେ ତୁମ୍ଭେ ସମସ୍ତ ଶକ୍ତିର ଅଧୀଶ୍ୱର ହୋଇଥିବ। ଅନ୍ୟ ପକ୍ଷରେ ଯଦି ତୁମ୍ଭେ କ୍ଳାନ୍ତ ଭାବରେ ଶୋଇବାକୁ ଯାଅ ତେବେ ତୁମ୍ଭେ ଅସ୍ୱସ୍ତିକର, ଅଚେତନ ଓ ବିଭ୍ରାଟଯୁକ୍ତ ନିଦ୍ରାରେ ଅସ୍ଥିର ଭାବରେ ରହିବ ଏବଂ ପ୍ରାଣ ପ୍ରବାହ ତା'ର ସମସ୍ତ ଶକ୍ତି ହରାଇ ବସିବ। ଏତଦ୍ଵାରା ତୁମ୍ଭେ ତତ୍‌କ୍ଷଣାତ୍ କୌଣସି ଫଳ ନପାଇ ପାର ମାତ୍ର ଧୈର୍ଯ୍ୟର ସହିତ ଅଭ୍ୟାସ କଲେ ଏହା ସମ୍ଭବ ହୋଇପାରିବ।

**ମନକୁ ଶାନ୍ତ କର**

ପ୍ରାସଙ୍ଗିକତା ବିହୀନ ଅନେକ ସ୍ୱପ୍ନ ଆସେ। ତୁମ୍ଭର ମସ୍ତିଷ୍କ ଏକ ଶବ୍ଦଗ୍ରହଣ କାରୀ ଯନ୍ତ୍ର ଭାବରେ କାମ କରେ : କିଛି ଆସନ୍ତି ଓ ଶତଶତ କୋଷକୁ ସ୍ପର୍ଶ କରନ୍ତି, ପ୍ରତ୍ୟେକ ଏକ କ୍ଷୁଦ୍ର ତରଙ୍ଗ ସୃଷ୍ଟି କରନ୍ତି। ଏଗୁଡ଼ିକ ମସ୍ତିଷ୍କର ମୁଖ୍ୟ ଅଂଶକୁ ସ୍ପର୍ଶ କରନ୍ତି। ସ୍ମରଣ, ମନୋଭାବ ଓ ଛୋଟ ସ୍ମୃତିଗୁଡ଼ିକ ଏହା ଦ୍ୱାରା ପ୍ରଭାବିତ ହୁଅନ୍ତି। ଏହା ତୁମ୍ଭର ଅବସ୍ଥା ଉପରେ ନିର୍ଭର କରେ। ମାତ୍ର ତୁମ୍ଭେ ସେସବୁକୁ ନିୟନ୍ତ୍ରଣ କରି ପାରିବ। ଚିନ୍ତାସବୁ ଏକ ନିୟନ୍ତ୍ରିତ ଧାରାରେ ଆଗପଛ ହୋଇ ଆସନ୍ତି, ପରସ୍ପର ସହିତ ସମ୍ପର୍କ ସ୍ଥାପନ କରି ସ୍ମରଣ ଶକ୍ତିର ଚାଳନା କରନ୍ତି ଏବଂ ଏସବୁ ସ୍ୱୀକୃତ ଧାରାରେ ସଙ୍ଘଟିତ ହୋଇଥାଏ। (ତୁମ୍ଭେ ଏହାକୁ ତାର୍କିକ ସିଦ୍ଧାନ୍ତ ବୋଲି କୁହ) ତୁମ୍ଭର ଶୋଇବା ସଙ୍ଗେ ଇନ୍ଦ୍ରିୟଗୁଡ଼ିକ ବିଜୁଳି ତାର ଭଳି କ୍ରିୟାଶୀଳ ହୁଅନ୍ତି। ଘଟଣା ସବୁ ଭୁଲମାର୍ଗରେ ପରିଚାଳିତ ହୋଇ ଦିଗଭ୍ରଷ୍ଟ ହୁଅନ୍ତି। ତୁମ୍ଭେ ସବୁର ଅର୍ଥ ବୁଝିବାର ପ୍ରୟାସ କରିବ ନାହିଁ। କାରଣ ଏଗୁଡ଼ିକ କମ୍ପନ ପରେ ଅନ୍ୟଟିର ପୁନଃପ୍ରକାଶର ଫଳ। ତୁମ୍ଭର ବୁଦ୍ଧି ଏ କ୍ଷେତ୍ରରେ କାର୍ଯ୍ୟକରିବାକୁ ଅସମର୍ଥ ହୁଏ ଓ ଅଦ୍ଭୁତ ସ୍ୱପ୍ନ ସବୁ ତୁମ୍ଭର ନିଦ୍ରା ମଧ୍ୟରେ ପ୍ରକାଶିତ ହୁଅନ୍ତି।

ମାନସିକ ପର୍ଯ୍ୟାୟଗୁଡ଼ିକ ଶାନ୍ତ କରିବା ଅତି କଠିନ ବ୍ୟାପାର। ଅଧିକାଂଶ ଲୋକ ନିଦରୁ ଉଠିଲା ପରେ ଅଧିକ କ୍ଳାନ୍ତି ଅନୁଭବ କରନ୍ତି। ଶୋଇବା ସମୟରେ ଏ କ୍ଳାନ୍ତିର ଆବିର୍ଭାବ ହୋଇନଥାଏ। ମନକୁ ସ୍ଥିର କରିବା ସକାଶେ ଶିକ୍ଷା କରିବା ଓ ଏହାକୁ ସମ୍ପୂର୍ଣ୍ଣ ଭାବରେ ବହିଃଶକ୍ତିଠାରୁ ମୁକ୍ତ କରିବା ଦ୍ୱାରା ନିଦରୁ ଉଠିବା ସମୟରେ ବ୍ୟକ୍ତି ବିଶେଷ ସତେଜ ଅନୁଭବ କରନ୍ତି। ମାନସିକ ସ୍ଥିତି ଓ ଚଳଣିକୁ ବାହାରର ଜଞ୍ଜାଳ ଓ ନିମ୍ନାଭିମୁଖୀ ବାତାବରଣରୁ ଦୂରରେ ରଖିବା ଦ୍ୱାରା ସ୍ୱପ୍ନ ଦେଖିବାର ସଂଖ୍ୟା ନ୍ୟୂନତମ ସଂଖ୍ୟାକୁ କମି ଆସେ। (୨୩ ଏପ୍ରିଲ ୧୯୫୩)

**ମାଂସପେଶୀଗୁଡ଼ିକର ଦୁର୍ବଳତା ଦୂରକର, ନିଜକୁ ଦେଇ ଦିଅ ନିଶ୍ଚେତନାର ରାଜତ୍ୱ ମଧ୍ୟରେ ସଚେତନ ରହିବାର ଉପାୟ କ'ଣ?**

ଜଣେ ସତର୍କ ହେବା ଆବଶ୍ୟକ।

***ଶୋଇବା ସମୟରେ ଏହା କିପରି କରାଯାଇ ପାରିବ?***

ଶୋଇବା ଅବସ୍ଥାରେ ଜଣେ ସଚେତନ ରହି ପାରିବ। ଆମ୍ଭେମାନେ ପୂର୍ବରୁ ଏକଥା କହିଅଛୁ। ଏଥିନିମିତ୍ତ କାର୍ଯ୍ୟ କରିବା ଦରକାର।

ତେବେ ଜଣେ ନିଦ୍ରା ଯାଏ ନାହିଁ! ଏପରି ନୁହେଁ। ଜଣେ ଶାନ୍ତିରେ ଶୋଇପାରେ। ଅଧିକାଂଶ ଲୋକ ଶୋଇବା ସମୟରେ ବହୁକାର୍ଯ୍ୟ କରନ୍ତି ଏବଂ ଉଠିବା ସମୟରେ ଅଧିକ କ୍ଳାନ୍ତି ଅନୁଭବ କରନ୍ତି। ପ୍ରକୃତରେ ଯଦି ତୁମ୍ଭେ ନିଦ୍ରାଠାରୁ ଦୂରରେ ରହିବାର ପ୍ରୟାସ କର ତେବେ ତୁମ୍ଭେ ଶୋଇ ପାରିବ ନାହିଁ। ଯେଉଁମାନେ ନିଦ୍ରାହୀନତା ବିଷୟରେ ଅଭିଯୋଗ କରନ୍ତି ମୁଁ ସେମାନଙ୍କୁ କହେ, "ଧ୍ୟାନସ୍ଥ ହୁଅ ଏବଂ ଧ୍ୟାନ ନିଦ୍ରାରେ ଶେଷ ହେବ।" ଧ୍ୟାନସ୍ଥ ହୋଇ ନିଦ୍ରାଯିବାଠାରୁ "ଯଥାଯଥ" ଭାବରେ ଚିନ୍ତାକରି ନିଦ୍ରାଯିବା ଉଚିତ ନୁହେଁ। ନିଜର ସ୍ଥିତି ବିଷୟରେ ସନ୍ଦିହାନ ହୋଇ ବିକ୍ଷିପ୍ତ ଚିନ୍ତାରାଜ୍ୟରେ ପ୍ରବେଶ ଭଲ ନୁହେଁ।

ଭଲ ଭାବରେ ଶୋଇବାକୁ ହେଲେ ଜଣେ ଏ ବିଷୟରେ ଶିକ୍ଷା କରିବା ଉଚିତ। ଯଦି ଜଣେ କ୍ଳାନ୍ତିବୋଧ କରନ୍ତି ତେବେ ତତ୍‌କ୍ଷଣାତ୍ ଶୋଇବା ଉଚିତ ନୁହେଁ। ଏହା ନିଶ୍ଚେତନା ମଧ୍ୟକୁ ଆକର୍ଷଣ କରେ। ଅତ୍ୟଧିକ କ୍ଳାନ୍ତ ଅବସ୍ଥାରେ ଖଟଉପରେ ଶାନ୍ତ ଭାବରେ ଶୋଇବା, ସ୍ନାୟୁଗୁଡ଼ିକୁ ନମନୀୟ ଓ କ୍ରିୟାଶୀଳ କରିବା ସହିତ ଶେଯରେ ପଡ଼ିଥିବା ଲୋଚାକୋଚା ଚାଦର ପରି ପେଶୀ ଓ ସ୍ନାୟୁ ସମୁହକୁ ପ୍ରସାରିତ କରିବା ଦରକାର। ଏକାର୍ଯ୍ୟ ସଙ୍ଗେ ମାନସିକ

ସ୍ତରରେ ମଧ୍ୟ ଏପରି କାର୍ଯ୍ୟ ହେବା ଦରକାର। କେବଳ ଶାନ୍ତ ମନୋଭାବ ନେଇ ରହିବାର ଚେଷ୍ଟା କର। କୌଣସି ଚିନ୍ତାକୁ ଧରି ବସ ନାହିଁ, ସମସ୍ୟାର ସମାଧାନ ଚିନ୍ତା କରନାହିଁ ଏବଂ ଦିନବେଳେ ଥିବା ଧାରଣା, ଅନୁଭବ ଓ ଭାବପ୍ରବଣତାଗୁଡ଼ିକୁ ଗୁରୁତ୍ୱ ଦିଅନାହିଁ। ଏଗୁଡ଼ିକ ଯଥାଶୀଘ୍ର ତ୍ୟାଗ କରିବ, ନିଜକୁ ସମର୍ପଣ କରିବ ଏବଂ ନିଜକୁ ନ୍ୟୂନ ମନେ କରିବ। ଏହି କାର୍ଯ୍ୟରେ ସଫଳ ହୋଇ ପାରିଲେ ତୁମେ ଏକ ଜ୍ୟୋତିର ଦର୍ଶନ କରିବ। ଏ ଶିଖା ନିର୍ବାପିତ ହେବ ନାହିଁ ଏବଂ ତୁମେ ଶାନ୍ତ ମନୋବୃତ୍ତି ନେଇ ଏ ବିଷୟରେ ସଚେତନ ହେବ। ଖୁବ୍‌ଶୀଘ୍ର ଏହି କ୍ଷୁଦ୍ର ଜ୍ୟୋତି ଧୀର ଗତିରେ ଦିବ୍ୟଜୀବନର ଆସ୍ପୃହା ନେଇ ଅଗ୍ରଗତି କରିବ, ସତ୍ୟ ଓ ପରମପ୍ରଭୁଙ୍କ ପ୍ରତି ଜାଗୃତି ଅନ୍ତରସ୍ଥ ସତ୍ତାସଙ୍ଗେ ଯୁକ୍ତ ହେବ, ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱତର ସୋପାନ ଆରୋହଣ କରିବ ଏବଂ ମନ୍ଥର ଗତିରେ ଉର୍ଦ୍ଧ୍ୱାବଲୋକନ କରିବାକୁ ସମର୍ଥ ହେବ। ସମସ୍ତ ଦିବ୍ୟ ବସ୍ତୁ ସେଠାରେ ଏକାଠି ହୋଇଯିବେ ଏବଂ ଏହି ସମୟରେ ଶୋଇ ପାରିଲେ ତୁମେ ସର୍ବୋତ୍ତମ ନିଦ୍ରାସୁଖ ଅନୁଭବ କରିବ। ମୁଁ ତୁମ୍ଭଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇପାରେ ଯେ ଏହି କାର୍ଯ୍ୟ ଯତ୍ନର ସହିତ କରିପାରିଲେ ତୁମେ ଆଲୋକ ମଧ୍ୟରେ ଶୋଇ ପାରିବ ଏବଂ ସକାଳେ ଉଠିଲା ସମୟରେ ସତେଜ, ସମର୍ଥ, ଆନନ୍ଦିତ ଓ ଶକ୍ତିଯୁକ୍ତ ହୋଇ ସାରାଦିନର କାମ କରି ପାରିବ।

***ନିଦ୍ରାରେ ସଚେତନ ଥିଲେ ମସ୍ତିଷ୍କ ଶୋଇଥାଏ କି?***

ମସ୍ତିଷ୍କ କେତେବେଳେ ବିଶ୍ରାମ କରେ? ଏହା ସତରେ କେବେ ଶୋଇ ରହେ କି?

ଏହା ସବୁଠାରୁ କଠିନ ପ୍ରଶ୍ନ। ଯଦି ତୁମେ ମସ୍ତିଷ୍କକୁ ଶୁଆଇ ଦେଇପାର ତେବେ ତୁମେ ଏକ ଅସାଧାରଣ କାମ କରିପାରିବ। ଏହା ସବୁବେଳେ କିପରି କାମ କରେ। ଏଗୁଡ଼ାକ ଅଳୀକ କଥାର ଅବତାରଣା ମାତ୍ର ହୋଇପାରେ। ମୁଁ ମସ୍ତିଷ୍କର ଶାନ୍ତିମୟ ସ୍ଥିତି କଥା କହୁଅଛି। ଯତ୍ନ ସହକାରେ ଏହାର ଅନୁଷ୍ଠାନ କରିପାରିଲେ ମସ୍ତିଷ୍କ ଏକ ଶାନ୍ତ ପବିତ୍ର ବାତାବରଣ ମଧ୍ୟରେ ପ୍ରବେଶ କରେ। ଏହା ଏକ ଅଦ୍ଭୁତ ବ୍ୟାପାର। ଯଦି ତୁମେ ଏହି ସ୍ତରକୁ ଆସିପାର ତେବେ ଏହି ପର୍ଯ୍ୟାୟର ପାଞ୍ଚମିନିଟ୍ ସ୍ଥାୟିତ୍ୱ ତୁମ୍ଭକୁ ପୁନର୍ବାର ସତେଜ କରି ଗଢ଼ିତୋଳେ ଏବଂ ଏହା ଦ୍ୱାରା ତୁମେ ଅନେକ ସମସ୍ୟାର ସମାଧାନ କରିବାକୁ ସମର୍ଥ ହୋଇପାର।

***ମସ୍ତିଷ୍କ ଯଦି ସବୁବେଳେ କାର୍ଯ୍ୟ କରୁଅଛି ତେବେ ରାତ୍ରୀରେ ଘଟିଥିବା ବିଷୟଗୁଡ଼ିକ ଆମ୍ଭେମାନେ କାହିଁକି ବିସ୍ମୃତ ହେଉ?***

କାରଣ କାର୍ଯ୍ୟ କରୁଥିବା ସମୟରେ ତୁମେ ଚେତନାର ସ୍ପର୍ଶ ପାଇ ନଥାଅ ଏବଂ ମସ୍ତିଷ୍କରେ କ'ଣ ସବୁ ଘଟୁଅଛି ସେ ବିଷୟଗୁଡ଼ିକ ସ୍ମରଣ କଲେ ତୁମେ ଭୟଭୀତ ହେବାର ସମ୍ଭାବନା ଅଛି। ଏହା ପ୍ରକୃତରେ ଏକ ପାଗଳର ବାସସ୍ଥାନ, ଚିନ୍ତାଗୁଡ଼ିକ ଏଠାରେ ବିକ୍ଷିପ୍ତ, ମୁଣ୍ଡଭିତରେ କ୍ରିୟାଗୁଡ଼ିକ ଧୀର ସ୍ପନ୍ଦନୀୟ ନର୍ତ୍ତନ, ଏବଂ ସବୁ ଦିଗକୁ ଜଣେ କ୍ଷିପ୍ର ଗତିରେ ପେଣ୍ଡୁ ଫୋପାଡ଼ିଲା ପରି ଅନୁଭୂତ ହୁଏ। ତେଣୁ ତୁମେ ନିଦ୍ରାବସ୍ଥାରେ ଏସବୁକୁ ଦେଖିଥିଲେ ବିଚଳିତ ହୋଇଥାଆନ୍ତ। **(୨୩ ଏପ୍ରିଲ ୧୯୫୧)**

**ସଚ୍ଚିଦାନନ୍ଦ ସ୍ଥିତିରେ ବିଶ୍ରାମ**

***ଭୌତିକ ଶରୀର ଓ ମସ୍ତିଷ୍କ ବ୍ୟତୀତ ମନର ବିଶ୍ରାମ ଦରକାର କି?***

ହଁ, ଏହା ଏକାନ୍ତ ଭାବରେ ଆବଶ୍ୟକ। କେବଳ ନୀରବତା ମଧ୍ୟରେ ମନ ଉର୍ଦ୍ଧ୍ୱରୁ ଅବତରଣ କରୁଥିବା ଜ୍ୟୋତିପୁଞ୍ଜକୁ ଗ୍ରହଣ କରିପାରିବ। ମାନସିକ ସତ୍ତାର କୋଷଗତ ଦୌର୍ବଲ୍ୟ ଆସିପାରେ ବୋଲି ମୁଁ ଭାବୁ ନାହିଁ। ଯଦିବା ମନ କ୍ଳାନ୍ତି ଅନୁଭବ କରେ ତେବେ ଏହାକୁ ମସ୍ତିଷ୍କର ପ୍ରତିକ୍ରିୟା ବୋଲି ଧରିନେବାକୁ ହେବ। କେବଳ ନୀରବତା ମଧ୍ୟଦେଇ ଏହା ନିଜର ଉର୍ଦ୍ଧ୍ୱ ପ୍ରଦେଶକୁ ଯାଇପାରେ। ମାତ୍ର ଆମ୍ଭେମାନେ ଯେଉଁ ଶୋଇବା ଏବଂ ସ୍ୱପ୍ନ କଥା କହୁଥିଲେ ସେହି ଦୃଷ୍ଟିରୁ ଏହାର ଯଥେଷ୍ଟ ପ୍ରାଧାନ୍ୟ ଅଛି। ମୁଁ ଏହା ପରୀକ୍ଷା କରି ଦେଖିଅଛି। ତୁମେ ଯଦି ତୁମ୍ଭର ମଥା ସହିତ ପ୍ରାଣ ସତ୍ତାର ନୀରବତା ରକ୍ଷାକରିପାର, ଶରୀରର ସମସ୍ତ କ୍ରିୟା ବନ୍ଦ କରି ଦେଇ ତୁମ୍ଭ ଦ୍ୱାରା ସୃଷ୍ଟ ସଙ୍କୀର୍ଣ୍ଣ ପରିସର ବାହାରକୁ ଆସି ସଚ୍ଚିଦାନନ୍ଦ ବା ସର୍ବୋତ୍ତମ ଚେତନା ମଧ୍ୟରେ ପ୍ରବେଶ କର ତେବେ ଆଠଘଣ୍ଟା ଶୋଇବା ପରେ ତୁମେ ଯେଉଁ ଶାନ୍ତି ଓ ବିଶ୍ରାମ ପାଇଥାଅ ତାହାଠାରୁ ଅଧିକ ମାତ୍ରାରେ ଏହି ଶାନ୍ତି ତିନି ମିନିଟ ମଧ୍ୟରେ ପାଇ ପାରିବ। ଏହା ଖୁବ୍ ସହଜ କଥା ନୁହେଁ। ନା। ଏହା ଚେତନାର ପରିପୂର୍ଣ୍ଣ ଚେତନ୍ୟଯୁକ୍ତ ଅବସ୍ଥା, ପୂର୍ଣ୍ଣମାତ୍ରାରେ ଧୀର ଏବଂ ଏହା ମୂଳସ୍ରୋତରୁ ବିଚ୍ଛୁରିତ ଆଲୋକଯୁକ୍ତ। ତୁମେ ଯଦି ଏହାକୁ ପ୍ରାପ୍ତ ହୋଇପାର ତୁମ୍ଭ ମଧ୍ୟରେ ସକଳ ଗତିକୁ ସ୍ଥିର କରିଦେଇ ପାର ତେବେ ତୁମ୍ଭର ସାମଗ୍ରିକ ଶରୀର ଦିବ୍ୟଚେତନା ସଙ୍ଗେ ସମ୍ପର୍କ ସ୍ଥାପନ କରେ। ଏହି ସ୍ଥିତିରେ ତିନି ମିନିଟ ରହି ପାରିଲେ ଯେଉଁ ବିଶ୍ରାମ (ମୁଁ ଶରୀର ସମ୍ବନ୍ଧୀୟ ଓ ପେଶୀ ସମ୍ବନ୍ଧୀୟ ବିଶ୍ରାମ କଥା କହୁଅଛି) ମିଳେ ତାହା ଆଠଘଣ୍ଟା ଶୋଇବା ପରେ ମିଳୁଥିବା ବିଶ୍ରାମ ସଙ୍ଗେ ସମାନ ବୋଲି ମୁଁ ଭଲ ଭାବରେ ନିରୀକ୍ଷଣ କରିଅଛି। (ଜାନୁୟାରୀ, ୧୯୫୧)

**ସ୍ୱପ୍ନ ବିହୀନ ନିଦ୍ରା**

***ସ୍ୱପ୍ନ ବିହୀନ ନିଦ୍ରାର ସ୍ୱରୂପ କ'ଣ?***

ତୁମେ କହୁଥିବା ସ୍ୱପ୍ନ ବିହୀନ ନିଦ୍ରା ଦୁଇ ପ୍ରକାର। ଗୋଟିଏ ସ୍ଥିତିରେ ତୁମେ ସ୍ୱପ୍ନରେ ଦେଖିଥିବା ବିଷୟଗୁଡ଼ିକର ସ୍ମରଣ କରି ପାରନାହିଁ। ଅନ୍ୟଟିରେ ତୁମେ ମୃତ୍ୟୁବତ୍ ନିଶ୍ଚେତନା ମଧ୍ୟରେ ବୁଡ଼ି ରହିଥାଅ। ମୃତ୍ୟୁର ଏକ ସ୍ୱାଦ ପରି ଏହା ପ୍ରତିଭାତ ହୁଏ। କିନ୍ତୁ ଏପରି ଏକ ଶୟନ ଶୈଳୀ ଅଛି ଯେଉଁଥିରେ ତୁମେ ନୀରବରେ

ପ୍ରବେଶ କଲେ ସ୍ଥିରତା ଓ ଶାନ୍ତି ତୁମ୍ଭର ସମସ୍ତ ଅଙ୍ଗରେ ବିରାଜିତ ଥାଏ ଏବଂ ତୁମ୍ଭର ଚେତନା ସଚ୍ଚିଦାନନ୍ଦଙ୍କ ସଙ୍ଗେ ଏକୀଭୂତ ହୋଇଯାଏ। ତୁମ୍ଭେ ଏହାକୁ ଆକ୍ଷରିକ ଅର୍ଥରେ ନିଦ୍ରା ବୋଲି କହି ପାରିବ ନାହିଁ, କାରଣ ଏହା ସର୍ବତୋଭାବେ ଚେତନାଯୁକ୍ତ। ଏହି ପରିସ୍ଥିତିରେ ତୁମ୍ଭେ କିଛି ସମୟ ରହିପାର। ମାତ୍ର ଏହି ପର୍ଯ୍ୟାୟ ଘଣ୍ଟା ଘଣ୍ଟା ଧରି ସାଧାରଣ ଭାବେ ଶୋଇବା ଠାରୁ ଅଧିକ ଶାନ୍ତି ଓ ବିଶ୍ରାମ ଦେଇଥାଏ। ତୁମ୍ଭେ କାକତାଳିକ ନ୍ୟାୟରେ ଏହା ପାଇ ପାରିବ ନାହିଁ। ଏହା ଦୀର୍ଘ ପ୍ରଶିକ୍ଷଣର ଅପେକ୍ଷା କରେ। ***(୨୧ ଏପ୍ରିଲ ୧୯୨୯)***

**ସର୍ବୋତ୍ତମ ବିଶ୍ରାମ**

ମା', ଆପଣ କହିଲେ ଯେ ମଧ୍ୟରାତ୍ରୀ ପୂର୍ବରୁ ନିଦ୍ରା ଆମ୍ଭମାନଙ୍କ ବେଶୀ ବିଶ୍ରାମର ସୁଯୋଗ ଦିଏ ----------

ଶାରୀରିକ ସ୍ତରରେ ଏହା ସତ୍ୟ।

**କାହିଁକି ଏପରି ହୁଏ ?**

ଆଃ - ମୁଁ ବ୍ୟକ୍ତିଗତ ଅଭିଜ୍ଞତାର କଥା କହିଥିଲି। ଏଥିରେ କାହିଁକି ଶବ୍ଦର ସ୍ଥାନ ନାହିଁ। ଅଛି କି ? ସମସ୍ତେ ନିଜ ସକାଶେ ଏହା ଖୋଜିବେ କିମ୍ବା ଖୋଜି ନ ପାରନ୍ତି। ମାତ୍ର ଭୂତାତ୍ତ୍ୱିକ ରସାୟନ ପଣ୍ଡିତମାନେ କହନ୍ତି ଯେ କିଛି ନିର୍ଦ୍ଦିଷ୍ଟ କିରଣରାଜି ବିରାଜିତ ଅଛନ୍ତି। (ପବିତ୍ରଙ୍କ ଆଡ଼କୁ ଚାହିଁ) ଏହା କ'ଣ ଠିକ୍ ନୁହେଁ? ତୁମ୍ଭେ ଏ ବିଷୟରେ ଜାଣିଥିଲେ ଆମ୍ଭମାନଙ୍କୁ କୁହ। ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଦୀପ୍ତଥିବା ସୂର୍ଯ୍ୟ କିରଣ ଏବଂ ମଧ୍ୟରାତ୍ରୀ ପରେ ଗତିଶୀଳ ହେଉଥିବା କିରଣରାଜି ତୁମ୍ଭଙ୍କୁ ଶକ୍ତି ପ୍ରଦାନ କରନ୍ତି ଓ ପୁନର୍ବାର ଫେରାଇ ନେଇଯାଆନ୍ତି। ଏପରି ଅନେକ ବିଷୟ ଅଛି, ଯାହା ଆମ୍ଭେମାନେ ଶୁଣିଥାଉ ବା ବହିରେ ପଢ଼ିଥାଉ। ଏହାର ମୂଲ୍ୟାୟନ କରି ମୁଁ ତୁମ୍ଭମାନଙ୍କୁ ଦେଉଅଛି। ମୁଁ କିଛି ଜାଣେ ନାହିଁ। ଏହି ବିଷୟରେ ଅଧିକ ପ୍ରବୀଣ କେହି ବ୍ୟକ୍ତି ତୁମ୍ଭଙ୍କୁ ପୂର୍ଣ୍ଣ ଧାରଣା ଦେଇ ପାରିବେ (ମା' ହସିଲେ)। ମାତ୍ର ଚଳଣି ମଧ୍ୟରେ କେତେକ କଥା ସତ୍ୟ। ଏହା କାହିଁକି ହୁଏ ମୁଁ କହି ପାରିବି ନାହିଁ। ସମ୍ଭବତଃ ସେସବୁ ବ୍ୟକ୍ତିକୈନ୍ଦ୍ରିକ ଅଟନ୍ତି। ହେଉ, ମୁଁ ଅନ୍ୟମାନଙ୍କଠାରୁ ଏ ବିଷୟରେ କିଛି ଶୁଣିଅଛି। ଉଦାହରଣଟିଏ ଦିଏ। ତୁମ୍ଭେ ସମୁଦ୍ରକୁ ଯାଇ ପାଞ୍ଚମିନିଟ ରହି ଆସିଲା ପରେ ଶକ୍ତି ଆହରଣ କର। ସମୁଦ୍ରକୁ ଯାଇ ଏକ ଘଣ୍ଟା ରହି ଆସିବା ପରେ ତୁମ୍ଭେ କ୍ଳାନ୍ତ ଓ ଅବସନ୍ନ ହେଇ ଫେରିଆସ। ଗରମ ପାଣିରେ ସ୍ନାନ ମଧ୍ୟ ଏହି ପରି ଫଳ ମିଳେ। ତୁମ୍ଭେ ଗରମ ଜଳ ପୂର୍ଣ୍ଣ କୁଣ୍ଡ ମଧ୍ୟରେ କ୍ଳାନ୍ତଥିବା ଅବସ୍ଥାରେ ପ୍ରବେଶ କର, ଅଳ୍ପ ସମୟ ସକାଶେ ଅବସ୍ଥାନ କର। ଫେରି ଆସିଲା ପରେ ତୁମେ ସତେଜ ହେଲା ପରି ଅନୁଭବ କରିବ। ସେ କୁଣ୍ଡରେ ତୁମ୍ଭେ ପନ୍ଦର ମିନିଟ ପର୍ଯ୍ୟନ୍ତ ରହି ଫେରି ଆସିଲା ପରେ ତୁମ୍ଭେ ବଳ ଓ ଶକ୍ତି ହରାଇଥାଅ, ଆଉ କିଛି ଅବଶିଷ୍ଟ ନଥାଏ। ତୁମ୍ଭେ ଶୋଷିତ ହୋଇ କୁଣ୍ଡରୁ ପ୍ରତ୍ୟାବର୍ତ୍ତନ କର। ମୁଁ ତୁମ୍ଭମାନଙ୍କୁ ଏହା କହୁଅଛି। ମୁଁ ତୁମ୍ଭଙ୍କୁ ବିଶେଷ ଭାବରେ କହି ପାରିବି ନାହିଁ, ମାତ୍ର ଏଥିରେ ସତ୍ୟତା ଅଛି। ଏହା ସେହି ପରି ଭାବରେ ଜଣା ପଡ଼ିବ। ମୋ ନିଜ ସକାଶେ ମୋର ଏକ ସନ୍ଦର୍ଭ ଅଛି, ମାତ୍ର ମୋ ସକାଶେ ଏହା ଅନୁକୂଳ। ଅନ୍ୟମାନଙ୍କ ସକାଶେ କାର୍ଯ୍ୟ କରି ପାରୁନଥିବାରୁ ଏହା ନିରର୍ଥକ ମନେ ହେବ।

ନିଦ୍ରା ଓ ଏହାର ବିଭିନ୍ନ ପର୍ଯ୍ୟାୟ ସମ୍ବନ୍ଧରେ ଯାହା କୁହାଗଲା ସେ ସବୁର ପ୍ରତ୍ୟଭିଜ୍ଞାନ ସକାଶେ ଜଣେ ନିଜେ ବିତାଉଥିବା ରାତ୍ରୀଗୁଡ଼ିକ ସମ୍ବନ୍ଧରେ ଓ ସେଗୁଡ଼ିକର ପ୍ରକୃତି ସମ୍ବନ୍ଧରେ ସଚେତନ ହେବା ଆବଶ୍ୟକ। ଏହା କିଛି ମିନିଟ୍ ମଧ୍ୟରେ ସନ୍ଦେହ ଦୂରକରି ଦେଇ ପାରେ। ଏହା କରିବା ସକାଶେ କାହାରିକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ହେବ ନାହିଁ। ଯଦି ଜଣେ ସଚେତନ ଥାଏ କେତୋଟି ମୁହୂର୍ତ୍ତ ମଧ୍ୟରେ ତା ମଧ୍ୟରେ ପ୍ରବେଶ କରିପାରେ। ନିଜେ ସଚେତନ ଥିଲେ ଶୋଇବା ପୂର୍ବରୁ ଶାନ୍ତ ମନୋଭାବ ପୋଷଣ କରିବା, ସ୍ନାୟୁଗୁଡ଼ିକୁ ଶାନ୍ତ ରଖିବା, ମାନସିକ କାର୍ଯ୍ୟଗୁଡ଼ିକୁ ନିୟନ୍ତ୍ରଣ କରିବା, ସେଗୁଡ଼ିକୁ ଶାନ୍ତ ରଖିବା ଦରକାର ଓ ମନ ସମ୍ପୂର୍ଣ୍ଣ ଭାବରେ ଶାନ୍ତ ନଥିଲେ ଶୋଇବାକୁ ଯିବା ଉଚିତ ନୁହେଁ। ତୁମ୍ଭେ ଏହା ଦ୍ୱାରା ଦୀର୍ଘକାଳ ସ୍ଥାୟୀ ଅପ୍ରୀତିକର ଉତ୍ତେଜନାର କ୍ଳାନ୍ତିଦାୟକ ପ୍ରଭାବରୁ ମୁକ୍ତ ହୋଇପାରିବ। ମନକୁ ସ୍ଥିର କରି ଶାନ୍ତ କରି ପାରିଲେ ନିଦ୍ରା ସୁଖକର ହୁଏ। ପ୍ରାଣ ଶକ୍ତିକୁ ଦୁର୍ବଳ କରିଦେବା ଫଳରେ ମନ ବିଭ୍ରାନ୍ତ ଭାବରେ ଘୂରିବୁଲେ ଓ ନିର୍ବୋଧତାପୂର୍ଣ୍ଣ କାର୍ଯ୍ୟଗୁଡ଼ିଏ କରିବସେ। ଏହା ଫଳରେ ଶୋଇବାକୁ ଯିବା ପୂର୍ବରୁ ତୁମର ଯେପରି ଅବସ୍ଥା ଥିଲା ତାହାଠାରୁ ତୁମ୍ଭେ ଅଧିକ କ୍ଳାନ୍ତି ଅନୁଭବ କରିବ।

ସଚେତନ ହୋଇ ଓ ପ୍ରାଣକୁ ଶାନ୍ତ କରି ତୁମ୍ଭେ ଯେତେବେଳେ ଦୈହିକ ଚେତନାରୁ ବାହାରି ଆସିବ ଓ ଅଧିକ ଉନ୍ନତ ଚେତନା ମଧ୍ୟରେ କାର୍ଯ୍ୟ କରିବ ସେତେବେଳେ ପ୍ରାଣଶକ୍ତିକୁ "ବର୍ତ୍ତମାନ ବିଶ୍ରାମ କର, ନୀରବ ରୁହ" ବୋଲି କହିପାରିବ। ଏହାପରେ ମାନସିକ ସ୍ଥିତିରେ ଅଧିଷ୍ଠିତ ହୋଇ ମନକୁ "ବର୍ତ୍ତମାନ ବିଶ୍ରାମ କର ନୀରବ ରୁହ ବୋଲି ଆଦେଶ ଦେଇ ପାରିବ। ନିଦ୍ରା ସକାଶେ ମଧ୍ୟ ଏହା ପ୍ରଯୁଜ୍ୟ। ମନ ରାଜ୍ୟରୁ ଆଉ ଏକ ଉଚ୍ଚତର ସୋପାନରେ ଅଧିରୂଢ଼ ହୋଇ ଚତୁର୍ଦ୍ଦିଗରେ ଘଟୁଥିବା ଦୃଶ୍ୟ ତୁମେ ଦେଖି ପାରିବ। ସମୟ ସମୟରେ ଜଣେ ଆଗ୍ରହରେ ଶିକ୍ଷା କରିବା ସହିତ କୌଣସି ସାଧାରଣସ୍ତରୀୟ କାର୍ଯ୍ୟରେ ଆଗ୍ରହ ପ୍ରକାଶ କରିପାରେ ଏବଂ ଅନ୍ୟଲୋକମାନଙ୍କ ବିଷୟରେ କିଛି ଧାରଣା କରିପାରେ। ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟଗୁଡ଼ିକର ଅନୁଷ୍ଠାନ କରି "ନୀରବ ରୁହ ନିଦ୍ରା, ତୁମର ଗତି ବନ୍ଦ କର" ବୋଲି ନିଦ୍ରାକୁ ତାଗିଦ କରି ଏକ ଉଚ୍ଚତର ଚେତନାକୁ ଆରୋହଣ କରିପାରିବ। ଏକ ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିବା ପର୍ଯ୍ୟନ୍ତ ଏ କାର୍ଯ୍ୟ ଚଳାଇ ରଖ। ମୁଁ ଦୈହିକ ସ୍ତର କଥା କହୁ ନାହିଁ। ଭାବ ରାଜ୍ୟର ଓ ନୀରବତା ମଧ୍ୟରେ

ଶବ୍ଦାନୁସାରୀ କମ୍ପନ, ସଚ୍ଚିଦାନନ୍ଦଙ୍କର ସାନ୍ନିଧ ସକାଶେ ଅନୁକୂଳ ହୋଇଥାଏ। ଥରେ ତୁମ୍ଭେ ସେଠାରେ ଅବସ୍ଥାନ କରିପାରିଲେ ସବୁ କିଛି ବନ୍ଦ ହୋଇଯାଏ, କମ୍ପନ ଧୀର ହୋଇଯାଏ ଏବଂ ତୁମ୍ଭେ ଏହି ଅବସ୍ଥାରେ ତିନି ମିନିଟ ରହିଲେ ପୂର୍ଣ୍ଣଭାବରେ ଶାନ୍ତ, ବିଶ୍ରାମସେବିତ, ସତେଜ ଓ ଶକ୍ତିମାନ ହୋଇ ଫେରି ଆସିବ। ଏହା ତୁମ୍ଭଙ୍କୁ କେତେ ଘଣ୍ଟା ଶୋଇବାର ଶାନ୍ତ ଫଳ ପ୍ରଦାନ କରିବ। ଜଣେ ଶିକ୍ଷା କଲେ ଏହା କରି ପାରିବ। ଏହି କାର୍ଯ୍ୟ ଏକା ରାତିକେ ହୋଇଯିବ ବୋଲି ମୁଁ କହୁ ନାହିଁ, କିଛି କାର୍ଯ୍ୟ ଓ ଧୈର୍ଯ୍ୟ ଏଥି ସକାଶେ ପ୍ରୟୋଜନ। ଏହା ଜଣେ ଶିକ୍ଷା କରିବା ଉଚିତ। କ୍ଳାନ୍ତ ହେବା ସମୟରେ ଏହା ଶୁଭଙ୍କର ହୁଏ। ଉଦାହରଣ ସ୍ୱରୂପ ଯେତେବେଳେ ତୁମ୍ଭେ ବିରୋଧୀ ଶକ୍ତିମାନଙ୍କ ଆକ୍ରମଣର ଲକ୍ଷ୍ୟ ହୁଅ ଏବଂ କ୍ଳାନ୍ତି ଅନୁଭବ କର ସେତେବେଳେ ଯଦି ଏହି ପ୍ରଣାଳୀର ଅନୁସରଣ କର, ଚେତନାଯୁକ୍ତ ଭାବରେ କାମ କର ତେବେ କେତେ ମିନିଟ୍ ମଧ୍ୟରେ ଏସବୁ ଅଦୃଶ୍ୟ ହୋଇଯିବେ। ଏହା ଶିକ୍ଷା କରିବା ଯୋଗ୍ୟ। କେବଳ ଗଭୀରତର ପ୍ରଗାଢ଼ତମ ଧୈର୍ଯ୍ୟ ଏଥି ସକାଶେ ଲୋଡ଼ା। କିଛି ସମୟ ଅପେକ୍ଷା କର। ଏ ବିଷୟରେ ମୁଁ ତୁମ୍ଭମାନଙ୍କୁ ବିସ୍ତୃତ ଭାବରେ କହିବି।

ମୁଁ ଗୁପ୍ତବିଦ୍ୟା ସାଧନା କରିବା ସମୟରେ ମୋର ରାତ୍ରୀଗୁଡ଼ିକୁ ଚୈତନ୍ୟମୟ କରିବାର ଇଚ୍ଛା କରିଥିଲି। ମାତ୍ର ମୁଁ ଅନୁଭବ କଲି ଯେ ସୂକ୍ଷ୍ମ ଦୈହିକ ଓ ଭୌତିକ ସ୍ଥିତି ଜଡ଼ିତ ପ୍ରାଣିକ ସ୍ଥିତି ମଧ୍ୟରେ ଏକ କ୍ଷୁଦ୍ର ଅଂଶ ରହିଅଛି ଏବଂ ଏହି ଅଂଶଟି ଏହି ଦୁଇଟି ସ୍ଥିତି ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସକାଶେ ସମର୍ଥ ନୁହେଁ। ତେଣୁ ପ୍ରାଣିକ ସ୍ତରରେ ହେଉଥିବା କାର୍ଯ୍ୟଗୁଡ଼ିକ ଦୈହିକ ସ୍ତରର କାର୍ଯ୍ୟ ସଙ୍ଗେ ତାଳ ପକାଇ ଚାଲି ପାରୁ ନଥିଲା। ସମ୍ପୂର୍ଣ୍ଣ ଶୂନ୍ୟ ହୋଇ ନଥିଲେ ମଧ ଏସବୁ ଅର୍ଦ୍ଧଚେତନାର କାର୍ଯ୍ୟଥିଲା ଏବଂ ଏଥି ମଧ୍ୟରୁ କେତେକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଆଗରୁ ବିଲୟ ଭଜୁଥିଲେ। ଏଗୁଡ଼ିକ ଯଥେଷ୍ଟ ଉନ୍ନତମାନର ନଥିଲା। ମୁଁ ଜାଣିଲି ଯେ ଏଥି ସକାଶେ କେବଳ ଗୋଟିଏ ଉପାୟ ଅଛି। ଏ ଉପାୟଟି ହେଲା ଏହାର ଉନ୍ନତି ସକାଶେ କାମ କରିବା। ସମ୍ଭବତଃ ଫେବୃୟାରୀ ମାସରେ ମୁଁ ଏହି କାର୍ଯ୍ୟ ଆରମ୍ଭ କଲି। ଚାରିମାସ ପର୍ଯ୍ୟନ୍ତ କିଛି ଫଳ ମିଳିଲା ନାହିଁ। ମୁଁ ଏ ପରୀକ୍ଷା ଚଳାଇ ରଖିଲି। ଛଅମାସ ସମୟ ଅତିକ୍ରାନ୍ତ ହେଲା। ସେତେବେଳକୁ ଜୁଲାଇମାସ ଶେଷ ବା ଅଗଷ୍ଟମାସର ଆରମ୍ଭ ହେଉଥାଏ। ମୁଁ ରହୁଥିବା ପ୍ୟାରିସ ସହରର ଘର ଛାଡ଼ି ଗ୍ରାମାଞ୍ଚଳରେ ସୁନ୍ଦର ବଗିଚାଥିବା କେତେକ ବନ୍ଧୁମାନଙ୍କ ସଙ୍ଗେ ରହିବାକୁ ଚାଲିଗଲି। ଏହି ବଗିଚାରେ ଘାସଥିବା ଖଣ୍ଡିଏ ଭୂଖଣ୍ଡଥିଲା। ତୁମ୍ଭେ ଏ ଘାସ ମଣ୍ଡିତ ଭୂମିଖଣ୍ଡ କଥା ଜାଣିଥିବ। ନୁହେଁ କି ? ଏହାର ଚାରିଆଡ଼େ କିଛି ଗଛ ଓ ବିଭିନ୍ନ ଜାତିର ଫୁଲ ଗଛ ଥିଲା। ଏହା ଗୋଟିଏ ସୁନ୍ଦର ଶାନ୍ତ ସ୍ଥାନ ଥିଲା। ମୁଁ ପେଟତଳକୁ କରି କହୁଣୀ ଭରାଦେଇ ଘାସ ଉପରେ ଶୋଉଥିଲି। ଦୈହିକ ଓ ପ୍ରାଣିକ ସ୍ତରୀୟ ସମସ୍ତ ଜୀବନ ପ୍ରକ୍ରିୟା ସଚଳ ହୋଇ ଉଠିଲା। ସମଗ୍ର ଅଞ୍ଚଳ ଜୀବନ୍ତ କମ୍ପନହୀନ, ଚୈତନ୍ୟଯୁକ୍ତ ଓ ସୁନ୍ଦର ମନେ ହେଲା। ଏହାହିଁ ତା'ର ସୁଫଳ। କିଛି ଫଳ ପ୍ରାପ୍ତ ନ ହୋଇ ଛଅ ମାସର କାର୍ଯ୍ୟ ଏହାହିଁ ଥିଲା। ନୁହେଁ କି ? ମୁଁ କିଛି ଦେଖିପାରି ନଥିଲି, ମାତ୍ର ସେହିପରି ଅବସ୍ଥାର କିଛି ଅଂଶ ଥିଲା ଏବଂ ଏହା ତା'ର ସୁଫଳ। ଏହା ଅଣ୍ଡା ଭଧରେ ଥିବା ଛୁଆପରି। ଏହା ସେଠାରେ ଅନେକ ଦିନ ଧରି ଥିଲା ମାତ୍ର କେହି ତାକୁ ଦେଖି ପାରନ୍ତି ନାହିଁ। ଅଣ୍ଡା ମଧ୍ୟରେ ଛୁଆଟିଏ ଅଛି ବୋଲି ଲୋକମାନେ ଆଶ୍ଚର୍ଯ୍ୟ ହୁଅନ୍ତି, କିଛିକ୍ଷଣ ପରେ ଟିକ୍ ଟିକ୍ ଶବ୍ଦ ଶୁଣାଯାଏ ଏବଂ ଛୁଆଟି ବାହାରକୁ ଆସେ। ସେ ପ୍ରସ୍ତୁତ ମାତ୍ର ଏତିକି କାର୍ଯ୍ୟ ସକାଶେ ଅନେକ ଦିନ ଲାଗିଲା। ଏହା ଏହିପରି ଘଟିଥାଏ। ତୁମ୍ଭେ ତୁମ୍ଭମଧ୍ୟରେ କିଛି ବିକାଶ ଘଟାଇବାର ଚେଷ୍ଟା ଅଣ୍ଡା ମଧ୍ୟରେ ଥିବା ଛୁଆ ପରି। କୌଣସି ଫଳ ନଥାଇ ମଧ ତୁମେ ଅନେକ ଦିନ ଧରି ଚେଷ୍ଟାକର। ଧୈର୍ଯ୍ୟ ନ ହରାଇ, ନିୟମିତ ଭାବରେ ତୁମ୍ଭେ କାର୍ଯ୍ୟ କର। ତୁମ୍ଭେ ମନେ କର ଯେ କାମ କରିବା ସକାଶେ ତୁମ୍ଭ ସମ୍ମୁଖରେ ଅନନ୍ତକାଳ ଅଛି। ତୁମ୍ଭର ଏ କାର୍ଯ୍ୟ ଫଳ ପ୍ରାପ୍ତି ସମ୍ବନ୍ଧରେ ଉଦାସୀନତାର ସୂଚନା ଦିଏ। କାମ ସକାଶେ ତୁମ୍ଭେ କାମ କର। ଏହା ପରେ, ଅକସ୍ମାତ୍ କୌଣସି ଦିନ ତୁମ୍ଭ ଦ୍ୱାରା ଅନୁଷ୍ଠିତ କର୍ମର ଫଳ ପ୍ରାପ୍ତ ହୁଅ।

ଏକଥା କହିଦେବା ଖୁବ୍ ସହଜ। ନିଜ କାର୍ଯ୍ୟ ଉପରେ କର୍ତ୍ତୃତ୍ୱ ରଖିବା ଓ ଚେତନାଯୁକ୍ତ ରାତି ଅତିବାହିତ କରିବା ଏବଂ ଏଥି ସହିତ ସମ୍ପୃକ୍ତ ଅନ୍ୟ କେତେକ କାର୍ଯ୍ୟ କରିବା କଥା ଲୋକେ ସହଜରେ କହନ୍ତି ମାତ୍ର ମୋର କହିବାନୁସାରେ ତୁମ୍ଭକୁ ଅନେକ ଗୁଡ଼ିଏ ଛୋଟ କାର୍ଯ୍ୟ କରିବାକୁ ହେବ। ଏହି ଫଳ ଲାଭ କରିବା ସକାଶେ ଏ କାମଗୁଡ଼ିକ ମଧ୍ୟରୁ ଅନେକ ଦରକାର। ତୁମ୍ଭେ ଦେଖିବ ଯେ ଅନେକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ବେଳକୁ ଅନ୍ୟଟି ହୋଇ ନାହିଁ। ଅନ୍ୟ କାର୍ଯ୍ୟଟି ପୂର୍ଣ୍ଣ ହେବା ସମୟରେ ଆଉ ଗୋଟିଏ କାମ ଅଧାପନ୍ତୁରିଆ ଭାବରେ ରହିଥିବ। ପରେ ଏପରି ଏକ ଶୁଭଦିନ ଆସିବ ଯେଉଁଦିନ ତୁମ୍ଭେ ଗୋଟିଏ ସ୍ଥିତିରୁ ଆଉ ଏକ ଉନ୍ନତ ଭୂମିକୁ ଚାଲିଯାଇ ପାରିବ, ନୀରବତାର ରାଜତ୍ୱ ମଧ୍ୟରେ ସକଳ କର୍ମ ସମ୍ପାଦନ କରି ପାରିବ, ଅନନ୍ତ ବିଶ୍ରାମ ସ୍ଥଳୀ ମଧ୍ୟରେ ସଚେତନ ଭାବରେ ପ୍ରବେଶ କରିବ। ପୂର୍ବରୁ ତୁମ୍ଭେ ଯେଉଁ ଦ୍ୱନ୍ଦ୍ୱ, ଉଦାସୀନତା, କଷ୍ଟ ମଧ ଦେଇ କାର୍ଯ୍ୟ କରୁଥିଲ ଏସବୁ ତାହାର ଅମୃତମୟ ଫଳ ରୂପରେ ପ୍ରକାଶିତ ହୁଅନ୍ତି। (୨୩ ଜୁନ, ୧୯୫୪)

**ଦୁଃସ୍ୱପ୍ନ ଓ ହଜମ କ୍ରିୟା**

***ଗୁରୁପାକ ଖାଦ୍ୟ ଭୋଜନ କଲେ କେଉଁ କାରଣ ସକାଶେ ନିଦ୍ରାରେ ଦୁଃସ୍ୱପ୍ନ ଆସେ ?***

କାରଣ ପାକସ୍ଥଳୀ ଓ ସ୍ୱପ୍ନମାନଙ୍କ ମଧ୍ୟରେ ଅତୁଟ ସମ୍ପର୍କ ବିଦ୍ୟମାନ। ପରୀକ୍ଷା କରି ଦେଖାଯାଇଅଛି ଯେ ଭୋଜ୍ୟ ବସ୍ତୁ ସଙ୍ଗେ ସ୍ୱପ୍ନ ଏକ ବା ଅନେକ ରୂପରେ ଆସେ। ଯଦି ହଜମ କରିବା କଷ୍ଟକର

ହୁଏ ତେବେ ସ୍ୱପ୍ନ ଦୁଃସ୍ୱପ୍ନରେ ପରିଣତ ହୁଏ। ଏମାନଙ୍କର ପ୍ରକୃତ ସ୍ଥିତି ନଥାଏ, ମାତ୍ର ଦୁଃସ୍ୱପ୍ନ ଭାବରେ ଏଗୁଡ଼ିକ ଅପ୍ରୀତିକର ପରିବେଶ ସୃଷ୍ଟି କରନ୍ତି। ସ୍ୱପ୍ନରେ ବାଘ ଓ ବିରାଡ଼ିମାନେ ଆସନ୍ତି। ଅଥବା ତୁମ୍ଭର ଅଭିଜ୍ଞତାରେ ଏପରି ଆସେ - ତୁମ୍ଭେ ପୋଷାକ ପିନ୍ଧି ବାହାରକୁ ଯିବା ଦରକାର, ମାତ୍ର ତୁମ୍ଭେ ପୋଷାକ ପିନ୍ଧି ପାର ନାହିଁ, ଇଚ୍ଛାକଲେ ମଧ୍ୟ ତୁମ୍ଭର ନିଜ ଜିନିଷକୁ ସଜାଡ଼ି ପାର ନାହିଁ, ତୁମ୍ଭର ଜିନିଷଗୁଡ଼ିକ ଖୋଜିଲେ ମଧ୍ୟ ପ୍ରାପ୍ତ ହୁଅ ନଲହିଁ। ତୁମ୍ଭର ପିନ୍ଧା ଜୋତା ତୁମ ଗୋଡ଼କୁ ଖାପଖାଏ ନାହିଁ, ଗୋଡ଼ ଜୀବନହୀନ ହୋଇଯାଏ, ଆଗକୁ ଯିବା ସକାଶେ ତୁମ୍ଭେ ଚେଷ୍ଟା କରୁଥାଅ ମାତ୍ର ଯାଇପାର ନାହିଁ। ଏହି ପ୍ରକାର ଦୁଃସ୍ୱପ୍ନ ସବୁ ପାକସ୍ଥଳୀର ବିଶୃଙ୍ଖଳା ହେତୁ ଆସିଥାନ୍ତି।

**(୨୪ ମାର୍ଚ୍ଚ, ୧୯୫୪)**

**ପ୍ରାଣିକ ଓ ମାନସିକ ଦୁଃସ୍ୱପ୍ନ**

***ପ୍ରାଣିକ ଦୁଃସ୍ୱପ୍ନରେ ଆଧାରର କେଉଁ ଅଂଶଟି ଶରୀରରୁ ବାହାରି ଯାଏ ?***

ତୁମ୍ଭର ପ୍ରାଣିକ ସତ୍ତାର କିଛି ଅଂଶ ସହଜ ବୁଲିବା ସକାଶେ ଚାଲିଯାଏ। ପ୍ରାଣିକ ସତ୍ତାର ସମ୍ପୂର୍ଣ୍ଣ ବହିର୍ଗମନ ଅସଂଯତ ଓ ଅପୂର୍ଣ୍ଣ ଅବସ୍ଥା ସୃଷ୍ଟିକରେ। କେତେକ ଖୁବ୍ ଖରାପ ସ୍ଥାନକୁ ଯାଆନ୍ତି ଏବଂ ରାତ୍ରୀ ସେମାନଙ୍କ ସକାଶେ ଅନେକାଂଶରେ ପ୍ରତିକୂଳ ହୋଇଥାଏ। ନୈଶ ଭ୍ରମଣର ଏହି ଅବସ୍ଥାରେ ଅନେକ ସମ୍ଭାବନା ଜାତ ହୁଏ। ଏହା ଖୁବ୍ ଛୋଟ ବସ୍ତୁ ହୋଇପାରେ। ତୁମ ଆଧାରର ଛୋଟ ବିଭାବଟିଏ ହୋଇପାରେ। ମାତ୍ର ଯଦି ଏହା ସଚେତନ ଥାଏ ତେବେ ଏହା ତୁମ୍ଭର ଦୁଃସ୍ୱପ୍ନକୁ ଲାଘବ କରିଦେଇ ପାରେ।

ଶୋଇବା ସମୟରେ ଆନ୍ତରସତ୍ତାଗୁଡ଼ିକ ଶରୀର ଉପରେ ସ୍ତୂପୀକୃତ ଭାବରେ ରହନ୍ତି  ନାହିଁ, ସେଗୁଡ଼ିକ ବାହାରକୁ ଯାଇ ସ୍ୱାଧୀନ ଭାବରେ ବିଚରଣ କରନ୍ତି। ଏହି ସ୍ୱାଧୀନତା ସୀମିତ ଥାଏ ଏବଂ ସେମାନେ ସେମାନଙ୍କର ନିଜ ରାଜ୍ୟରେ ବାସ କରନ୍ତି। ଶରୀର ମଧ୍ୟରେ ମନ ପ୍ରାୟ ଧରି ରଖିହୁଏ ନାହିଁ, ଏହା ସଙ୍ଗୀକୃତ ଭାବରେ ରହେ ମାତ୍ର ଶରୀର ମଧ୍ୟରେ ନଥାଏ। ପ୍ରାଣିକ ବୃତ୍ତିଗୁଡ଼ିକ ମଧ୍ୟ ଶରୀର ବାହାରକୁ ଯାଆନ୍ତି ମାତ୍ର ଏଗୁଡ଼ିକ ଶରୀର ସଙ୍ଗେ ଅଧିକ ସମ୍ବନ୍ଧ ସ୍ଥାପନ କରିଥାଆନ୍ତି।

***ମାନସିକ ଦୁଃସ୍ୱପ୍ନ କ'ଣ ?***

ମସ୍ତିଷ୍କ ମଧ୍ୟରେ ଗଣ୍ଡଗୋଳ ଅବସ୍ଥା, ସ୍ଥାନୀୟ ଜ୍ୱର, ମସ୍ତିଷ୍କର ନିର୍ଦ୍ଦିଷ୍ଟ ରୁଗ୍ଣ ଅବସ୍ଥା କ୍ଳାନ୍ତ ଭାବ ଓ ସଂଯମର ଅଭାବ ହେଲେ ମାନସିକ ଦ୍ୱନ୍ଦ ଓ ଅବସାଦ ସୃଷ୍ଟି ହୁଏ। ତୁମ୍ଭେ ମନଦ୍ୱାରା ନିର୍ମିତ ପରିସୀମା ମଧ୍ୟରେ ବାସକର ଏବଂ ଏଗୁଡ଼ିକ ତୁମ୍ଭ ଦ୍ୱାରା ସୃଷ୍ଟ ହୋଇଥାନ୍ତି। ଚେତନାର ଆଧିପତ୍ୟ ଲୁପ୍ତ ହେଲେ ମସ୍ତିଷ୍କ ଭାରାକ୍ରାନ୍ତ ହୁଏ। ଅସ୍ୱାଭିବିକ ପାଗଳାମୀ ଦେଖାଯାଏ। ଚିନ୍ତାଶକ୍ତିର ଅବକ୍ଷୟ ହୁଏ, ପରସ୍ପର ମଧ୍ୟରେ ଦ୍ୱନ୍ଦ୍ୱ ଆସେ ଏବଂ ଏହା ମରୀଚିକା ସଦୃଶ ପ୍ରତୀତ ହୁଏ। ଏହି ଅବସ୍ଥା ପରେ ଯଦି ତୁମ୍ଭେ ମୁଣ୍ଡକୁ ଶାନ୍ତରଖି ନପାର, ଧୀରତାର ଆରୋପ କରି ନପାର ଏବଂ ଶକ୍ତିଶାଳୀ ଉଜ୍ଜ୍ୱଳ ଆଲୋକରେ ଏହାକୁ ଆଲୋକିତ କରିନପାର ତେବେ ପ୍ରାଣିକ ଦୁଃସ୍ୱପ୍ନଠାରୁ ଏହା ଦଶ ଗୁଣ ଅଧିକ କ୍ଷତି ସାଧନ କରିଥାଏ। ସ୍ୱପ୍ନରେ ତୁମ୍ଭଙ୍କୁ ମାରିଦେବାକୁ ଚେଷ୍ଟା କରୁଥିବା କୌଣସି ଶକ୍ତି ସହିତ ଯୁଦ୍ଧରେ ବ୍ୟାପୃତ ହେବା ପ୍ରାଣିକ ଦୁଃସ୍ୱପ୍ନର ଏକ ପ୍ରତିରୂପ। ଏହି ଶକ୍ତିକୁ ଆଘାତ କରିବାର ସକଳ ପ୍ରଚେଷ୍ଟା ବ୍ୟର୍ଥ ହୁଏ, ତୁମ୍ଭର ଶକ୍ତି, ସାମର୍ଥ୍ୟ ତୁମ୍ଭର ପ୍ରତିଦ୍ୱନ୍ଦ୍ୱୀଙ୍କୁ ସ୍ପର୍ଶ କରିପାରେ ନାହିଁ। ତୁମ୍ଭଙ୍କୁ ଭୟ ଦେଖାଇ, ତୁମ୍ଭଙ୍କୁ ଜବତ କରିବାର ଭଙ୍ଗୀକରି ସେ ତୁମ୍ଭ ସମ୍ମୁଖରେ ବିଦ୍ୟମାନ ଥିଲେ ସୁଦ୍ଧା ତୁମ୍ଭର ଶକ୍ତି ବ୍ୟର୍ଥତାରେ ପର୍ଯ୍ୟବସିତ ହୁଏ। ହାତାହାତି ହେବା ସମୟରେ ଏ ଶକ୍ତିର ଚାପ ତୁମ୍ଭ ପକ୍ଷରେ ଅସହ୍ୟ ଓ ଯନ୍ତ୍ରଣାଦାୟକ ହୁଏ। ତେଣୁ ଆବଶ୍ୟକୀୟ ଶକ୍ତି ଓ ପବିତ୍ରତା ବ୍ୟତୀତ ଶରୀର ବାହାରକୁ ନଯିବା ସକାଶେ ମୋର ପରାମର୍ଶ। ଏହି ଦୁଃସ୍ୱପ୍ନର ମୁକାବିଲା କରିବା ସକାଶେ ତୁମ୍ଭେ ଦୈହିକ ଶକ୍ତିର ପ୍ରତୀକ "ସ୍ମରଣ ଶକ୍ତି"ର ପ୍ରୟୋଗ କରିବାକୁ ଇଚ୍ଛାକର, କିନ୍ତୁ ଅମାପ ଶାରୀରିକ ବଳଥାଇ ଓ ମୁଷ୍ଟିଯୁଦ୍ଧରେ ପ୍ରଥମ ଶ୍ରେଣୀର ଯୋଦ୍ଧା ହୋଇ ମଧ୍ୟ ପ୍ରାଣ ସ୍ତରରେ ଦରକାର ହେଉଥିବା ଶକ୍ତି ନଥିଲେ ଜଣେ ସମ୍ପୂର୍ଣ୍ଣ ଶକ୍ତିହୀନ ହୋଇଯାଆନ୍ତି। ମାନସିକ ଦୁଃସ୍ୱପ୍ନରେ ମୁଣ୍ଡର ଭୟଙ୍କର ଦୂରାବସ୍ଥା ସକାଶେ ଜଣେ ପାଗଳ ହୋଇଯିବା ପରି ଅନୁଭୂତ ହୁଏ।

**(୧୦ ମାର୍ଚ୍ଚ, ୧୯୫୧)**

***ଜଣେ ନିଜର ଇଚ୍ଛାନୁଯାୟୀ ସ୍ୱପ୍ନକୁ ସଜାଇ ପାରେ କି ?***

***ମଧୁମୟୀ ମା, ଆପଣ କହିଛନ୍ତି ଯେ ସ୍ୱପ୍ନଗୁଡ଼ିକର ଗତି ବଦଳାଇବାକୁ ଜଣେ ନିଜର ଇଚ୍ଛାଶକ୍ତି ପ୍ରୟୋଗ କରିପାରେ।***

ହଁ, ମୁଁ ଥରେ ଏକଥା କହିଅଛି। ତୁମ୍ଭେ ସ୍ୱପ୍ନ ଦେଖିବାର ମଝିରେ ଯଦି କିଛି ଅଘଟଣ ଘଟେ, ତୁମ୍ଭେ ଏହାକୁ ଭଲ ପାଉନଥାଅ (ଉଦାହରଣ ସ୍ୱରୂପ ଜଣେ ଚିତ୍କାର କରି ତୁମ୍ଭଙ୍କୁ ମାରିବାକୁ ଆସୁଛି) ତୁମ୍ଭେ କୁହ, "ଏହା କିଛି କାମ କରିବ ନାହିଁ, ମୁଁ ମୋର ସ୍ୱପ୍ନକୁ ସେପରି ଦେଖିବାକୁ ଚାହୁଁନାହିଁ" ତେବେ ତୁମ୍ଭେ ସେହି କାର୍ଯ୍ୟ ବା ତା'ର ଶେଷ ପରିଣତିକୁ ବଦଳାଇ ଦେଇ ପାରିବ। ଜଣେ ତା'ର ସ୍ୱପ୍ନସବୁକୁ ସଜାଇ ରଖିପାରେ। ମାତ୍ର ଏହା କରିବାକୁ ହେଲେ ସ୍ୱପ୍ନ ଦେଖିବା ସଙ୍ଗେ ତୁମ୍ଭେ ସଚେତନ ଥିବା ଆବଶ୍ୟକ। ତୁମ୍ଭେ କି ସ୍ୱପ୍ନ ଦେଖୁଅଛ ସେ ବିଷୟରେ ମଧ୍ୟ ଜାଣିବା ଦରକାର।

***ମାତ୍ର ଏହି ସ୍ୱପ୍ନଗୁଡ଼ିକର କିଛି ପ୍ରାଧାନ୍ୟ ନାହିଁ। ଅଛି କି ?***

ହଁ, ସେମାନଙ୍କର ପ୍ରାଧାନ୍ୟ ଅଛି ଏବଂ ଘଟିବାକୁ ଥିବା ବିଷୟ ସମ୍ବନ୍ଧରେ ଜଣେ ସଚେତନ ଥିବା ଆବଶ୍ୟକ। ମନେକର ତୁମେ ପ୍ରାଣିକ ଜଗତରେ ଭ୍ରମଣ ସକାଶେ ଯାଇଅଛ, ତୁମ୍ଭଙ୍କୁ ଆକ୍ରମଣ

କରୁଥିବା ସତ୍ତାଗୁଡ଼ିକ ସଙ୍ଗେ ସେଠାରେ ତୁମ୍ଭେ ପରିଚିତ ହୁଅ, (ଏପରି ସାଧାରଣତଃ ହୋଇଥାଏ) ତୁମ୍ଭେ ଯଦି ଏହାକୁ ସ୍ୱପ୍ନ ବୋଲି ଜାଣିପାର ତେବେ ତୁମ୍ଭେ ପ୍ରାଣ ଶକ୍ତିକୁ ପ୍ରୟୋଗ କରି ଏହାକୁ ଜୟ କରିପାର। ଏହା ଗୋଟିଏ ସତ୍ୟାଧାରିତ ତଥ୍ୟ; ତୁମେ ଯଦି ଗୋଟିଏ ନିର୍ଦ୍ଦିଷ୍ଟ ମନୋବୃତ୍ତି, କଥା ଏବଂ ଆଧାରର ନିମ୍ନ ଚଳଣି ନେଇ କାର୍ଯ୍ୟ କରୁଥାଅ ତେବେ ସ୍ୱପ୍ନ ଦେଖିବା ସମୟରେ ତୁମ୍ଭେ ନ କରିବା କାର୍ଯ୍ୟ କରିଥାଅ।

ଯଦି ସ୍ୱପ୍ନରେ କେହି ତୁମ୍ଭଙ୍କୁ ମାରିଦିଏ ତାହାହେଲେ ସେଥିରେ କିଛି ଯାଏ ଆସେ ନାହିଁ, କାରଣ ଏହା ଗୋଟିଏ ସ୍ୱପ୍ନ ମାତ୍ର।

କ୍ଷମା କରିବେ। ସାଧାରଣ ଭାବରେ ତା' ପରିଦିନ ବା କେତେ ଦିନ ପରେ ତୁମ୍ଭେ ଅସୁସ୍ଥ ହୋଇଥାଅ। ଏହା ଏକ ତାଗିଦ ବୋଲି ଜାଣିବ। ସ୍ୱପ୍ନରେ ଆଖିରେ ଆଘାତ ଲାଗିଥିବା ଓ ତା'ର କେତେ ଦିନ ପରେ ନିଜର ଆଖି ହରାଇଥିବା ଜଣେ ବ୍ୟକ୍ତିଙ୍କୁ ମୁଁ ଜାଣେ। ମୁଁ ଥରେ ମୁହଁରେ ମାଡ଼ ହେଉଥିବା କଥା ସ୍ୱପ୍ନରେ ଦେଖିଲି। ତା' ପରଦିନ ସକାଳେ ମୁଁ ଉଠିଲା ସମୟରେ ମୋ ମୁହଁରେ ଠିକ୍ ସେହି ସ୍ଥାନରେ ଲାଲ ଚିହ୍ନ ଦେଖାଗଲା। ଏହା କପାଳରେ ଏବଂ ଗାଲରେ ମଧ୍ୟ ଦେଖାଯାଉଥିଲା। ଅପରିହାର୍ଯ୍ୟ ଭାବରେ ପ୍ରାଣିକ ସ୍ତରର ଏକ କ୍ଷତ ଦୈହିକ ପ୍ରକ୍ରିୟା ମଧ୍ୟରେ କାର୍ଯ୍ୟରେ ଅନୁଦିତ ହୋଇଗଲା।

***କିନ୍ତୁ କିପରି ଏହା ଘଟେ? ସେଥି ସକାଶେ କେହି ମଧ୍ୟସ୍ଥି ଥାଆନ୍ତି କି?***

ପ୍ରାଣିକ ସ୍ତରରେ ମୁଁ ପରାଜିତା ହୋଇଥିଲି। ଅନ୍ତର ପ୍ରଦେଶରୁ ଏହା ଆସିଥାଏ। କିଛି ମାତ୍ର ନଥିଲା। କେହି ମଧ୍ୟ ଏହାକୁ ସ୍ପର୍ଶ କରି ନଥିଲା। ପ୍ରାଣ ସ୍ତରରେ ହେଉଥିବା ଆଘାତର ଫଳ ଶରୀରରେ ପ୍ରକାଶିତ ହୁଏ। ଆମ୍ଭମାନଙ୍କର ଅସୁସ୍ଥତାର ଅଧିକାଂଶ ଏହି ଆଘାତର ଫଳ ଏବଂ ଏହି ହେତୁ ସେମାନେ ଜାଣି ପାରନ୍ତି ନାହିଁ ଯେ ସେମାନଙ୍କର ଅସୁସ୍ଥତାର ଶତକଡ଼ା ପଚାଶ ଭାଗ ପ୍ରାଣ ସ୍ତରରେ ସମ୍ଭୂତ ହୋଇଥାଏ। ମାନସିକ ଭାରସାମ୍ୟ ସ୍ଥିତିରେ ହଠାତ୍ ବ୍ୟତିକ୍ରମ, ଦୁର୍ଘଟଣା, ଯୁଦ୍ଧ ଏବଂ ମନ୍ଦ ଇଚ୍ଛା ଏହାର ଅନ୍ତର୍ଭୁକ୍ତ ବୋଲି ଜାଣିବ। ବାହ୍ୟ ପ୍ରକାଶରେ ଏଗୁଡ଼ିକ ଅସୁସ୍ଥତାରେ ପରିବର୍ତ୍ତିତ ହୁଅନ୍ତି। ଦୈହିକ ଆସ୍ଥାନ ଉପରେ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଜାଣି ପାରିଲେ ଜଣେ ତା'ର ଉତ୍ପତ୍ତିସ୍ଥଳ ପର୍ଯ୍ୟନ୍ତ ଅନୁଧ୍ୟାନ କରି କେତେ ଘଣ୍ଟା ମଧ୍ୟରେ ନିଜକୁ ସୁସ୍ଥ କରିପାରେ। (୨୯ ଏପ୍ରିଲ, ୧୯୫୩)

(୩)

**ଖାଦ୍ୟ ଓ ପାନୀୟ**

**ବଞ୍ଚିବା ପାଇଁ ଖାଦ୍ୟ ଗ୍ରହଣ କର।**

ବଞ୍ଚିବା ପାଇଁ ଖାଦ୍ୟ ଗ୍ରହଣ କର, ମାତ୍ର ଖାଇବା ସକାଶେ ଜୀବନ ଧାରଣ କର ନାହିଁ।

*

ଦୈହିକ ଚେତନା ମାଧ୍ୟମରେ ଖାଦ୍ୟ ପ୍ରତି ଲୋଭ, ଦରକାରୀ ବା ସୁଖକର ଜିନିଷପତ୍ର ସକାଶେ ଅହେତୁକ ଆକାଂକ୍ଷା ସାଧନା ପଥରେ ମୁଖ୍ୟ ପ୍ରତିବନ୍ଧକ ଭାବରେ ଆସନ୍ତି। ଲୋଭର ବଶବର୍ତ୍ତୀ ହୋଇ ତୁମ୍ଭେ ଯେଉଁ ସାମାନ୍ୟ ସନ୍ତୋଷ ପାଇଥାଅ ସେଗୁଡ଼ିକ ତୁମ୍ଭଙ୍କୁ ତୁମ୍ଭର ଲକ୍ଷ୍ୟଠାରୁ କେତେ ପାଦ ଦୂରକୁ ନେଇଯାଏ।

*

ଶରୀରର କ୍ଷୁଧା ନିବାରଣ ସକାଶେ ଜଣେ ସାଧକ ଆହାର ଗ୍ରହଣ କରିବେ, ଲୋଭର ବଶବର୍ତ୍ତୀ ହୋଇ ଖାଇବେ ନାହିଁ।

*

କୌଣସି ବସ୍ତୁର ପ୍ରାପ୍ତି ଇଚ୍ଛା କଲେ ତୁମ୍ଭେ ତୁମ୍ଭର କାମନା ଦ୍ୱାରା ଚାଳିତ ହୋଇଥାଅ, ଏହା ତୁମ୍ଭର ମନ ଓ ଜୀବନକୁ ଅଧିକାର କରେ, ଏବଂ ତୁମ୍ଭେ ଏଗୁଡ଼ିକର ଦାସତ୍ୱ ସ୍ୱୀକାର କରିନିଅ। ଖାଦ୍ୟ ପ୍ରତି ଲୋଭ ତୁମ୍ଭଙ୍କୁ ଖାଦ୍ୟ ସାମଗ୍ରୀର ପ୍ରଭୁ କରି ରଖେ ନାହିଁ, ଖାଦ୍ୟ ହିଁ ତୁମ୍ଭର ପ୍ରଭୁ ହୋଇଯାଏ।

ଖାଦ୍ୟ ଗ୍ରହଣରେ ସଂଯମ ଆଚରଣ ନକଲେ ତୁମ୍ଭେ ସବୁବେଳେ ଅସୁସ୍ଥ ହେବ।

*

ଖାଦ୍ୟ, ଲୋଭ ଓ କାମନାରେ ଜଡ଼ିତ ନହେବା ସକାଶେ ଆନ୍ତର ପ୍ରଦେଶର ଦୃଢ଼ତା ଆବଶ୍ୟକ। ଖାଦ୍ୟ ପରିମାଣର ହ୍ରାସ କିମ୍ବା ଉପବାସ କରିବା ଏହା କରି ପାରିବ ନାହିଁ। ଶରୀରର ଚଳଣି, ବଳ ଓ ସ୍ୱାସ୍ଥ୍ୟ ବୃଦ୍ଧି ସକାଶେ ଯଥେଷ୍ଟ ଖାଦ୍ୟ ଖାଇବା ଆବଶ୍ୟକ। ମାତ୍ର ଲୋଭ ଓ ବାସନାଠାରୁ ଏହାକୁ ଦୂରରେ ରଖିବାକୁ ହେବ।

*

ତୁମ୍ଭେ କେତେ ପରିମାଣରେ ଖାଦ୍ୟ ଖାଉଅଛ ଏବଂ ନିୟମିତ ଭାବରେ ଓ ଯଥେଷ୍ଟ ଶୋଇବାକୁ ସମୟ ପାଉଅଛ କି ନାହିଁ ଏକଥା ମୁଁ ଜାଣିବାକୁ ଚାହେଁ। ଏହି ଦୁଇଟି କଥାର ପ୍ରାଧାନ୍ୟ ଖୁବ୍ ବେଶୀ। କାରଣ ପୁଷ୍ଟିସାରହୀନ ଖାଦ୍ୟ ଓ ସ୍ୱଳ୍ପ ନିଦ୍ରା ଦ୍ୱାରା ଶରୀର ଓ ସ୍ନାୟୁଗୁଡ଼ିକୁ ଦୁର୍ବଳ କରିବା ସକାଶେ ଏ ଯୋଗ ସାଧକଙ୍କୁ ଅନୁମତି ଦିଏ ନାହିଁ।

*

ଇଚ୍ଛା ଶକ୍ତିର ବୃଦ୍ଧି ଦ୍ୱାରା ଜଣେ ସତ୍ୟର ସନ୍ଧାନ ପାଇପାରେ, ଉପବାସ ଦ୍ୱାରା ନୁହେଁ।

*

ଶରୀର ଉପରେ ଖାଦ୍ୟର ସାମଗ୍ରିକ ପ୍ରଭାବର ନବେ ଭାଗ ଇଚ୍ଛାଶକ୍ତିକୁ ଆଶ୍ରୟ କରି ରହିଥାଏ।

*

ପ୍ରକୃତ ପକ୍ଷରେ ମୁଁ ତୁମ୍ଭଙ୍କୁ ଭରସା ଦେଇ ପାରେ ଯେ ପାକସ୍ଥଳୀର ଯନ୍ତ୍ରଣା ଓ ଅନ୍ୟାନ୍ୟ କେତେକ ଅସୁବିଧାର ଶତକଡ଼ା ନବେଭାଗ ବିକୃତ ଚିନ୍ତା ଓ ଅଳୀକ କଳ୍ପନା ଦ୍ୱାରା ହୋଇଥାଏ। ମୁଁ ମନେକରେ ଏଗୁଡ଼ିକର ବୈଷୟିକ ଭିତ୍ତି ଅତ୍ୟନ୍ତ ନଗଣ୍ୟ।

**ଖାଦ୍ୟ ପ୍ରତି ଉଦାସୀନତା**

ସାଧାରଣ ଜୀବନ କାମନା ଓ ଲୋଭର ଚତୁର୍ଦ୍ଦିଗରେ ବୁଲୁଥାଏ। ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ଏମାନଙ୍କ ଦ୍ୱାରା କବଳିତ ହୋଇରହିଥାଏ, ସେତେଦିନ ପର୍ଯ୍ୟନ୍ତ ସ୍ଥାୟୀ ଉନ୍ନତିର ମାର୍ଗ ଅବରୁଦ୍ଧ ଥାଏ। ଏହି ବ୍ୟୁହ ମଧ୍ୟରୁ ବାହାରିବାର ଉପାୟ ଆବିଷ୍କାର କରାଯିବା ଦରକାର। ଉଦାହରଣ ସ୍ୱରୂପ ସାଧାରଣ ଜୀବନର ଦୈନନ୍ଦିନ ନିର୍ଘଣ୍ଟକୁ ଲକ୍ଷ୍ୟ କର। ଲୋକମାନେ କ'ଣ ଖାଇବେ, କେତେବେଳେ ଖାଇବେ ଏବଂ ଖାଦ୍ୟ ପରିମାଣ ତାଙ୍କ ସକାଶେ ଯଥେଷ୍ଟ କି? - ଏହି ଚିନ୍ତାରେ ବ୍ୟସ୍ତ ରହନ୍ତି। ଖାଦ୍ୟପ୍ରତି ଲୋଭକୁ ଏଡ଼ାଇଯିବା ସକାଶେ ଆଧାର ମଧ୍ୟରେ ଏକ ସମାନତା ଭାବର ଉଦ୍ରେକ ହେବା ଆବଶ୍ୟକ। ଏଥି ସହିତ ଜଣେ ଖାଦ୍ୟ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଉଦାସୀନ ରହିବା ସକାଶେ ମନୋବଳର ବୃଦ୍ଧି କରିବା ଦରକାର। ଖାଦ୍ୟ ଦିଆଗଲେ ଏହାକୁ ଗ୍ରହଣ କର, ଖାଦ୍ୟ ନ ମିଳିଲେ ବ୍ୟସ୍ତ ହୁଅ ନାହିଁ କିମ୍ବା ଖାଦ୍ୟ ସମ୍ବନ୍ଧରେ ଚିନ୍ତା କରନାହିଁ। ମାତ୍ର ଚିନ୍ତା ନାସ୍ତିସୂଚକ ନ ହେଉ। ସନ୍ୟାସୀମାନଙ୍କ ପରି ବିଭିନ୍ନ ମାର୍ଗ ଓ ପଦ୍ଧତିର ଅନୁସରଣ କରି ଉଦାସୀନ ରହିଲେ ମଧ୍ୟ ଏହା ଖାଦ୍ୟ ସକାଶେ ପୂର୍ବ କାମନା ଓ ଲୋଭର ବିନାଶ ସାଧନ କରିପାରେ ନାହିଁ। ଏଥି ପ୍ରତି ବୀତସ୍ପୃହ ହେବାର ଶୁଦ୍ଧ ମନୋବୃତ୍ତି ପୋଷଣ କର। ଏହାହିଁ ଏହାର ପ୍ରଧାନ କଥା। ନିଜ ଚେତନାରୁ ଖାଦ୍ୟ ଚିନ୍ତା ଫିଙ୍ଗିଦିଅ ଏବଂ ଏଥିପ୍ରତି ସାମାନ୍ୟତମ ଗୁରୁତ୍ୱ ଆରୋପ କରେ ନାହିଁ। (୧୯୩୦-୧୯୩୧)

**ଖାଦ୍ୟର ବିଚାର**

ଏହାପରେ ଅଭ୍ୟାସସବୁ। ଗୋଟିଏ ସୁଖପାଠ୍ୟ ବାକ୍ୟ ଅଛି। ମୁଁ ଏଇଟିକୁ ଖୁବ୍ ପସନ୍ଦ କରିଥିଲି। ଏଥିରେ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ କରା ହୋଇଥିଲା, "ନିଜର ଅଭ୍ୟାସଗୁଡ଼ିକ ସଙ୍ଗେ ଦୈହିକ ଭାବରେ ଜଡ଼ିତ ହେବାର ଅର୍ଥ କ'ଣ?" ଦୈହିକ ସତ୍ତାର କେଉଁ ଅଭ୍ୟାସଗୁଡ଼ିକୁ ଫିଙ୍ଗି ଦେବାକୁ ହେବ? ଏଗୁଡ଼ିକ ହେଲା ଭୟଙ୍କର ଓ ବିଷମ ଖାଦ୍ୟଗୁଡ଼ିକ ଯାହା ପ୍ରତି ପିଲାଦିନେ ତୁମ୍ଭର ଏକାନ୍ତ ଲୋଭ ଥିଲା, ଯେଉଁ ଖାଦ୍ୟ ତୁମ୍ଭେ ତୁମ୍ଭ ଜନ୍ମ ସ୍ଥାନରେ ଖାଉଥିଲ, ଏହି ଖାଦ୍ୟ ନପାଇଲେ ତୁମ୍ଭଙ୍କୁ ଆଉ କେଉଁ ଖାଦ୍ୟ ଭଲ ଲାଗୁନଥିଲା ଏବଂ ତୁମ୍ଭେ ଏଥି ନିମିତ୍ତ ଦୁଃଖିତ ଥିଲ।

ମୋର ବିଶ୍ୱାସ, ଆଶ୍ରମକୁ ଆସି ଆଶ୍ରମର ଖାଦ୍ୟକୁ "ଓ, ମୁଁ ଏପରି ଖାଦ୍ୟରେ ଅଭ୍ୟସ୍ତ ନୁହେଁ, ଏ ଖାଦ୍ୟ ରୁଚିକର ନୁହେଁ" ବୋଲି ନ କହିଥିବା ଦଶ/ବାର ଜଣ ବ୍ୟକ୍ତି ମଧ୍ୟ ଏଠାରେ ନଥିବେ। ଏହା ବାଦ୍ ଶତାଧିକ ବ୍ୟକ୍ତି ଆଶ୍ରମର ଖାଦ୍ୟ ଖାଇ ପାରିବେ ନାହିଁ ବୋଲି ନିଜର ଖାଦ୍ୟ ଅଲଗା ପ୍ରସ୍ତୁତ କରନ୍ତି। (ମା' ବହିଟିକୁ ଟୁଲ୍ ଉପରେ ରଖିଲେ, ତା' ପରେ କହିବାକୁ ଆରମ୍ଭ କଲେ।) ଖାଦ୍ୟ ପ୍ରସ୍ତୁତି ପରେ ସେମାନେ ଏହା କରିବାର ଯଥାର୍ଥତା ସମ୍ବନ୍ଧରେ କହନ୍ତି। ତେଣୁ ଏହି ଚିନ୍ତାଗୁଡ଼ିକ ବର୍ତ୍ତମାନ ଆସି କହୁଅଛନ୍ତି, "ମୋର ସ୍ୱାସ୍ଥ୍ୟ, ମୁଁ ଭଲ ଭାବରେ ହଜମ କରିପାରୁ ନାହିଁ।" ଏସବୁ କଥା ସେମାନଙ୍କର ମୁଣ୍ଡରେ କେବଳ ଥାଏ। ଏଥିରେ ଗୋଟିଏ ଶବ୍ଦ ମଧ୍ୟ ସତ୍ୟ ନୁହେଁ। ସତ୍ୟର ଗୋଟିଏ ଶବ୍ଦ ନାହିଁ। ଏହା ଗୋଟିଏ ଅନନ୍ତକାଳସ୍ଥାୟୀ ମିଥ୍ୟା ଯାହାକୁ ନେଇ ଲୋକମାନେ ବଞ୍ଚନ୍ତି। ଏହି କଥାରେ, ବାସ୍ତବିକ, ମୁଁ ତୁମ୍ଭଙ୍କୁ କହିପାରେ ଯେ ସମାଜର ଅନ୍ୟ ବ୍ୟକ୍ତିମାନଙ୍କଠାରୁ ତୁମ୍ଭେ ଅଧିକ ଉନ୍ନତି କରି ପାରିନାହଁ।

ଏହି ପ୍ରକାର ସ୍ଥିତିର ବ୍ୟତିକ୍ରମ କରି ଜୀବନଧାରଣ କରୁଥିବା ମୁଷ୍ଟିମେୟ ଲୋକଙ୍କ ପ୍ରତି ଏ ବିଚାର ଲାଗୁ ହେବ ନାହିଁ। ଏ ପ୍ରକାର ବ୍ୟକ୍ତିଙ୍କୁ ଆଙ୍ଗୁଠିରେ ଗଣି ହେବ। ସମସ୍ତେ ଏହି ଯଥାର୍ଥତା ପ୍ରତିପାଦନ କରନ୍ତି, "ବିଚାରା ଶିଶୁମାନେ, ସେମାନେ ଏ ପ୍ରକାର ଖାଦ୍ୟ ଖାଇବାରେ ଅଭ୍ୟସ୍ତ ନୁହନ୍ତି। କିପରି ଆମ୍ଭେମାନେ ଚଳିବା। ଖାଦ୍ୟର ଏପରି ପରିବର୍ତ୍ତନ ସକାଶେ ସେମାନେ ମରିଯିବେ।" ହଁ, ମୁଁ ଏଥି ସକାଶେ ଏକ ବ୍ୟବସ୍ଥା ଦେଇପାରେ। ତୁମେ ଗୋଟିଏ ନୌକା ବା ରେଳଗାଡ଼ି ଯୋଗେ ଅନେକ ଥର ପୃଥିବୀ ବୁଲି ଆସ। ତୁମ୍ଭେ ପ୍ରତ୍ୟେକ ଦେଶରେ ସେହି ଦେଶର ପ୍ରଚଳିତ ଖାଦ୍ୟ ଖାଇବ ଏବଂ ଏହି କାମ କେତେଥର କରି ସାରିବା ପରେ ତୁମ୍ଭେ ତୁମ୍ଭର ନିର୍ବୋଧତା କଥା ବୁଝି ପାରିବ। ଏକ ଭୟଙ୍କର ତମସାଚ୍ଛନ୍ନ ସ୍ଥିତି। ନିଜର ପାକଯନ୍ତ୍ରର ସ୍ୱଭାବସିଦ୍ଧ ଅଭ୍ୟାସ ପରି ଜଣେ ସେଥି ସହିତ ଜଡ଼ିତ ହୋଇ ରହିଥାଏ। (ମା' ହାତରେ କିଛି ସଙ୍କେତ ଦେଲେ)

**(ଜୁନ୍, ୧୯୫୪)**

***ଖାଦ୍ୟ : ପୁରୁଣା ଅଭ୍ୟାସ ସବୁ***

ମା' ଅନେକ ଦିନ ହେଲା ଆଶ୍ରମ ଏଠାରେ ଅଛି। କିନ୍ତୁ ଆପଣ କହୁଛନ୍ତି ଯେ କିଛି ଅଗ୍ରଗତି କରିଥିବା ଲୋକମାନଙ୍କୁ ଆପଣ ଆଙ୍ଗୁଠିରେ ଗଣି ଦେଇ ପାରିବେ!

ନା, ନା, ମୁଁ ସେପରି କହି ନାହିଁ। (ହସ) ମୁଁ କେବଳ ଖାଦ୍ୟ କଥା କହୁଥିଲି। ମୁଁ ସେହିମାନଙ୍କ କଥା କହୁଛି ଯେଉଁମାନେ ଏଠାକୁ ଆସିଥିଲେ ମାତ୍ର କିଛି କାର୍ଯ୍ୟର ପ୍ରାରମ୍ଭ କରି ନଥିଲେ। ଯେଉଁମାନେ କରିନଥିଲେ, ଏହା ଏକ କୌତୁହଳପ୍ରଦ ବିଷୟ। ସଦିଚ୍ଛାନେଇ ଅନେକ ଲୋକ ଆସନ୍ତି। ମୁଁ ମନେକରେ ମୁଁ ଏକଥା

ବୁଲେଟିନରେ କେଉଁଠାରେ ଲେଖିଅଛି । ସେମାନଙ୍କର ସଦିଚ୍ଛା ଏପରି ବଳବତ୍ତର ଯେ ସେମାନେ ଆସିବା ସମୟରେ ଖାଦ୍ୟ ସହିତ ସବୁଠିକ ଥାଏ । ନିଜର ଚୈତ୍ୟ ସଙ୍ଗେ ସଂଯୁକ୍ତ ଥିଲା ପର୍ଯ୍ୟନ୍ତ ସେମାନଙ୍କୁ ଏହା ଖୁବ୍ ଭଲ ଲାଗେ । ଯେତେବେଳେ ତାହା ନିମ୍ନାଭିମୁଖୀ ହୁଏ ସେତେବେଳେ ପୁରୁଣା ଅଭ୍ୟାସଗୁଡ଼ିକ ମୁଣ୍ଡଟେକି ଉଠନ୍ତି, ତୁମ୍ଭେ ଜାଣ, ଯେତେବେଳେ ଆତ୍ମିକ ଚେତନା ଅଧୋମୁଖୀ ହୁଏ ସେତେବେଳେ ପୁରୁଣା ଅଭ୍ୟାସ ସକଳ ସେମାନଙ୍କ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରନ୍ତି । ସେମାନେ କହନ୍ତି, "କି ଆଶ୍ଚର୍ଯ୍ୟ, ମୁଁ ଏଥିରେ ଅଭ୍ୟସ୍ତଥିଲି, ମାତ୍ର ମୋତେ ଏହା ଆଉ ଭଲ ଲାଗୁ ନାହିଁ । ଏ ଖାଦ୍ୟ ଖୁବ ଖରାପ ଲାଗିଲାଣି ।" ଏହା ଗୋଟିଏ ସନ୍ଧି ସମୟ ବା ମଧ୍ୟବର୍ତ୍ତୀ ସମୟ । ପରେ କେତେ ଦିନ ପରେ ସ୍ୱଭାବସୁଲଭ ଲଜ୍ଜାବଶତଃ ସେମାନେ କହନ୍ତି, (ମା' ଚୁପ୍ ଚୁପ୍ କ'ଣ କହିଲେ) "ମୁଁ କ'ଣ ମୋର ନିଜର ଖାଦ୍ୟ ପାଇବି ନାହିଁ? ମୁଁ ଠିକ୍ ଭାବରେ ଜାଣି ପାରୁ ନାହିଁ । ମୁଁ ଏ ଖାଦ୍ୟ ହଜମ କରିପାରୁ ନାହିଁ । (ମା' ହସିଲେ) । ମୁଁ ଏକଥା ଆଶ୍ରମ ଲୋକମାନଙ୍କ ମଧ୍ୟରେ କହେ । ମୁଁ ଏ ବିଷୟରେ ସ୍ଥିର ନିଶ୍ଚିତ ନୁହେଁ, କିନ୍ତୁ ଖୁବ୍ କମ ଲୋକ ଅଛନ୍ତି ଯେଉଁମାନେ ସେପରି କରି ନାହାନ୍ତି । ଏବଂ ସେମାନେ ନିଜକୁ ଲକ୍ଷ୍ୟ କରି କହୁଥିଲେ, "ମୋ ସକାଶେ ସମସ୍ତ ସମାନ, ମୋତେ ଯାହା ଦିଆଯାଏ ମୁଁ ତାହା ଖାଏ ଏବଂ ଏଥିନେଇ ସାମାନ୍ୟ ଚିନ୍ତା କରିନଥାଏ ।" ଏପରି କେତେ ଲୋକ ତୁମ୍ଭ ଆଙ୍ଗୁଠିରେ ଗଣି ହୋଇଯିବେ ।

ଆଲୋକିତ ପ୍ରାଣରେ ସମସ୍ତ ବିଷୟକୁ ଦେଖିବାକୁ ହେବ । ଏକଥା ତୁମ୍ଭେ ବୁଝି ପାରୁଅଛତ ? କେତେକ ବ୍ୟକ୍ତି କହିବାକୁ ସାହସ ବାନ୍ଧି ପାରନ୍ତି ନାହିଁ । ଅନେକ ବ୍ୟକ୍ତି କିଛି କହିବାକୁ ଇଚ୍ଛା କରନ୍ତି ନାହିଁ, ସାମାନ୍ୟ ଅସୁସ୍ଥ ହେଲେ, ପାଚନ କ୍ରିୟାରେ ଅସୁବିଧା ହେଲେ ବା ପାକଯନ୍ତ୍ରର ଅସୁବିଧା ବିଷୟରେ ସନ୍ଦେହ ହେଲେ କିମ୍ବା ବୈଦ୍ୟଙ୍କ ପାଖକୁ ଯିବା ସମୟରେ ଏସବୁ ସଂଜ୍ଞା ସେମାନଙ୍କୁ ପ୍ରଯୁଜ୍ୟ ହୁଏ ନାହିଁ । ବୈଦ୍ୟରାଜ କହନ୍ତି, "ଏଇଟା ଖାଅ, ସେଇଟା ଖାଅ, ଦେଖ କ'ଣ ହେଉଅଛି," । ଏସବୁ ଠିକ୍ ସେହି ପଦାର୍ଥ ଯାହାକୁ ଖାଇବାରେ ସେମାନେ ପୂର୍ବରୁ ଅଭ୍ୟସ୍ତ ଥିଲେ । ଡାକ୍ତର ପଚାରନ୍ତି, "ପୂବରୁ ତୁମ୍ଭେ କ'ଣ କ'ଣ ଖାଉଥିଲ ? (ମା' ହସିଲେ) । ଏପରି ଭାବରେ ଡାକ୍ତର ପଚାରନ୍ତି । ତା'ପରେ ସେମାନେ କହନ୍ତି, "ହଁ, ହଁ ସେସବୁ ମୋତେ ଭଲ କରିଦେବେ"(ହସ) **(ଜୁନ୍, ୧୯୫୪)**

***ଖାଦ୍ୟ ପ୍ରତି ଲାଳସା ବିଷୟରେ***

ତୁମ୍ଭେ ଅଭ୍ୟୁଦୟ ପଥରେ ଯିବାର ଇଚ୍ଛା କରି ଯୋଗ ମାର୍ଗରେ ପ୍ରବିଷ୍ଟ ହେଲେ ଏକ ନୂତନ ପରିସ୍ଥିତିର ଆବିର୍ଭାବ ହୁଏ । ତୁମ୍ଭର ଅଗ୍ରଗତି କରିବାର ଇଚ୍ଛା ପ୍ରକଟ ହେବା ସଙ୍ଗେ ସଙ୍ଗେ ତୁମ୍ଭ ମଧ୍ୟରେ ଏବଂ ତୁମ ଚାରିପାଖରେ ଆଗକୁ ଯିବା ସକାଶେ ପରାଙ୍ମୁଖ ଶକ୍ତିମାନଙ୍କର ବିରୋଧ ପ୍ରକଟିତ ହୁଏ । ଏମାନଙ୍କ ସଙ୍ଗେ ସାଲିସ କରିଥିବା ଚିନ୍ତାରାଜି ମଧ୍ୟରେ ଏହି ବିରୋଧାତ୍ମକ କ୍ରିୟା ଦୃଷ୍ଟ ହୁଏ ।

ମନେକର ଖାଦ୍ୟର ଲାଳସା ବିଷୟରେ ତୁମେ ଟିକିଏ ଆଗକୁ ଯିବା ସକାଶେ ଚେଷ୍ଟା କରୁଅଛ । ତୁମେ ଦେଖିବ ଯେ ଖାଦ୍ୟ ସହିତ ସଂଶ୍ଳିଷ୍ଟ କେତେକ ଚିନ୍ତା ତୁମ ମନକୁ ଆସୁଅଛି । କେଉଁ ଖାଦ୍ୟ କେତେ ପରିମାଣରେ ଓ କିପରି ଖିଆଯିବ ବା ଖାଇବାକୁ ହେବ ନାହିଁ ଏ ଚିନ୍ତା ତୁମ୍ଭଙ୍କୁ ଅଧିକାର କରେ । ଏଗୁଡ଼ିକ ସହଜ ଗତିରେ ତୁମ୍ଭ ପାଖକୁ ଆସନ୍ତି । ଏହା ପରେ ତୁମ୍ଭେ ନିଜକୁ କୁହ, "ଓଃ ମୁଁ କିପରି ଏଥିରୁ ମୁକ୍ତ ହେବି । ମୋର ଅଗ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି ହୋଇଅଛି । ଏହା କ'ଣ ପୂର୍ବ ନିର୍ଦ୍ଦିଷ୍ଟ କି ?" ଧୀର ଭାବରେ ସେଗୁଡ଼ିକ ଆସିବେ । ତୁମ୍ଭ ମଧ୍ୟରେ ଅଗ୍ରଗତି ହୋଇପାରିଲେ ଏବଂ ଚେତନାର ସମୁନ୍ନତ ସ୍ତରକୁ ଉଠି ଉର୍ଦ୍ଧ୍ୱଦେଶରୁ ତୁମ୍ଭେ ଏସବୁକୁ ଦେଖି ପାରିଲେ ସେମାନଙ୍କୁ ନିଜ ନିଜର ସ୍ଥାନରେ ସ୍ଥାନିତ କରିଦେଇ ପାରିବ । ବିଶ୍ୱରେ ଏସ୍ଥାନ କିଛି ବଡ଼ ନୁହେଁ ଏବଂ ଏପରି ଭାବରେ ସବୁ କାର୍ଯ୍ୟପ୍ରତି ଏହା ପ୍ରଯୁକ୍ତ ହୋଇପାରିବ । ଏପରି ପରିସ୍ଥିତିରେ ତୁମ୍ଭର କାର୍ଯ୍ୟସାମ୍ୟ ବିରୁଦ୍ଧାଚରଣ କରି ତୁମ୍ଭର ଚଳଣିର ବିପରୀତ କାମ କରେ, ଏବଂ ସମ୍ପୂର୍ଣ୍ଣ ବିପରୀତ କ୍ରିୟାତ୍ମକ ଶକ୍ତି ସଙ୍ଗେ ସମ୍ପର୍କ ସ୍ଥାପନ କରେ । ଏ କ୍ଷେତ୍ରରେ ପ୍ରଥମରୁ ଯଦି ତୁମ୍ଭେ ସକ୍ରିୟ ମନୋବୃତ୍ତିର ଅଧିକାରୀ ହୋଇ ନ ପାରିବ ତେବେ ତୁମ୍ଭର ମନୋଭୂମି ଏକ ଯୁଦ୍ଧକ୍ଷେତ୍ରରେ ପରିବର୍ତ୍ତିତ ହୋଇଯିବ ।

ଉପରସ୍ତରକୁ ଉଠିବାର ଉପାୟ ଯଦି ତୁମ୍ଭଙ୍କୁ ଜଣାଥାଏ, ସାଧାରଣ ମନୋଭୂମିକୁ ଉଠିଯାଇ ପାରିବାର ଶକ୍ତି ଯଦି ତୁମ୍ଭର ଥାଏ ତେବେ ତୁମ୍ଭେ ଏସବୁ ଖେଳ, ଦ୍ୱନ୍ଦ୍ୱ, ବିଦ୍ୱେଷ ଓ ବିରୋଧଭାବପ୍ରବଣ କାର୍ଯ୍ୟଗୁଡ଼ିକୁ କୌତୂହଳବଶତଃ ଦେଖିପାରିବ । ଏଗୁଡ଼ିକ ତୁମ୍ଭଙ୍କୁ ସ୍ପର୍ଶ କରିପାରିବେ ନାହିଁ କିମ୍ବା ତୁମ୍ଭ ଉପରେ କର୍ତ୍ତୃତ୍ୱ ଜାହିର କରି ପାରିବେ ନାହିଁ । ତୁମ୍ଭେ ଯଦି ଆଉ ଏକ ସୋପାନ ଆରୋହଣ କରି ତୁମ୍ଭର ଲକ୍ଷ୍ୟ ଆଡ଼କୁ ଚାହିଁବ ତେବେ ତୁମ୍ଭ ସାଧନାର ଅନୁକୂଳ ହେଉଥିବା ଚିନ୍ତାଧାରା ମଧ୍ୟରେ ପାର୍ଥକ୍ୟ ଜାଣି ପାରିବ, କେଉଁଟିକୁ ରଖିବାକୁ ହେବ ଓ କେଉଁଟିକୁ ଛାଡ଼ିବାକୁ ହେବ ତାହା ମଧ୍ୟ ଜାଣି ପାରିବ । ଉର୍ଦ୍ଧ୍ୱଦେଶରୁ ଅବତରଣ କରୁଥିବା ଶକ୍ତି ଏଗୁଡ଼ିକୁ ବାହାର କରି ଦେବା ସକାଶେ ଓହ୍ଲାଇ ଆସିବ, ମାତ୍ର ତୁମ୍ଭେ ଏମାନଙ୍କ ଦ୍ୱାରା ପ୍ରଭାବିତ ହେବ ନାହିଁ । ସେଠାରେ ତୁମ୍ଭେ ଯଦି ସନ୍ଦେହ ଓ ଦ୍ୱନ୍ଦ ମଧ୍ୟରେ ଥାଅ ତେବେ ମୁଣ୍ଡ ବିନ୍ଧିବା ସ୍ୱାଭାବିକ ଭାବରେ ଆସିବ ।

ନିଜକୁ ପଢ଼ିବା, କାର୍ଯ୍ୟ କରିବା, ଶାରୀରିକ ଶ୍ରମ କରିବା ଏବଂ କୌଣସି ବିଶେଷ ଅନୁଷ୍ଠାନରେ ନିଷ୍ଠାର ସହିତ ସଂଯୁକ୍ତ ରଖିବା ଦ୍ୱାରା ତୁମ୍ଭେ ଏକନିଷ୍ଠ ଭାବରେ ସାଧନା କରିପାରିବ, ଇତସ୍ତତଃ ବୁଲିବା ପ୍ରକ୍ରିୟାର ଶିକାର ହେବ ନାହିଁ । ମାତ୍ର ମୁଁ ଯେପରି କହିଥିଲି, ତୁମେ ଯଦି ସେହି ସ୍ଥାନରେ ରହିବାର ଯତ୍ନକର ଏବଂ ଦୁର୍ଭାଗ୍ୟବଶତଃ ସେମାନଙ୍କୁ ଲକ୍ଷ୍ୟ କରୁଥାଅ ତେବେ ତୁମ୍ଭେ ମୁଣ୍ଡବ୍ୟଥା ଭୋଗ କରିବ । ଏହି ସମସ୍ୟାଟି କାର୍ଯ୍ୟ କରିବାରେ ନିଜକୁ ସାମିଲ କରିବା, କୌଣସି କ୍ରିୟାତ୍ମକ ଯୋଜନାବଦ୍ଧ ପ୍ରଚେଷ୍ଟାରେ ନିଯୁକ୍ତ ହେବା ଏବଂ ସାଧନା

ସୋପାନରେ ଟିକିଏ ଉପରକୁ ଯାଇ ତଳେ ସଙ୍ଘଟିତ ହେଉଥିବା ବିଶୃଙ୍ଖଳାଗୁଡ଼ିକୁ ଲକ୍ଷ୍ୟକରି ସେଗୁଡ଼ିକର ସମାଧାନ ଓ ସେସବୁକୁ ସୁନିୟନ୍ତ୍ରିତ କରିବା ଦ୍ୱାରା ଦୂର ହୋଇଥାଏ। କିନ୍ତୁ ଜଣେ ସେହି ଗୋଟିଏ ସ୍ଥିତିରେ ରହିବା ଉଚିତ ନୁହେଁ। କାରଣ ଏହି ପର୍ଯ୍ୟାୟଟି ଶାରୀରିକ ବା ନୈତିକ ସ୍ୱାସ୍ଥ୍ୟ ସକାଶେ ଅନୁକୂଳ ନୁହେଁ।

***(୨୭ ଜୁନ୍ ୧୯୫୬)***

***ଶରୀରର ତଥା କଥିତ ଆବଶ୍ୟକତା***

ଦୈହିକ ଶରୀରର ଆବଶ୍ୟକତା ସମ୍ବନ୍ଧରେ ଶ୍ରୀଅରବିନ୍ଦ ଯୋଗ ସମନ୍ୱୟ ଗ୍ରନ୍ଥରେ କହିଅଛନ୍ତି। ଏଗୁଡ଼ିକ ଅତ୍ୟନ୍ତ ଦରକାରୀ ଏବଂ ନିଜସ୍ୱ ସତ୍ୟ ଉପରେ ଆଧାରିତ। ମାତ୍ର ଏହା ଆଂଶିକ ଆଲୋକ, ଜ୍ଞାନର ଛାୟାଛବି ଏବଂ ମିଥ୍ୟା ମଧ ହୋଇପାରେ।

ଏହା ସମସ୍ତ ଆଧୁନିକ ଚିନ୍ତାଧାରାର ବିରୁଦ୍ଧାଚରଣ କରୁଅଛି। ଶରୀରର ଆବଶ୍ୟକତା ଓ ଦାବି ସମ୍ପର୍କରେ ଲୋକମାନଙ୍କର ଧାରଣା ଏକ ପ୍ରତିଷ୍ଠିତ ନିୟମ ଉପରେ ପର୍ଯ୍ୟବସିତ। ଯଦି ଏହି ନିୟମ ପାଳିତ ନ ହୁଏ ତେବେ ସେମାନଙ୍କ ଦ୍ୱାରା କରାଯାଇଥିବା ଭୁଲର ଫଳ ଶରୀର ଭୋଗ କରିବ। ଶ୍ରୀଅରବିନ୍ଦ କହିଛନ୍ତି ଯେ ଏହି ଆବଶ୍ୟକତା ଗୁଡ଼ିକ ସେମାନଙ୍କର ସ୍ଥିତିରେ ଆଂଶିକ ଆଲୋକ ରେଖା ମାତ୍ର। କହିବାକୁ ଗଲେ ଏହା ପଦାର୍ଥମାନଙ୍କୁ ଦେଖିବା ସକାଶେ ଏକ ରାସ୍ତା; ସମୟ ସମୟରେ ଆଲୋକହୀନ ଏବଂ ସମ୍ପୂର୍ଣ୍ଣ ମିଥ୍ୟା।

ଯଦି କେହି ଯଥେଷ୍ଟ ମନୋଯୋଗ ସହ ଏହି ସମସ୍ୟାର ଅନୁଶୀଳନ କରନ୍ତି ତେବେ ମାନସିକ ପର୍ଯ୍ୟାୟ ଉପରେ ଏହି ଆବଶ୍ୟକତାଗୁଡ଼ିକ କେତେ ନିର୍ଭରଶୀଳ ତାହା ଜାଣି ପାରିବେ। ଖାଇବାର ଆବଶ୍ୟକତା କଥା ନିଆଯାଉ। ଏପରି ବ୍ୟକ୍ତିମାନେ ଅଛନ୍ତି ଯେଉଁମାନେ ଆଠଦିନ ନଖାଇଲେ ଭୋକରେ ମରିଯାଆନ୍ତି। ଅନ୍ୟମାନେ ଇଚ୍ଛାକୃତ ଭାବରେ ଏହା କରନ୍ତି, ଉପବାସ କରନ୍ତି ଏବଂ ଏହାକୁ ଯୋଗର ନିୟମ ଓ ଆବଶ୍ୟକତା ବୋଲି ଗ୍ରହଣ କରନ୍ତି। ଏମାନଙ୍କ ସକାଶେ ଆଠଦିନର ଉପବାସ ପରେ ଶରୀର ପୂର୍ବବତ୍ ସୁସ୍ଥ ଥାଏ। କ୍ଷେତ୍ର ବିଶେଷରେ ଅଧିକ ମାତ୍ରାରେ ସୁସ୍ଥ ଥାଏ।

ଶେଷରେ ଏହି ସବୁ ଧାରାକୁ ଅନୁପାତ ଓ ମାପବିଧି ନିୟନ୍ତ୍ରଣ କରେ। ଏକଥା ସତ୍ୟ ଯେ ଜଣେ ଖାଇବା ବିନା ବଞ୍ଚିପାରିବ ନାହିଁ। ମାତ୍ର ଏହା ମଧ ସେତିକି ସତ୍ୟ ଯେ ଲୋକମାନେ ଖାଇବା ବିଷୟରେ ପୋଷଣ କରୁଥିବା ଧାରଣା ସତ୍ୟ ନୁହେଁ। ଏହାର ସାମଗ୍ରିକ ବିଚାର ଆଲୋଚନା ଆବଶ୍ୟକ ଏବଂ ଶରୀର ସଙ୍ଗେ ମନର ସମ୍ପର୍କକୁ ମଧ ଗୁରୁତ୍ୱ ଦିଆଯିବା ଉଚିତ।

ଶରୀରର ବିଭିନ୍ନ ଆବଶ୍ୟକତାକୁ ସେମାନଙ୍କର ସ୍ଥାନରେ ଶ୍ରୀଅରବିନ୍ଦ ସତ୍ୟ ବୋଲି ଗ୍ରହଣ କରି ନାହାନ୍ତି। ଏହା ସତ୍ୟ ନୁହେଁ, ଏହା କେବଳ ତୁମ୍ଭମାନଙ୍କର ଏକ ଚିନ୍ତାଧାରା, ଏକ ମାନସିକ ଛାପ, ନିଜ ସଙ୍ଗେ ସତ୍ୟକୁ ଜଡ଼ିତ କରି ରଖିଥିବା ପଦାର୍ଥ ଏହା ନୁହେଁ ବୋଲି ଶ୍ରୀଅରବିନ୍ଦ କହନ୍ତି। ***(୧୬ ମେ ୧୯୫୬)***

**ଖାଦ୍ୟର ସକଳ ଆବଶ୍ୟକତାରୁ ମୁକ୍ତ ହୁଅ**

କେବଳ ଖାଦ୍ୟ ଖାଇବାରେ ଅଙ୍କୁଶ ଲଗାଇଦେଲେ ତୁମ୍ଭେ ଆଧାତ୍ମିକ ପ୍ରଗତି ହାସଲ କରିପାରିବ ନାହିଁ। ସବୁ ସମ୍ପର୍କ ଓ ବାସନା, ଖାଇବା ସକାଶେ ପୂର୍ବ ପ୍ରସ୍ତୁତି ତ୍ୟାଗ କରିବା ଏପରିକି ଖାଇବାର ଆବଶ୍ୟକତାରୁ ମୁକ୍ତି ପାଇବା, ଏଥି ନିମିତ୍ତ ଆବଶ୍ୟକ ହୋଇଥାଏ। ଏହି ସବୁ କର୍ମ ପ୍ରସ୍ତୁତି ତୁମ୍ଭର ଚେତନା ମଧରେ ବୈଦେଶିକ ଭାବରେ ଅବସ୍ଥାନ କରିବା ଉଚିତ। ଏମାନଙ୍କ ସକାଶେ କୌଣସି ସ୍ଥାନ ନିର୍ଦ୍ଦେଶ କରାଯାଇ ନପାରେ। ଏହି ସ୍ଥିତି ଦୃଢ଼ ହେଲେ ଜଣେ ଇଚ୍ଛାକୃତ ଭାବରେ ଓ ସରଳ ପ୍ରକ୍ରିୟା ମାଧମରେ ଖାଇବା ବନ୍ଦ କରିଦେଇ ପାରିବ। ଏହା ମଧ କୁହାଯାଇ ପାରେ ଯେ ମୌଳିକ ସର୍ତ୍ତଟି ହେଲା ଖାଇବା କଥା ଭୁଲିଯିବା। ଭୁଲିଯାଅ, କାରଣ ଆଧାରର ସବୁ ଶକ୍ତି ଏବଂ ନିଷ୍ଠା ଏକ ପୂର୍ଣ୍ଣତା ପ୍ରତି, ଆନ୍ତର ଔଜଲ୍ୟ ପ୍ରତି ଧାବମାନ ହୁଏ। ଏହି ସ୍ଥିର, ଅଧିକୃତ ବନ୍ଧନ ଆଧାର ସଙ୍ଗେ, କୋଷମାନଙ୍କ ମଧରେ, ଦିବ୍ୟ କମ୍ପନ ମାଧମରେ, ଓ ପ୍ରକାଶମାନ ଅତିମାନସ କ୍ରିୟା ମଧରେ କ୍ରିୟାଶୀଳ ଥାଏ। ଏହା ପ୍ରକାଶମାନ ଅତିମାନସ କ୍ରିୟା ମଧରେ କ୍ରିୟାଶୀଳ ଥାଏ। ଏହା ସତ୍ୟ ନିୟନ୍ତ୍ରିତ ଜୀବନର ଆଭାସ ଦିଏ, ଜୀବନର ଉଦ୍ଦେଶ୍ୟ ଓ ସୁରଭିତ କର୍ମସମ୍ଭାରର ପରିଚୟ ଦିଏ ଏବଂ ସର୍ବୋପରି ଜୀବନର ଆନୁସଙ୍ଗିକ ସକଳ ଆବଶ୍ୟକତା ପୂରଣ କରେ। ଜୀବନର ସକଳ ଆନନ୍ଦକୁ ମୂର୍ତ୍ତ କରିବାକୁ ପ୍ରଚେଷ୍ଟା କରେ।

ଯେତେବେଳେ ଏହି ସ୍ଥିତି ନିର୍ଦ୍ଦିଷ୍ଟ ହୋଇଯାଏ, ଏସବୁ ଯେତେବେଳେ ଅନୁଭବସିଦ୍ଧ ହୋଇଯାଏ ସେତେବେଳେ ଖାଇବା ନ ଖାଇବା, ଶୋଇବା ନ ଶୋଇବା ନିଜ ନିଜର ପ୍ରାଧାନ୍ୟ ହରାଇଥାଆନ୍ତି। ସାର୍ବଜନୀନ ବିଶ୍ୱ ଶକ୍ତିର ଏହା ଏକ ଛନ୍ଦୋବଦ୍ଧ ଗୀତି, ପରିସ୍ଥିତି ମାଧମରେ ପ୍ରକାଶମାନ ଏବଂ ବ୍ୟକ୍ତିମାନଙ୍କ ମଧରେ କ୍ରିୟାଶୀଳ, ସୃଜନାତ୍ମକ ପ୍ରକ୍ରିୟା। ଫଳରେ ଆନ୍ତର ସତ୍ୟ ସଙ୍ଗେ ଜଡ଼ିତ ଶରୀର ନମନୀୟ ଓ ଗ୍ରହଣଶୀଳ ହୋଇଯାଏ। ଖାଦ୍ୟ ମିଳିଲେ ଶରୀର ତାହା ଗ୍ରହଣ କରେ, ନ ମିଳିଲେ ସେଥି ସକାଶେ ଚିନ୍ତା କରେ ନାହିଁ। (୧୨ ଜୁନ, ୧୯୫୭)

***ଯଦି ଜଣେ ମାଂସାହାରୀ ହୁଏ***

"ଇନ୍ଦ୍ରିୟମାନଙ୍କୁ ସଂଯତ କରିବା ସକାଶେ ସ୍ୱଳ୍ପାହାର ସାହାଯ୍ୟ କରେ କି ?

" ନା, ଏହା ସେମାନଙ୍କୁ ମୁମୂର୍ଷୁ ଅବସ୍ଥାରେ ରଖିଥାଏ। ମଧମ ପରିମାଣର ଆହାର ସର୍ବୋତ୍ତମ ଅଟେ। ଉପବାସ କରୁଥିବା ଲୋକମାନେ ସହଜରେ ଗତିଶୀଳ ହୋଇଯାଆନ୍ତି। ସେମାନେ ନିଜର ଭାରସାମ୍ୟ ହରାଇ ବସନ୍ତି।"

ନିରାମିଷ ଭୋଜନ ଇନ୍ଦ୍ରିୟ ସଂଯମ ସକାଶେ ସହାୟକ ହୁଏ କି ?

"ମାଂସାହାରୀମାନେ ସମ୍ମୁଖୀନ ହେଉଥିବା କେତେକ ଅସୁବିଧାରୁ ଏହା ରକ୍ଷା କରିପାରେ, ମାତ୍ର ଏହା ନିଜେ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ।" - ଶ୍ରୀଅରବିନ୍ଦ (ଯୋଗର ମୂଳତତ୍ତ୍ୱ)

***ଆଉ କିଛି ପ୍ରଶ୍ନ ଅଛି କି?***

***ମାଂସ ଖାଇଲେ କ'ଣ ହୁଏ?***

ମୁଁ ତୁମ୍ଭମାନଙ୍କୁ ଗୋଟିଏ ଗପ କହିବି। ସାଧନା କରୁଥିବା ନିଜ ରୁଚି ଓ ଅଭ୍ୟାସ ଅନୁସାରେ ନିରାମିଷ ଭୋଜନ କରୁଥିବା ଜଣେ ସ୍ୱୀଡ଼େନବାସିନୀ ମହିଳାଙ୍କୁ ମୁଁ ଜାଣେ। ଦିନେ ତାଙ୍କୁ ନିମନ୍ତ୍ରଣ କରିଥିବା ବନ୍ଧୁମାନେ ତାଙ୍କୁ କୁକୁଡ଼ା ମାଂସ ରାତ୍ରୀଭୋଜନରେ ଖାଇବାକୁ ଦେଲେ। ସେ କିଛି ପାଟିତୁଣ୍ଡ ନକରି ମାଂସ ଖାଇଲେ। ପରେ ରାତିରେ ସେ ତାଙ୍କର ମୁଣ୍ଡ ଦୁଇଖଣ୍ଡ କାଠି ମଧ୍ୟରେ ଗୋଟିଏ ଛୋଟ ଟୋକେଇ ମଧ୍ୟରେ ଥିବାର ଦେଖିଲେ। ଏଗୁଡ଼ିକ ଥରୁଥିଲେ। ସେ ଅସ୍ୱସ୍ତି ଅନୁଭବ କଲେ। ପରେ ତାଙ୍କର ମୁଣ୍ଡ ତଳକୁ ଓ ଗୋଡ଼ ଉପରକୁ ଉଠି ଥରିବାକୁ ଲାଗିଲା। (ମା' ହସିଲେ) ସେ ଅତ୍ୟନ୍ତ ଦୁଃଖମୟ ପରିବେଶ ମଧ୍ୟରେ ଥିଲେ। ଏହି ସମୟରେ କେହି ଜଣେ ତାଙ୍କ ଶରୀରରୁ ବସ୍ତ୍ରଆଦି କାଢ଼ିନେଲେ ଏବଂ ଏହା ତାହାଙ୍କୁ ବହୁତ କଷ୍ଟକର ବୋଧ ହେଲା। ଆଉ ଜଣେ ଆସି ଛୁରୀ ଧରି ତାଙ୍କର ମୁଣ୍ଡର ଚମଡ଼ା ଛଡ଼ାଇବାରେ ଲାଗିଲା, ଏହି ମୁହୂର୍ତ୍ତରେ ସେ ଉଠି ପଡ଼ିଲେ। ସେ ମୋତେ ଏସବୁ କଥା କହିଲେ। ସେ ପୁଣି କହିଲେ ଯେ ଏଭଳି ଦୁଃସ୍ୱପ୍ନ ସେ କେବେହେଲେ ଦେଖି ନଥିଲେ, ଶୋଇବାକୁ ଯିବା ପୂର୍ବରୁ କିଛି ଚିନ୍ତା କରିନଥିଲେ ଏବଂ ଏହା ସେହି ବିଚାରା କୁକୁଡ଼ାର ଚେତନା ଯାହା ତାଙ୍କ ମଧ୍ୟରେ ପ୍ରବେଶ କରିଥିଲା। କୁକୁଡ଼ାଟି ହାଟକୁ ନିଆଯିବା ସମୟରେ ଯେଉଁ ଭୟଜଡ଼ିତ ଅବସ୍ଥାରେ ଥିଲା ସେ ମଧ୍ୟ ସେହି ଅବସ୍ଥା ଅନୁଭବ କରୁଥିଲେ। ବିକ୍ରି ସମୟରେ, ପରଗୁଡ଼ିକ ଟଣା ହେବା ସମୟରେ ଓ ବେକ କଟାଯିବା ସମୟରେ ଯନ୍ତ୍ରଣାର ଛାପ ମଧ୍ୟ ଏହି ମହିଳା ଜଣକ ଅନୁଭବ କରୁଥିଲେ। (ମା' ହସିଲେ)

ଏସବୁ ଏହିପରି ଘଟିଥାଏ। ଏଣୁ କହିବାକୁ ହେଉଛି ଯେ ତୁମ୍ଭେ ମାଂସ ଖାଇବା ସମୟରେ ସେହି ପଶୁଟିର ଚେତନାର କିଛି ଅଂଶ ମଧ୍ୟ ଖାଇଥାଅ। ଏହା ଏତେ ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ, ମାତ୍ର ଏହା ସବୁବେଳେ ସୁଖକର ହୁଏ ନାହିଁ। ଏହା ତୁମ୍ଭଙ୍କୁ ମନୁଷ୍ୟ ସଙ୍ଗରେ ଠିଆ ନକରାଇ ପଶୁ ପାଖରେ ଠିଆ କରାଇ ଦିଏ। ଆତ୍ମଜ୍ଞାନଠାରୁ ଦୂରରେ ରହି ପଶୁମାନଙ୍କର ନିକଟବର୍ତ୍ତୀଥିବା ଆଦିମ ଅଧିବାସୀମାନେ କଞ୍ଚାମାଂସ ଖାଉଥିଲେ ଏବଂ ଏହା ରନ୍ଧାଯାଇଥିବା ମାଂସଠାରୁ ବେଶୀ ଶକ୍ତି ପ୍ରଦାନ କରୁଥିଲା। ସେମାନେ ପଶୁ ମାରୁଥିଲେ, ଖଣ୍ଡ ଖଣ୍ଡ କରୁଥିଲେ ଏବଂ ବଳବାନଥିଲେ। ଆହୁରି ମଧ୍ୟ ସେମାନଙ୍କର ବୃହଦନ୍ତ୍ର ଓ କ୍ଷୁଦ୍ରାନ୍ତ୍ରର ଶେଷ ଭାଗରେ ଥିବା ଅଂଶବିଶେଷ ସେ ଯୁଗରେ ଅପେକ୍ଷାକୃତ ବଡ଼ଥିଲା ଏବଂ କଞ୍ଚାମାଂସ ହଜମ କରିବାରେ ସହାୟକ ହେଉଥିଲା। ପରବର୍ତ୍ତୀ ସମୟରେ ମନୁଷ୍ୟ ରାନ୍ଧିବାକୁ ଆରମ୍ଭ କଲା। ରନ୍ଧା ଜିନିଷ ସେମାନଙ୍କୁ ଭଲ ଲାଗିଲା ଓ ସେମାନେ ରନ୍ଧା ମାଂସ ଖାଇ ଚାଲିଲେ। ଫଳରେ ଉଭୟ ଅନ୍ତ୍ରର ନିମ୍ନାଂଶ ଛୋଟ ହୋଇଗଲା ଏବଂ ଆଉ କୌଣସି କାମରେ ଲାଗିପାରିଲା ନାହିଁ। ବର୍ତ୍ତମାନ ଏହି ନିମ୍ନାଂଶଟି ମନୁଷ୍ୟ ଉପରେ ବୋଝ ପରି ଲଦି ହୋଇଯାଇଅଛି ଏବଂ ସମୟ ସମୟରେ ଅସୁସ୍ଥତାର କାରଣ ହେଉଅଛି।

ଏଣୁ ତୁମ୍ଭମାନଙ୍କୁ କହିବାକୁ ହେଉଛି ଯେ ଖାଦ୍ୟର ଢାଞ୍ଚା ବଦଳାଇବାର ଏବଂ ମାଂସଭକ୍ଷଣରେ କମ୍ ରୁଚି ରଖିବାର ସମୟ ଆସିଲାଣି। ଏହା ନିଜ ନିଜର ଚେତନା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଅଟେ। ସାଧାରଣ ସ୍ତର ଓ ମାନରେ ବଞ୍ଚୁଥିବା, ନିମ୍ନମାନର ଜୀବନ କଟାଉଥିବା, ସାଧାରଣ କାମ କରୁଥିବା, ପେଟପୋଷିବା ଛଡ଼ା ଆଉକିଛି ଜାଣି ନଥିବା, ନିଜକୁ ପ୍ରସ୍ତୁତ ରଖିବା, ନିଜ ପରିବାରର ସଦସ୍ୟମାନଙ୍କର ଯତ୍ନ ନେଉଥିବା ଲୋକମାନଙ୍କର ମାଂସ ଭକ୍ଷଣରେ ଦୋଷ ନାହିଁ। ଯାହା ଖାଇଲେ ମଧ୍ୟ ତାଙ୍କ ସକାଶେ ସେ ସବୁ ଭଲ। ଯାହା ସେମାନଙ୍କର ସ୍ୱାସ୍ଥ୍ୟର ଅନୁକୂଳ ଓ ମଙ୍ଗଳକର ସେପରି ଖାଦ୍ୟ ସେମାନେ ଖାଇପାରନ୍ତି।

ଯଦି ଜଣେ ସାଧାରଣ ଜୀବନର ନିୟମ ତ୍ୟାଗ କରି ଉଚ୍ଚତର ଜୀବନ ଲାଭ କରିବାକୁ ଇଚ୍ଛାକରେ ତେବେ ଏକ କୌତୂହଳଜନକ ସମସ୍ୟା ଉଭା ହୋଇଯାଏ। ଏକ ଉଚ୍ଚତର ଜୀବନର ଅଧିକାରୀ ହେବାପରେ ଯଦି ରୂପାନ୍ତର ସକାଶେ ପ୍ରସ୍ତୁତ ହୁଏ ତେବେ ଏହାର ଗୁରୁତ୍ୱ ଓ ପ୍ରାଧାନ୍ୟ ବଢ଼ିଯାଏ। ଏପରି ଖାଦ୍ୟ ଅଛି ଯାହା ଶରୀରକୁ ରହସ୍ୟମୟ କରିଦେଇ ପାରେ ଏବଂ ଏପରି ଖାଦ୍ୟ ଅଛି ଯାହା ଶରୀରକୁ ପଶୁ ସ୍ତରରେ ରଖିଥାଏ। ଏକ ନିର୍ଦ୍ଦିଷ୍ଟ ସମୟରେ ଏହାର ଗୁରୁତ୍ୱ ଅନୁଭୂତ ହୁଏ, ଏହା ପୂର୍ବରୁ ନୁହେଁ। ମାତ୍ର ସେହି ମୁହୂର୍ତ୍ତର ସଦୁପଯୋଗ କରିବା ପୂର୍ବରୁ ଆହୁରି ଅନେକ କିଛି କରିବାକୁ ହୁଏ। ଶରୀରକୁ ଶୋଧନ ଓ ପବିତ୍ର କରିବାକୁ ଚିନ୍ତା କରିବା ପୂର୍ବରୁ ମନ ଓ ପ୍ରାଣକୁ ପବିତ୍ର କରିବା ଆବଶ୍ୟକ। ତୁମ୍ଭେ ଯଦି ଯଥେଷ୍ଟ ସାବଧାନ ହୋଇ ତୁମ୍ଭ ଶରୀରକୁ ଶୋଧନ କରିବା ଦ୍ରବ୍ୟ ବ୍ୟତୀତ ଅନ୍ୟ କିଛି ଗ୍ରହଣ ନ କରିବାକୁ ସ୍ଥିର କର, ତୁମର ମନ ଓ ପ୍ରାଣ ଯଦି କାମନା, ନିଶ୍ଚେତନା, ଅନ୍ଧକାର ଓ ପ୍ରବଳ ଆବେଗ ମଧ୍ୟରେ ବୁଡ଼ି ରହିଥାଏ ତେବେ ଏହା କିଛି ଫଳ ଦିଏ ନାହିଁ। ତୁମ୍ଭର ଶରୀର ଦୁର୍ବଳ ହେବ, ଆନ୍ତର ସତ୍ତାରୁ ବିଚ୍ୟୁତ ହେବ ଏବଂ ଏକ ସୁନ୍ଦର ସକାଳେ ଏହା ଅସୁସ୍ଥ ହୋଇ ପଡ଼ିବ।

ଜଣେ ଅନ୍ତରରୁ ଆରମ୍ଭ କରିବା ଉଚିତ। ମୁଁ ତୁମ୍ଭମାନଙ୍କୁ ଥରେ ଏକଥା କହିଅଛି। ଉର୍ଦ୍ଧ୍ୱରୁ ଆରମ୍ଭ କରିବାକୁ ହେବ, ପ୍ରଥମେ

ଉପରସ୍ତରକୁ ଓ ପରେ ନିମ୍ନ ସ୍ତରକୁ ଶୋଧନ କର। ଶରୀରର ନିମ୍ନାଭିମୁଖୀ ଗତିବିଧି ସଙ୍ଗେ ସଂଶ୍ଳିଷ୍ଟ ହେବା କଥା ମୁଁ କହୁନାହିଁ। ମୁଁ ତୁମ୍ଭମାନଙ୍କୁ ଯାହା କହୁଅଛି, ଏହା ତାହା ନୁହେଁ। କାମନା ବାସନା ଉପରେ କର୍ତ୍ତୃତ୍ୱ ନ ରଖିବାକୁ ମୁଁ ପରାମର୍ଶ ଦେଉନାହିଁ। ଏହା କେବେ ହେଲେ ସେପରି ନୁହେଁ। ନିଜର ମନ ଓ ପ୍ରାଣିକ ସ୍ତରରେ ଦେବଦୂତଙ୍କର ସାମାନ୍ୟତମ ଅଂଶ ନ ହୋଇ, ନିଜ ଶରୀରରେ ଦେବଦୂତର ମର୍ଯ୍ୟାଦା ଖୋଜ ନାହିଁ। ଏହା ତୁମ୍ଭଙ୍କୁ ପ୍ରଚଳିତ ଧାରାରରୁ ପଥଚ୍ୟୁତ କରିଦେବ। ମାତ୍ର ପ୍ରକୃତ ଧାରାରୁ ହଟାଇ ଦେଇ ପାରିବ ନାହିଁ। ସେଦିନ ଆମ୍ଭେମାନେ ଭାରସାମ୍ୟ ରକ୍ଷା ବିଷୟରେ କଥାବାର୍ତ୍ତା ହେଉଥିଲେ। ଏହା ରକ୍ଷା କରିବା ସବୁଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର। ଆଚ୍ଛା, ଭାରସାମ୍ୟର ସନ୍ତୁଳନ ରକ୍ଷା କରିବା ସକାଶେ ସମସ୍ତ ବିଭାବଗୁଡ଼ିକର ବିକାଶ ଏକ ସମୟରେ ହେବା ବିଧେୟ। ଆଧାରର ଗୋଟିଏ ଅଂଶକୁ ଅନ୍ଧକାର ମଧ୍ୟରେ ରଖି ଅନ୍ୟ ଗୋଟିଏ ଅଂଶକୁ ଆଲୋକକୁ ଆଣିବାର ପ୍ରୟାସ କରିବ ନାହିଁ। କୌଣସି ଗୋଟିଏ କୋଣକୁ ଅନ୍ଧକାରାବୃତ ନ କରିବାକୁ ଚେଷ୍ଟା କରିବ। ଏଥିରେ ହିଁ ତୁମ୍ଭର ସଫଳତା।

**ଆଶ୍ରମରେ କେତେଦିନ ତଳେ କାହିଁକି ଅଣ୍ଡା ବାରଣ କରାଯାଇଥିଲା? ବର୍ତ୍ତମାନ ଅଣ୍ଡା ଦିଆଯାଉଅଛି।**

**ଅଣ୍ଡା ବାରଣ କରାଯାଇଥିଲା?**

ମୁଁ ଜାଣେ ନାହିଁ। ଆମ୍ଭମାନଙ୍କୁ ସେପରି କୁହାଯାଇଅଛି। ଲୋକମାନେ ବହୁତ କଥା କହନ୍ତି। ମାତ୍ର ସେସବୁ ସକାଶେ ମୁଁ ଦାୟୀ ହେବି ନାହିଁ। (ମା' ହସିଲେ)। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅଣ୍ଡା ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ଅଣ୍ଡା ଦେବା ସକାଶେ ମନା କରିଥିବାର ମୁଁ ସ୍ମରଣ କରି ପାରୁ ନାହିଁ। ମାତ୍ର କେହି ଆସି ଲୋଭ କରି ବା ଖୁସିରେ କିଛି ମାଗିଲେ ମୁଁ ପୂର୍ବ ଦିନମାନଙ୍କ ପରି ଆଜି ମଧ୍ୟ ମନା କରିଦିଏ। ସ୍ୱାସ୍ଥ୍ୟ ଓ ଶାରୀରିକ ସନ୍ତୁଳନ ରକ୍ଷା କରିବା ସକାଶେ ନିର୍ଦ୍ଦିଷ୍ଟ ବସ୍ତୁ ଦିଆଯାଏ। ମାଂସ ଦରକାର କରୁଥିବା ବ୍ୟକ୍ତିଙ୍କୁ ମୁଁ କେବେ ମାଂସ ଦେବାକୁ ମନା କରି ନାହିଁ। ଏପରି ଲୋକଥିଲେ ଯାହାଙ୍କର ମାଂସ ଦରକାର ଥିଲା ଓ ସେମାନେ ଖାଇଥିଲେ। କିନ୍ତୁ ଯଦି ଜଣେ ତାଙ୍କର ବାସନା ପୂରଣ ସକାଶେ ଆସନ୍ତି ଓ ମୋତେ କିଛି ମାଗନ୍ତି ମୁଁ 'ନାହିଁ' କରିଦିଏ। ଏହା ଆଇସକ୍ରିମ ହେଉ ବା ଅନ୍ୟ କୌଣସି ଜିନିଷ ହେଉ। (ହସ)

***ଅଣ୍ଡା ଖାଇବା ସମୟରେ ଜଣେ ତା' ଭିତରେ ଥିବା କୁକୁଡ଼ା ଛୁଆକୁ ଖାଆନ୍ତି ନାହିଁକି?***

କୁକୁଡ଼ା ଛୁଆ ସେ ପର୍ଯ୍ୟନ୍ତ ତିଆରି ହୋଇନଥାଏ। କୁକୁଡ଼ାର ଚେତନା ମଧ୍ୟ ସେଥିରେ ନଥାଏ। କୁକୁଡ଼ା ଛୁଆଟି ତିଆରି ହେଲା ଆଗରୁ ଜଣେ ଅଣ୍ଡା ଖାଇବା ଉଚିତ।

***ମଧୁମୟୀ ମା, ଯଦି କୁକୁଡ଼ା ଛୁଆର ଯନ୍ତ୍ରଣା ଆମ୍ଭମାନଙ୍କୁ ଆକ୍ରମଣ କରିପାରେ, ସେହିପରି ବିଟମୂଳ ବା ମୂଳାଜାତୀୟ ଖାଦ୍ୟ କରେ କି?***

ଏସବୁ ସକାଶେ ବିଟ ଅପେକ୍ଷା କୁକୁଡ଼ା ବେଶୀ ସଚେତନ ବୋଲି ମୁଁ ବିଶ୍ୱାସ କରେ (ହସିବା)। କିନ୍ତୁ ମୁଁ ତୁମ୍ଭଙ୍କୁ ମୋର ଅଭିଜ୍ଞତାରୁ କହିବି। ମୁଁ କେବଳ ଭାବୁଥିଲି, ଏହା ଏତେ ସାଧାରଣ କଥା ନୁହେଁ।

ଟୋକିଓରେ ମୋର ଗୋଟିଏ ବଗିଚା ଥିଲା ଓ ମୁଁ ନିଜେ ଏ ବଗିଚାରେ ପନିପରିବା ଚାଷ କରୁଥିଲି। ମୋର ବଗିଚାଟି ଅପେକ୍ଷାକୃତ ବଡ଼ଥିଲା, ଅନେକ ଜାତିର ପନିପରିବା ମଧ୍ୟଥିଲା। ସବୁଦିନ ସକାଳେ ଗଛଗୁଡ଼ିକର ପାଣି ଦେଇ ମୁଁ ବୁଲିବାକୁ ଚାଲିଯାଏ। ଯେଉଁ ଫଳଟିକୁ ମୁଁ ଖାଇବାକୁ ନେବି ସେଇଟିକୁ ମୁଁ ବୁଲିବୁଲି ଖୋଜୁଥାଏ, କଳ୍ପନା ଚକ୍ଷୁରେ ଦେଖ, କେତେକ ପରିବା ମୋତେ କହିଲେ, "ନା, ନା, ନା, ନା"। ଏହା ପରେ ଅନ୍ୟ ପରିବାଗୁଡ଼ିକ ମତେ ଡାକିଲେ, ମୁଁ ସେମାନଙ୍କୁ ଦୂରରୁ ଦେଖିଲି। ସେମାନେ କହୁଥିଲେ, "ମୋତେ ନିଅ, ମୋତେ ନିଅ, ମୋତେ ନିଅ"। ସରଳ ଭାବରେ ଯେଉଁଗୁଡ଼ିକ ଯିବାକୁ ଚାହୁଁଥିଲେ ମୁଁ ସେଗୁଡ଼ିକୁ ନେଲି ଓ ସମ୍ମତି ଦେଇ ନଥିବା ପରିବାକୁ ସ୍ପର୍ଶ ମଧ୍ୟ କରିନଥିଲି। ମୁଁ ଭାବୁଥିଲି ଏହା ଏକ ସାଧାରଣ କଥା। ମୁଁ ମୋର ଗଛଗୁଡ଼ିକୁ ଖୁବ୍ ଭଲ ପାଉଥିଲି, ତାଙ୍କର ଯତ୍ନ ନେଉଥିଲି, ପାଣିଦେବା ସମୟରେ ସେଗୁଡ଼ିକ ମଧ୍ୟରେ ଚେତନାର ସ୍ପର୍ଶ ଦେଉଥିଲି ଏବଂ ପରିଷ୍କାର କରୁଥିଲି। ସମ୍ଭବତଃ ସେମାନଙ୍କର କିଛି ବିଶେଷ ଶକ୍ତିଥିଲା ବୋଲି ମୁଁ ଭାବୁଥିଲି।

ଫ୍ରାନ୍ସରେ ମଧ୍ୟ ସେଇ ଏକା କଥା। ଦକ୍ଷିଣ ଫ୍ରାନ୍ସରେ ମୋର ଏକ ବଗିଚାଥିଲା। ସେଥିରେ ମୁଁ ମୂଳା ଜାତୀୟ ପରିବା ଚାଷ କରୁଥିଲି। ସେଗୁଡ଼ିକ ମଧ୍ୟରୁ କେତେକ ଖୁବ୍ ଆନନ୍ଦିତ ଥିଲେ ଏବଂ ଭୋଜନରେ ପରିବର୍ତ୍ତୀ ହେବାକୁ ଚାହୁଁଥିଲେ। ଆହୁରି କେତେକ "ନା, ନା, ନା, ମୋତେ ସ୍ପର୍ଶ କରନାହିଁ, ମୋତେ ସ୍ପର୍ଶ କର ନାହିଁ" ବୋଲି କହୁଥିଲେ (ହସିବା)

***ମଧୁମୟୀ ମା', ସେଗୁଡ଼ିକ କାହିଁକି ସେପରି କହୁଥିଲେ?***

ଭଲ କଥା, ମୁଁ ଟିକିନିଖି ପରୀକ୍ଷା କରି ଦେଖିଛି ମାତ୍ର ପରୀକ୍ଷାର ଫଳ ଏକ ପ୍ରକାର ନଥିଲା। କେତେକ କ୍ଷେତ୍ରରେ ଗଛଟି ଭୋଜନ ଯୋଗ୍ୟ ନ ଥିଲା। ଭଲ ନଥିଲା, ଶକ୍ତ କିମ୍ବା ପିତା ଥିଲା ଏବଂ ଖାଇବା ସକାଶେ ଉପଯୁକ୍ତ ନଥିଲା। ଅନ୍ୟ ସମୟରେ ଏଗୁଡ଼ିକ ପ୍ରସ୍ତୁତ ନଥିଲେ, ତୋଳିବା ସମୟ ଆସି ନଥିଲା ଏବଂ ଏଗୁଡ଼ିକ ପାକଳ ହୋଇ ନଥିଲେ। ଦିନେ ଦୁଇଦିନ ଅପେକ୍ଷା କରିବା ପରେ ଏଗୁଡ଼ିକ କହିଲେ, "ମୋତେ ନିଅ, ମୋତେ ନିଅ, ମୋତେ ନିଅ।" ହସିବା (୨୩ ଜୁନ, ୧୯୫୪)

**ଆସନ୍ତା କାଲିର ଖାଦ୍ୟ**

ଆସନ୍ତା କାଲିର ଖାଦ୍ୟ ସକାଶେ କିଛି ପ୍ରଯତ୍ନ କରାଯିବ। ଏଗୁଡ଼ିକ ହଜମହେବା ସକାଶେ ପରିଶ୍ରମର ଅପେକ୍ଷା କରନ୍ତି, ଜଣେ ଲୋକଙ୍କର ବହୁ ସମୟ ଓ ଶକ୍ତି ଦରକାର କରନ୍ତି। ଏଗୁଡ଼ିକ ପୂର୍ବରୁ ହେବା ଉଚିତ। ଶୀଘ୍ର ହଜମ ହେଉଥିବା କିଛି ଖାଦ୍ୟ ତୁମ୍ଭଙ୍କୁ ଦିଆଯିବା ଉଚିତ। ଆଜିକାଲି ଯେପରି ସହଜ ପାଚ୍ୟ ଭିଟାମିନ ଦିଆଯାଉଅଛି। ସ୍ନେହସାର ଓ ପୁଷ୍ଟିସାରଯୁକ୍ତ ଏଗୁଡ଼ିକ ଗୁରୁପାକ ନୁହନ୍ତି ଓ ଏଥିରୁ ଅନେକଗୁଡ଼ିଏ ଅଳ୍ପ ସମୟରେ ହଜମ ହୋଇଯାଏ। ବର୍ତ୍ତମାନ ରସାୟନ ବିଜ୍ଞାନ ଦୃଷ୍ଟିରୁ ସେମାନେ କର୍ମକୁଶଳ ଏବଂ ଜଟିଳ ସୂତ୍ରକୁ ସରଳୀକରଣ କରିବାକୁ ସମର୍ଥ। ଲୋକମାନେ ଏହାକୁ ଚାହାନ୍ତି ନାହିଁ କାରଣ ଖାଇବାରେ ସେମାନେ ଆନନ୍ଦ ପାଇଥାନ୍ତି। ଜଣେ ପୁଷ୍ଟିକାରକ ଜିନିଷ ଇଚ୍ଛା କରେ ଏବଂ ଏଥିସକାଶେ ବହୁ ସମୟ ନଷ୍ଟ କରେ ନାହିଁ। ତୁମ୍ଭେମାନେ ଖାଇବା ସକାଶେ ବହୁ ସମୟ ନଷ୍ଟ କରିଥାଅ। ହଜମ ପ୍ରକ୍ରିୟାରେ ଓ ଆଉକିଛି ଆନୁସଙ୍ଗିକ କାର୍ଯ୍ୟରେ ମଧ୍ୟ ଏ କଥାଟି ସତ୍ୟ। ***(୩୦ ଡିସେମ୍ବର ୧୯୬୭)***

**ଦେବତାଙ୍କ ସକାଶେ ଖାଦ୍ୟର ନୈବେଦ୍ୟ**

ଦୁର୍ଭାଗ୍ୟବଶତଃ ଆମ୍ଭେମାନେ ବଞ୍ଚିବା ସକାଶେ ଖାଦ୍ୟ ଉପରେ ନିର୍ଭର କରୁ। ପ୍ରତିଦିନ ନିରବଚ୍ଛିନ୍ନ ଭାବରେ ଖାଦ୍ୟ ସଙ୍ଗେ ଆମ୍ଭେମାନେ ନିଶ୍ଚେତନାର ବହୁଳ ଅଂଶ ଗ୍ରହଣ କରିଥାଉ। ଅଜ୍ଞାନ, ଗୁରୁ ଦାୟିତ୍ୱ ଓ ନିର୍ବୋଧତା ମଧ୍ୟ ଏହାର ସଙ୍ଗୀ ହୋଇଥାଆନ୍ତି। ଜଣେ ଅନ୍ୟକିଛି କରି ପାରିବ ନାହିଁ। ଏଥି ନିମିତ୍ତ ଆମ୍ଭେମାନେ ସବୁ ସମୟରେ ଓ ଅବ୍ୟାହତ ଭାବରେ ସମ୍ପୂର୍ଣ୍ଣ ସତର୍କ ରହିବାକୁ ହେବ। ଶରୀର ମଧ୍ୟରେ କୌଣସି ବସ୍ତୁ ପ୍ରବିଷ୍ଟ ହେଲେ ଏଥିରେ ଥିବା ଆଲୋକକୁ ଗ୍ରହଣ କରି ଆମ୍ଭମାନଙ୍କର ଚେତନାର ସ୍ତରକୁ ଧୂମାୟିତ କରୁଥିବା ସମସ୍ତ ବସ୍ତୁକୁ ତ୍ୟାଗ କରିବାକୁ ହେବ। ଦେବତାଙ୍କ ଉଦ୍ଦେଶ୍ୟରେ ଭୋଜନ ପୂର୍ବରୁ ଖାଦ୍ୟ ନୈବେଦ୍ୟ କରିବାର ଧାର୍ମିକ ପରମ୍ପରାର ଏହା ମୂଳ ଓ ମାର୍ମିକ ବ୍ୟାଖ୍ୟା ବୋଲି ଗ୍ରହଣ କରାଯାଏ। ଖାଇବା ପୂର୍ବରୁ ଖାଦ୍ୟ ମାନବୀୟ ଅହଙ୍କାରର ପ୍ରତୀକ ନ ହେଉ ବୋଲି ଆସ୍ପୃହା ପୋଷଣ କରିବା ଉଚିତ। ବରଂ ଏହା ନିଜ ମଧ୍ୟରେ ବିଦ୍ୟମାନଥିବା ଈଶ୍ୱରୀୟ ବିଭୂତି ବିମଣ୍ଡିତ ଚେତନା ପ୍ରତି ସମର୍ପିତ ହେବା ମଙ୍ଗଳକର ହୁଏ। ସବୁ ଯୋଗ ଓ ଧର୍ମରେ ଏହି ବିଚାର ପ୍ରତି ଗୁରୁତ୍ୱ ଆରୋପ କରାଯାଇଥାଏ। ଚେତନା ସଙ୍ଗେ ସୁସମ୍ପର୍କ ସ୍ଥାପନ କରିବା ରୀତିରେ ଏହା ମୂଳକଥା, ଦୈନନ୍ଦିନ ଖାଦ୍ୟ ମାଧ୍ୟମରେ ନିଶ୍ଚେତନାର ପ୍ରବେଶକୁ ଯେତେ ଦୂର ସମ୍ଭବ ପ୍ରତିରୋଧ କରିବା ଏହାର ଆଉ ଏକ ସାରଣୀ। ନିଜେ ଏ ବିଷୟରେ ସତର୍କ ନହେଲେ ମଧ୍ୟ ଏହି କାର୍ଯ୍ୟ ଚାଲୁ ରଖିବା ମଙ୍ଗଳ ଆନୟନରେ ସମର୍ଥ ହୁଏ।

***(୧୯ ଏପ୍ରିଲ, ୧୯୫୧)***

**ତମାଖୁ ଓ ସୁରା**

***ତମାଖୁ ଓ ସୁରା କାହିଁକି ସ୍ମୃତଶକ୍ତି ଓ ଇଚ୍ଛାଶକ୍ତିର ଅବକ୍ଷୟର କାରଣ ହୁଅନ୍ତି ?***

କାହିଁକି ବୋଲି ପଚାରୁଅଛ ! କାରଣ ସେମାନେ ସେପରି କରିବାକୁ ସମର୍ଥ। ଏଥିରେ ନୈତିକ କାରଣ ନାହିଁ। ଏହା ଏକ ସତ୍ୟ ବୋଲି ଧରିନିଅ। ସୁରା ଓ ତମାଖୁରେ ଏକ ପ୍ରକାର ବିଷ ଥାଏ। ଏହି ବିଷ କୋଷମାନଙ୍କ ମଧ୍ୟରେ ପ୍ରବେଶ କରି ସେମାନଙ୍କୁ ନଷ୍ଟ କରିଦିଏ। ମସ୍ତିଷ୍କର କୌଣସି ଅଂଶରୁ ବାହାରି ନଯାଇ ସୁରା ଆସ୍ଥାନ ଜମାଇ ବସେ ଏବଂ ଏକ ସ୍ଥାନରେ ଜମା ହୋଇ ଗଲା ପରେ କୋଷଗୁଡ଼ିକ କୌଣସି କାର୍ଯ୍ୟ କରିପାରନ୍ତି ନାହିଁ। ଏଥି ସକାଶେ କେତେକ ଲୋକ ପାଗଳ ହୋଇଯାଆନ୍ତି। ଏହି ଅବସ୍ଥା ଉତ୍ତେଜକ ସୁରାପାନ ଜନିତ ଅଳ୍ପକାଳସ୍ଥାୟୀ ମାନସିକ ଅସ୍ଥିରତା ବୋଲି କୁହାଯାଇ ପାରେ। ଶରୀରରେ ସାମିଲ ନ ହୋଇ ମସ୍ତିଷ୍କରେ ଜମାଟ ବାନ୍ଧିଥିବା ମଦ୍ୟର ଏହା କରାମତି। ଏହା ଏହିପରି ଭାବରେ କାରଣଗୁଡ଼ିକର ମୂଳ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥାଏ। ଫ୍ରାନ୍ସ ଦେଶର ଏକ ପ୍ରଦେଶରେ ସୁରା ଅନୁପାତ କମ୍ ଥାଇ ମଦ୍ୟ ତିଆରି କରାଯାଏ। ଏଥିରେ ଶତକଡ଼ା ଚାରି ବା ପାଞ୍ଚଭାଗ ମଦ୍ୟ ଥାଏ। ସେମାନେ ଏହା ପାନ କରନ୍ତି ଓ ଅସୁସ୍ଥ ହୁଅନ୍ତି। ସେମାନେ ମସ୍ତିଷ୍କର ମୁଖ୍ୟ ଅଂଶରେ ଆଘାତ ପ୍ରାପ୍ତ ହୁଅନ୍ତି। ଏହିପରି ମସ୍ତିଷ୍କ ବିକୃତଥିବା ଲୋକମାନଙ୍କୁ ମୁଁ ଜାଣେ। ଏମାନଙ୍କ ମସ୍ତିଷ୍କ ମୋଟେ କାମ କରୁନଥିଲା। ତମାଖୁର ନିକୋଟିନ ଅତି ଉଗ୍ର ବିଷ। ଏହି ବିଷ କୋଷଗୁଡ଼ିକୁ ନଷ୍ଟ କରି ଦିଅନ୍ତି। ଏହା ଏକ ମନ୍ଥର ଗତି କୁଶଳ ବିଷ। ଏହାର ବିଷକ୍ରିୟା ବିଷୟରେ ସହଜରେ ଜଣାଯାଏ ନାହିଁ। ମାତ୍ର ସିଗାରେଟ ବ୍ୟବହାରର ପ୍ରଥମ ଅବସ୍ଥାରେ ବ୍ୟବହାରକାରୀ ଅସୁସ୍ଥ ହୋଇ ପଡ଼ନ୍ତି। ଏଥିରୁ ବୁଝାଯାଉଅଛି ଯେ ତୁମ୍ଭେ ଏପରି କାମ କରିବ ନାହିଁ। ଲୋକମାନେ ଏତେ ନିର୍ବୋଧ ଯେ ଏହାକୁ ସେମାନେ ଏକ ପ୍ରକାର ଦୁର୍ବଳତା ବୋଲି ମନେ କରନ୍ତି ଏବଂ ବିଷ ଗ୍ରହଣ କରିବାରେ ଅଭ୍ୟସ୍ତ ହେଲା ପର୍ଯ୍ୟନ୍ତ ଏ କାମ ଚଳାଇ ରଖନ୍ତି। ଶରୀର ଆଉ ପ୍ରତିକ୍ରିୟା ପ୍ରକାଶ କରେ ନାହିଁ, କୌଣସି ପ୍ରକାର ବିରୋଧ ନକରି ନିଜକୁ ବିନଷ୍ଟ ହେବାକୁ ଛାଡ଼ିଦିଏ ଏବଂ ଏ ପ୍ରତିକ୍ରିୟା ଦ୍ୱାରା ତୁମ୍ଭେ ପ୍ରଭାବିତ ହୁଅନାହିଁ।

***(୨୪ ମାର୍ଚ୍ଚ, ୧୯୫୪)***

**ଆତ୍ମ ସଂଯମ**

***ଜୀବନରେ ସମସ୍ତେ ବାଛି ନେବା ଉଚିତ***

ବିଶୃଙ୍ଖଳିତ ଓ ନିରର୍ଥକ ବାସନା ବହୁଳ ଜୀବନ ଛଡ଼ା ଆଲୋକୋନ୍ମୁଖ ଆସ୍ପୃହା ଜଡ଼ିତ ଓ ନିମ୍ନ ପ୍ରକୃତି ଉପରେ ଆଧିପତ୍ୟ ବିସ୍ତାର କରିପାରୁଥିବା ଜୀବନ ବାଛି ନେବା ଉଚିତ।

*

ପ୍ରଥମେ ନିଜକୁ ଉତ୍ତମରୂପେ ଜାଣ ଏବଂ ପରେ ନିଜକୁ ସଂଯତ ରଖିବାର ପ୍ରୟାସ କର। ପ୍ରତି ମୁହୂର୍ତ୍ତର ଆସ୍ପୃହା ତୁମ୍ଭଙ୍କୁ ଏ ସଫଳତା ଦେଇପାରେ। ଏହି କାର୍ଯ୍ୟ ଆରମ୍ଭ ସକାଶେ ଶୀଘ୍ର ବା ବିଳମ୍ବର ପ୍ରଶ୍ନ ନଥାଏ।

*

ନିଜକୁ ସଂଯତ କରି ରଖିବା ଛଡ଼ା ବଡ଼ ବିଜୟ ଆଉ କିଛି ନାହିଁ।

*

ଆତ୍ମ ସଂଯମ ହିଁ ସର୍ବୋତ୍କୃଷ୍ଟ ବିଜୟ, ସମସ୍ତ ସ୍ଥାୟୀ ସୁଖର ଏହା ମୂଳଉତ୍ସ।

*

ଗୋଟିଏ ବାସନାର ପୂରଣ ବ୍ୟତୀତ ତାକୁ ଜୟ କରିବାରେ ବେଶୀ ଆନନ୍ଦ ମିଳିଥାଏ। ଏକ ଶୃଙ୍ଖଳାର ନିର୍ଦ୍ଦେଶ ନମାନିଲେ କେହି ଜୀବନରେ ସ୍ଥାୟୀସୁଖଦାନକାରୀ କର୍ମାନୁଷ୍ଠାନ କରିପାରିବ ନାହିଁ।

*

ଜୀବନକୁ ଶୃଙ୍ଖଳିତ କରିବା ସହଜ ନୁହେଁ। ଯେଉଁମାନେ ବଳବାନ, ପରାକ୍ରମଶାଳୀ ସାହସୀ ଓ ଧୈର୍ଯ୍ୟବାନ ସେମାନେ ମଧ୍ୟ ଏହା ସହଜରେ କରି ପାରନ୍ତି ନାହିଁ। ସମଗ୍ର ଜୀବନକୁ ଶୃଙ୍ଖଳିତ କରିବା ପୂର୍ବରୁ କୌଣସି ଗୋଟିଏ କାମକୁ ଶୃଙ୍ଖଳା ନିବଦ୍ଧ କରିବା ଓ ସଫଳକାମ ହେବା ଶ୍ରେୟସ୍କର।

**ଆତ୍ମ ସଂଯମ**

ଲୋକମାନେ କୌଣସି ନା କୌଣସି ପାପ କର୍ମରେ ଲିପ୍ତ ରହିଥାଆନ୍ତି। ମଦ୍ୟପାନ ଓ ନିଶା ଇଞ୍ଜେକ୍‌ସନ ନେବା ଏହାର ନମୁନା ମାତ୍ର। ଏଗୁଡ଼ିକ ସେମାନଙ୍କୁ ଧ୍ୱଂସ ଓ ମୃତ୍ୟୁ ଆଡ଼କୁ ନେଇଯାଉଥିବା ଜାଣି ମଧ୍ୟ ସେମାନେ ଜ୍ଞାତସାରରେ ଏ କର୍ମ କରନ୍ତି। ସେମାନଙ୍କର ନିଜ ଉପରେ କର୍ତ୍ତୃତ୍ୱ ନଥାଏ।

ଏପରି ଏକ ମୁହୂର୍ତ୍ତ ଅଛି ଯେତେବେଳେ ସମସ୍ତେ ସଂଯମ ଆଚରଣ କରି ପାରିବେ। ଥରେ ଏଥିପ୍ରତି ସମ୍ମତି ନଦେଲେ, ଏହା କରିବା ସକାଶେ ନିଷ୍ପତ୍ତି ନନେଲେ କେହି ଏହା କେବେ ହେଲେ କରି ପାରିବେ ନାହିଁ।

ନିଜ ଉପରେ ଲଦି ଦିଆ ଯାଇଥିବା ବୋଝ ବିଶେଷର ପ୍ରତିରୋଧ କରିବା ସକାଶେ ପ୍ରତ୍ୟେକ ବ୍ୟକ୍ତିଙ୍କର ଶକ୍ତି ଓ ସାମର୍ଥ୍ୟ ଅଛି। ସେ ସ୍ୱାଧୀନ ଭାବରେ ରହିଲେ ଏହା କରି ପାରିବେ। ଲୋକେ କହନ୍ତି, "ମୁଁ ନକରି ରହି ପାରୁ ନାହିଁ।" ଏହାର କାରଣ ସେମାନେ ନିଜ ହୃଦୟର ଗଭୀର ପ୍ରଦେଶରେ ଏହା କରିବା ସକାଶେ ଇଚ୍ଛା କରନ୍ତି ନାହିଁ। ସେମାନେ ସ୍ୱୀୟ ପାପକର୍ମର ଦାସତ୍ୱ ସ୍ୱୀକାର କରି ନେଇଅଛନ୍ତି। ସେମାନଙ୍କର ଏହି ସ୍ୱୀକୃତି ମୂଳରେ ମଧ୍ୟ ଏକ ମୁହୂର୍ତ୍ତ ରହିଅଛି।

ଆଉ ଟିକିଏ ଆଗକୁ ଯାଇ ମୁଁ କହୁଅଛି ଏପରି ଏକ ମୁହୂର୍ତ୍ତର ଆବିର୍ଭାବ ହୁଏ ଯେତେବେଳେ ବ୍ୟକ୍ତି ଜଣକ ଅସୁସ୍ଥ ହେବାକୁ ଇଚ୍ଛା କରନ୍ତି। ଜଣେ ଅସୁସ୍ଥ ହୋଇ ପାରିବେ ନାହିଁ। ଲୋକମାନେ ସେମାନଙ୍କର ନିଜତ୍ୱ ସମ୍ବନ୍ଧରେ ଏବଂ ଆନ୍ତର ପ୍ରଦେଶର ଚଳଣି ସମ୍ବନ୍ଧରେ ଏତେ ସଚେତନ ଯେ ସେମାନେ କ'ଣ କରୁଅଛନ୍ତି ସେ ବିଷୟରେ ସତର୍କ ହୋଇ ପାରନ୍ତି ନାହିଁ। ***(୪ଜୁନ୍, ୧୯୫୬)***

**ବିବେକାନୁମୋଦିତ ବିଚାର**

ଏହା ଏକ ପ୍ରାଥମିକ ପର୍ଯ୍ୟାୟ ଏବଂ ଏଥି ନିମିତ୍ତ ଶାରୀରିକ ତାଲିମ ସଫଳ ହୋଇଥାଏ। ଏହା ପ୍ରମାଣ କରିଦିଏ ଯେ ଶରୀର ଯଦି ବିବେକ ବୁଦ୍ଧିର ଆଦେଶାନୁବର୍ତ୍ତୀ ନହୁଏ ଏବଂ ପ୍ରାଣିକ ଆବେଗର ବଶବର୍ତ୍ତୀ ହୁଏ ତେବେ କର୍ମ ଶୃଙ୍ଖଳିତ ଭାବରେ ସମାପ୍ତ ହୁଏ ନାହିଁ। ଶରୀରର ପୂର୍ଣ୍ଣତା ଆନୟନ ସକାଶେ, ଆନନ୍ଦ ନଦେଉଥିବା ଓ ଶୃଙ୍ଖଳା ଦାବି କରୁଥିବା କେତେକ ବ୍ୟାୟାମ କାମନା, ଆବେଗ ଓ ତାତ୍‌କାଳିକ କର୍ମ ସମ୍ପାଦନ ଇଚ୍ଛାକୁ ସ୍ଥାନ ଦେଉନଥିବା ନିୟମିତ ବିଚାରଯୁକ୍ତ ଅଭ୍ୟାସ ଆବଶ୍ୟକ। ଏହା ସହିତ ଜୀବନ ନିୟମାନୁବର୍ତ୍ତୀ ଓ ଶୃଙ୍ଖଳିତ କର୍ମ ଦ୍ୱାରା ଅଭିବୃଦ୍ଧି ହେବା ଉଚିତ। ଏ ସମସ୍ତ କାର୍ଯ୍ୟ ସୁସମ୍ପାଦିତ ହେବା ସକାଶେ ନିଜ ନିଜର ଜୀବନ ପ୍ରକ୍ରିୟା ବିଚାରବୁଦ୍ଧି ଦ୍ୱାରା ନିୟନ୍ତ୍ରିତ ହେବା ଦରକାର।

ଏ କାର୍ଯ୍ୟ ଅତି ସାଧାରଣ ନୁହେଁ। ଏହା କରିବା ସକାଶେ ପ୍ରଯତ୍ନ କରାନଗଲେ ବାସନା ପୂର୍ତ୍ତିର ଇଚ୍ଛା ଏବଂ ସକଳ ଆବେଗ ପ୍ରସୂତ ପ୍ରତିକ୍ରିୟା ମନୁଷ୍ୟ ଜୀବନର ପ୍ରଭୁ ହୋଇ ବସନ୍ତି। ଶାରୀରିକ ଶୃଙ୍ଖଳାର କଠୋର ନିଗଡ଼ ମଧ୍ୟରେ କାର୍ଯ୍ୟକରିବାକୁ ହେଲେ ଜଣେ ସାଧୁଜନୋଚିତ ଜୀବନର ଶୃଙ୍ଖଳିତ ଓ ନିୟମିତ ଚେଷ୍ଟା ଶିକ୍ଷା କରିବାକୁ ହେବ। ଏଗୁଡ଼ିକ ଶରୀର ସମ୍ବନ୍ଧୀୟ କାର୍ଯ୍ୟ ଗୁଡ଼ିକୁ ନିଖୁଣ ଭାବରେ ଗଢ଼ି ଦେଇ ପାରିବେ। ବାସନା ପ୍ରସୂତ ଅସାର କାମ କରିଲେ, ଚଳଣି ବାହାର କାମ କଲେ, ଅସଂଯତ ଜୀବନର ଆହ୍ୱାନ କଲେ ଶରୀରକୁ ନିଜ ବଶୀଭୂତ କରି ରଖିବା ସମ୍ଭବ ହୁଏ ନାହିଁ। ଉନ୍ନତି ବ୍ୟାହତ ହୁଏ, ସ୍ୱାସ୍ଥ୍ୟ ନଷ୍ଟ ହୁଏ, ନିଖୁଣ ଶରୀରଟିଏ ଗଢ଼ିବାର ଆଶା ଧୂଳିସାତ୍ ହୁଏ ଏବଂ ଅସ୍ୱାସ୍ଥ୍ୟ ସେବିତ ଶରୀର କୌଣସି କାର୍ଯ୍ୟରେ ବିନିଯୁକ୍ତ ହୋଇପାରେ ନାହିଁ। ଏହା ପ୍ରାଣିକ ସ୍ତରର କାମନାମାନଙ୍କର ସନ୍ତୁଷ୍ଟିର ଲକ୍ଷଣ ମାତ୍ର। କୌଣସି ଉଚ୍ଚାଭିଳାଷର ଭିତ୍ତିହୀନ ଦାବି ଶରୀରକୁ କଷ୍ଟ ଦିଏ ଏବଂ ଅସୁସ୍ଥତା ଆରମ୍ଭ ହୋଇଯାଏ।

ଜୀବନର ମୌଳିକ ନିୟମଗୁଡ଼ିକୁ ଜାଣିନଥିବା ଅଜ୍ଞାନୀମାନଙ୍କର ଦାନ ଏଥି ପ୍ରତି ଅଧିକ। କିପରି ବଞ୍ଚିବାକୁ ହୁଏ ତାହା ସମସ୍ତେ ଜାଣନ୍ତି। ନିଆଁ ଜଳିବା ଓ ପାଣିରେ ବୁଡ଼ିବା କଥା କାହାରିକୁ ବୁଝାଇବା ପ୍ରୟୋଜନ ହୋଇନଥାଏ। ଲୋକମାନଙ୍କୁ ଏହା କହିବାର ଯଥାର୍ଥତା ମଧ୍ୟ ନଥାଏ। ସେମାନେ ଏକଥା ଶୀଘ୍ର

ଶିକ୍ଷାକରନ୍ତି ଓ ବୃଦ୍ଧ ଲାଭ କରନ୍ତି। ମାତ୍ର ଉତ୍ତମ ସ୍ୱାସ୍ଥ୍ୟ ସକାଶେ ଜୀବନକୁ ବିବେକ ନିୟନ୍ତ୍ରଣ କରିବାର ଆବଶ୍ୟକତା ସମ୍ପର୍କରେ ଅଜ୍ଞତା ପ୍ରକାଶ କରନ୍ତି। କାରଣ କାମନା ବାସନା ସହିତ ସଂଯୁକ୍ତ ସୁଖ ଭୋଗ ବ୍ୟତୀତ ନିମ୍ନସ୍ତରୀୟ ମନୁଷ୍ୟମାନଙ୍କ ସକାଶେ ଜୀବନର ମୂଲ୍ୟ କିଛି ନଥାଏ।

ସରକାର ଗଠନ କରିବା ସକାଶେ ଜଣେ ବ୍ୟକ୍ତି ନିର୍ବାଚନରେ ଲଢ଼ିବା ସକାଶେ ଅନେକ ଦିନ ତଳେ ଏଠାକୁ ଆସିଥିବା କଥା ମୋର ମନେ ଅଛି। ଏପରି ଘଟିଲା ଯେ ଲୋକମାନେ ତାଙ୍କ ବିଷୟରେ ମୋର ମତ ଲୋଡ଼ିଲେ। ସେ ବ୍ୟକ୍ତି ଜଣକ ମୋତେ ଆଶ୍ରମ, ଆଶ୍ରମ ସୁଲଭ ଜୀବନଚର୍ଚ୍ଚା ଏବଂ ଜୀବନ ସମ୍ପର୍କରେ ମୋର ଆଦର୍ଶ କଥା ପଚାରିଲେ। ଏହି ବ୍ୟକ୍ତି ଦିନ ମଧ୍ୟରେ ଅନେକ ଥର ସିଗାରେଟ ଧରୁଥିଲେ ଓ ଦରକାରଠାରୁ ଅଧିକ ମଦିରା ପାନ କରୁଥିଲେ। ଏଥି ସକାଶେ ସେ ଅତି କ୍ଳାନ୍ତ ଥିଲେ ଓ ନିଜକୁ ସମ୍ଭାଳି ପାରୁ ନ ଥିଲେ। ମୁଁ ତାଙ୍କୁ କହିଲି, "ଜାଣିରଖ ଯେ, ପ୍ରଥମେ ତୁମ୍ଭଙ୍କୁ ଧୂମପାନ ଛାଡ଼ିବାକୁ ହେବ ଏବଂ ମଦ୍ୟପାନ ଛାଡ଼ିବାକୁ ହେବ।" ଏତିକିରେ ସେ ମୋ ଆଡ଼କୁ ନୈରାଶ୍ୟ ସୂଚକ ଚାହାଣୀରେ ଚାହିଁ କହିଲେ, "ଯଦି ଜଣେ ଧୂମପାନ ବା ମଦ୍ୟପାନ ନକରେ ତେବେ ଜୀବନର କିଛି ମୂଲ୍ୟ ନଥାଏ।" ମୁଁ କହିଲି, "ଯଦି ତୁମ୍ଭେ ଏବେ ମଧ୍ୟ ସେହି ସ୍ଥିତିରେ ଅଛ ତେବେ ଆଉ ଅଧିକ କିଛି କହିବା ଦରକାର ନାହିଁ।"

ଅଳ୍ପ ବୟସରୁ ଶିକ୍ଷା କରିବା ଏକ ଉତ୍ତମ ଅଭ୍ୟାସ, ଏହା ଦ୍ୱାରା ସମର୍ଥ ଜୀବନ ଲାଭ ହୋଇ ପାରେ ଏବଂ ଶରୀରଠାରୁ ଯଥେଷ୍ଟ କାର୍ଯ୍ୟ ଆଦାୟ କରାଯାଇପାରେ। ଏହି ଗୃହର କର୍ତ୍ତାଭାବରେ ବିବେକ ହିଁ ରହିବା ଉଚିତ ହେବ। ଏହା ଯୋଗ ବା ଉଚ୍ଚ ସ୍ତରର ବିଲକ୍ଷଣ ଅନୁଭବର ବିଷୟ ନୁହେଁ, ଏହାକୁ ସବୁସ୍ଥାନରେ, ବିଦ୍ୟାଳୟରେ, ପରିବାର ମଧ୍ୟରେ ଓ ଘରେ ଶିକ୍ଷା କରାଯାଇ ପାରେ। ମନ ସ୍ତରର ଜୀବଟିଏ ହେବା ସକାଶେ ମନୁଷ୍ୟ ତିଆରି ହୋଇଥିଲା, କେବଳ ମଣିଷଟିଏ ହେବା ସକାଶେ, ଆମ୍ଭେମାନେ ଅନ୍ୟ କୌଣସି କଥା କହୁ ନାହୁଁ। ଆମ୍ଭେମାନେ କେବଳ ମଣିଷଟିଏ ହେବା ବିଷୟ କହୁଅଛୁ। ଜୀବନର ସକଳ ବିଭାବ ଉପରେ ବିବେକର ଅଙ୍କୁଶ ରହିବା ଦରକାର, ପ୍ରାଣିକ ଉତ୍ତେଜନାର ନୁହେଁ। ଶୈଶବକାଳରୁ ସମସ୍ତ ଶିଶୁମାନଙ୍କୁ ଏକଥା ଶିକ୍ଷା ଦିଆଯିବା ଉଚିତ। ***(୮ମେ, ୧୯୫୭)***

### (୫) ତୁମ୍ଭର ଶରୀରର ପ୍ରଭୁ ହୁଅ।

ତୁମ୍ଭ ଶରୀର ପ୍ରଭୂ ହୋଇ ପାରିଲେ ତୁମେ ସ୍ୱାଧୀନ ହୋଇ ପାରିବ।

ତୁମ ମଧ୍ୟରେ ସମ୍ପୂର୍ଣ୍ଣ ସଙ୍ଗତିର ଧାରା ପ୍ରବାହିତ ହେଉ, କାରଣ ଯେତେବେଳେ ସମୟ ଆସିବ ଦିବ୍ୟ ସୌନ୍ଦର୍ଯ୍ୟ ତୁମ୍ଭର ଶରୀରରେ ପ୍ରକାଶିତ ହେବ।

ଦୈହିକ ଚେତନାର ଅଭିବୃଦ୍ଧି ସକାଶେ ଶରୀର ଚର୍ଚ୍ଚା ସର୍ବୋତ୍ତମ ଉପାୟ। ଶରୀର ଯେତେ ସଚେତନ ହେବ ତାହାକୁ ରୂପାନ୍ତରିତ କରି ନୂତନ ଜାତିକୁ ଜନ୍ମ ଦେବା ସକାଶେ କାର୍ଯ୍ୟରତ ଦିବ୍ୟଶକ୍ତିକୁ ସେ ସେତିକି ଗ୍ରହଣ କରିପାରିବ। ଶାରୀରିକ ଆଧାରଟି ନିଖୁଣ ସ୍ଥିତି, ଜ୍ଞାନ ଓ ଆଶୀର୍ବାଦର ଆବାସସ୍ଥଳୀ ହୋଇପାରିବ।

### ଏକ ଶାରୀରିକ ଶୃଙ୍ଖଳାର ଅନୁସରଣ କର

ଜଣେ ନେତା ହେବାକୁ ହେଲେ ତାହାଙ୍କୁ ଅହଙ୍କାର ତ୍ୟାଗ କରିବାକୁ ହେବ। ଅହଙ୍କାରର ତ୍ୟାଗହିଁ ଯୋଗର ପ୍ରଥମ ଏବଂ ଅପରିହାର୍ଯ୍ୟ ସୋପାନ। ଈଶ୍ୱରଙ୍କ ସଙ୍ଗେ ମିଳିତ ହେବା ସକାଶେ ଏହା ଖେଳ କସରତକୁ ଏକ ଶକ୍ତିଶାଳୀ ସହାୟକ ଭାବରେ ତିଆରି କରିଦିଏ।

ଖୁବ୍ କମ ଲୋକ ଏହା ବୁଝି ପାରନ୍ତି। ଯେଉଁମାନେ କ୍ରୀଡ଼ାର ବାହ୍ୟ ଶୃଙ୍ଖଳା ବିଷୟରେ ଅବଗତ ନୁହନ୍ତି, କ୍ରିୟାଶୀଳ ଶକ୍ତିର ଫଳ ବିଷୟରେ ଆଶାୟୀ ନୁହନ୍ତି, ସେମାନେ ସେମାନଙ୍କର ଦେହ ଉପରୁ ସମସ୍ତ କର୍ତ୍ତୃତ୍ୱ ହରାଇଥାଆନ୍ତି। ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗ ବିଷୟରେ ଜାଣିବା ସକାଶେ ନିଜର ଶରୀରର ଶୃଙ୍ଖଳିତ ଚଳଣି ପ୍ରଥମ ଅପରିହାର୍ଯ୍ୟ ସୋପାନ ଭାବରେ ଗୃହୀତ ହୁଏ। ଯେଉଁମାନେ ଶାରୀରିକ କ୍ରିୟାଗୁଡ଼ିକୁ ଘୃଣାଚକ୍ଷୁରେ ଦେଖନ୍ତି ସେମାନେ ପୂର୍ଣ୍ଣଯୋଗ ପଥରେ ଗୋଟିଏ ପାଦ ମଧ୍ୟ ପକାଇବାକୁ ସମର୍ଥ ହୁଅନ୍ତି ନାହିଁ। ଏଥି ସକାଶେ ନିଜ ଭିତରେ ଥିବା ଘୃଣା ଭାବକୁ ଛାଡ଼ିବାକୁ ହେବ। ଶରୀରର ସବୁ ଅଂଶଗୁଡ଼ିକର ସୁନିୟନ୍ତ୍ରଣ ଏକ ସୁସ୍ଥଭିତ୍ତି। ତୁମ୍ଭ ଉପରେ ପ୍ରାଧାନ୍ୟ ବିସ୍ତାର କରୁଥିବା ଶରୀର ତୁମ୍ଭର ଶତ୍ରୁ ଅଟେ, ଏ ବିଶୃଙ୍ଖଳାକୁ ତୁମ୍ଭେ ଗ୍ରହଣ କରିବା ଉଚିତ ହେବ ନାହିଁ। ମନ ପର୍ଯ୍ୟାୟଭୁକ୍ତ ଦୀପ୍ତ ଇଚ୍ଛା ଶକ୍ତି ଶରୀରକୁ ଶାସନ କରିବ ମାତ୍ର ଶରୀର ମନ ଉପରେ ଶାସନ ଜାହିର କରି ପାରିବ ନାହିଁ। ଗୋଟିଏ କାର୍ଯ୍ୟକୁ ଖରାପ ବୋଲି ଜାଣିଲା ପରେ ସେ କାର୍ଯ୍ୟଟି ଆଉ କରିବା ଠିକ୍ ନୁହେଁ। ଗୋଟିଏ ଲକ୍ଷ୍ୟ ପୂରଣ କରିବା ସକାଶେ କରାଯାଉଥିବା କାମକୁ ଶରୀରର ଦୁର୍ବଳତା, ମନ୍ଦ ଇଚ୍ଛା, ସହଯୋଗର ଅଭାବ ବନ୍ଦ କରି ପାରିବ ନାହିଁ। ଏଥି ନିମିତ୍ତ ତୁମ୍ଭେ ଶୃଙ୍ଖଳିତ କର୍ମ ପଦ୍ଧତି ଗ୍ରହଣ କରିବ ଓ ନିଜ ଗୃହର ନିଜେ ପ୍ରଭୁ ହେବ।

ଧ୍ୟାନ କରିବାକୁ ପ୍ରବୃତ୍ତ ହେବା ଏବଂ ଆଲୋକିତ ସମୁଜ୍ଜ୍ୱଳ ଊର୍ଦ୍ଧ୍ୱ ଦେଶରୁ ନିମ୍ନ ପ୍ରଦେଶର ନିରୀକ୍ଷଣ କରିବା ଏକ ଉତ୍ତମ ଲକ୍ଷଣ, ମାତ୍ର ଯେଉଁ ବ୍ୟକ୍ତି ତାଙ୍କର ନିଜ ଆଧାରର ପ୍ରଭୁ ହୋଇ ନଥାନ୍ତି ସେ ଦାସତ୍ୱ ସ୍ୱୀକାର କରିବାକୁ ବାଧ୍ୟ ହୁଅନ୍ତି ।

***(୧୦ ଏପ୍ରିଲ, ୧୯୫୭)***

### *ଦିବ୍ୟ ଶକ୍ତିର ଅବତରଣଜନିତ ଭାର ବହନ କରିବା*

ଆନ୍ତର ଆଧାରର ଚଳଣି ଠିକ୍ ଥାଇପାରେ, ମାତ୍ର

ଶକ୍ତିମାନଙ୍କ ପ୍ରତି ଗ୍ରହଣଶୀଳତା କ୍ଷେତ୍ରରେ ଏହାର ଭାବ ପ୍ରବଣତା ଉତ୍ତେଜନା ସୃଷ୍ଟିକରେ। ତୁମ୍ଭର ବାହ୍ୟ ଆଧାରାଂଶ ଯଦି ଦୁର୍ବଳ ଓ ରୂପାନ୍ତରିତ ହୋଇନଥାଏ, ତେବେ ଏପରି ପରିସ୍ଥିତିର ଉଦ୍ଭବ ହୁଏ। ବାହ୍ୟ ଆଧାରାଂଶ ଅନ୍ତର ସ୍ଥିତି ପ୍ରତି ବିରୋଧ କଲେ କିମ୍ବା ଆନନ୍ଦର ସମ୍ପୂର୍ଣ୍ଣ ଉପଯୋଗ କରି ନପାରିଲେ ଏପରି ଗଣ୍ଡଗୋଳିଆ ପରିସ୍ଥିତି ଓ ବିଭ୍ରାଟ ସୃଷ୍ଟ ହୋଇଥାଏ।

ତୁମ୍ଭର ଶରୀର ଓ ସ୍ନାୟୁ ସକଳ ବଳଶାଳୀ ହେବା ଆବଶ୍ୟକ। ବାହାର ପ୍ରକାଶ ମଧ୍ୟରେ ଶକ୍ତିଶାଳୀ ସାମ୍ୟ ମନୋଭାବ ଥିବା ଦରକାର। ଯଦି ତୁମ୍ଭେ ଏହି ଭିତ୍ତିଭୂମିର ଅଧିକାରୀ ହୋଇଥାଅ ତେବେ ସଂସାର ଯାକର ଭାବୋଚ୍ଛ୍ୱାସ ଧରିରଖି ପାରିବ ଓ ଏଥିନେଇ ବିବ୍ରତ ହେବ ନାହିଁ। ଏହା ଦ୍ୱାରା ଯେ ତୁମ୍ଭେ ତୁମ୍ଭର ମନୋଭାବ ପ୍ରକାଶ କରି ପାରିବ ନାହିଁ ଏମନ୍ତ ନୁହେଁ, ତୁମେ ଏହାକୁ ମାର୍ଜିତ ଓ ସଙ୍ଗତିପୂର୍ଣ୍ଣ ଧାରାରେ ପ୍ରକାଶ କରିବ। କାନ୍ଦିବା, ପାଟି କରିବା ବା ନାଚିବା ସବୁବେଳେ ଦୁର୍ବଳତାର ସୂଚନା ଦେଇଥାଏ, ଏହା ପ୍ରାଣିକ, ମାନସିକ ବା ଦୈହିକ ପର୍ଯ୍ୟାୟର ହୋଇପାରେ। ଦୈବୀଶକ୍ତିର ଅବତରଣ ସମ୍ଭୂତ ଭାର ବହନକ୍ଷମ ହେବା ସକାଶେ ତୁମ୍ଭେ ଦୃଢ଼ ଓ ଶକ୍ତିଶାଳୀ ହେବା ଉଚିତ। ଏହା ନ ହୋଇ ପାରିଲେ ତୁମ୍ଭେ ଖଣ୍ଡବିଖଣ୍ଡିତ ହୋଇଯିବ। କେହି କେହି ପଚାରନ୍ତି, "ଆଜିଯାଏ କାହିଁକି ଦେବତ୍ୱର ଅବତରଣ ହୋଇନାହିଁ?" କାରଣ ତୁମ୍ଭେମାନେ ପ୍ରସ୍ତୁତ ହୋଇ ନାହଁ। ଏହି ଶକ୍ତିର ଅବତରଣ ପ୍ରକ୍ରିୟାରେ ପତିତ ଗୋଟିଏ କ୍ଷୁଦ୍ର ବିନ୍ଦୁ ଯଦି ତୁମ୍ଭମାନଙ୍କୁ କନ୍ଦାଇ ପାରେ, ନଚାଇପାରେ ଓ ପାଟିତୁଣ୍ଡ କରିବାରେ ସହାୟକ ହୁଏ ତେବେ ଏ ଶକ୍ତି ସାମଗ୍ରିକ ଭାବରେ ଅବତରଣ କଲେ ଅବସ୍ଥା କ'ଣ ହେବ?

ଯେଉଁମାନଙ୍କର ଶରୀର, ପ୍ରାଣ ଓ ମନ ଦୃଢ଼, ଶକ୍ତ ଓ ସମର୍ଥ ହୋଇନଥିବ, ଆମ୍ଭେମାନେ ସେ ଲୋକମାନଙ୍କୁ ଏପରି କହିବୁ, "ଟାଣିଆଣ ନାହିଁ", ଅର୍ଥାତ୍ "ଦିବ୍ୟଶକ୍ତିକୁ ଟାଣି ଓଟାରି ଆଣିବାର ଚେଷ୍ଟା କରନାହିଁ, ବରଂ ଧୀର ଓ ଶାନ୍ତ ଭାବରେ ଅପେକ୍ଷା କର।" କାରଣ ସେହି ବ୍ୟକ୍ତିମାନେ ଅବତରଣ ଭାର ସହ୍ୟ କରି ପାରିବେ ନାହିଁ। ମାତ୍ର ଆବଶ୍ୟକ ଭିତ୍ତି ଓ ସ୍ଥିତି ଥିବା ଲୋକମାନଙ୍କୁ ବିପରୀତ ଭାବରେ କହିବା, " ଆସ୍ପୃହା କର ଓ ଶକ୍ତିର ଆବାହନ କର"। କାରଣ ସେମାନେ ଗ୍ରହଣ କରିବାକୁ ସମର୍ଥ ହେବେ ଏବଂ ଦିବ୍ୟଶକ୍ତିଙ୍କର ଅବତରଣ ଜନିତ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ***(୧୪ ଏପ୍ରିଲ, ୧୯୨୯)***

***ବାହ୍ୟ ଆଧାରର ସମାନତା***

"ବାହାର ଆଧାର ସମାନତାର ମୂଳଦୁଆ" ବୋଲି ଆପଣ ଯାହାକୁ କହୁଛନ୍ତି ତାହାର ଅର୍ଥ କ'ଣ?

ଏହା ଉତ୍ତମ ସ୍ୱାସ୍ଥ୍ୟ, ନିଖୁଣ ଶରୀର ଓ ସୁଗଠିତ ଅଙ୍ଗ ସମୂହକୁ ବୁଝାଏ। ଛୋଟ ଝିଅଟିଏ ସାମାନ୍ୟ ଘଟଣାରେ ବିଚଳିତ ହୋଇପଡ଼େ। ଏପରି ଦୁର୍ବଳ ସ୍ନାୟୁସବୁ ନଥିବା ବ୍ୟକ୍ତି ଶୋଇବା ଅବସ୍ଥାରେ, ଖାଇବା ସମୟରେ, ଧୀର ଶାନ୍ତଥିବା ଅବସ୍ଥାରେ, ଭାରସାମ୍ୟ ସ୍ଥିର ରଖିଥିବା ସମୟରେ ଶକ୍ତ ମୂଳଦୁଆ ଉପରେ ଦଣ୍ଡାୟମାନ ହୋଇ ଅନେକ ଶକ୍ତି ଗ୍ରହଣ କରିବାକୁ ସମର୍ଥ ହୋଇ ପାରନ୍ତି।

ତୁମ୍ଭମାନଙ୍କ ମଧ୍ୟରୁ ଯଦି କେହି ଦିବ୍ୟ ଆନନ୍ଦର ପ୍ରଭାବ ଅନୁଭବ କରିଥିବ ତେବେ ତୁମ୍ଭର ଅଭିଜ୍ଞତା କହିବ ଯେ ଉତ୍ତମ ସ୍ୱାସ୍ଥ୍ୟ ନଥିଲେ ଏ ଶକ୍ତିକୁ ଧରିରଖି ହେବ ନାହିଁ। ସେ କାନ୍ଦିବାକୁ ଆରମ୍ଭ କରେ ଏବଂ ପ୍ରାପ୍ତ ହୋଇଥିବା ପଦାର୍ଥଗୁଡ଼ିକ ବ୍ୟୟ କରିବାକୁ ଅଧୀର ହୋଇପଡ଼େ। ସେ ହସିବ, କଥା କହିବ, ଉଲ୍ଲାସ ଓ ଥଟ୍ଟାତାମସା ମଧ୍ୟରେ ବଞ୍ଚିବ, ନଚେତ ପାଇଥିବା ବସ୍ତୁ ହାତଛଡ଼ା ହୋଇଯିବ। ଏଣୁ ହସିବା, କାନ୍ଦିବା ଓ ଏଣେ ତେଣେ ବୁଲିବା ଦ୍ୱାରା ସେ ଯାହା ପାଇଥାଏ ତାକୁ ପୁଣି ଫିଙ୍ଗିଦିଏ।

ସମତାଳ ହୋଇ ଚାଲିବା ଓ ପ୍ରାପ୍ତ ଶକ୍ତିକୁ ଜାଗ୍ରତରଖିବା ସକାଶେ ଶାନ୍ତ ଓ ଧୀର ହେବା ଆବଶ୍ୟକ। ଉତ୍ତମ ପୃଷ୍ଠଭୂମି ଓ ସ୍ୱାସ୍ଥ୍ୟ ମଧ୍ୟ ଦରକାର। ଶକ୍ତମୂଳ ଭୂମିର ପ୍ରସ୍ତୁତି କରଣ ହିଁ ମୁଖ୍ୟ ବିଷୟ। ***(୧୫ ଏପ୍ରିଲ, ୧୯୫୩)***

**ଶରୀର, ଆଜ୍ଞାନୁବର୍ତ୍ତିତା, ସହିଷ୍ଣୁତା, ସୌନ୍ଦର୍ଯ୍ୟ**

ଆମ୍ଭମାନଙ୍କ ମଧ୍ୟରେ ସତ୍ୟର ଶକ୍ତି ପ୍ରକାଶିତ ହେବାକୁ ଶୃଙ୍ଖଳିତ ଓ ନିୟମାନୁବନ୍ଧ ଶାରୀରିକ ଶିକ୍ଷାଦ୍ୱାରା ଆମ୍ଭମାନଙ୍କର ଶରୀରକୁ ଦୃଢ଼ ଓ ନମନୀୟ କରିବାକୁ ହେବ। ଏହା ଦ୍ୱାରା ଆମ୍ଭେମାନେ ପ୍ରାକୃତିକ ସଂସାରର ସମର୍ଥ ଯନ୍ତ୍ର ହୋଇ ପାରିବା।

ପ୍ରକୃତ ପକ୍ଷେ ଶରୀର ଶାସନ ନକରି ଆଜ୍ଞାନୁବର୍ତ୍ତୀ ହେବ। ସ୍ୱଭାବତଃ ଏହା ଏକ ଶିକ୍ଷାନୁରାଗୀ ଓ ବିଶ୍ୱାସୀ ଭୃତ୍ୟ। ଦୁର୍ଭାଗ୍ୟବଶତଃ ଏହା ତାହାର ପ୍ରଭୁମାନଙ୍କ ନିକଟରେ ବାଛବିଚାର କରିପାରେ ନାହିଁ। ମନ ଓ ପ୍ରାଣ ସ୍ତରରେ ମଧ୍ୟ ଏକାକଥା। ନିଜର ସ୍ୱାଚ୍ଛନ୍ଦ୍ୟ ବଦଳରେ ଏହା ସେମାନଙ୍କ ଆଜ୍ଞାର ଅଧୀନ ହୋଇଥାଏ। ମନ ତା'ର ସ୍ୱାତନ୍ତ୍ର୍ୟନିଷ୍ଠ ନିୟମ, ପରିବର୍ତ୍ତନହୀନ ଓ ଏକଛତ୍ରବାଦୀ ନିୟମ ଦ୍ୱାରା, ପ୍ରାଣ ତାହାର ଆବେଗ, ଉତ୍ତେଜନା ଓ ଉଚ୍ଛ୍ୱାସ ଦ୍ୱାରା ଶରୀରର ପ୍ରକୃତିଦତ୍ତ ଗଠନକୁ ବିକୃତ କରି ଦିଅନ୍ତି ଏବଂ ଏଥି ମଧ୍ୟରେ ପେଶୀମାନଙ୍କର ଦୌର୍ବଲ୍ୟ, କ୍ଲାନ୍ତି ଓ ରୋଗର ସୃଷ୍ଟି କରନ୍ତି।

***(ଶ୍ରୀମା- ଜୀବନ ବିଜ୍ଞାନ)***

ପ୍ରାଣଠାରୁ ଶରୀରକୁ ଗଠନ କରିବା ଅଧିକ ସହଜ। କିନ୍ତୁ ମନ ଓ ପ୍ରାଣ ସେମାନଙ୍କର ଚରିତ୍ର ଓ ମନୋବୃତ୍ତି ଦ୍ୱାରା ଏହି ବିଚାରା ଭୃତ୍ୟଟି ପ୍ରତି କ'ଣ ନକରନ୍ତି? ଖରାପ ବ୍ୟବହାର ଦ୍ୱାରା ଏହାକୁ ନଷ୍ଟକରି (ଏହା କମ୍ ପ୍ରତିବାଦ କରେ କମ୍ ଜ୍ୱରରେ ପଡ଼େ) ଏ

ଦୁଇଟି କାର୍ଯ୍ୟ କରିଥାଆନ୍ତି। ମନ ଓ ପ୍ରାଣ କହନ୍ତି, "ଶରୀର ଏକ ପଶୁ, ଆମର ଚଳଣିକୁ ଏହା ଧରିପାରୁ ନାହିଁ।" ଅସନ୍ତୁଷ୍ଟ ଭାବରେ ଶରୀର ତା'ର ପ୍ରଭୁଙ୍କୁ ଅର୍ଥାତ ମନ ଓ ପ୍ରାଣକୁ କିଛି ବିଚାର ନକରି ଅନ୍ଧଭାବରେ ମାନ୍ୟତା ଦେଇଥାଏ। ମନ ତା'ର ନିରୂପିତ ଗଣ୍ଡି ମଧ୍ୟରେ ଥାଇ କହେ, "ତୁମ୍ଭେ ଏହା ଖାଇବ ନାହିଁ, ଏହା ତୁମ୍ଭର କ୍ଷତି କରିବ, ତୁମ୍ଭେ ତାହା କରିବ ନାହିଁ, ଏହା ଭଲ କାମ ନୁହେଁ।" ମନ ଯଦି ବଦ୍ଧ ଓ ଆଲୋକିତ ସ୍ଥିତିରେ ନଥାଇ ପରାମର୍ଶ ଦିଏ ତେବେ ବିଚାରା ଶରୀର ଆଦେଶ ମାନିବାର ଫଳ ଭୋଗକରେ। ପ୍ରାଣ ସ୍ତରରୁ ପାଉଥିବା ଆଦେଶ କଥା ମୁଁ କହୁ ନାହିଁ। ମନ ତା'ର ଅନମନୀୟ ନିୟମ ଓ ପ୍ରାଣ ତା'ର ସ୍ନାୟବିକ ପ୍ରବେଗ ଓ ଉତ୍ତେଜନା ଦ୍ୱାରା ଶରୀରର ଭାରସାମ୍ୟ ନଷ୍ଟ କରିଦେବାକୁ କ୍ଷିପ୍ର ଗତିରେ ଆସନ୍ତି ଏବଂ ଶୈଥିଲ୍ୟ, କ୍ଳାନ୍ତି ଓ ଅସୁସ୍ଥତାର ସାମ୍ରାଜ୍ୟ ତିଆରି କରି ଦିଅନ୍ତି। "ଏହି ଅତ୍ୟାଚାରରୁ ଏହା ମୁକ୍ତ ହେବା ଉଚିତ ଏବଂ ଆଧାରର ଚୈତ୍ୟକେନ୍ଦ୍ର ସଙ୍ଗରେ ନିରବଚ୍ଛିନ୍ନ ସମ୍ପର୍କ ସ୍ଥାପନ ଦ୍ୱାରା ଏହା ସମ୍ଭବ ହୋଇପାରେ।" ***(ଶ୍ରୀମା - ଜୀବନ ବିଜ୍ଞାନ)***

***ତାହା ସମସ୍ତ ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବା ସକାଶେ ଉଦ୍ଦିଷ୍ଟ***

"ଗ୍ରହଣ କରିବା ଓ ସହିଷ୍ଣୁତା ଶରୀରର ଅଦ୍ଭୁତ ଶକ୍ତି। ଜଣେ ଲୋକଙ୍କର କଳ୍ପନା ବାହାରେ ଏହା ଅନେକ କିଛି କରିଦେଇ ପାରେ। ଅଜ୍ଞାନୀ ଓ ଏକଛତ୍ରବାଦୀ ଶାସକଙ୍କ ଦ୍ୱାରା ବର୍ତ୍ତମାନ ଏହା ଯେପରି ଭାବରେ ଶାସିତ ହେଉଅଛି ସେପରି ନହେଇ ଆଧାରର କୈନ୍ଦ୍ରିକ ସତ୍ୟଦ୍ୱାରା ଯଦି ଶାସିତ ହୁଅନ୍ତା ତେବେ ତୁମ୍ଭେ ଏହାର କାର୍ଯ୍ୟ ସମ୍ପାଦନ ଶକ୍ତି ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଯିବ।" (ଶ୍ରୀମା - ଜୀବନ ବିଜ୍ଞାନ)

ଗତ ଯୁଦ୍ଧ ସମୟରେ ଏହା ପ୍ରମାଣିତ ହୋଇଗଲା ଯେ ସାଧାରଣ ଭାବରେ ସହିବାର ବାହାରେ ଶରୀର ଅଧିକ କଷ୍ଟ ସହ୍ୟକରିପାରେ। ଯୁଦ୍ଧକାଳୀନ ଏହି ସବୁ କଥା ତୁମ୍ଭେ ପଢ଼ିଥିବ ବା ଶୁଣିଥିବ। ସେ ସମୟରେ ଶରୀରକୁ ଅନେକ ଅଧିକ କଷ୍ଟ ସହ୍ୟ କରିବାକୁ ହୋଇଥିଲା ଏବଂ ଶରୀର ତାହା ସହିବାକୁ ସମର୍ଥ ଥିଲା। ଏହା ପ୍ରମାଣ କରି ଦେଲା ଯେ ଶରୀରର ସହିବା ଶକ୍ତି ଅସୀମ। ଯେଉଁ ଅବସ୍ଥା ବ୍ୟକ୍ତି ବିଶେଷଙ୍କର ମୃତ୍ୟୁର କାରଣ ହୋଇପାରେ ଅନେକ ବ୍ୟକ୍ତି ସେହିପରି ପରିସ୍ଥିତି ମଧ୍ୟରେ ଥିଲେ। ସେମାନଙ୍କ ମଧ୍ୟରେ ବଞ୍ଚିରହିବା ସକାଶେ ଦୃଢ଼ଇଚ୍ଛା ବଳବତ୍ତର ଥିଲା ଏବଂ ଶରୀର ଏହି ଇଚ୍ଛାକୁ ସମ୍ମାନ ପ୍ରଦର୍ଶନ କରିଥିଲା।

"ଏହି ଗମ୍ଭୀର ଏବଂ ଶୃଙ୍ଖଳିତ ଜୀବନ ମଧ୍ୟରେ ଏକ ନୂତନ ସଙ୍ଗତି ପ୍ରକାଶିତ ହେବ। ଏହା ଉଚ୍ଚତର ଭୂମିର ସଙ୍ଗତିର ପ୍ରତିଫଳନକ୍ଷମ ହେବ। ଏହା ତାହାକୁ ସମ୍ପୂର୍ଣ୍ଣ ବିକଶିତ ଓ ନୈସର୍ଗିକ ସୌନ୍ଦର୍ଯ୍ୟର ସୌଷ୍ଠବାନ୍ୱିତ ଆକାର ଦେଇ ପାରିବ।" (ଶ୍ରୀମା-ଜୀବନ ବିଜ୍ଞାନ)

ଏହା ଶେଷ ପର୍ଯ୍ୟାୟ। ବର୍ତ୍ତମାନ ଯାପିତ ଓ ପରିଦୃଷ୍ଟ ଜୀବନକୁ ଯଦି ଏକ ଉଚ୍ଚତର ସୌନ୍ଦର୍ଯ୍ୟସିକ୍ତ ଜୀବନ ସଙ୍ଗେ ତୁଳନା କରିବା ତେବେ ଖୁବ କମ ସଂଖ୍ୟକ ଜୀବନ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ। ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ ସଙ୍ଗତିର ଏକ ଦ୍ରୁତ ଅବକ୍ଷୟ ପରିଲକ୍ଷିତ ହୁଏ, ଆମ୍ଭମାନେ ଏଥି ସହିତ ଏତେ ଅଭ୍ୟସ୍ତ ଯେ ଆମ୍ଭେମାନେ ଏହାକୁ ଦେଖିପାରୁ ନାହିଁ। ଯଦି ଆମ୍ଭେ ଉଚ୍ଚତର ସୌନ୍ଦର୍ଯ୍ୟ ଓ ମୂଲ୍ୟବୋଧ ଦୃଷ୍ଟିକୋଣରୁ ଦେଖିବା ତେବେ ଏହା ଦୃଷ୍ଟ ହୋଇପାରେ। ଅତିଅଳ୍ପ ସଂଖ୍ୟକ ଶରୀର (ପୂର୍ଣ୍ଣ ସୌନ୍ଦର୍ଯ୍ୟ ସଙ୍ଗେ ତୁଳନୀୟ ହୋଇ ପାରନ୍ତି। ଏହି ଅସନ୍ତୁଳନ ସକାଶେ ସହସ୍ର ସଂଖ୍ୟାରେ କାରଣ ଦର୍ଶାଯାଇ ପାରେ, ମାତ୍ର ଉପଚାର ଗୋଟିଏ। ସର୍ବୋତ୍ତମ ସୌନ୍ଦର୍ଯ୍ୟ ଶରୀରର କୋଷାଣୁମାନଙ୍କ ମଧ୍ୟରେ କାର୍ଯ୍ୟ କରିବ ଏବଂ ଶରୀର ସୁନ୍ଦର ଭାବରେ ପ୍ରକାଶିତ ହେବ। ଏହି ସୌନ୍ଦର୍ଯ୍ୟର ଧାରଣା ରୋପିବାକୁ ହେବ। ଏହି କଥାଟି ଏପର୍ଯ୍ୟନ୍ତ ଅଜ୍ଞାତ। ତୁମ୍ଭେ ଯେତିକି ବିଶ୍ୱାସ କର ତା'ଠାରୁ ବହୁ ଅଧିକ ଗୁଣରେ ଶରୀର ନମନୀୟ ଅଟେ।

ଯଦି ତୁମେ କଷ୍ଟ ସ୍ୱୀକାର କର ତେବେ ଶରୀରଠାରୁ ଅନେକ କିଛି ପ୍ରାପ୍ତ ହୋଇପାରିବ। ତୁମ୍ଭେ ଏହାକୁ ଘୃଣା କରିବ ନାହିଁ ବା ଗାଳିଗୁଲଜ କରିବ ନାହିଁ। କାରଣ ଏ ଦୋଷୀ ନୁହେଁ। ଯଦି ତୁମ୍ଭେ ତୁମ୍ଭର ଶରୀରକୁ ଶିକ୍ଷା ଓ ତାଲିମ ଦେବାକୁ ଉପଯୁକ୍ତ ପ୍ରଣାଳୀର ଆଶ୍ରୟ ନିଅ ତେବେ ବର୍ତ୍ତମାନ ପାଇଥିବା ସମ୍ପଦଠାରୁ ଅନେକ ଅଧିକ ସମ୍ପଦ ଲାଭ କରିପାରିବ। ଏବେ କେତେ ଦିନ ହେଲା ଲୋକମାନେ ଶରୀର ପ୍ରତି ଗୁରୁତ୍ୱ ଆରୋପ କରୁଅଛନ୍ତି। ଶହେ ବର୍ଷ ତଳକୁ ଯାଇ ଦେଖିଲେ ତୁମ୍ଭେ ଜାଣିବ ଯେ କିଛି କାର୍ଯ୍ୟ କରୁନଥିବା ଲୋକମାନଙ୍କର ଏହା ବ୍ୟସନ ମାତ୍ର ଥିଲା। ଶହେବର୍ଷ ତଳେ ଏହା ଏକ ପ୍ରକାର ବିଳାସର ପ୍ରତୀକ ଥିଲା। ଯେତେବେଳେ କେହି ଜଣେ କହିଲେ, "ମୁଁ ମୋର ପିଲାକୁ ବିଦ୍ୟାଳୟକୁ ପଠାଇବି ନାହିଁ। ସେ ପେଟ ପୋଷିବା ବିଦ୍ୟା ଶିକ୍ଷା କରୁ" ସେତେବେଳେ ଅନେକ କହିଲେ, "ନା, ମୋତେ କ୍ଷମା କରିବେ, ତୁମ୍ଭେ ଗୁରୁତର ଭୁଲ୍ କରୁଅଛ। ତୁମ୍ଭେ ଯଦି ଯୌବନ ସମୟ ସକାଶେ ତୁମ୍ଭର ପିଲାକୁ ପ୍ରସ୍ତୁତ ନକର ତେବେ ସେ ତା' ସକାଶେ କରିବାକୁ ଥିବା କାର୍ଯ୍ୟ କରିବ ନାହିଁ।" ଲୋକମାନେ ଏହାକୁ ମନ ସମ୍ବନ୍ଧରେ କହିଥିଲେ, ମାତ୍ର ଏହା ଶରୀର ସମ୍ବନ୍ଧରେ କୁହାଯାଇ ନଥିଲା। ତେଣୁ ଅନେକ ପିଲା ଯଥା ସମ୍ଭବ ଭଲ ଅବସ୍ଥାରେ ରହିଲେ, ମାତ୍ର ଶରୀରର ଅବସ୍ଥା ଭଲ ନଥିଲା। ଏ ବିଷୟରେ କୁହାଯାଇ ପାରେ "ଏହା ସଂଶୋଧିତ ହୋଇ ପାରିବ, ତାହା ଠିକ ହୋଇଯିବ।" ତାଲିମ ଓ ଧୈର୍ଯ୍ୟ ଦ୍ୱାରା ତୁମ୍ଭେ ଜୀବନର ଶେଷ ପର୍ଯ୍ୟନ୍ତ ଏକ ଉତ୍କୃଷ୍ଟମାନର ଶରୀର ପାଇ ପାରିବ। ଆଜିକାଲି ଲୋକମାନେ ସୁସ୍ଥ ଓ ସମତୁଲ ଜୀବନର ମୂଲ୍ୟକୁ ସ୍ୱୀକୃତି ଦେଇ ଅଛନ୍ତି। ***(୨୫ ଜାନୁୟାରୀ, ୧୯୫୧)***

### ଶରୀର ଚର୍ଚ୍ଚା କ'ଣ ?

ଏକ ନିୟନ୍ତ୍ରିତ ଏବଂ ସୁବିନ୍ୟସ୍ତ ପ୍ରଣାଳୀରେ ଆମ୍ଭେମାନେ ଶରୀର ଗଠନ କରିବା। ଏଥି ସହିତ ଆତ୍ମାର ଅଭ୍ୟୁଦୟ, ଅଗ୍ରଗତି ଓ ଆଲୋକ ପ୍ରାପ୍ତି ସକାଶେ ସାହାଯ୍ୟ କରି ପାରିବା।

ଶରୀର କୋଷଗୁଡ଼ିକ ମଧ୍ୟରେ ଚେତନାର ସ୍ପର୍ଶ ଦେବାକୁ ଆମ୍ଭେମାନେ ଶରୀର ଚର୍ଚ୍ଚା ବୋଲି କହିବା। ଜଣେ ଏହା ଜାଣି ପାରେ ବା ନଜାଣି ପାରେ। ମାତ୍ର ଏହା ସତ୍ୟ ଅଟେ। ଯେତେବେଳେ ଆମ୍ଭର ଇଚ୍ଛାନୁସାରେ ଆମ୍ଭେମାନେ ପେଶୀଗୁଡ଼ିକର ସଞ୍ଚାଳନ କରିବାର ସିଦ୍ଧାନ୍ତ କରୁ, ଅଙ୍ଗଗୁଡ଼ିକୁ ନମନୀୟ କରିବାର ଯତ୍ନକରୁ, ସେଗୁଡ଼ିକୁ ନମନୀୟ, ଶକ୍ତ ଓ ପ୍ରତିରୋଧ ଶକ୍ତିଯୁକ୍ତ କରିବାକୁ ଇଚ୍ଛା କରୁ, ସେତେବେଳେ ଆମ୍ଭେମାନେ ପୂର୍ବରୁ ନଥିବା ଚେତନାର ଏକ ଝଲକ ଶରୀରର କୋଷମାନଙ୍କ ମଧ୍ୟକୁ ପ୍ରେରଣ କରୁ, ଏହି ପୂର୍ବୋକ୍ତ ଗୁଣଗୁଡ଼ିକ କୋଷମାନଙ୍କରେ ପୂର୍ବରୁ ନଥାଏ। ଚେତନାର ପ୍ରବେଶ ପରେ ଏଗୁଡ଼ିକ ଗ୍ରହଣଶୀଳ ଏକକ ଯନ୍ତ୍ର ଭାବରେ ଉଭା ହୁଅନ୍ତି ଏବଂ ଏମାନଙ୍କର କାର୍ଯ୍ୟ ଦ୍ୱାରା ଉନ୍ନତି ସମ୍ଭବ ହୁଏ। ଶରୀର ଚର୍ଚ୍ଚାର ଏହା ପ୍ରାଥମିକ ପ୍ରାଧାନ୍ୟ। ଅବଶ୍ୟ ଶରୀର ମଧ୍ୟକୁ ଚେତନା କେବଳ ଏହା ଦ୍ୱାରା ଆସି ନଥାଏ, ମାତ୍ର ଏହା ସର୍ବତୋଭାବେ ସାମଗ୍ରିକ ପ୍ରକ୍ରିୟା ମଧ୍ୟରେ କାର୍ଯ୍ୟକରେ। ଏପରି ପରିସ୍ଥିତି ଦୁର୍ଲଭ। ମୁଁ ତୁମ୍ଭଙ୍କୁ ଅନେକ ଥର କହିଛି ଯେ ବୁଦ୍ଧିଜୀବୀମାନେ ସେମାନଙ୍କ ମସ୍ତିଷ୍କ ମଧ୍ୟକୁ ଚେତନା ପ୍ରବେଶ କରାଇଲା ପରି ଚିତ୍ରକର ମଧ୍ୟ ତାଙ୍କର ହସ୍ତ ମଧ୍ୟରେ ଚେତନାର ଆରୋପ କରିଥାଅନ୍ତି। ଏଗୁଡ଼ିକ ସ୍ଥାନୀୟ କାର୍ଯ୍ୟବିଧିର ସୂଚନା ଦିଅନ୍ତି ମାତ୍ର ଶରୀର ଚର୍ଚ୍ଚାର ଉତ୍ତମ ଫଳଗୁଡ଼ିକୁ ଲକ୍ଷ୍ୟ କରନ୍ତି ଏବଂ ଶରୀର ତା'ର କାର୍ଯ୍ୟ ସମ୍ପାଦନ କରିବାକୁ କେତେଦୂର ସମର୍ଥ ତାହା ଜାଣି ପାରନ୍ତି ସେତେବେଳେ ଭୌତିକ ବିଗ୍ରହ ମଧ୍ୟରେ ପ୍ରବିଷ୍ଟ ଚୈତ୍ୟସତ୍ତାଙ୍କର କାର୍ଯ୍ୟ ସକାଶେ ଏହା କେତେଦୂର ଅନୁକୂଳ ହେବ ତାହା ଧାରଣା କରି ପାରନ୍ତି। ପ୍ରକୃତ କ୍ଷେତ୍ରରେ ଯେତେବେଳେ ଏହା ସଙ୍ଗଠିତ ଓ ସଙ୍ଗତିପୂର୍ଣ୍ଣ ଯନ୍ତ୍ରର ଅଧିକାରୀ ହୁଏ ଏବଂ ଏହି ଯନ୍ତ୍ର ମଧ୍ୟରେ ଶକ୍ତି, ନମନୀୟତା ଓ ସମ୍ଭାବନାଗୁଡ଼ିକ ପୂର୍ଣ୍ଣ ହୋଇ ରହିଥାଏ ସେତେବେଳେ ଏହାର କାର୍ଯ୍ୟ ବହୁଭାବରେ ସୁସମାହିତ ହୁଏ।

ଶରୀର ଚର୍ଚ୍ଚାରେ ବ୍ୟାପୃତ ରହିଥିବା ସମସ୍ତେ ଏହା କରନ୍ତି ବୋଲି ମୁଁ କହୁନାହିଁ, କାରଣ ଖୁବ୍ କମ ଲୋକ ଏହି ଫଳ ପ୍ରାପ୍ତି ସମ୍ବନ୍ଧରେ ସଚେତନ ଥାଆନ୍ତି। ସେମାନେ ସତର୍କ ଥାଆନ୍ତୁ ବା ସତର୍କ ନରହନ୍ତୁ ଏହା ହିଁ ଫଳ ହୋଇଥାଏ। ଶାରୀରିକ ଚର୍ଚ୍ଚାରେ ନିୟମାନୁବର୍ତ୍ତୀ ଓ ନିବିଷ୍ଟ ଚିତ୍ତରେ ନିଯୁକ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କର ଚଳମାନ ଶରୀରକୁ ଅବଲୋକନ କଲେ ତୁମ୍ଭେ ଜାଣିପାରିବ ଯେ ସେଥିରୁ ବିଚ୍ଛୁରିତ ଆଲୋକ ଓ ଚେତନା ଅନ୍ୟ କାହାରି ଶରୀର ପକ୍ଷରେ ସମ୍ଭବ ନୁହେଁ।

କେବଳ ବାହ୍ୟ ଚକ୍ଷୁରେ ଏସବୁ କାର୍ଯ୍ୟପ୍ରଣାଳୀକୁ ଦେଖୁଥିବା ଲୋକମାନେ କୁହନ୍ତି, "କାମକରୁଥିବା ଲୋକମାନେ, ଉଦାହରଣ ସ୍ୱରୂପ ଯେଉଁମାନେ କଠିନ ଶାରୀରିକ ପରିଶ୍ରମ କରନ୍ତି ସେମାନେ ମଧ୍ୟ ତାଙ୍କର ମାଂସପେଶୀଗୁଡ଼ିକୁ ଗଠନ କରିଥାଆନ୍ତି। ଆଭିଜାତ୍ୟ ସମ୍ପନ୍ନ ଲୋକମାନେ କୌଣସି ପ୍ରକାଶିତ ଫଳ ନଥାଇ ବ୍ୟାୟାମରେ ସମୟ ଅତିବାହିତ କରିବା ଅପେକ୍ଷା ଏମାନଙ୍କର କାମ କିଛି ଭଲ ଫଳ ଦେଇପାରେ।" ଏହା ଅଭିଜ୍ଞତାର ସୂଚକ। କାରଣ ସ୍ଥାନୀୟ, ସୀମିତ ଓ ବୃତ୍ତିଭିତ୍ତିକ କାର୍ଯ୍ୟରେ ମାଂସପେଶୀର ବୃଦ୍ଧିଠାରୁ ସୌଷ୍ଠବାନ୍ୱିତ ଭାବରେ ଓ ପୂର୍ଣ୍ଣ ପ୍ରକାଶମାନ ପ୍ରଣାଳୀ ମାଧ୍ୟମରେ ଶରୀରର ସମସ୍ତ ଅଂଶର ବ୍ୟାୟାମ କରିପାରୁଥିବା ଅଭିବୃଦ୍ଧି ଉନ୍ନତ ସ୍ତରର ବୋଲି ଗୃହୀତ ହୁଏ।

ଦିନ ମଜୁରିଆ ଓ କୃଷକମାନେ କେତେକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ସେମାନଙ୍କର କାର୍ଯ୍ୟ କରିଥାଆନ୍ତି ଏବଂ ଏହି ପ୍ରଣାଳୀ ଗଠିତ ପେଶୀଗୁଡ଼ିକର ଭବିଷ୍ୟତରେ ବିକୃତ ହେବାର ସମ୍ଭାବନା ଅଧିକ ଥାଏ। ଏହା କୌଣସି ଭାବରେ ତାଙ୍କର ଚୈତ୍ୟ ସତ୍ତାର ବୃଦ୍ଧି ଘଟାଏ ନାହିଁ। ସମଗ୍ର ଜୀବନ ଚୈତ୍ୟଙ୍କର ବିକାଶ ସକାଶେ କାମରେ ଲାଗିଥାଏ। ମାତ୍ର ଏହା ଏତେ ଚେତନାହୀନ ଓ ଧୀର ଗତିରେ ହୋଇଥାଏ ଯେ ଏହି ଫଳ ପ୍ରାପ୍ତି ସକାଶେ ଚୈତ୍ୟସତ୍ତାଙ୍କୁ ବାରମ୍ବାର ଆସିବାକୁ ପଡ଼ିଥାଏ। ଆମ୍ଭେମାନେ ବର୍ତ୍ତମାନ ଭୟ ଓ ଭ୍ରାନ୍ତି ଛାଡ଼ି କହିବା ଯେ ଶରୀର ଚର୍ଚ୍ଚା ଶରୀରର ଏକ ସାଧନା ଏବଂ ସବୁ ସାଧନା ଲକ୍ଷ୍ୟ ହାସଲ କରିବା ଦିଗରେ ସହାୟକ ହୁଅନ୍ତି। ସାଧନାର ନିଷ୍ଠା ଓ ଚେତନାଯୁକ୍ତ ଅଭିବ୍ୟକ୍ତି ଆଶାନୁରୂପ ଫଳ ପ୍ରଦାନ କରେ। ମାତ୍ର ତୁମ୍ଭେ ଯଦି ଅଜ୍ଞତା ମଧ୍ୟରେ ଏହି କାର୍ଯ୍ୟ କରୁଥାଅ ଏବଂ ତୁମ୍ଭର ଅଙ୍ଗୁଳି, ପାଦ ଓ ନାସିକାର ସୀମା ଅତିକ୍ରମ କରି ନପାର ତେବେ ମଧ୍ୟ ସର୍ବାଙ୍ଗୀନ ଉନ୍ନତି ସକାଶେ ଏହା ସାହାଯ୍ୟ କରେ।

ଶେଷରେ ଜଣେ ଏପରି କହିପାରେ ଯେ ଠିକ୍ ଭାବରେ, କଠୋର ଶୃଙ୍ଖଳା ମଧ୍ୟରେ, ନିଷ୍ଠାପର ଭାବରେ ଓ ସ୍ୱଇଚ୍ଛାରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଏ ତାହା ଆଖିଦୃଶିଆ ସାହାଯ୍ୟ କରିଥାଏ। କାରଣ ଏହା ମର୍ତ୍ତ୍ୟ ସୁଲଭ ଜୀବନକୁ ତା'ର ଲକ୍ଷ୍ୟ ପ୍ରାପ୍ତିରେ ଏବଂ ନୂତନ ଜୀବନ ସକାଶେ ପ୍ରସ୍ତୁତ ହେବାରେ ସମର୍ଥ କରାଏ। ନିଜକୁ ଶୃଙ୍ଖଳିତ କରିବା ଅର୍ଥ ଏହି ନୂତନ ଜୀବନର ଆଗମନକୁ ତ୍ୱରାନ୍ୱିତ କରିବା ଏବଂ ଅତିମାନସ ଚେତନା ସଙ୍ଗେ ସମ୍ପର୍କ ସ୍ଥାପନ କରିବା।

ବାହାରକୁ ଦେଖାଯାଉଥିବା ଶରୀର ଆତ୍ମାର ଅନନ୍ତ ଜୀବନର ଏକ ବିକୃତ ଛାୟାରୂପ। ମାତ୍ର ଏହି ଶରୀର ଅଭ୍ୟୁଦୟ ଓ ଅଗ୍ରଗତି ସକାଶେ ସମର୍ଥ। ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଶକ୍ତି କାର୍ଯ୍ୟ କରିପାରିଲେ ଉନ୍ନତି ସମ୍ଭବ ହୁଏ। ଏପରି ଏକ ଶୁଭଦିନ ଆସିବ ଯେଉଁଦିନ ଏହା ପାର୍ଥିବ ଶରୀର ଓ ପ୍ରକାଶିତ ହେବାକୁ ଥିବା

ଅତିମାନସ ସେବିତ ଜୀବନ ମଧ୍ୟରେ ଏକ ସେତୁ ନିର୍ମାଣ କରିଦେବାକୁ ସମର୍ଥ ହେବ। ***(୨୮ ନଭେମ୍ବର, ୧୯୫୮)***

**ଚେତନା ସେବିତ ଇଚ୍ଛା**

ଆମ୍ଭମାନଙ୍କର ଦୈନନ୍ଦିନ ଜୀବନରେ ଆମ୍ଭେ ଯେଉଁ ଅଙ୍ଗ ସଞ୍ଚାଳନ କାର୍ଯ୍ୟ କରିଥାଉ, ଶରୀର ଶ୍ରମ ଓ ଦୈହିକ କର୍ମ ମଧ୍ୟରେ ଯାହା ସବୁ କରୁ ତାହା ମାଂସପେଶୀ ଗୁଡ଼ିକର ସୌଷ୍ଠବ ବୃଦ୍ଧିରେ କାହିଁକି ସହାୟତା ପ୍ରଦାନ କରେ ନାହିଁ? ଏହି ସଞ୍ଚାଳନ ପ୍ରକ୍ରିୟା, ଅନ୍ୟ ପକ୍ଷରେ, ଯଦି ଚେତନାଯୁକ୍ତ ଭାବରେ, ଆନନ୍ଦ ମନରେ ଓ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସକାଶେ ପ୍ରଯୁକ୍ତ ହୋଇପାରେ ତେବେ ତୁମ୍ଭର ପେଶୀସମୂହ ଓ ଶରୀର ଗଠନ କାର୍ଯ୍ୟରେ ଏଗୁଡ଼ିକ ତତ୍କ୍ଷଣାତ୍ ସହାୟକ ହୁଅନ୍ତି। ସିମେଣ୍ଟବସ୍ତା, ଶସ୍ୟ ଓ କୋଇଲା ଅଖାଗୁଡ଼ିକ ବହୁ ପରିଶ୍ରମର ଅପେକ୍ଷାକରେ, ଏହା କରିବାକୁ ଜଣକୁ ଯଥେଷ୍ଟ ଶକ୍ତି, ଚେଷ୍ଟା, ଆୟତ୍ତ କରିଥିବା କୌଶଳ ପ୍ରୟୋଗ କରିବାକୁ ହୁଏ। କିନ୍ତୁ ଏସବୁ ଶରୀରର ସଙ୍ଗତିପୂର୍ଣ୍ଣ ଗଠନ ଆଣିପାରନ୍ତି ନାହିଁ। କାରଣ ଶରୀରର ସୌଷ୍ଠବ ଆନୟାନାର୍ଥ ଏହା କରା ନଯାଇ ପେଟ ପୋଷିବା ନ୍ୟାୟରେ ଯେପରି କରାଯାଇଥାଏ। ନିଜେ ଶିକ୍ଷା କରିଥିବା ବା ନିଜେ ତିଆରି କରିଥିବା କୌଣସି କୌଶଳ ଓ ପ୍ରକ୍ରିୟାର ପ୍ରୟୋଗ ଶାରୀରିକ ସୌନ୍ଦର୍ଯ୍ୟ ରକ୍ଷା କରିବା ପାଇଁ ପ୍ରଯୁକ୍ତ ହୋଇପାରିଲେ ସୁଫଳ ମିଳିଥାଏ। ତେଣୁ ଚେତନାଯୁକ୍ତ ଇଚ୍ଛା ସଙ୍ଗରେ ଏପରି ଏକ ଶକ୍ତି ରହିଥାଏ ଯାହା ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକର ସଞ୍ଚାଳନ ସକାଶେ ବହୁ ଭାବରେ ସାହାଯ୍ୟ କରନ୍ତି। ଅଧୁନା ଶରୀର ଚର୍ଚ୍ଚା ଯେଉଁ ଭାବରେ ପରିଚିତ ସେହି ଶୈଳୀରେ କାର୍ଯ୍ୟ କରିବାକୁ ହେଲେ ସଚେତନ ଭାବରେ କାର୍ଯ୍ୟ କରିବାକୁ ହେବ। ସେମାନେ ଚେତନାଯୁକ୍ତ ହୋଇ ସିଢ଼ି ପାହାଚରୁ ତଳକୁ ଆସନ୍ତି, ଦିନଚର୍ଯ୍ୟା ମଧ୍ୟରେ ସବୁ ଅଙ୍ଗଭଙ୍ଗୀ ସଚେତନ ଭାବରେ କରନ୍ତି। ଏଗୁଡ଼ିକ ଯାନ୍ତ୍ରିକ କ୍ରିୟା ପରି ସମାହିତ ହୋଇ ନଥାଏ। ଏକାଗ୍ର ଚିତ୍ତ ଚକ୍ଷୁ କେତେଗୁଡ଼ିଏ ପାର୍ଥକ୍ୟ ଦେଖି ପାରିବ ମାତ୍ର ସେମାନେ ପ୍ରୟୋଗ କରୁଥିବା ଇଚ୍ଛା ଓ ଚେତନା ମଧ୍ୟରେ ସର୍ବାଧିକ ପାର୍ଥକ୍ୟ ପରିଦୃଷ୍ଟ ହୁଏ। ଗୋଟିଏ ସ୍ଥାନକୁ ପାଦରେ ଚାଲିଯିବା ଓ ବ୍ୟାୟାମ କରିବା ଉଦ୍ଦେଶ୍ୟ ନେଇ ପଦଚାଳନା କରିବା ଏକାକଥା ନୁହେଁ। ଚେତନାଯୁକ୍ତ ଇଚ୍ଛାହିଁ ଏଥି ମଧ୍ୟରେ ବଳବତୀ। ଏହା ହିଁ ଅଭ୍ୟୁଦୟର ଆମନ୍ତ୍ରଣକରେ ଓ ସିଦ୍ଧି ପ୍ରଦାନ କରେ। ତେଣୁ ମୁଁ ମନେକରେ, ଲୋକମାନେ ଯେଉଁ ପ୍ରଣାଳୀ ଅନୁସାରେ କାର୍ଯ୍ୟ କରନ୍ତି ସେଗୁଡ଼ିକ ଅପେକ୍ଷା ଏକ ଲକ୍ଷ୍ୟ ପ୍ରାପ୍ତିରେ ଦୃଢ଼ତା ଓ ନିଷ୍ଠାକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଉଚିତ।

ଜଣେ ଯୋଗୀ ବା ସାଧନାରତ ଯୋଗୀ ଆଧାତ୍ମିକ ଦୃଷ୍ଟିରୁ କିଛି ପାଇବା ଆଶାରେ ବା ଶରୀର ଉପରେ କିଛି କର୍ତ୍ତୃତ୍ୱ ରଖିବା ସକାଶେ ଆସନ ଆଦି କଲେ ଫଳ ଲାଭ କରିଥାନ୍ତି। କାରଣ ଏହି ଲକ୍ଷ୍ୟ ନେଇ ସେ କାର୍ଯ୍ୟରେ ନିଯୁକ୍ତ ରହନ୍ତି। ମୁଁ ଏପରି କେତେଜଣଙ୍କ ଜାଣେ ଯେଉଁମାନେ ଠିକ୍ ଏକା ପରି କାମ କରନ୍ତି ମାତ୍ର ଆଧାତ୍ମିକ ମାର୍ଗ ସଙ୍ଗେ ଯୁକ୍ତ ନହୋଇଥିବା ପ୍ରଚେଷ୍ଟା ଓ ଅନ୍ୟ କିଛି କାରଣରୁ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାରେ ମଧ୍ୟ ଅସମର୍ଥ ଅଟନ୍ତି। ତେବେ ମଧ୍ୟ ସେମାନେ ସେହିସବୁ କାମ କରନ୍ତି ଓ ସମୟ ସମୟରେ ଯୋଗୀମାନଙ୍କଠାରୁ ଅଧିକ କାମ କରିଥାନ୍ତି। ମାତ୍ର ଉତ୍ତମ ସ୍ୱାସ୍ଥ୍ୟ ସକାଶେ ସଙ୍କଳ୍ପ ନକରିଥିବା ହେତୁ ଓ ଏଥି ବିଷୟରେ ସମ୍ୟକ୍ ଭାବରେ ଚିନ୍ତା ନକରିଥିବା ହେତୁ ସେମାନେ ଏଥିରୁ ବଞ୍ଚିତ ହୋଇ ରହନ୍ତି। ମୁଁ ସେମାନଙ୍କୁ ନିଜେ ପଚାରିଲି, "ଏସବୁ କରିବା ପରେ ତୁମ୍ଭେ କିପରି ଅସୁସ୍ଥ ହେବ?" - ମୁଁ ଏ ବିଷୟରେ ମୋଟେ ଚିନ୍ତା କରିନଥିଲି। ମୁଁ ଯେଉଁ ସକାଶେ ଏହା କରୁଅଛି ଏହା ସେପରି ନୁହେଁ"। ଏତିକି କହିଲେ ଯଥେଷ୍ଟ ହେବ ଯେ ଚେତନାଯୁକ୍ତ ଇଚ୍ଛା କାର୍ଯ୍ୟକରେ, ପାର୍ଥିବ ତତ୍ତ୍ୱଗୁଡ଼ିକ ନୁହେଁ।

କିନ୍ତୁ ତୁମ୍ଭଙ୍କୁ ଏଥି ସକାଶେ ଚେଷ୍ଟା କରିବାକୁ ହେବ। ମୁଁ ଯାହା କହୁଅଛି ତାହା ତୁମ୍ଭେ ଭଲ ଭାବରେ ବୁଝିପାରୁଥିବ। ପୋଷାକ ପିନ୍ଧିବା, ସ୍ନାନ କରିବା, ଘର ସଫା କରିବା ପ୍ରଭୃତି ଯେଉଁ କାମ ହେଉ ପଛକେ, ଚେତନାର ସହିତ ସେ କାର୍ଯ୍ୟ ସମ୍ପାଦନ କର। ଏହି ପେଶୀଟି ଏଥି ନିମିତ୍ତ କାର୍ଯ୍ୟ କରିବ - ଏକଥା ଚିନ୍ତା କର, ଅନ୍ୟ ପେଶୀଟି ମଧ୍ୟ କାମରେ ଲାଗିବ। ତୁମ୍ଭେ ଦେଖିବ ଯେ ଏହା ଦ୍ୱାରା ଆଶ୍ଚର୍ଯ୍ୟଜନକ ଫଳ ମିଳୁଅଛି। ସିଢ଼ିରେ ଉପରକୁ ଯିବା ତଳକୁ ଆସିବା ଶରୀର ଚର୍ଚ୍ଚା ଦୃଷ୍ଟିରୁ ଏକ ମହତ୍ତର କାର୍ଯ୍ୟ। ମାତ୍ର ତୁମ୍ଭେ ଏହାର ଯଥାର୍ଥ ଉପଯୋଗ କରିବା ଉଚିତ। ଜଣେ ସାଧାରଣ ଲୋକ ସିଢ଼ି ଉପରକୁ ଯିବା ଓ ଓହ୍ଲାଇବା କାର୍ଯ୍ୟ ଅତି ନିମ୍ନମାନରେ କରିଥାଏ, ସେ ଯିବା ସକାଶେ ଉଠିଯାଏ ଓ ଓହ୍ଲାଇବା ସକାଶେ ଫେରିଆସେ। ତୁମ୍ଭେ ଏହା ନକରି ପେଶୀଗୁଡ଼ିକ ସଂଯତ ଓ ଉନ୍ନତମାନ ନେଇ ତୁମ୍ଭର ସହାୟକ ହେବେ, ଏହି ଚେତନା ନେଇ କାର୍ଯ୍ୟରେ ପ୍ରବୃତ୍ତ ହୁଅ। ତୁମ୍ଭେ ଯଥାର୍ଥ ଭାବରେ ଦେଖିବାକୁ କ୍ଷମ ହେବ। ଟିକିଏ ଚେଷ୍ଟା କରିଦେଖ। ଏହା ସୂଚେଇ ଦିଏ ଯେ ତୁମ୍ଭର ସମଗ୍ର ଜୀବନର ଚଳଣି ଓ କର୍ମଧାରା ଶରୀରର ସୁସଙ୍ଗଠିତ ଆଧାର ସକାଶେ ବିନିଯୁକ୍ତ ହୁଏ।

ତଳୁ କିଛି ଉଠାଇବା ସକାଶେ ନଇଁ ପଡ଼ିବା, ଉପରେ କିଛି ଦେଖିବା ସକାଶେ ଅଙ୍ଗ ବିଶେଷର ପ୍ରସାରଣ କରିବା, କବାଟ ଖୋଲିବା, ବନ୍ଦ କରିବା, ଯେକୌଣସି ବାଧାର ସମ୍ମୁଖୀନ ହେବାପରି ଶତାଧିକ କାର୍ଯ୍ୟ ତୁମେ ନିରନ୍ତର କରୁଥାଅ। ଏଗୁଡ଼ିକୁ ତୁମେ ଶରୀର ଚର୍ଚ୍ଚା ସକାଶେ ବ୍ୟବହାର କରିପାର। ଏତଦ୍ୱାରା ଦେଖିବ ଯେ ଏଗୁଡ଼ିକ ମଧ୍ୟରେ ତୁମ୍ଭେ ଚେତନାର ଯେଉଁ ସ୍ପର୍ଶ ଦେଇଥିଲ ତାହାହିଁ ଫଳବତୀ ହୋଇଅଛି। ସାଂସାରିକ ସାଧାରଣ ଦୃଷ୍ଟିରେ କାର୍ଯ୍ୟ ସମ୍ପାଦନଠାରୁ ଏହା ଶହେ ଗୁଣରେ ଅଧିକ କ୍ରିୟାଶୀଳ ହୋଇଥାଏ।

ତେଣୁ ତୁମ୍ଭଙ୍କୁ ସବୁଠାରୁ ଭଲ ଲାଗୁଥିବା ପ୍ରଣାଳୀଟି ତୁମ୍ଭେ ଗ୍ରହଣ କର। ମାତ୍ର ତୁମ୍ଭର ସମଗ୍ର ଦିନଚର୍ଯ୍ୟା ଏହାର ପରିସରଭୁକ୍ତ ହେଉ। ସବୁବେଳେ ଶରୀରର ସଙ୍ଗତି କଥା ଭାବିବା, ଅଙ୍ଗସଞ୍ଚାଳନ ଜନିତ ସୌନ୍ଦର୍ଯ୍ୟର ଉପଲବ୍ଧି କରିବା ଏବଂ ସମ୍ମାନହାନିକାରକ କୁତ୍ସିତ କାମ ନକରିବା ବିଷୟରେ ସଚେତନ ହେବା ଉଚିତ। ଏହା ଦ୍ୱାରା ତୁମେ ସହଜରେ ପ୍ରାପ୍ତ ହେଉନଥିବା ଅଙ୍ଗଚାଳନ କୌଶଳ ଏବଂ ତଜ୍ଜିତ ସୌଷ୍ଠବ ପ୍ରାପ୍ତ ହୋଇପାରିବ। (୧୭ ଜୁଲାଇ, ୧୯୫୭)

***ଦିବ୍ୟାଲୋକିତ ମାନବେଚ୍ଛାର ପ୍ରୟୋଗ***

ଶରୀର ସମ୍ବନ୍ଧୀୟ କାର୍ଯ୍ୟକ୍ରମଗୁଡ଼ିକୁ ସଠିକ ଭାବରେ ସମ୍ପାଦନ କରିବାକୁ ଏବଂ ଏଗୁଡ଼ିକ ଉପରେ କର୍ତ୍ତୃତ୍ୱ ରଖିବା ସକାଶେ ଆମ୍ଭମାନଙ୍କର ଯାହା କିଛି ଅଛି ସେ ସବୁର ସଦୁପଯୋଗ କରିବା ଉଚିତ। ଯେଉଁମାନେ ବୈଜ୍ଞାନିକ ପଦ୍ଧତିରେ ଏବଂ ସଂଯତ ଭାବରେ ଶରୀର ଚର୍ଚ୍ଚା କରନ୍ତି ସେମାନେ ସାଧାରଣ ଲୋକମାନଙ୍କଠାରୁ ଶରୀରକୁ ଅଧିକ ଆୟତାଧୀନ କରି ପାରନ୍ତି। ଏପରି ଶକ୍ତି ଲାଭ କରିବା ସାଧାରଣ ଲୋକମାନଙ୍କର କଳ୍ପନାତୀତ। ଋଷିଆରୁ ବ୍ୟାୟାମ ବିଶାରଦମାନେ ଆସି ସାଧାରଣ ଜନତା ସକାଶେ ଏକାନ୍ତ ଅସମ୍ଭବ କ୍ରୀଡ଼ା କସରତ ପ୍ରଦର୍ଶନ କରିଥିବାର ଆମ୍ଭେମାନେ ଦେଖିଅଛୁ। ସେମାନେ ଏପରି ଭଙ୍ଗୀରେ ପ୍ରଦର୍ଶନ କଲେ ଯାହା ଦେଖିଲେ ମନେ ହେବ ଯେ ଏହା ସବୁଠାରୁ ସରଳ ବ୍ୟାୟାମ ଏବଂ ଏଥିରେ ପରିଶ୍ରମ ବା ଚେଷ୍ଟାର ଲେଶମାତ୍ର ନଥିଲା। ଏହି ଅଧିକାର ଶରୀରର ରୂପାନ୍ତର ସକାଶେ ଏକ ବଳିଷ୍ଠ ପଦକ୍ଷେପ। ଏହି ଲୋକମାନେ ଭୌତିକ ସୁଖର ଉପାସକ ଓ ଏମାନଙ୍କର ଶିକ୍ଷା ପଦ୍ଧତିରେ ଆଧ୍ୟାତ୍ମିକତାର ଗନ୍ଧ ନଥାଏ। କେବଳ ଦୈହିକ କୌଶଳର ସଦୁପଯୋଗ କରି ଏବଂ ଏକ ଦିବ୍ୟ ଆଲୋକରେ ଦୀପ୍ତ ଆନ୍ତର ଇଚ୍ଛାକୁ ବଳବତ୍ତର ପ୍ରକ୍ରିୟା ମାଧ୍ୟମରେ ଚଳାଇ ସେମାନେ ଏହି ଫଳ ପାଇପାରିଥିଲେ। ଯଦି ସେମାନେ ଏଥି ସହିତ ଆଧ୍ୟାତ୍ମିକ ଜ୍ଞାନ ଓ ଶକ୍ତିର ସମ୍ମେଳନ କରିଥାଆନ୍ତେ ତେବେ ଅଦ୍ଭୁତ ଓ ଅଲୌକିକ ଫଳ ପ୍ରାପ୍ତ ହୋଇ ପାରିଥାଆନ୍ତେ। ଯେହେତୁ ପୃଥିବୀରେ ଏକ ଭ୍ରାନ୍ତ ଚିନ୍ତାଧାରା ବଳବତ୍ତର ଅଛି ଆମ୍ଭେମାନେ ଏହି ଦୁଇଟିକୁ ଏକ ସଙ୍ଗରେ ଦେଖିପାରୁନାହିଁ। ଭୌତିକ ଶକ୍ତି ଓ ଆଧ୍ୟାତ୍ମିକ ଶକ୍ତି ଏକାଠି ରହନ୍ତି ନାହିଁ। ଗୋଟିଏ ଅନ୍ୟଟି ବିନା ଅପୂର୍ଣ, ମାତ୍ର ଆମ୍ଭେମାନେ ଠିକ ଏହା କରିବାକୁ ଇଚ୍ଛା କରୁ। ଯଦି ଦୁଇଟି ଶକ୍ତିର ମିଶ୍ରଣ ହୋଇପାରେ, ତେବେ ଏହା ଏପରି ଏକ ପୂର୍ଣ୍ଣତାର ଆବାହନ କରିପାରିବ ଯାହା ସାଧାରଣ ମନୁଷ୍ୟର ଚିନ୍ତାର ଅତୀତ ଏବଂ ଏହି ପୂର୍ଣ୍ଣତା ସକାଶେ ଆମ୍ଭେମାନେ ଚେଷ୍ଟା କରିବା। ***(୧୭ ଏପ୍ରିଲ, ୧୯୫୭)***

**ଏକାଗ୍ରତା ଓ ବିଷାଦ**

କ୍ରୀଡ଼ା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ମଧ୍ୟରେ କୃତକାର୍ଯ୍ୟ ହେବା ସକାଶେ ଗୋଟିଏ ବିଷୟ ବା ଗୋଟିଏ ଧାରା ବାଛି ନେବାକୁ ହୁଏ। ଖେଳାଳୀଙ୍କର ମନୋଭାବ ଓ ରୁଚିର ଏହା ଅନୁକୂଳ ହେବା ଦରକାର। ସେମାନେ ସେମାନଙ୍କ ଦ୍ୱାରା ନିର୍ବାଚିତ ଖେଳ ଶିକ୍ଷା କରିବାକୁ ନିଷ୍ଠାପର ଉଦ୍ୟମ ଜାରି ରଖନ୍ତି ଓ ବିଭିନ୍ନ ଦିଗରେ ଶକ୍ତିର ଅପଚୟ କରିନ୍ତି ନାହିଁ। ଜୀବନରେ ଜଣେ ତାଙ୍କର ବୃତ୍ତିର ଚୟନ କରି ସେଥିରେ ନିଷ୍ଠାର ସହିତ ଜଡ଼ିତ ହେଲାପରି ଜଣେ ଖେଳାଳୀ ତାଙ୍କର ନିର୍ବାଚିତ ଖେଳରେ ସଦୁଦ୍ୟମ ଓ ଅଭ୍ୟାସ ବଳରେ ସର୍ବୋତ୍ତମ ସାଫଲ୍ୟ ପ୍ରାପ୍ତି ସକାଶେ ଯତ୍ନ କରନ୍ତି। ଗୋଟିଏ ବିଷୟରେ ନିରନ୍ତର ଉତ୍ସାହ ଓ ଆବେଗ ସହିତ କାର୍ଯ୍ୟକଲେ ଏବଂ ଗୋଟିଏ ଗୋଟିଏ କୌଶଳର ବାରମ୍ବାର ଅଭ୍ୟାସ କଲେ ଏ ପୂର୍ଣ୍ଣତା ଆସେ। ଏହି ସ୍ୱତଃଜାତ ଓ ସ୍ୱାଭାବିକ ଉତ୍ତେଜନାକୁ କୈନ୍ଦ୍ରିକ ଅଭିନିବେଶ ଦ୍ୱାରା ପୂର୍ଣ୍ଣ କରାଯାଇପାରେ। ଏହି ଚେତନାର ଅଧ୍ୟାୟ ସବୁ କେବଳ ବୁଦ୍ଧି ପର୍ଯ୍ୟାୟକୁ ଦୀପ୍ତ କରେ ନାହିଁ, ଏହା କାର୍ଯ୍ୟଗୁଡ଼ିକର ସାମଗ୍ରିକ ବିଭାବକୁ ଆଲୋକିତ କରେ ଏବଂ ଶକ୍ତି ସ୍ରୋତର ସଚେତନ ନିୟନ୍ତ୍ରଣ ଦ୍ୱାରା ପ୍ରାପ୍ତ ହୋଇଥାଏ।

ଏହା ଜଣା ଶୁଣା ଯେ ମନୁଷ୍ୟର ମୂଲ୍ୟବୋଧ ତାହାର ଏକାଗ୍ରତାଦୃପ୍ତ ଅଭିନିବେଶ ସଙ୍ଗେ ସମାନୁପାତିକ ଭାବରେ ଥାଏ। ଏକାଗ୍ରତା ଯେତେ ଅଧିକ ହୁଏ, ଫଳ ଲାଭ ସେତେ ଅଧିକ ହୁଏ। ସମ୍ପୂର୍ଣ୍ଣ ଓ ଅପ୍ରତିହତ ଏକାଗ୍ରତା ଓ ଅଭିନିବେଶ ଉପଲବ୍ଧ ହେଉଥିବା ପ୍ରତ୍ୟେକ ପଦାର୍ଥରେ ପ୍ରତିଭାର ମୋହର ଲଗାଇ ଦିଏ। ଅନ୍ୟାନ୍ୟ ମାନବୀୟ କାର୍ଯ୍ୟାବଳୀ ପରି କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଏହି ପ୍ରତିଭା ଦୃଷ୍ଟ ହୁଏ।

ଚେତନାର ପୂର୍ଣ୍ଣତା ଆଣିବା ସକାଶେ କାହାରି କାର୍ଯ୍ୟକୁ ଗୋଟିଏ ବିଷୟରେ ସୀମିତ ରଖିବାକୁ ପରାମର୍ଶ ଦେବା କି ?

ସୀମାରେଖା ଟାଣିବାର ସୁଯୋଗ ବିଷୟରେ ସମସ୍ତେ ଜାଣନ୍ତି। କିନ୍ତୁ ଏହାର ମଧ୍ୟ ଅସୁବିଧା ଅଛି। ନିର୍ବାଚିତ ବିଷୟଟି ବ୍ୟତୀତ ଅନ୍ୟଗୁଡ଼ିକ ସକାଶେ ଏହା ସଙ୍କୀର୍ଣ୍ଣତା ଓ ଶକ୍ତିହୀନତାର ଆହ୍ୱାନ କରେ। ସମ୍ପୂର୍ଣ୍ଣ ଭାବରେ ଗଠିତ ଏବଂ ସଙ୍ଗତିପୂର୍ଣ୍ଣ ଜୀବନ ଶୈଳୀଥିବା ମନୁଷ୍ୟର ଆଦର୍ଶର ଏହା ବିରୁଦ୍ଧାଚରଣ କରେ। ଏହି ଦୁଇଟି ବିରୋଧାତ୍ମକ ସ୍ଥିତି ମଧ୍ୟରେ କି ଉପାୟରେ ସାମଞ୍ଜସ୍ୟ ଆସି ପାରିବ ?

ଏହି ସମସ୍ୟାର ଗୋଟିଏ ମାତ୍ର ସମାଧାନ ପନ୍ଥା ଅଛି ବୋଲି ମନେ ହୁଏ। ବିଜ୍ଞାନ ସମ୍ମତ ଓ ପର୍ଯ୍ୟାୟବଦ୍ଧ ପ୍ରଶିକ୍ଷଣ ଓ ପ୍ରଣାଳୀପୁଷ୍ଟ କର୍ମ ଦ୍ୱାରା ଜଣେ ଖେଳାଳୀ ଯେପରି ତାଙ୍କର ମାଂସପେଶୀଗୁଡ଼ିକର ସୌଷ୍ଠବ ଆଣନ୍ତି ସେହିପରି ଏକାଗ୍ରତା ଓ ଅଭିନିବେଶ ପ୍ରକ୍ରିୟା ବିଜ୍ଞାନ ସମ୍ମତ ନିମାନୁସାରୀ ପ୍ରଶିକ୍ଷଣ ଦ୍ୱାରା ମାର୍ଜିତ ହୋଇପାରିବ। ଏହି ଉନ୍ନତି ଏପରି ହୋଇଥାଏ ଯେ ଇଚ୍ଛାନୁସାରୀ ଏକାଗ୍ରତା ନିର୍ବାଚିତ ବିଷୟ ବା କାର୍ଯ୍ୟ ଉପରେ କ୍ରିୟାଶୀଳ ହୁଏ। ଅବଚେତନ ସ୍ତରରେ କାର୍ଯ୍ୟଟି ହେବା ପରିବର୍ତ୍ତେ ଧୀର ସ୍ଥିରୀକୃତ ପ୍ରଣାଳୀରେ ତାହାର

ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ। ପୂର୍ବ ପ୍ରସ୍ତୁତ ସାରଣୀ ଓ ନିଷ୍ପତ୍ତି ଅନୁସାରେ ଚେତନା ଯକ୍ତ ଏକାଗ୍ରତା ଓ ସାମଗ୍ରିକ ଅଭିନିବେଶ ଦ୍ୱାରା କୌଣସି କାର୍ଯ୍ୟର ଗୋଟିଏ ବା ଅଧିକ ଅଂଶ ପ୍ରଭାବିତ ହୁଅନ୍ତି। ଆନ୍ତର ଓ ବାହାରର ସମସ୍ତ ପରିସ୍ଥିତି ଠାରୁ ସ୍ୱତନ୍ତ୍ର ଭାବରେ ଏହି ଚେତନା ଶକ୍ତି ପ୍ରାପ୍ତ ହେବା କଷ୍ଟକର ହୁଏ। ଏହା କଠିନ ହୋଇପାରେ ମାତ୍ର ଦୃଢ଼ନିଶ୍ଚିତ ଓ ଧୈର୍ଯ୍ୟବାନ ବ୍ୟକ୍ତିଙ୍କ ପକ୍ଷରେ ଏହା ଅସମ୍ଭବ ନୁହେଁ। ଉନ୍ନତି ସକାଶେ ଯେକୌଣସି ପ୍ରଣାଳୀ ପ୍ରଯୁକ୍ତ ହେଲେ ମଧ୍ୟ ସ୍ଥିର ନିଶ୍ଚିତ ବୁଦ୍ଧି ଓ ଧୈର୍ଯ୍ୟ ସଫଳତା ସକାଶେ ଅପରିହାର୍ଯ୍ୟ।

ଇଚ୍ଛା ଶକ୍ତି ଉପରେ ଅଭିନିବିଷ୍ଟ ହୋଇ ଏକାଗ୍ରତାର ବୃଦ୍ଧି କରିବା ପ୍ରଶିକ୍ଷଣର ଲକ୍ଷ୍ୟ ଭୌତିକ ବା ଆଧ୍ୟାତ୍ମିକ କ୍ଷେତ୍ରର ଯେ କୌଣସି ବିଷୟ ଏହାର ଅନ୍ତର୍ଭୁକ୍ତ ହୋଇପାରେ। ଏଥିରେ ଶକ୍ତିର ପୂର୍ଣ୍ଣତା ବାଧାପ୍ରାପ୍ତ ହୁଏ ନାହିଁ। କ୍ରୀଡ଼ାକ୍ଷେତ୍ରରେ ଗୋଟିଏ ଖେଳର କୌଶଳ ଅନ୍ୟ କ୍ଷେତ୍ରରେ ପ୍ରୟୋଗ କରିବା କିମ୍ବା ଗୋଟିଏ କାର୍ଯ୍ୟକ୍ରମକୁ ଅନ୍ୟଟିରେ ପ୍ରୟୋଗ କରିବା ଦ୍ୱାରା ଉଭୟ ଖେଳ ଓ କାର୍ଯ୍ୟରେ ସଫଳତା ପ୍ରାପ୍ତ ହୋଇଥାଏ।

ଭାରୋତ୍ତୋଳନ, ଡ଼େଇଁବା, ବକ୍ସିଂ ଖେଳିବା, ଦୌଡ଼ିବା ଆଦି ଖେଳରେ ଅତ୍ୟଧିକ ମନୋଯୋଗ ଦିଆଗଲେ, ସମସ୍ତ ଶକ୍ତି କୌଣସି ଗୋଟିଏ ଖେଳ ସକାଶେ ବ୍ୟୟିତ ହେଲେ ଏହା ଶରୀରରେ ଉତ୍ସାହ ଓ ଉଦ୍ଦୀପନାର ସୃଷ୍ଟି କରେ। ଏହା ନିଜ ସଙ୍ଗରେ କାର୍ଯ୍ୟକରିବାରେ ଓ ଫଳପ୍ରାପ୍ତିରେ ପୂର୍ଣ୍ଣତା ଆଣିଦିଏ। ଜଣେ ଖେଳାଳୀ କୌଣସି ଏକ ଖେଳରେ ଅତ୍ୟଧିକ ଆଗ୍ରହ ପ୍ରକାଶ କଲେ ଏବଂ ଏହାର ଘଟଣା ପ୍ରବାହ ସବୁ ନିର୍ଦ୍ଦେଶ, ନିଷ୍ପତ୍ତି ଓ ଇଚ୍ଛାର ବାହାରକୁ ଚାଲିଗଲେ ଏପରି ଅବସ୍ଥା ସୃଷ୍ଟ ହୁଏ।

ଏକାଗ୍ରତା ଓ ଅଭିନିବେଶ - ଏ ଦୁଇଟିର ସମପର୍ଯ୍ୟାୟ ପ୍ରଶିକ୍ଷଣ ଦ୍ୱାରା ଜଣେ ଇଚ୍ଛାଶକ୍ତିକୁ ବଳବତୀ କରିପାରେ, ଆଦେଶ ନିଜର ଅନୁବର୍ତ୍ତୀ ହୁଏ ଏବଂ ଶେଷରେ ଯେ କୌଣସି କାର୍ଯ୍ୟକ୍ରମର ପୂର୍ଣ୍ଣତା ନିଶ୍ଚିତ ଭାବରେ ପ୍ରାପ୍ତ ହୋଇଥାଏ।

ଆମ୍ଭର ଶାରୀରିକ ଶିକ୍ଷା ବିଭାଗରେ ଆମ୍ଭେମାନେ ଏହାହିଁ କରିବାକୁ ଚେଷ୍ଟା କରୁଅଛୁ। ଏହି ପ୍ରଣାଳୀରେ କାର୍ଯ୍ୟକଲେ ପ୍ରଚଳିତ ପଦ୍ଧତିଠାରୁ ବିଳମ୍ବରେ ଫଳ ମିଳିପାରେ, ମାତ୍ର ଆମ୍ଭମାନଙ୍କର କାର୍ଯ୍ୟ ଶୀଘ୍ର ସମ୍ପାଦିତ ନହେଲେ ମଧ୍ୟ ପ୍ରକାଶମାନ ପୂର୍ଣ୍ଣତା ଓ ବୈଭବ ଏହି ବିଳମ୍ବିତ ପ୍ରକ୍ରିୟାକୁ କଳାନ୍ତର ସହିତ ପରିଶୋଧ କରିଦେବ। **(ବୁଲେଟିନ, ଏପ୍ରିଲ, ୧୯୪୯)**

**ସବୁ ସମୟରେ ଟିକିଏ ଅଧିକ ଚେଷ୍ଟାକର**

***କୁହା ଯାଇଅଛି "ତୁମ୍ଭେ ଯେତେ ବେଶୀ ଦେବ ସେତିକି ଅଧିକ ପାଇ ପାରିବ" ଏହା ଭୌତିକ ଶକ୍ତି ପ୍ରତି ପ୍ରଯୁଜ୍ୟ କି? ନିଜ ଶକ୍ତି ବହିର୍ଭୂତ କୌଣସି କାର୍ଯ୍ୟ କରିବା ଉଚିତ କି? ଏହି କାମ କଳା ସମୟରେ କାହାରି ମନୋଭାବ କିପରି ହେବା ଉଚିତ?***

ଜଣେ ଖର୍ଚ୍ଚ ନକଲେ ପାଇ ପାରିବ ନାହିଁ। ଶିଶୁର କ୍ରମଃବର୍ଦ୍ଧିଷ୍ଣୁ ଶକ୍ତି ତାହାର ଶକ୍ତିର ନିୟୋଜନର ଫଳ। ବ୍ୟୟ କରିବା ସମୟରେ ତା'ର ପୁନର୍ବାର ପ୍ରାପ୍ତି ସକାଶେ ଯେଉଁ ସମୟସୀମା ଆବଶ୍ୟକ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ଗୋଟିଏ ଶିଶୁ ଆଜି ଯାହା କରିନପାରିଲା କାଲି ତାହା କରି ପାରିବ। ତେଣୁ ତୁମେ ଯାଇଥିବା ଓ ସ୍ପର୍ଶ କରିଥିବା ସୀମାର ବାହାରକୁ ନ ଗଲେ ଉନ୍ନତି ସମ୍ଭବ ନୁହେଁ। ଏହା ସତ୍ୟ ଯେ ଯେଉଁମାନେ ଶରୀରଚର୍ଚ୍ଚାର କାର୍ଯ୍ୟକ୍ରମ ଗ୍ରହଣ କରନ୍ତି ସେମାନେ ଧୀରଗତିରେ ଉନ୍ନତି କରନ୍ତି ଏବଂ କରିବାର ସୀମା ବାହାରେ ଆଉ କିଛି ଅଧିକ କାମ କରନ୍ତି।

ଏହା କେବଳ ସମାନତା ରକ୍ଷା କରିବାର ଏକ ସୋପାନ ଏବଂ ଗ୍ରହଣ କରିବାର ସମୟସୀମା ବ୍ୟୟ କରାହୋଇଥିବା ସମୟ ସହିତ ଐକାନ୍ତିକ ଭାବରେ ଚାଲିବା ଉଚିତ। କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କରୁଥିବା କାମକୁ ବାନ୍ଧିରଖିଲେ ଏହା ପ୍ରଥମତଃ ଅସମ୍ଭବ ବୋଲି ଜଣାଯାଏ, କାରଣ ଜଣେ ଅଗ୍ରଗତି ନକଲେ ପଛକୁ ପୁଣି ଫେରିଆସେ। ତେଣୁ କାମ କରୁଥିବା ଲୋକ ସବୁବେଳେ କରୁଥିବା କାମଠାରୁ ଟିକିଏ ଅଧିକ କାମ ହାତକୁ ନେବା ଦରକାର। ଏହା ଉର୍ଦ୍ଧ୍ୱଦେଶକୁ ନେଇଯିବାକୁ ସାହାଯ୍ୟ କରେ। ଯଦି ଜଣେ ବେଶୀ କାମ କରିବାକୁ ଭୟ କରନ୍ତି ତେବେ ତାଙ୍କର ତଳକୁ ଖସିବା ନିଶ୍ଚିତ ଓ ଏତଦ୍ୱାରା ସେ ନିଜର ଶକ୍ତି ହରାଇ ବସନ୍ତି।

ଜଣେ ସବୁବେଳେ କିଛି ଅଧିକ ଭାବରେ ଚେଷ୍ଟା କରିବା ଦରକାର। ପୂର୍ବଦିନ ବା କେତେ ମିନିଟ ପୂର୍ବରୁ କରିଥିବା କାମଠାରୁ ଆଉ ଟିକିଏ ଅଧିକ କରିବା ଆବଶ୍ୟକ। ନିଜର ଚେଷ୍ଟା ବୃଦ୍ଧି ସଙ୍ଗେ ନିଜର ଗ୍ରହଣ ଶକ୍ତି ବୃଦ୍ଧି ହୁଏ ଏବଂ ପାଇବାର ସୁଯୋଗ ପ୍ରସାରିତ ହୁଏ। ଉଦାହରଣ ସ୍ୱରୂପ ଜଣେ ନିଜର ପେଶୀଗୁଡ଼ିକର ଉନ୍ନତି ଆଶାକଲେ ଏହି ପେଶୀମାନେ ଅଧିକରୁ ଅଧିକ କାର୍ଯ୍ୟ କରିବେ, ମାତ୍ର ଯାହା ଦରକାର ତାହାହିଁ କରାଯିବ। ଯଥା ମାଲିସ କରିବା ଓ ବ୍ୟାୟାମ ଭିତ୍ତିକ ଚିକିତ୍ସା କରିବା। ଏଥି ସହିତ ଗ୍ରହଣ କରିବାର ଶକ୍ତି ମଧ୍ୟ ବୃଦ୍ଧି କରାଯିବ।

ଏବଂ ବିଶ୍ରାମ - ଅଚେତନ ଭାବପ୍ରବଣ ବିଶ୍ରାମ ଶରୀର ପୀଡ଼ା ଦୂର ନକରି କ୍ଳାନ୍ତି ବୃଦ୍ଧି କରେ। ମାତ୍ର ଚେତନଯୁକ୍ତ ବିଶ୍ରାମ ମାଧ୍ୟମରେ ଜଣେ ନିଜକୁ ଉନ୍ମୁକ୍ତ କରି ଆସୁଥିବା ସାର୍ବଜନୀନ ଶକ୍ତିକୁ ଶରୀର ମଧ୍ୟରେ ସ୍ଥାନୀତ କରିଦେଇପାରେ।

ଶରୀରର ସମ୍ଭାବନାଗୁଡ଼ିକର ସୀମାରେଖା ଅତି ପ୍ରଶସ୍ତ। ଯେଉଁମାନେ ପ୍ରଣାଳୀବଦ୍ଧ ବୈଜ୍ଞାନିକ ପଦ୍ଧତିରେ ଶିକ୍ଷା କରନ୍ତି ଏବଂ ଧାରାବାହିକ ଭାବେ ଏଥିରେ ସଂଲଗ୍ନ ରହନ୍ତି ସେମାନେ ଚମକପ୍ରଦ ଫଳ ଲାଭ କରନ୍ତି। ସେମାନେ ଶରୀରଠାରୁ ଅନେକ କିଛି ଦାବି

କରନ୍ତି ମାତ୍ର ତାଲିମ ବ୍ୟତୀତ ଶରୀର କିଛି ହିଁ କରିବାକୁ ସମର୍ଥ ନୁହେଁ। ତେଣୁ ସେମାନେ ଧୀରେ ଧୀରେ ପୂର୍ବରୁ କରୁଥିବା କାର୍ଯ୍ୟଗୁଡ଼ିକର ସୀମାରୁ ବାହାରକୁ ଯିବେ ଓ କେବଳ ପୂର୍ଣ୍ଣତା ପାଇଁ କାର୍ଯ୍ୟ ନକରି ଶକ୍ତି ସଞ୍ଚୟ ପାଇଁ ମଧ୍ୟ ଚେଷ୍ଟା କରିବେ। ନିଜେ ପାରୁଥିବା କାମର ପରିମାଣଠାରୁ ଅଧିକ କରିବା ସକାଶେ ଯଦି ମନରେ ଭୟଜାତ ହୁଏ ତେବେ ପ୍ରଗତିର ପଥ ରୁଦ୍ଧ ହୁଏ। ଏକ ସଙ୍ଗରେ ବ୍ୟୟ କରାଯାଇଥିବା ଶକ୍ତି ଫେରସ୍ତ ପାଇବା ସକାଶେ ମଧ୍ୟ କାର୍ଯ୍ୟ ହେବା ଦରକାର। ଏହାହିଁ ଶରୀର ଚର୍ଚ୍ଚାର ମୂଳତତ୍ତ୍ୱ। ଏହି ସ୍ଥିତିରେ ଯାହା ଅଜ୍ଞାତ ଓ ଅଣତାଲିମ ପ୍ରାପ୍ତ ବ୍ୟକ୍ତି ସକାଶେ ଅତ୍ୟନ୍ତ ଅଲୌକିକ କାର୍ଯ୍ୟବୋଲି ପ୍ରତୀତ ହୁଏ ଉତ୍ତମ ଭାବରେ ପ୍ରଶିକ୍ଷିତ କୁଶଳୀ ବ୍ୟକ୍ତି ସେହି କାର୍ଯ୍ୟ କରିବାକୁ ସମର୍ଥ ହୋଇଥାଏ।

***(୨୦ ଜୁନ, ୧୯୫୬)***

**ଶରୀରକୁ ବାଧ କରାଯିବା ଶୁଭ ଫଳ ଦିଏ କି?**

***ମା, ମୋର ପ୍ରକୃତ ଶକ୍ତିଠାରୁ କିଛି ଅଧିକ କରିବା ସକାଶେ ଶରୀରକୁ ବାଧ କରି ପାରେ ନାହିଁ। ଏହାକୁ କିପରି ମୁଁ ବାଧ କରି ପାରିବି ସେହି ବିଷୟ ଜାଣିବାକୁ ଚାହେଁ। କିନ୍ତୁ ମା' ଜଣକର ଶରୀରକୁ ବାଧ କରିବା କ'ଣ ଭଲ କଥା?***

ନା, ଶରୀର ଅଗ୍ରଗତି କରିବାକୁ ସମର୍ଥ। ଯାହା ସେ କରିପାରୁନଥିଲା ଧୀରେ ଧୀରେ ତାହା କରିବା ସକାଶେ ସେ ଶିକ୍ଷାକରିପାରେ। ପ୍ରାଣିକ ଓ ମାନସିକ ସତ୍ତାମାନଙ୍କର କାମନା ଓ ଇଚ୍ଛା ଶକ୍ତିଠାରୁ ମନ୍ଥର ଗତିରେ ଏହା କାମ କରେ। ଯଦି ପ୍ରାଣ ଓ ମନ କୈନ୍ଦ୍ରିକ ଭାବାବେଗ ପ୍ରଭୁସ୍ଥାନରେ ଅଧିଷ୍ଠିତ ହୋଇଯାଏ ତେବେ ଶରୀର ଅତ୍ୟାଚାରିତ ହୁଏ କଷ୍ଟ ହୁଏ ଓ ଏହାର ସ୍ୱାସ୍ଥ୍ୟବିଧି ବିକୃତ ହୋଇଯାଏ।

ତେଣୁ ଜଣେ ଧୈର୍ଯ୍ୟ ସହକାରେ ଶରୀରର ଗତି ସଙ୍ଗେ ତାଳ ଦେଇ ଚାଲିବାକୁ ହେବ। ଶରୀର ତା'ର ବିଚାର ପର୍ଯ୍ୟାୟ ମଧ୍ୟରେ କ'ଣ କରିପାରିବ ବା କ'ଣ ନକରିପାରିବ ସେ କଥା ଜାଣି ପାରେ। କେତେକ ତମୋଗୁଣ ଯୁକ୍ତ ଶରୀର ଅଛନ୍ତି। ଏମାନଙ୍କୁ ଅଗ୍ରଗତି ସକାଶେ ଉତ୍ସାହ ଦେବା ପ୍ରୟୋଜନ ହୋଇଥାଏ। ମାତ୍ର ସବୁ କ୍ଷେତ୍ରରେ ଏବଂ ସବୁ ବିଷୟରେ ଜଣେ ସଙ୍ଗତିପୂର୍ଣ୍ଣ ଜୀବନ ଯାପନ କରିବା ଆବଶ୍ୟକ।

***(୧୩ ଅକ୍ଟୋବର ୧୯୬୯)***

**ଶାରୀରିକ କର୍ମ : ଭଗବାନଙ୍କ ସକାଶେ ଏକ ନୈବଦ୍ୟେ।**

***ମଧୁମୟୀ ମା,***

***ଆପଣ ଅନେକ ସମୟରେ ଆମ୍ଭମାନଙ୍କୁ କହି ଅଛନ୍ତି ଯେ ଆମ୍ଭମାନଙ୍କର ସବୁ କର୍ମ ଭଗବାନଙ୍କ ସକାଶେ ନୈବେଦ୍ୟ ଭାବରେ କରାଯିବ। ଏହାର ପ୍ରକୃତ ଅର୍ଥ କ'ଣ ଓ ଏହା କିପରି କରାଯିବ? ଟେନିସ କିମ୍ବା ବାସ୍କେଟ୍‌ବଲ୍ ଖେଳିଲା ସମୟରେ ଖେଳାଳୀ କିପରି ଏହାକୁ ନୈବେଦ୍ୟ ବୋଲି ଗ୍ରହଣ କରି ପାରିବ? ପ୍ରକୃତରେ ମାନସିକ ପ୍ରସ୍ତୁତି ଯଥେଷ୍ଟ ନୁହେଁ।***

ଏଥିରୁ ବୁଝିବାକୁ ହେବ ଯେ ଯାହା ତୁମ୍ଭେ କରୁଅଛ ସେ ସବୁ ବ୍ୟକ୍ତିଗତ ଅହଙ୍କାର, ସଫଳତା, ଯଶଲାଭ ସକାଶେ ହେବ ନାହିଁ। ଏଗୁଡ଼ିକ ଅନେକ ସଚେତନ ହେବାକୁ, ଦିବ୍ୟ ଇଚ୍ଛାକୁ ଜାଣିବାକୁ, ନିଜକୁ ପୂର୍ଣ୍ଣଭାବରେ ସମର୍ପଣ କରି ଦେବାକୁ ଉପଚାର ଓ ନୈବେଦ୍ୟ ଭାବରେ ଦେବାକୁ ହେବ। ନିଜ ଭିତରେ ଭଗବାନ କାର୍ଯ୍ୟ କରୁଅଛନ୍ତି, ତାଙ୍କର ଶକ୍ତି ଜୀବନ ଦାନ କରିଅଛି ଏବଂ ତାଙ୍କର ଇଚ୍ଛା ସବୁ କର୍ମକୁ ସମର୍ଥନ କରୁଅଛି - ଏହି ଭାବ ଜାତ ହେଲା ପର୍ଯ୍ୟନ୍ତ ଏହି କ୍ରିୟା ଚାଲୁ ରଖିବାକୁ ହେବ। ଏହା କେବଳ ମାନସିକ ସ୍ତରରେ ସୀମାବଦ୍ଧ ହୋଇ ରହିବ ନାହିଁ, ମାତ୍ର ଚେତନାର ସଜାଗସ୍ଥିତି ଏବଂ ଜୀବନ୍ତ ଅନୁଭୂତିର ପ୍ରତୀକ ଭାବରେ ପ୍ରକାଶିତ ହେବ। ଏହି ପ୍ରକ୍ରିୟାକୁ ସମ୍ଭବ କରିବା ସକାଶେ ଅହଙ୍କାର ଯୁକ୍ତ ମତିଗତି ଏବଂ ପ୍ରତିକ୍ରିୟା ଦୂର ହେବା ଆବଶ୍ୟକ। (୨୦ ନଭେମ୍ବର, ୧୯୬୧)

**କ୍ରୀଡ଼ା ପ୍ରତିଯୋଗୀତା ୧୯୬୩**

ଯେଉଁମାନେ ଦିବ୍ୟ ଜୀବନ ଲାଭ ସକାଶେ ସେମାନଙ୍କର ଶରୀରକୁ ପ୍ରସ୍ତୁତ କରିବାକୁ ଇଚ୍ଛା କରନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ମୁଁ କହେ ଯେ ସେମାନେ କ୍ରୀଡ଼ା ପ୍ରତିଯୋଗୀତା ପରି ଦୁର୍ଲଭ ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ ଏବଂ ମନେ ରଖ ଯେ ଆମ୍ଭେମାନେ ଯାହାସବୁ କରୁ ସେସବୁ ପୂର୍ଣ୍ଣତା ସକାଶେ ଏହି ଦୃଢ଼ମନୋବଳ, ସକଳ ଅସୁବିଧା ସତ୍ତ୍ୱେ ଆମ୍ଭମାନଙ୍କୁ ଆମ୍ଭମାନଙ୍କର ଲକ୍ଷ୍ୟ ଦିଗକୁ ନେଇଯିବ। ଆଶୀର୍ବାଦ।

***(୨୧ ଅଗଷ୍ଟ, ୧୯୬୩)***

**କ୍ରୀଡ଼ା ପ୍ରତିଯୋଗୀତା ୧୯୬୪**

ଏକ ନୂତନ ପୃଥିବୀର ମୂଳଦୁଆ ପକାଇବା ସକାଶେ ଆମ୍ଭେ ଏଠାରେ ରହିଅଛୁ। କ୍ରୀଡ଼ା ପ୍ରତିଯୋଗୀତାରେ ସଫଳ ହେବା ସକାଶେ ଯେଉଁ ଗୁଣ ଓ କୌଶଳ ଆବଶ୍ୟକ ହୁଏ ସେ ସବୁ ନୂତନ ଶକ୍ତିକୁ ଗ୍ରହଣ କରିବା ଓ ପ୍ରକାଶ କରିବା ସକାଶେ ଜଣେ ଖେଳାଳୀଙ୍କର ଆବଶ୍ୟକ ଗୁଣ ଓ କୌଶଳ ସଙ୍ଗେ ସମାନ।

ଏହିଜ୍ଞାନ ଓ ମନୋଭାବ ନେଇ ତୁମ୍ଭେ ଏ କ୍ରୀଡ଼ା ପ୍ରତିଯୋଗୀତାରେ ଯୋଗଦେବ ଏବଂ ସଫଳତାର ସହିତ କାମ କରିବ ବୋଲି ମୁଁ ଆଶା କରେ। ମୋର ଆଶୀର୍ବାଦ ତୁମ ସଙ୍ଗେ ଅଛି।

***(୨୪ ଅଗଷ୍ଟ ୧୯୬୪)***

**କ୍ରୀଡ଼ା ପ୍ରତିଯୋଗୀତା ୧୯୬୬**

ତୁମ୍ଭଙ୍କୁ ମନେପକାଇ ଦେବା ଭଲ ହେବ ଯେ ଆମ୍ଭେମାନେ ଅନ୍ୟ କୌଣସି ସ୍ଥାନରେ ହେଉନଥିବା ଏକ ସ୍ୱତନ୍ତ୍ର କାମ ସକାଶେ

ଆସିଅଛୁ। ଆମ୍ଭେମାନେ ସର୍ବୋଚ୍ଚ ସଙ୍ଗେ ସଂଯୁକ୍ତ ହେବୁ, ସାର୍ବଭୌମ ଚେତନାକୁ ଓହ୍ଲାଇ ଆଣି ଆମ୍ଭମାନଙ୍କ ମଧ୍ୟରେ ପ୍ରକାଶ କରିବୁ। ମାତ୍ର ତାହା କରିବା ସକାଶେ ଏକ ଶକ୍ତ ଭିତ୍ତିଭୂମି ପ୍ରୟୋଜନ। ଆମ୍ଭର ଏହି ଭୂମିଟି ଆମର ଆଧାର, ଆମର ଶରୀର। ତେଣୁ ଆମ୍ଭେମାନେ କଠିନ, ସୁସ୍ଥ, ଧୈର୍ଯ୍ୟବାନ, କୁଶଳ, ନମନୀୟ, ବଳବାନ ଓ ସବୁକାମ ସକାଶେ ପ୍ରସ୍ତୁତଥିବା ଶରୀରକୁ ତିଆରି କରିବାର ଅନ୍ୟ ଉତ୍କୃଷ୍ଟ ଉପାୟ ନାହିଁ। ଖେଳ, ଦୌଡ଼କୁଦ, କସରତଆଦି, ଏବଂ ଅନ୍ୟ ସବୁ ପ୍ରକାର ଖେଳ ଶରୀରକୁ ସୁଗଠିତ, ଉନ୍ନତ ଓ ବଳଶାଳୀ କରିବାକୁ ସର୍ବୋତ୍କୃଷ୍ଟ ପନ୍ଥା।

ତେଣୁ ଆଜିଠାରୁ ଆରମ୍ଭ ହେଉଥିବା ପ୍ରତିଯୋଗୀତାରେ ଯୋଗଦେବା ସକାଶେ ମୁଁ ତୁମ୍ଭମାନଙ୍କୁ ଡାକରା ଦେଉଅଛି। ତୁମ୍ଭର ଶକ୍ତି ଓ ଇଚ୍ଛା ସହିତ ପୂର୍ଣ୍ଣ ପ୍ରାଣରେ ଏଥିରେ ଯୋଗଦିଅ।

***(୧ ଏପ୍ରିଲ, ୧୯୬୬)***

### *କ୍ରୀଡ଼ା ପ୍ରତିଯୋଗୀତା ୧୯୬୭*

**ଆମ୍ଭମାନଙ୍କର ଏହି ଶାରୀରିକ ଶିକ୍ଷା ଓ କ୍ରୀଡ଼ା ପ୍ରତିଯୋଗୀତା ଉପଲକ୍ଷ୍ୟେ :**

ମୁଁ ତୁମ୍ଭମାନଙ୍କୁ କହିବି ଯେ ଆମ୍ଭେମାନେ ଆଧାତ୍ମିକ ଜୀବନଠାରୁ ଭୌତିକ ଜୀବନକୁ ହୀନ ଚକ୍ଷୁରେ ଦେଖୁ ନାହିଁ। ବରଂ ଏହା ମଧ୍ୟରେ ଦେବତ୍ୱର ସନ୍ଧାନ କରୁ। ଆମ୍ଭେମାନେ ଶରୀରକୁ ପ୍ରତ୍ୟାଖ୍ୟାନ କରୁ ନାହିଁ, ଏହାର ରୂପାନ୍ତର କରୁ। ଏଥି ସକାଶେ ଶରୀରିକୁ ପ୍ରତ୍ୟାଖ୍ୟାନ କରୁନାହିଁ, ଏହାର ରୂପାନ୍ତର କରୁ। ଏଥି ସକାଶେ ଶାରୀରିକ ଶିକ୍ଷା ଅତ୍ୟନ୍ତ ଭାବରେ ଫଳଦାୟୀ। ତେଣୁ ଆଜିଠାରୁ ଆରମ୍ଭ ହେଉଥିବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସକାଶେ ମୁଁ ତୁମ୍ଭମାନଙ୍କୁ ନିମନ୍ତ୍ରଣ କରୁଅଛି। ଏଥିରେ ଉତ୍ସାହ ଓ ଶୃଙ୍କଳାର ସହିତ ଭାଗନିଅ। କାରଣ ଏହା ସୁସଙ୍ଗଠିତ କାର୍ଯ୍ୟକ୍ରମ ସକାଶେ ଏକାନ୍ତ ଜରୁରୀ। ଉତ୍ସାହ ସହିତ ଖେଳରେ ଭାଗ ନିଅ କାରଣ ଏହା ସଫଳତା ସକାଶେ ମୌଳିକ ସର୍ତ୍ତ।

***(୧ ଏପ୍ରିଲ, ୧୯୬୭)***

### *ପ୍ରତିଯୋଗୀତା ୧୯୬୮*

ଶକ୍ତି ଆହରଣ ସକାଶେ ଆଦେଶାନୁବର୍ତ୍ତୀ ହେବା ପ୍ରଥମ ସର୍ତ୍ତ।

ଶରୀର ଶକ୍ତି ପ୍ରକାଶ କରିବା ପୂର୍ବରୁ ଆଦେଶ ପାଳନ କରିବାକୁ ଶିକ୍ଷା କରିବ। ଶାରୀରିକ ଶିକ୍ଷା ଶରୀର ସକାଶେ କଠୋର ଶୃଙ୍ଖଳାଯୁକ୍ତ ବିଭାଗ। ତେଣୁ ଶାରୀରିକ ଶିକ୍ଷା ସକାଶେ ଆଗ୍ରହୀ ଏବଂ ନିଷ୍ଠାପର ହୁଅ। ଏହା ଦ୍ୱାରା ତୁମ୍ଭେ ଶକ୍ତିଶାଳୀ ଶରୀରଟିଏ ପାଇ ପାରିବ।

ମୋର ଆଶୀର୍ବାଦ ତୁମ୍ଭମାନଙ୍କ ସଙ୍ଗରେ ଅଛି।

***(୧ ଏପ୍ରିଲ, ୧୯୬୮)***

### *ପ୍ରତିଯୋଗୀତା ୧୯୬୯*

ଏହି ବର୍ଷର ଆରମ୍ଭରୁ ଏକ ନୂତନ ଚେତନା ପୃଥିବୀ ପୃଷ୍ଠରେ କାର୍ଯ୍ୟ କରୁଅଛି। ଏହା ଲୋକମାନଙ୍କୁ ନୂତନ ସୃଷ୍ଟି ସକାଶେ ପ୍ରସ୍ତୁତ କରିବ। ଅତିମାନବମାନେ ଆସିବେ। ଏହି ସୃଷ୍ଟି ସକାଶେ ଯେଉଁ ପଦାର୍ଥମାନଙ୍କ ଦ୍ୱାରା ମାନବ ଶରୀର ଗଠିତ ହୋଇଅଛି, ସେଗୁଡ଼ିକର ବଡ଼ ଧରଣର ପରିବର୍ତ୍ତନ ଘଟିବ। ଏହା ଚେତନା ପ୍ରତି ଅଧିକ ଗ୍ରହଣଶୀଳ ଏବଂ ଏହାର ଅଧୀନରେ କାର୍ଯ୍ୟ କରିବା ସମୟରେ ନମନୀୟ ହେବ।

ଏହି ଗୁଣଗୁଡ଼ିକ ଜଣେ ଶାରୀରିକ ଶିକ୍ଷା ଦ୍ୱାରା ଆହରଣ କରିପାରିବ। ଏହି ଫଳକୁ ଲକ୍ଷ୍ୟ ରଖି ଯଦି ଆମ୍ଭେମାନେ ଏହି ବିଭାଗଟିର ଅନୁଶୀଳନ କରୁ ତେବେ ଖୁବ ଭଲ ଫଳ ପାଇବା ସକାଶେ ନିଶ୍ଚିତ ହୋଇ ପାରିବା। ସମସ୍ତଙ୍କୁ ମୋର ଆଶୀର୍ବାଦ। ତୁମ୍ଭର ଉନ୍ନତି ହେଉ, ତୁମ୍ଭେମାନେ ଅଭୀଷ୍ଟ ଫଳ ଲାଭ କର।

***(୧ ଏପ୍ରିଲ, ୧୯୬୯)***

### *ପ୍ରତିଯୋଗୀତା ୧୯୭୦*

ଆମ୍ଭମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଶରୀରର କୌଶଳ ସମୂହ ବ୍ୟତୀତ ପରମ ପ୍ରଭୁଙ୍କୁ ଆମେ ଆଉ କ'ଣ ଦେଇ ପାରିବା ?

ପରିପୂର୍ଣ୍ଣତା ସକାଶେ ଆମ୍ଭର ଚେଷ୍ଟା ପ୍ରଦତ୍ତ ହେଉ। ଶାରୀରିକ ଶିକ୍ଷା ଆମ୍ଭମାନଙ୍କ ସକାଶେ ନୂତନ ବ୍ୟାଖ୍ୟା ଓ ଉଚ୍ଚତର ମୂଲ୍ୟ ବୋଧ ନେଇ ପ୍ରକାଶିତ ହେବ।

ପ୍ରସ୍ତୁତି ହେଉଅଛି। ଆସ, ଶାରୀରିକ ଶିକ୍ଷାମାଧ୍ୟମରେ ଆମେ ସାହାଯ୍ୟ କରିବା। ଆମର ଶରୀରକୁ ଦୃଢ଼ କରିବା, ଅଧିକ ଗ୍ରହଣଶୀଳ କରିବା ଓ ଅଧିକ ନମନୀୟ କରିବା, ଏହା ଆମ୍ଭର ଭୌତିକ ରୂପାନ୍ତରରେ ସହାୟକ ହେବ। (୧ ଏପ୍ରିଲ, ୧୯୭୦)

### *ପ୍ରତିଯୋଗୀତା ୧୯୭୧*

ଯେତେବେଳେ ପୁରୁଣା ଭିତ୍ତି ଦୋହଲି ଯାଉଅଛି ଓ ମାତ୍ରାଧିକ ଦ୍ୱନ୍ଦ ସୃଷ୍ଟ ହେଉଅଛି ସେତେବେଳେ ଆମ୍ଭେମାନେ ଦେବ ମୁହୂର୍ତ୍ତର ଗୋଟିଏ ପାଖରେ ରହିଅଛୁ। ମାତ୍ର ଯେଉଁମାନେ ଆଗକୁ ଲମ୍ଫ ପ୍ରଦାନ କରିବାକୁ ଇଚ୍ଛା କରନ୍ତି ସେମାନଙ୍କ ସକାଶେ ଏହା ଏକ ଅପୂର୍ବ ସୁଯୋଗ। ସେମାନଙ୍କର ଅଗ୍ରଗତିର ସମ୍ଭାବନା ଅତି ଉଜ୍ଜ୍ୱଳ। ଯେଉଁମାନେ ଏହି ସୁଯୋଗର ଉପଯୋଗ କରନ୍ତି ତୁମ୍ଭେ ସେମାନଙ୍କ ମଧ୍ୟରୁ ଜଣେ ହେବ ନାହିଁ କି ? ଏହି ମହାନ ପରିବର୍ତ୍ତନ ସକାଶେ ତୁମ୍ଭର ଶରୀର ଶାରୀରିକ ଶିକ୍ଷା ମାଧ୍ୟମରେ ପ୍ରସ୍ତୁତ ହେଉ। ସମସ୍ତଙ୍କୁ ମୋର ଆଶୀର୍ବାଦ।

***(୧ ଏପ୍ରିଲ, ୧୯୭୧)***

**ହଠ ଯୋଗ ସମ୍ପର୍କରେ**

ଅଭିଜ୍ଞତାରୁ ଆମ୍ଭେ ଜାଣୁ ଯେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଶୃଙ୍ଖଳାର ବ୍ୟାୟାମ ସମୂହ କେବଳ ଯୌଗିକ ପ୍ରକ୍ରିୟା ବୋଲି କୁହାଯାଇ ପାରିବ ନାହିଁ। ଆମ୍ଭେ ନିଶ୍ଚିତ ଭାବରେ କହି ପାରିବା ନାହିଁ ଯେ ଏହି ବ୍ୟାୟାମରେ ଅଂଶଗ୍ରହଣ କଲେ ଏଗୁଡ଼ିକ ଯୋଗକ୍ରିୟା ସମନ୍ୱିତ ହୋଇଥିବରୁ ଶରୀରର ସୁସ୍ଥତା ଆଣିବାରେ ସହାୟକ ହେବେ।

ମୂଳତତ୍ତ୍ୱ ଉପରେ ଆଧାରିତ ଏବଂ ଜଣକର ଦରକାର ଅନୁସାରେ ଗୃହୀତ ବ୍ୟାୟାମ ସ୍ୱାସ୍ଥ୍ୟର ଉନ୍ନତି ଆଣିବାରେ ସହାୟକ ହୋଇପାରିବ। ସର୍ବୋପରି ଏ ଦିଗରେ ମନୋବୃତ୍ତି ହିଁ ଗୁରୁତ୍ୱପୂର୍ଣ୍ଣ। ସୁବିନ୍ୟସ୍ତ ଓ ବୈଜ୍ଞାନିକ ପ୍ରଣାଳୀରେ ସଜ୍ଜୀକୃତ ବ୍ୟାୟାମଗୁଡ଼ିକ ଯୋଗ ଆଭିମୁଖ୍ୟ ନେଇ ଅଭ୍ୟାସ କରାଗଲେ ଯୌଗିକ ବ୍ୟାୟାମରେ ପରିବର୍ତ୍ତିତ ହୋଇଥାଆନ୍ତି ଏବଂ ଏଥିରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ଶାରୀରିକ ସ୍ୱାସ୍ଥ୍ୟ, ନୈତିକ ଓ ଆଧ୍ୟାତ୍ମିକ ଉନ୍ନତି କ୍ଷେତ୍ରରେ ସର୍ବୋତ୍ତମ ସାଫଲ୍ୟ ଲାଭ କରିପାରିବେ।

***(ବୁଲେଟିନ, ଏପ୍ରିଲ, ୧୯୫୯)***

**ସ୍ତ୍ରୀଲୋକମାନଙ୍କୁ, ସେମାନଙ୍କର ଶରୀର ସମ୍ବନ୍ଧରେ**

....ଏହା ସତ୍ୟ ଯେ ଆମ୍ଭେମାନେ ଆମ୍ଭମାନଙ୍କର ଆନ୍ତର ସତ୍ତାରେ ଏକ ଜୀବନ୍ତ ଆତ୍ମା। ଏହା ଭଗବାନଙ୍କୁ ଧରିରଖିଥାଏ ଏବଂ ତାଙ୍କ ପରି ହେବାର ଆସ୍ପୃହା କରେ। ପୂର୍ଣ୍ଣଭାବରେ ତାହାଙ୍କୁ ପ୍ରକାଶ କରିବାକୁ ଇଚ୍ଛା କରେ। ଏହା ମଧ କେତେ ସମୟ ସକାଶେ ସତ୍ୟ ଯେ ଆମ୍ଭମାନେ ଭୌତିକ ଶରୀରରେ ଏବେ ମଧ ପଶୁ ଓ ସ୍ତନ୍ୟପାୟୀ ଜୀବ। ଅବଶ୍ୟ ଏହା ନିସନ୍ଦେହରେ କୁହାଯାଇ ପାରେ ଯେ ଆମ୍ଭେମାନେ ଟିକିଏ ଉପର ସ୍ତରର ଜୀବ। ଆମ୍ଭେମାନେ ପଶୁମାନଙ୍କ ପରି ତିଆରି କରା ହୋଇଅଛୁ ଏବଂ ପଶୁ ଜଗତର ନିୟମରେ ଆମ୍ଭେମାନେ ବନ୍ଧା।

ସ୍ତନ୍ୟପାୟୀ ଜୀବର ଗୋଟିଏ ସ୍ୱାତନ୍ତ୍ର୍ୟ ଯେ ସ୍ତ୍ରୀ ଜାତୀୟ ପଶୁଟି ଗର୍ଭଧାରଣ କରେ। ତୁମ୍ଭଙ୍କୁ ଏକଥା ଶିକ୍ଷାଦିଆ ଯାଇଅଛି। ଏହି ସମୟ ମଧ୍ୟରେ ସେ ସନ୍ତାନକୁ ଧାରଣ କରେ ଓ ଗଠନ କରେ। ପରବର୍ତ୍ତୀ ସମୟରେ ପିଲାଟି ପୂର୍ଣ୍ଣ ଗଠିତ ହୋଇ ଜନ୍ମନିଏ ଏବଂ ସ୍ୱାଧୀନ ଭାବରେ ବଞ୍ଚିରହେ।

...ଏହା ଏକ ସରଳ ଓ ସାଧାରଣ ପ୍ରକ୍ରିୟା, ଯେଉଁ ଧାରାରେ ନାରୀଜାତିର ଆବିର୍ଭାବ ତା'ର ଫଳ ସ୍ୱରୂପ ଏହା ହୋଇଥାଏ। ତେଣୁ ଦୈହିକ ଯନ୍ତ୍ରମାନଙ୍କର କାର୍ଯ୍ୟ ଅପେକ୍ଷା ଏହାକୁ ଅଧିକ ଗୁରୁତ୍ୱ ଦେବା ଅନାବଶ୍ୟକ। ଏହା କୌଣସି ରୋଗ ନୁହେଁ, ତେଣୁ କୌଣସି ଦୁର୍ବଳତା ବା ପ୍ରକୃତ ଅସ୍ୱସ୍ତିକର ପରିସ୍ଥିତିର ଏହା କାରଣ ହୋଇ ନଥାଏ। ଜଣେ ସାଧାରଣ ଓ ଭାବପ୍ରବଣା ହୋଇନଥିବା ସ୍ତ୍ରୀଲୋକ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବେ, ଏହା ସକାଶେ ଅଧିକ ଚିନ୍ତା କରିବେ ନାହିଁ ଏବଂ କୌଣସି ପରିବର୍ତ୍ତନ ନକରି ତାଙ୍କର ଦୈନନ୍ଦିନ ଜୀବନ ଯାପନ କରିବେ। ଉତ୍ତମ ସ୍ୱାସ୍ଥ୍ୟ ଲାଭକରିବାକୁ ଏହା ସର୍ବୋତ୍କୃଷ୍ଟ ପନ୍ଥା।

...ଆତ୍ମ ମଧରେ ଏକ ବୁଦ୍ଧିଦୀପ୍ତ ଇଚ୍ଛା ଶକ୍ତି ଅଛି। ଆମ୍ଭମାନଙ୍କର ଚୈତ୍ୟ ସତ୍ତାଙ୍କର ଏହା ପ୍ରଥମ ଯନ୍ତ୍ର। ପଶୁତ୍ୱ ଥାଇ ମନୁଷ୍ୟ ଭାବରେ ନବଞ୍ଚିବାକୁ ଏହି ବୁଦ୍ଧି ଆମକୁ ଶିଖାଇଥାଏ। ଅପରପକ୍ଷରେ ଯଥାର୍ଥ ମାନବ ଭାବରେ ଏବଂ ପରମ ପ୍ରଭୁଙ୍କର ନିର୍ବାଚିତ ସନ୍ତାନ ଭାବରେ ବଞ୍ଚିବା ସକାଶେ ପ୍ରେରଣା ଦେଇଥାଏ।

ଏହି କ୍ରିୟାକୁ ଜୀବନରେ ଅନୁବାଦ କରିବା ସକାଶେ ଆମ୍ଭେମାନେ ଶରୀରର କର୍ତ୍ତୃତ୍ୱହୀନ ଭୃତ୍ୟ ହେବା ଅପେକ୍ଷା ତା'ର ପ୍ରଭୁ ହେବା। ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ଶରୀର ଚର୍ଚ୍ଚା ଯଥେଷ୍ଟ ସାହାଯ୍ୟ କରିଥାଏ।

ପ୍ରାଚୀନ କାଳରେ ଯେଉଁ ଜ୍ଞାନର ପ୍ରଚାର ଥିଲା ଓ ବହୁଦିନ ହେଲା ଯାହା କେତେକାଂଶରେ ବିସ୍ମୃତ ହୋଇଥିଲା ସେହି ଜ୍ଞାନ ବଳରେ ପୁନରୁଦ୍ଧାର କରିବାର ପ୍ରଚେଷ୍ଟା ପ୍ରାୟ ଏକ ଶତାବ୍ଦୀ ଧରି ଚାଲି ଆସିଅଛି। ବର୍ତ୍ତମାନ ଏହି ଜ୍ଞାନ ସମ୍ଭାର ପୁନରୁଜ୍ଜୀବିତ ହୋଇଅଛି, ଏବଂ ଆଧୁନିକ ବିଜ୍ଞାନର ଅଗ୍ରଗତି ସଙ୍ଗେ ନୂତନ ଦିଗନ୍ତ ଓ ପ୍ରାଧାନ୍ୟ ପ୍ରାପ୍ତ ହୋଇଅଛି। ଏହି ଜ୍ଞାନ ଭୌତିକ ଶରୀର କଥା ଏବଂ ଆଲୋକିତ ଓ ନିୟମାନୁଯାୟୀ ଶାରୀରିକ ଶିକ୍ଷା ଦ୍ୱାରା ଶରୀର ଉପରେ ପ୍ରଭୁତ୍ୱ ଜାହିର କରିବାର ବିଷୟ ବିଚାର କରେ।

ଏକ ନୂତନ ଶକ୍ତି ଓ ଆଲୋକ ପୃଥିବୀ ପୃଷ୍ଠରେ କାର୍ଯ୍ୟ କରୁଅଛି। ନିକଟ ଭବିଷ୍ୟତରେ ପୃଥିବୀରେ ଏକ ମହାନ ରୂପାନ୍ତର କ୍ରିୟାର ପ୍ରବାହ ସକାଶେ ଏମାନେ କାର୍ଯ୍ୟରତ। ପ୍ରାଚୀନ ଜ୍ଞାନ ସମ୍ଭାରର ଏହି ନୂତନ ରୂପରେଖ ଏହି କାର୍ଯ୍ୟ ପ୍ରବାହର ଫଳ ମାତ୍ର।

ପୃଥିବୀରେ ପ୍ରତିଭାତ ହେବାକୁ ଇଚ୍ଛାକରୁଥିବା ଏକ ନୂତନ ଶକ୍ତିକୁ ଗ୍ରହଣ ଓ ପ୍ରକାଶ କରିବାରେ ଆମ୍ଭମାନଙ୍କର ଶରୀରକୁ ପ୍ରସ୍ତୁତ କରୁଥିବା ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମକୁ ପ୍ରାଥମିକ ପ୍ରାଧାନ୍ୟ ଦେବା ସକାଶେ ଆମ୍ଭେମାନେ ଦ୍ୱିଧା ବୋଧ କରିବା ନାହିଁ।

ଏହା କହିବା ପରେ ମୁଁ ତୁମ୍ଭେମାନେ ପଚାରିଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବି।

***୧. ମାସିକ ଧର୍ମ ସମୟରେ ଗୋଟିଏ ବାଳିକାର ମନୋଭାବ କିପରି ହେବ?***

କୌଣସି ବସ୍ତୁପ୍ରତି ତୁମ୍ଭର ମନୋଭାବ ସାଧାରଣ ଓ ଅପରହାର୍ଯ୍ୟ ହୋଇଥାଏ। ଯେତିକି ସମ୍ଭବ ସେତିକି ପ୍ରାଧାନ୍ୟ ଦିଅ, ନିଜର ପ୍ରତିଦିନର କାର୍ଯ୍ୟ କର ଏବଂ ଏହା ସକାଶେ କିଛି ମାତ୍ର ପରିବର୍ତ୍ତନ କର ନାହିଁ।

***୨. ଏହି ସମୟରେ ବାଳିକାଟି ତା'ର ସାଧାରଣ କାର୍ଯ୍ୟକ୍ରମରେ ଯୋଗଦେବ କି?***

ନିଶ୍ଚିତ ଭାବରେ ଯୋଗଦେବ। ମାତ୍ର ଯଦି ସେ ଶାରୀରିକ ବ୍ୟାୟାମ କରିବାକୁ ଅଭ୍ୟସ୍ତ ହୋଇଥାଏ। ଏହି କାରଣରୁ ସେ ଏହି କାର୍ଯ୍ୟ ବନ୍ଦ କରିଦେବା ଉଚିତ ନୁହେଁ। ନିଜର ଦୈନନ୍ଦିନ ଜୀବନ ଯଥାରୀତି ଚଳାଇବାର ଅଭ୍ୟାସ ହୋଇଗଲେ ଜଣେ ମାସିକ ଧର୍ମ ସମ୍ପର୍କରେ ଚିନ୍ତା କରିବାର ସମୟ ପାଇବ ନାହିଁ।

***୩. ଏହି ସମୟରେ କେତେକ ଖୁବ ଦୁର୍ବଳ ହୋଇ ପଡ଼ନ୍ତି ଏବଂ ତଳିପେଟ ଓ ବେକର ତଳଭାଗରେ ଯନ୍ତ୍ରଣା ଅନୁଭବ କରନ୍ତି। ଅନ୍ୟ କେତେକଙ୍କର କିଛି ଅସୁବିଧା ନଥାଏ ଓ ଥିଲେ ମଧ୍ୟ ଖୁବ୍ କମ ମାତ୍ରାରେ ଥାଏ - ଏହାର କାରଣ କ'ଣ?***

ଏହା ଏକ ମନୋଭାବ ଓ ଶିକ୍ଷାର ପ୍ରଶ୍ନ। ଯଦି ପିଲାଦିନରୁ ଗୋଟିଏ ବାଳିକା ସାମାନ୍ୟ ଅସୁବିଧାକୁ ଖୁବ୍ ବଡ଼ କରି ଦେଖାଇହୁଏ ତେବେ ସେ ତା'ର ସବୁ ଧୈର୍ଯ୍ୟ ହରାଇବସେ ଏବଂ ସବୁ ପରିସ୍ଥିତି ତା'ର ଦୁର୍ବଳତା ଆଣିଦିଏ। ମୁଖ୍ୟତଃ ପିତାମାତାମାନେ ସେମାନଙ୍କର ପିଲାମାନଙ୍କର ପ୍ରତିକ୍ରିୟା ପ୍ରତି ଅତ୍ୟଧିକ ଉତ୍ସୁକ ହୋଇ କାର୍ଯ୍ୟ କଲେ ଏପରି ଘଟେ। ପିଲାକୁ ଟିକିଏ କଷ୍ଟସହିଷ୍ଣୁ ଓ ଧୈର୍ଯ୍ୟଶୀଳା ହେବା ସକାଶେ ପ୍ରସ୍ତୁତ କରିବା ବିଜ୍ଞତାର ପରିଚାୟକ ହେବ। ସେମାନଙ୍କର ଛୋଟ ଅସୁବିଧା ସକାଶେ ଏତେ ଉଦ୍‌ବିଗ୍ନ ହେବା ଠିକ ହେବ ନାହିଁ। କାରଣ ଏଗୁଡ଼ିକ ଜୀବନରେ ପରିହାର କରିବା ସମ୍ଭବ ନୁହେଁ। ନିବୃତ୍ତ ରହିବାର ମନୋବୃତ୍ତି ପିଲାମାନଙ୍କୁ ଶିକ୍ଷାଦେବା ଓ ନିଜେ ସେଥିରେ ସାମିଲ ହୋଇଯିବା ସର୍ବୋତ୍କୃଷ୍ଟ ପନ୍ଥା।

ଏହା ଏକ ନିରାଟ ସତ୍ୟ ଯେ ତୁମ୍ଭେ ଯଦି ଯନ୍ତ୍ରଣାର ଇଚ୍ଛା କରିବ ତେବେ ଯନ୍ତ୍ରଣା ନିଶ୍ଚିତ ଭାବରେ ଆସିବ ଏବଂ ଏହା ଥରେ ଆସିଲେ ଓ ତୁମ୍ଭେ ସେ ବିଷୟରେ ଅନବରତ ଚିନ୍ତାକଲେ ଏହାର ବୃଦ୍ଧି ଘଟେ ଏବଂ ପରବର୍ତ୍ତୀ ଅବସ୍ଥାରେ "ଅସହ୍ୟ" ମନେ ହୁଏ। ସାହସ ଓ ଇଚ୍ଛାରେ ବଳୀୟାନ ବ୍ୟକ୍ତି ସକାଶେ ସକଳ ଯନ୍ତ୍ରଣା ସହନ ଶକ୍ତିର ସୀମା ମଧ୍ୟରେ ରହେ।

***୪. ମାସିକ ଧର୍ମ ସମୟରେ ବାଳିକାଟି ତା'ର ଯନ୍ତ୍ରଣା ଓ ଖରାପ ଅବସ୍ଥାକୁ କିପରି ସୁଧାରି ପାରିବ?***

କେତେକ ପ୍ରକାର ବ୍ୟାୟାମ ତଳିପେଟର ସଞ୍ଚାଳନ କ୍ରିୟାରେ ଓ ତାକୁ ଶକ୍ତ କରିବାରେ ସାହାଯ୍ୟ କରନ୍ତି। ଏହି ବ୍ୟାୟାମଗୁଡ଼ିକ ନିୟମାନୁବଦ୍ଧ ହେବା ଏବଂ ଯନ୍ତ୍ରଣା ଉପଶମ ହେଲା ପରେ ମଧ୍ୟ ଏହାକୁ ଅବ୍ୟାହତ ରଖିବା ଉଚିତ। ପ୍ରାପ୍ତ ବୟସ୍କା ବାଳିକାମାନଙ୍କ ସକାଶେ ଏହି ପ୍ରକାର ଯନ୍ତ୍ରଣା ସେମାନଙ୍କର ଯୌନ ଇଚ୍ଛାରୁ ଆସେ। ଏହି ବାସନାରୁ ମୁକ୍ତ ହୋଇ ପାରିଲେ ଆମ୍ଭେମାନେ ଯନ୍ତ୍ରଣାମୁକ୍ତ ହୋଇଯିବା। ବାସନାରୁ ମୁକ୍ତି ପାଇବା ସକାଶେ ଦୁଇଟି ବାଟ ଅଛି। ପ୍ରଥମଟି, ପ୍ରକୃତ ପକ୍ଷେ, ସନ୍ତୋଷ ଦ୍ୱାରା ହୋଇଥାଏ (ଏହା କେବଳ କୁହାଯାଏ, କାରଣ ବାସନା ରାଜ୍ୟରେ ସନ୍ତୋଷ ବୋଲି କିଛି ନଥାଏ) ଏହା ମନୁଷ୍ୟର ପଶୁ ଜୀବନ, ବିବାହ, ପିଲା ଏବଂ ଆଉ କେତେକ ପର୍ଯ୍ୟାୟକୁ ଅଙ୍ଗୁଳି ନିର୍ଦ୍ଦେଶ କରେ।

ଅବଶ୍ୟ ଆଉ ଗୋଟିଏ ବାଟ ଅଛି। ଏହା ଉତ୍ତମ ପନ୍ଥା। ସଂଯମ, ପ୍ରଭୁତ୍ୱ ଓ ରୂପାନ୍ତର- ଏଗୁଡ଼ିକ ଅତ୍ୟନ୍ତ ମର୍ଯ୍ୟାଦା ସମ୍ପନ୍ନ ଓ ଫଳପ୍ରସୂ ପ୍ରକ୍ରିୟା।

***୫. ପୁଅ ଓ ଝିଅଙ୍କ ସକାଶେ ଅଲଗା କର୍ଯ୍ୟକ୍ରମ ହେବା ଉଚିତ ବୋଲି ତୁମେ ମନେ କର କି? ପୁରୁଷମାନଙ୍କ ସକାଶେ ଉଦ୍ଦିଷ୍ଟ ଖେଳରେ ଯୋଗ ଦେଲେ ସ୍ତ୍ରୀଲୋକ ମାନଙ୍କର କିଛି ଅସୁବିଧା ହେବ କି?***

ସବୁକ୍ଷେତ୍ରରେ, ଉଭୟ ବାଳକ ଓ ବାଳିକାମାନଙ୍କ ସକାଶେ ବ୍ୟାୟାମଗୁଡ଼ିକ ପ୍ରତ୍ୟେକଙ୍କର ଶକ୍ତି ଓ ସାମର୍ଥ୍ୟ ଅନୁସାରେ ତିଆରି ହେବା ଦରକାର। ଯଦି ଜଣେ ଦୁର୍ବଳ ପିଲା କଠିନ ଓ ଗୁରୁ ବ୍ୟାୟାମ କରେ ତେବେ ସେ ତା'ର ନିର୍ବୋଧତାର ଫଳ ଭୋଗକରିବ। କିନ୍ତୁ ବିଜ୍ଞତାର ସହିତ ଉନ୍ନତମାନର ବ୍ୟାୟାମ ନିର୍ଘଣ୍ଟ ଓ ପ୍ରଶିକ୍ଷଣ ସ୍ଥିର ହୋଇ ପାରିଲେ ବାଳକ ବାଳିକା ସେଥିରେ ଭାଗନେଇ ପାରିବେ। ଏହା ସେମାନଙ୍କର ବଳ ଓ ସ୍ୱାସ୍ଥ୍ୟର ଅଭିବୃଦ୍ଧିରେ ସାହାଯ୍ୟ କରିବ। ଶକ୍ତିମାନ ଓ ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହେବା ସକାଶେ କାହାରି ଶରୀରକୁ ବିପଦ ଆସେ ନାହିଁ। ଜଣେ ସ୍ତ୍ରୀଲୋକଙ୍କର ଶରୀରକୁ ମଧ୍ୟ ଏହା ଲାଗୁହୁଏ।

***୬. ଅତ୍ୟଧିକ ଅଭ୍ୟାସ କଲେ ବାଳିକା ମାନଙ୍କର ମୁଖର ସୌନ୍ଦର୍ଯ୍ୟ ନଷ୍ଟ ସଙ୍ଗେ ଶରୀର କଠିନ ପେଶୀଯୁକ୍ତ ହୋଇ ସେମାନଙ୍କୁ ଅସୁନ୍ଦର କରେ କି?***

ଦୁର୍ବଳ ଓ ସହଜ ଭଙ୍ଗପ୍ରବଣତା ପତିତମାନଙ୍କୁ ଆନନ୍ଦଦାୟକ ହୋଇପାରେ, ମାତ୍ର ଏହା ପ୍ରକୃତିର ବା ଆତ୍ମିକ ସତ୍ୟ ନୁହେଁ।

ଯଦି ତୁମ୍ଭେ ନାରୀ ବ୍ୟାୟାମ ବିଶାରଦମାନଙ୍କ ଫଟୋଚିତ୍ର ଦେଖିଥିବ ତେବେ ତୁମ୍ଭେ ସେମାନଙ୍କର ସୌନ୍ଦର୍ଯ୍ୟମୟୀ ଅଙ୍ଗ ସୌଷ୍ଟବରେ ମୁଗ୍ଧ ହୋଇଥିବ। ଏହା ସ୍ୱତଃ ପ୍ରମାଣ କରିଦିଏ ଯେ ସେମାନେ ମଧ୍ୟ ସୁନ୍ଦର ପେଶୀଯୁକ୍ତ ଅଙ୍ଗପ୍ରତ୍ୟଙ୍ଗର ଅଧିକାରିଣୀ।

***୭. ବିଭିନ୍ନ ବ୍ୟାୟାମଗୁଡ଼ିକର ଅତ୍ୟଧିକ ଅଭ୍ୟାସ ସନ୍ତାନ ଜନ୍ମ କରିବାରେ ବାଧା ସୃଷ୍ଟି କରିବ କି?***

ମୁଁ କେବେ ହେଲେ ଏପରି ଗୋଟିଏ ଘଟଣା ଦେଖିନାହିଁ। ଅନ୍ୟ ପକ୍ଷରେ ଯେଉଁମାନେ ବ୍ୟାୟାମ କରିବା ଦ୍ୱାରା ସୁଗଠିତ ଶରୀର ପ୍ରାପ୍ତ ହୋଇଅଛନ୍ତି ସେମାନେ ଗର୍ଭଧାରଣ କରିବା ଠାରୁ ସନ୍ତାନ

ଜନ୍ମ ପର୍ଯ୍ୟନ୍ତ ପରୀକ୍ଷା ମଧ୍ୟରେ ସହଜ ଓ କଷ୍ଟଶୂନ୍ୟ ଅବସ୍ଥାରେ ସବୁ କାର୍ଯ୍ୟ ସମାଧାନ କରି ପାରନ୍ତି।

ମାଇଲ ମାଇଲ ଧରି ଭାରି ଓଜନ ବହନ କରି ଚାଲୁଥିବା ଆଫ୍ରିକୀୟ ରମଣୀମାନଙ୍କ କଥା ମୁଁ ଶୁଣିଛି। ସେମାନଙ୍କ ମଧ୍ୟରୁ କାହାରି ଜଣକର ଚାଲିବା କାର୍ଯ୍ୟ ମଧ୍ୟରେ ପ୍ରସବ ଜନିତ କଷ୍ଟ ଅନୁଭୂତ ହେଲା। ସେ ରାସ୍ତାର ଏକ ପାର୍ଶ୍ୱରେ ବସିଗଲେ ଏବଂ ଗଛ ମୂଳରେ ପିଲାଟିକୁ ଜନ୍ମଦେଇ ଅଧଘଣ୍ଟାଏ ସମୟ ପରେ ସେହି ପିଲାଟିକୁ ନିଜ ଥଳୀ ମଧ୍ୟରେ ରଖି କିଛି ନ ହୋଇଥିଲା ପରି ଅନୁଭବ କରି ଚାଲିଗଲେ। ସ୍ୱାସ୍ଥ୍ୟ ଓ ଶକ୍ତିର ପୂର୍ଣ୍ଣ ଅଧିକାରିଣୀ ଭାବରେ ଜଣେ ସ୍ତ୍ରୀଲୋକ କ'ଣ କରିପାରନ୍ତି ଏ ଘଟଣାଟି ତାହାର ଉତ୍କୃଷ୍ଟ ଉଦାହରଣ।

ଡାକ୍ତରମାନେ କହନ୍ତି ଯେ ତଥାକଥିତ ସଭ୍ୟତା ମଧ୍ୟରେ ବଢ଼ିଥିବା ଆଧୁନିକ ଲୋକମାନଙ୍କ ସକାଶେ ଏପରି କାର୍ଯ୍ୟ ସମ୍ଭବ ନୁହେଁ। ମାତ୍ର ଆଧୁନିକ ସଭ୍ୟତାର ଭାବପ୍ରବଣତା, କଷ୍ଟ ଓ ଜଟଳିତା ଠାରୁ ଏହି ଅବସ୍ଥା ଓ କାର୍ଯ୍ୟ ଯଥେଷ୍ଟ ସୁଖକର ବୋଲି ଆମ୍ଭେମାନେ ମନାକରି ପାରିବା ନାହିଁ।

ସର୍ବୋପରି ଡାକ୍ତରମାନେ ଅସାଧାରଣ ଘଟଣାଗୁଡ଼ିକ ସକାଶେ ଆଗ୍ରହ ପ୍ରକାଶ କରନ୍ତି ଏବଂ ଘଟଣାଗୁଡ଼ିକୁ ସେହି ଦୃଷ୍ଟିରୁ ବିଚାର କରନ୍ତି। ମାତ୍ର ଆମ୍ଭମାନଙ୍କ ସକାଶେ ଏହା ଅନ୍ୟ ପ୍ରକାର। ଏଥିରେ ଆମ୍ଭେ ସାଧାରଣ ସ୍ତରରୁ ଆଉ ଟିକିଏ ଉପର ସ୍ତରର ବିଚାର କରୁ। ଅସାଧାରଣ ସ୍ତର ଯାହା ପତନ ଓ ନ୍ୟୂନତାର ପ୍ରତୀକ ସେଠାରୁ ଆମ୍ଭେ ଆରମ୍ଭ କରୁନାହିଁ।

***୮. ଲିଙ୍ଗ ଦୃଷ୍ଟିରୁ ବାଳିକାମାନଙ୍କ ପାଇଁ କେଉଁ ପ୍ରକାର ଶାରୀରିକ ଶିକ୍ଷା ଆଦର୍ଶ ସ୍ଥାନୀୟ ହେବ?***

ବାଳକମାନଙ୍କଠାରୁ ଅଲଗା ଭାବରେ ବାଳିକାମାନଙ୍କ ସକାଶେ ଶାରୀରିକ ଶିକ୍ଷାର ଆବଶ୍ୟକତା ଥିବା ବିଷୟ ମୁଁ ଅନୁଭବ କରୁନାହିଁ।

ମନୁଷ୍ୟ ଶରୀରର ସମସ୍ତ ସମ୍ଭାବନାଗୁଡ଼ିକର ଉନ୍ନତି କରିବା ଶାରୀରିକ ଶିକ୍ଷାର ଲକ୍ଷ୍ୟ। ସଙ୍ଗତି, ଶକ୍ତି, ନମନୀୟତା, ଚାତୁର୍ଯ୍ୟ, ପେଶୀ ଓ ଗଣ୍ଠିମାନଙ୍କର ଶୈଥିଲ୍ୟ ଓ ଧୈର୍ଯ୍ୟର ବୃଦ୍ଧି କରିବା, ଅଙ୍ଗପ୍ରତ୍ୟଙ୍ଗ ଓ ଦୈହିକ ଯନ୍ତ୍ରମାନଙ୍କୁ ନିୟନ୍ତ୍ରଣ କରିବା ଏବଂ ସଚେତନ ଇଚ୍ଛା ନିକଟରେ ଏକ ପୂର୍ଣ୍ଣ ପ୍ରକାଶିତ ଯନ୍ତ୍ର ହେବା ଏହାର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ସମାନ ଭାବରେ ସମସ୍ତଙ୍କ ସକାଶେ ଗ୍ରହଣୀୟ। ବାଳିକାମାନଙ୍କ ସକାଶେ ଅନ୍ୟଗୋଟିଏ ପ୍ରକାର ବ୍ୟାୟାମ ଶିକ୍ଷାର ଆବଶ୍ୟକତା ଅନୁଭବ କରିବାରେ ଯଥାର୍ଥତା ନାହିଁ।

***୯. ଆମ୍ଭମାନଙ୍କର ଜୀବନର ନୂତନ ଧାରାରେ ପୁରୁଷ ଓ ସ୍ତ୍ରୀଲୋକମାନଙ୍କର କି ପ୍ରକାର ଭୂମିକା ରହିବ? ସେମାନଙ୍କ ମଧ୍ୟରେ ସମ୍ପର୍କ କିପରି ହେବା ଉଚିତ?***

ତୁମ୍ଭେମାନେ ସେମାନଙ୍କ ମଧ୍ୟରେ ପ୍ରଥମରୁ ଏକ ପାର୍ଥକ୍ୟ କାହିଁକି ଦେଖୁଅଛ? ସେମାନେ ସମସ୍ତେ ମନୁଷ୍ୟ, ଦିବ୍ୟକର୍ମାନୁଷ୍ଠାନ ସକାଶେ ଯୋଗ୍ୟଯନ୍ତ୍ର ହେବାକୁ ଆଶାୟୀ, ଜାତି, ଲିଙ୍ଗ, ବର୍ଣ୍ଣ ଓ ଜାତୀୟତାର ସଙ୍କୀର୍ଣ୍ଣତାର ଉର୍ଦ୍ଧ୍ୱରେ, ଦିବ୍ୟ ଜନନୀଙ୍କର ସନ୍ତାନ ଏବଂ ଚିରନ୍ତନ ସତ୍ୟପ୍ରତି ଜାଗ୍ରତ ଓ ଆସ୍ପୃହାବନ୍ତ ହେବାକୁ ସେମାନେ ଇଚ୍ଛା କରନ୍ତି।

***୧୦. ଜଣେ ସ୍ତ୍ରୀଲୋକଙ୍କର ଶାରୀରିକ ସୌନ୍ଦର୍ଯ୍ୟର ଆଦର୍ଶ କ'ଣ ହେବା ଉଚିତ?***

ଅଙ୍ଗପ୍ରତ୍ୟଙ୍ଗାଦିର ସମାନୁପାତିକ ବୃଦ୍ଧି, ନମନୀୟତା, ବଳ, କୃପା, ଶକ୍ତି, ଶିଥିଳତାଭାବ, ଧୈର୍ଯ୍ୟ ଏବଂ ସର୍ବୋପରି ପବିତ୍ର ଆତ୍ମାର ଫଳ ସ୍ୱରୂପ ଅପରିବର୍ତ୍ତିତ ସୁନ୍ଦର ସ୍ୱାସ୍ଥ୍ୟ, ଜୀବନରେ ଦୃଢ଼ ବିଶ୍ୱାସ ଏବଂ ଦିବ୍ୟ କୃପା ଉପରେ ଅଖଣ୍ଡ ବିଶ୍ୱାସ - ଏଗୁଡ଼ିକ ଏହି ଆଦର୍ଶର ଅନ୍ତର୍ଭୁକ୍ତ।

ମୁଁ ଆଉ ପଦେ କହି ଶେଷ କରିବି।

ତୁମ୍ଭେ ଏହା ଶୁଣିବାକୁ ଇଚ୍ଛା କରିଥିଲେ, ତେଣୁ ମୁଁ ତୁମ୍ଭମାନଙ୍କୁ ଏସବୁ ବିଷୟରେ କହିଲି। ମାତ୍ର ଏଗୁଡ଼ିକୁ ସ୍ଥିର ବିଚାର ବୋଲି ଗ୍ରହଣ କରିବ ନାହିଁ। କାରଣ ସେସବୁ ଏହା ମଧ୍ୟରେ ନିହିତଥିବା ସତ୍ୟକୁ ଅପସାରଣ କରିଦେବ। ***(୧୯୬୦)***

**ଅସୁବିଧା ସବୁ**

***ଶାରୀରିକ ଭୟର ଦୂରୀକରଣ***

***ଗୋଟିଏ ନୂଆ କାମ କଲା ବେଳକୁ ଲୋକେ ଭୟ କରନ୍ତି। ଶରୀର ନୂତନ ଧାରାରେ କାମ କରିବାକୁ ନାସ୍ତି କରେ। ଗୋଟିଏ ନୂତନ ଭଙ୍ଗୀର ବ୍ୟାୟାମ କୌଶଳ କିମ୍ବା ପାଣିରେ ବୁଡ଼ିବାର ନୂତନ କୌଶଳ ଶିଖିବା ପରି ଶରୀର ନୂତନ କାମ କରିବା ସମୟରେ ଅନୁଭବ କରେ। ଏ ଭୟ କେଉଁଠାରୁ ଆସେ ଏଥିରୁ ଜଣେ କିପରି ମୁକ୍ତ ହୋଇ ପାରିବ? ଏବଂ ଅନ୍ୟ ଜଣକୁ ଏପରି କରିବା ସକାଶେ କିପରି ବୁଝାଇ ହେବ?***

ତମସାଚ୍ଛନ୍ନ ସ୍ଥିତ ଓ ସ୍ଥାୟୀ ତମିସ୍ରା ସକାଶେ ଶରୀର ଭୟ କରେ। ପ୍ରାଣ ରାଜସ୍ (ରଜ) ଗୁଣର ପ୍ରାଧାନ୍ୟ ସ୍ୱୀକାର କରେ। ପ୍ରାଣର ଏହି ଅନୁପ୍ରବେଶ ଉଚ୍ଚାକାଙ୍କ୍ଷା, ସାଧନ ବୃତ୍ତି ଓ ଦମ୍ଭକୁ ପ୍ରଭାବିତ କରେ ଏବଂ ଶରୀର ତମୋଗୁଣର ବଶବର୍ତ୍ତୀ ନ ହୋଇ ଉନ୍ନତି ପଥରେ ଯିବା ସକାଶେ ଚେଷ୍ଟାକରେ।

ଯେଉଁମାନଙ୍କ ମଧ୍ୟରେ ମନର ପ୍ରାଧାନ୍ୟ ଅଧିକ ସେମାନେ ଶରୀରକୁ ବୁଝାଇ ପାରିବେ ଏବଂ ଭୟ ନକରିବାକୁ କହି ପାରିବେ। ନିଜକୁ ଭଗବାନଙ୍କୁ ଦେଇ ଦେବାହିଁ ସର୍ବୋତ୍କୃଷ୍ଟ ଉପାୟ। ତାଙ୍କର ଅକଳ୍ପନୀୟ କୃପା ଉପରେ ବିଶ୍ୱାସ ଏ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଥାଏ।

**ଭୟ ଓ ଆଳସ୍ୟ**

***ବ୍ୟାୟାମ କରିବା ସମୟରେ ମୁଁ ଡ଼େଇଁବା ସକାଶେ ଇଚ୍ଛା କରିବା ସମୟରେ ମନରେ ଭୟ ଆସେ। ଏହା କାହିଁକି ହୁଏ?***

ପିଲାଏ, କଥାଟା ସେଇଠାରେ ହିଁ ଅଛି। ତୁମ୍ଭେ ଦୁଇଟି ବିଷୟରେ ପାର୍ଥକ୍ୟର ସନ୍ଧାନ କରିବ ଓ ଭିନ୍ନ ଦୃଷ୍ଟିରେ ସେ ଦୁଇଟିକୁ ଦେଖିବ।

ଯଦି ଏହା ପ୍ରାଣିକ ଭୟ ହୋଇଥାଏ ତେବେ ତୁମ୍ଭେ ନିଜ ମଧ୍ୟରେ ଏହାର ବିଚାର କରିବ। ମାତ୍ର ଯଦି ଏହା ଶରୀର ପର୍ଯ୍ୟାୟର ହୋଇଥାଏ। (ଏହା ସମ୍ଭବ, ଏହା ଅନେକ ସମୟରେ ଘଟିଥାଏ ଏବଂ ଶରୀରର ଆବେଗ କଥା ଜଣାଇଦିଏ) ତେବେ ତୁମ୍ଭେ ତା' କଥା ଶୁଣିବ, କାରଣ ଶରୀରସ୍ଥ ପ୍ରବେଗ ଏକ ମୁଖ୍ୟ କଥା। ଯଦି ଏହା ଭାବନା ଓ ପ୍ରାଣିକ ସତ୍ତା ଦ୍ୱାରା ଅଧିକୃତ ନ ହୁଏ ତେବେ ମଙ୍ଗଳର ଆବାହନ କରେ। ଶରୀର ନିଜ ସ୍ତରରେ କ'ଣ କରି ପାରିବ ବା ନ କରିପାରିବ ତାହା ଜାଣେ। କୌଣସି କାର୍ଯ୍ୟ କରିବା ସମୟରେ ଯଦି କୌଣସି ଦିନ ତୁମ୍ଭେ ଅସ୍ୱସ୍ତି ଅନୁଭବ କରି କାମରୁ ବିରତ ହେବାର ଚେଷ୍ଟାକର ତେବେ ସେ କାର୍ଯ୍ୟଟି କରିବା ଉଚିତ ହେବ ନାହିଁ। କୌଣସି କାରଣରୁ - ଦୈହିକ ଯନ୍ତ୍ରର ବିଶୃଙ୍ଖଳିତ ଆଚରଣ ଯୋଗୁଁ ତୁମ୍ଭେ କାର୍ଯ୍ୟଟି ସେହି ସମୟରେ କରିବା ଠିକ୍ ହେବ ନାହିଁ। ଏହି କ୍ଷେତ୍ରରେ ଏହା ଭୟ ନୁହେଁ, ଏହା ପଛଘୁଞ୍ଚା ଦେବାର ପ୍ରବୃତ୍ତି ଓ କାର୍ଯ୍ୟରୁ ବିଚ୍ୟୁତ ହୋଇଯିବାର ଇଚ୍ଛା ମାତ୍ର। ଏ ସମୟରେ ମୁଣ୍ଡ କାମ କରେ ନାହିଁ। କୌଣସି ପ୍ରକାର ଚିନ୍ତା ସଙ୍ଗେ ଖାପଖୁଆଇ ଚଳି ପାରେ ନାହିଁ। ଯେତେବେଳେ ମୁଣ୍ଡ କାମ କରିବାକୁ ଆରମ୍ଭ କରେ ସେତେବେଳେ ତାକୁ ପଚାର, "କ'ଣ ହେଉଅଛି"? ଏହାକୁ ପରିତ୍ୟାଗ କରିବା ଉଚିତ କାରଣ ଏଥିରେ କିଛି ସାରବତ୍ତା ନଥାଏ। ତୁମ୍ଭର ବିଚାର ବୁଦ୍ଧି ଓ ମନୋବଳ ଦ୍ୱାରା ଏଗୁଡ଼ିକୁ ଦୂରକୁ ପଠାଇବାର ପ୍ରଯତ୍ନ କରିବ। କିନ୍ତୁ ଏହା ଯଦି କେବଳ ଶରୀର ସମ୍ବନ୍ଧୀୟ ଅନୁଭବ ହୋଇଥାଏ, କିଛି ପଛକୁ ଯିବା ପରି ଲାଗୁଥାଏ। ଶାରୀରିକ ଅସୁବିଧା ପରି ମନେ ହୋଇଥାଏ ଓ ଶରୀର ଯଦି ନିଜ ତରଫରୁ ଅନିଚ୍ଛା ପ୍ରକାଶ କରୁଥାଏ ତେବେ ତାକୁ କାମ କରିବା ସକାଶେ ବାଧ କରାଯିବା ଉଚିତ ନୁହେଁ। କାରଣ ଏହାକୁ ବାଧ କରିବା ଅର୍ଥ ଦୁର୍ଘଟଣାକୁ ନିମନ୍ତ୍ରଣ କରିବା। ଦୁର୍ଘଟଣା ଘଟିବ, ଏକଥା ସେଥିରୁ ସୂଚିତ ହୋଇଥାଏ ଏବଂ ଯଦି ତୁମ୍ଭେ କାର୍ଯ୍ୟଟି କର ତେବେ ବେଶୀ ଦୂରକୁ ଯାଇ ପାରିବ ନାହିଁ। ତେଣୁ କାମରୁ ବିରତ ହେବା ଶ୍ରେୟ। ଏହାକୁ କୌଣସି ବାଧବାଧକତା ଭିତରେ ରଖିବା ଉଚିତ ନୁହେଁ। ତୁମ୍ଭେ ଅନୁଭବ କରିବ, "ଆଜି ମୁଁ ଭଲ ଅବସ୍ଥାରେ ନାହିଁ।"

ଯଦି ଏହା ପ୍ରାଣ ସ୍ତରର ଭୟ ହୋଇଥାଲ, ତେବେ କୌଣସି ଖେଳ ବା ପ୍ରତିଯୋଗିତାରେ ଯୋଗଦେବା ପୂର୍ବରୁ ତୁମ୍ଭ ଭିତରେ ସୃଷ୍ଟ ହେଉଥିବା ଏହି ଭୟକୁ "କ'ଣ ହେଉଅଛି" କହି ଶୀଘ୍ର ପ୍ରତ୍ୟାଖ୍ୟାନ କରିବ। ଏହା ନାସ୍ତିବାଚକ କର୍ମ ପର୍ଯ୍ୟାୟଭୁକ୍ତ।

ମାତ୍ର କେତେକ ସମୟରେ ଆଳସ୍ୟ ଆମ୍ଭମାନଙ୍କୁ କାମ କରିବାକୁ ବାଧାଦିଏ।

ହଁ, ଯଦି ତୁମ୍ଭେମାନେ ତମଗୁଣକୁ ଜାବୁଡ଼ି ଧରିଥାଅ ତେବେ ଏପରି ହୁଏ। ଏହି ଅବସ୍ଥାରେ ତୁମ୍ଭେ ଅନ୍ୟ ଏକ ଉପାୟ ଅବଲମ୍ବନ କରିବ। ତୁମ୍ଭର ଚେତନାକୁ ଉନ୍ନୀତ କରି, ଇଚ୍ଛା ଓ ଶକ୍ତିର ବିନିଯୋଗ କରି, କର୍ମ ଚଞ୍ଚଳ ଭାବରେ କୁହ, "କ୍ଲୀକ୍ କ୍ଲୀକ୍ ଆଗକୁ ଚାଲ।" ଯଦି ଡେଇଁବା ସମୟରେ ଆଳସ୍ୟ ତୁମ୍ଭଙ୍କୁ ବାଧା ଦିଏ ତେବେ ତୁମ୍ଭେ ଆଉକିଛି ଅଧିକ ମନୋବଳ ସହିତ କହିବ, "ଆଚ୍ଛା, ତୁମ୍ଭେ ତାହା କରିବାକୁ ଇଚ୍ଛା କରୁ ନାହଁ? ଠିକ୍ ଅଛି, ତୁମ୍ଭେ ବର୍ତ୍ତମାନ ୧୫୦୦ ମିଟର ଦୌଡ଼ରେ ଯୋଗଦେବ," କିମ୍ବା "ମୁଁ ଭାରୋତ୍ତୋଳନ ଆଜି କରିବାକୁ ଇଚ୍ଛା କରୁନାହିଁ। ମୋତେ କରିବାର ଆଗ୍ରହ ନାହିଁ। ଭଲ କଥା, ମୁଁ ଏକାଥରକେ ଚାରିହଜାର ଥର ଦଉଡ଼ିରେ ଡ଼େଇଁବା କାମ କରିବି।"

***ଆଳସ୍ୟବୋଧ ହେଲେ ସୁଦ୍ଧା କାମଟି ଚଳାଇ ରଖିବା ଭଲ ନୁହେଁ କି?***

ଏହା କାମ ଉପରେ ନିର୍ଭର କରେ। ଏଠାରେ ଆମେ ଏକ ଅନ୍ୟ ରାଜ୍ୟରେ ପ୍ରବେଶ କରୁ। ଯଦି ଏହି କାମଟି ତୁମ୍ଭ ନିଜ ସକାଶେ ନ ହୋଇ ସାର୍ବଜନୀନ କାର୍ଯ୍ୟରୂପେ ହେଉଥାଏ ତେବେ ଏହାକୁ ଚଳାଇ ରଖିବା ଦରକାର। ଏହା ଗୋଟିଏ ପ୍ରାଥମିକ ଶୃଙ୍ଖଳା। ତୁମ୍ଭେ ଏ କାର୍ଯ୍ୟଟି କରିବାକୁ ସ୍ୱୀକାର କରିଅଛ କିମ୍ବା ତୁମ୍ଭଙ୍କୁ ଏ କାମ ଦିଆ ହୋଇଅଛି ଓ ତୁମ୍ଭେ ଏହା କରୁଅଛ - ଏପରି କ୍ଷେତ୍ରରେ ତୁମ୍ଭେ କାମଟି ଚଳାଇ ରଖିବାକୁ ହେବ। ତୁମ୍ଭେ ଯଦି ଅତ୍ୟଧିକ ମାତ୍ରାରେ ଅସୁସ୍ଥ ହୋଇ ନଥାଅ ବା ଚଳିବାକୁ ଅସମର୍ଥ ହୋଇ ନଥାଅ ତେବେ ସବୁ ସମୟର ତୁମ୍ଭେ ଏ କାମ କରିବ। ଅସୁସ୍ଥ ଥିଲେ ମଧ୍ୟ ତୁମ୍ଭେ ଏକାର୍ଯ୍ୟ କରିବ। ନିଃସ୍ୱାର୍ଥପର କାର୍ଯ୍ୟ ତୁମ୍ଭର ବ୍ୟକ୍ତିଗତ ଅସୁବିଧାଗୁଡ଼ିକୁ ଦୂର କରିଦିଏ। ଯଦି ତୁମ୍ଭେ ବାଧ ହୋଇ ଥାଅ ତେବେ ଏକଥା ଭିନ୍ନ ହୋଇପାରେ। ମାତ୍ର ସାମାନ୍ୟ ଅସୁସ୍ଥ ଥିଲେ, "ମୋତେ ଭଲଲାଗୁ ନାହିଁ, ମୁଣ୍ଡଟିକିଏ ବିନ୍ଧୁଛି, ମୋର ଅଜୀର୍ଣ୍ଣ ହୋଇଅଛି, ମୋତେ ଥଣ୍ଡା ଧରଅଛି, ମୋର କାଶ ହେଉଅଛି- ଏପରି ଅନେକ କଥା - ଏହି ଅବସ୍ଥାରେ ତୁମ୍ଭର କାମ କରିବା, ନିଜ କଥା ନଭାବିବା, କେବଳ କାମ କଥା ଚିନ୍ତା କରିବା, ନିଜର ଶକ୍ତି ଅନୁସାରେ କାର୍ଯ୍ୟ କରିବା

ଆଦି ତୁମ୍ଭଙ୍କୁ ଶୀଘ୍ର ଅସୁସ୍ଥତା ଓ ଆଳସ୍ୟରୁ ମୁକ୍ତ କରି ଦିଅନ୍ତି ।

*(ଜୁନ୍, ୧୯୫୩)*

**ଶରୀର କାହିଁକି କ୍ଲାନ୍ତ ହୁଏ ?**

***ଶରୀର କାହିଁକି କ୍ଲାନ୍ତ ହୁଏ ? ଆମ୍ଭର ପ୍ରାୟ ନିୟମିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି, କିନ୍ତୁ ଦିନେ ଦିନେ ଆମେ ଖୁବ୍ ବଳବାନ ଓ ଅନ୍ୟ କେଉଁଦିନ କ୍ଲାନ୍ତ ବୋଲି ଅନୁଭବ କରୁ ।***

ସାଧାରଣତଃ ଏହା ଆନ୍ତର ସ୍ଥିତିର ଭାରସାମ୍ୟର ଅସନ୍ତୁଳନ ସକାଶେ ହୋଇଥାଏ । ଏଥି ସକାଶେ ଅନେକ କାରଣ ଥାଇପାରେ । ଆଧାରର ବିଭିନ୍ନ ଅଂଶ ମଧ୍ୟରେ ସନ୍ତୁଳନର ଅଭାବ ଏହାର କାରଣ । ଏହା ସମ୍ଭବ ଯେ ଯେଉଁଦିନ ଦେହରେ ବେଶୀ ଶକ୍ତିଥିଲା ତୁମ୍ଭେ ସେଦିନ ଅନେକ ଭାବରେ ଏ ଶକ୍ତିର ବ୍ୟବହାର କରିଅଛ । ଏହି କଥା ପିଲାମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । ପିଲାଏ ତାଙ୍କର ସୀମା ମଧ୍ୟରେ ଏକାମ କରନ୍ତି । ଖୁବ ନିଦରେ ଶୋଇପଡ଼ିବା ପର୍ଯ୍ୟନ୍ତ ଗୋଟିଏ ପିଲା ଖୁବ୍ ଚଞ୍ଚଳ ଥାଏ । କିଛି ମୁହୂର୍ତ୍ତ ଆଗରୁ ସେ ଚାଲବୁଲ କରୁଥିଲା ଏବଂ ସଙ୍ଗେ ସଙ୍ଗେ ଶୋଇ ପଡ଼ିଲା । ଏହି ପ୍ରକ୍ରିୟାରେ ତା'ର ବୃଦ୍ଧି ହୁଏ, ସେ ଅଧିକରୁ ଅଧିକ ବଳବାନ ହୁଏ । ତେଣୁ ବ୍ୟୟ କରିବା ହାନିକାରକ ନୁହେଁ । ଦରକାର ମୁତାବକ ବିଶ୍ରାମ ଦ୍ୱାରା ଏହି ପ୍ରକାର ଶକ୍ତି ବ୍ୟୟ ପରିଶୋଧ ହୋଇପାରେ । ଏହା ପୂର୍ଣ୍ଣଶକ୍ତି ଫେରାଇ ଆଣେ । ନା, ଏହା ଏକ ଅସାମଞ୍ଜସ୍ୟ । ଶରୀରର ବିଭିନ୍ନ ଅଂଶମାନଙ୍କ ମଧ୍ୟରେ ଆଉ ଯଥେଷ୍ଟ ସଙ୍ଗତି ନାହିଁ ।

ଲୋକମାନେ ଯେଉଁ କାମଟି କରୁଅଛନ୍ତି ସେହିକାମ ସବୁଦିନ ସକାଶେ କରିବାକୁ ଚିନ୍ତା କରୁଥାନ୍ତି, ସେହି ଚେତନାରେ ରହିବାକୁ ଇଚ୍ଛା କରନ୍ତି, ଦିନ ପରେ ଦିନ ତାଙ୍କର ଛୋଟ କାମଟି କରୁଥାଆନ୍ତି । ମାତ୍ର ଏହା ସେପରି ନୁହେଁ । ହଠାତ୍ କୌଣସି କାରଣରୁ ତୁମ୍ଭ ଶରୀରର ଏକ ଅଂଶ, ଏହା ତୁମ୍ଭର ଭାବନାରାଜି ହେଉ ବା ପ୍ରାଣ ସତ୍ତାର କୌଣସି କାର୍ଯ୍ୟ ହେଉ, ଅଗ୍ରଗତି କରନ୍ତି, କିଛି ନୂତନତ୍ୱର ଆବିଷ୍କାର କରନ୍ତି, ଆଲୋକିତ ହୁଅନ୍ତି ଏବଂ ଆଗକୁ ମାଡ଼ି ଚାଲନ୍ତି । ଏହା ଉନ୍ନତି ମାର୍ଗରେ ଲମ୍ଫପ୍ରଦାନ କରେ । ଆଉ ସବୁ କିଛି ପଛରେ ରହିଯାଏ । ଏହା ଭାରସାମ୍ୟରେ ଅସଙ୍ଗତି ଆଣେ । ତୁମ୍ଭଙ୍କୁ କ୍ଲାନ୍ତି ଦେବା ସକାଶେ ଏହା ଯଥେଷ୍ଟ । ମାତ୍ର ପ୍ରକୃତରେ ଏହା କ୍ଲାନ୍ତି ସୂଚକ ନୁହେଁ । ଏହା ତୁମ୍ଭଙ୍କୁ ନୀରବ ରହିବାକୁ, ସ୍ଥିର ନିଶ୍ଚିତ ହେବାକୁ, ନିଜ ସଙ୍ଗେ ରହିବାକୁ, ସେହିପରି ହେବାକୁ ଏବଂ ଶରୀରର ବିଭିନ୍ନ ଅଂଶ ମଧ୍ୟରେ ଧୀରେ ଧୀରେ ଏକ ନୂତନ ସଙ୍ଗତିର ଆରୋପ କରିବାକୁ ଶିଖାଏ । କୌଣସି ଏକ ଦତ୍ତ ସମୟରେ କିଛି ବିଶ୍ରାମ, ଶିଖିଥିବା ବିଦ୍ୟାର ଅନୁଶୀଳନ ଓ ଶରୀରର ବିଭିନ୍ନ ଅଂଶ ମଧ୍ୟରେ ସଙ୍ଗତି ରକ୍ଷା କରିବା ଏକାନ୍ତ ପ୍ରୟୋଜନ । *(୨୪ ଫେବୃୟାରୀ, ୧୯୫୪)*

***ଶକ୍ତିର ପ୍ରତ୍ୟେକ ଉତ୍ସକୁ ଅବସାଦ ବନ୍ଦ କରିଦିଏ***

ଅତ୍ୟଧିକ ସମୟ ବେନିୟମରେ ଖେଳିବା ପରେ ଆମ୍ଭେମାନେ ଅନୁଭବ କରୁ ଯେ ଆମ୍ଭେମାନେ ଶକ୍ତିହୀନ ହୋଇଅଛୁ । ମାତ୍ର ଯେତେବେଳେ ଆମ୍ଭେମାନେ ଉତ୍ସାହର ସହିତ ସବୁ ନିୟମ ମାନି ଖେଳୁ ସେତେବେଳେ ଆମେ ଶକ୍ତି ପ୍ରାପ୍ତ ହୋଇଥାଉ । ଏପରି କାହିଁକି ହୁଏ ? ଏହା ସମ୍ପୂର୍ଣ୍ଣ ସତ୍ୟ । ଉର୍ଦ୍ଧ୍ୱସ୍ଥ ଶକ୍ତି ସଙ୍ଗେ ସଂଯୁକ୍ତ ହେବା ଆଗରୁ ନିଜ ସଙ୍ଗରେ ସଙ୍ଗତି ପ୍ରତିଷ୍ଠା ଆବଶ୍ୟକ । ଯଦି ତୁମେ ଖେଳଟି ଭଲଭାବରେ ଜାଣିଥାଅ, କୌଶଳଗୁଡ଼ିକ ଶିକ୍ଷା କରିଥାଅ, ଉତ୍ସାହର ସହିତ ଯଦି କାମକର, ଯଦି ଉଚ୍ଚାକାଙ୍କ୍ଷା (ପିଲାଳିଆ ବୋଧହୁଏ) ପୋଷଣ କରୁଥାଅ ଏବଂ ଜୟଲାଭର ଇଚ୍ଛାରଖି ଖେଳୁଥାଅ ତେବେ ତୁମ୍ଭର ଜୟଲାଭ ସଙ୍ଗେ ତୁମ୍ଭେ ଏକ ପ୍ରକାର ଆନ୍ତର ଆନନ୍ଦ ଅନୁଭବ କର । ଏହା ବେଶୀ ଗଭୀର ହୋଇନପାରେ, ମାତ୍ର ଶକ୍ତିର ଆଦାନ ପ୍ରଦାନ ସକାଶେ ଏହା ସୁସ୍ଥ ପରିସ୍ଥିତି ସୃଷ୍ଟିକରେ । ଅନ୍ୟ ପକ୍ଷରେ ଯେଉଁମାନେ ପରାଜୟ ସ୍ୱୀକାର କରିବାକୁ ଜାଣିନାହାନ୍ତି, ଯେଉଁମାନେ କ୍ରୋଧର ବଶବର୍ତ୍ତୀ ଓ ସୌନ୍ଦର୍ଯ୍ୟହୀନ ସେମାନେ ନିଜର ଇଚ୍ଛାନୁସାରେ କାର୍ଯ୍ୟ ନହେଲେ ଅଧିକରୁ ଅଧିକ ଶକ୍ତି ହରାଇଥାନ୍ତି ।

ଆହୁରି ଏକ କଥା । ଅବସାଦଗ୍ରସ୍ତ ହୋଇଗଲେ ତୁମ୍ଭପାଇଁ ଶକ୍ତିର ସମସ୍ତ ଉତ୍ସ ଉପରୁ, ତଳୁ ଓ ସବୁ ସ୍ଥାନରୁ ବନ୍ଦ ହୋଇଯାଏ । ଏହା ଅସ୍ୱାଭାବିକ ସ୍ଥିତିରେ ରହିବା ସକାଶେ ଉତ୍ତମ ଉପାୟ । କୌଣସି ଅବସ୍ଥାରେ ମଧ୍ୟ ଅବସାଦଗ୍ରସ୍ତ ନ ହେବା ସକାଶେ ଯତ୍ନ କରିବା ବିଧେୟ ।

ଅବସାଦ ଉଗ୍ର ଅହଙ୍କାରର ପରିପ୍ରକାଶ । ଯେତେବେଳେ ତୁମ୍ଭେ ଏହାକୁ ତୁମ୍ଭ ନିକଟକୁ ଆସୁଥିବାର ଅନୁଭବ କର ସେତେବେଳେ ନିଜକୁ କୁହ, "ମୁଁ ଅହଙ୍କାର ଜନିତ ଅସୁସ୍ଥତା ମଧ୍ୟରେ ରହିଅଛି । ମୁଁ ନିଜକୁ ଏଥିରୁ ମୁକ୍ତି ପ୍ରଦାନ କରିବି ।" (୨୫ ଡିସେମ୍ବର, ୧୯୫୦)

**ଅବସାଦକୁ କିପରି ଆୟତ୍ତାଧୀନ କରାଯାଇ ପାରିବ ?**

***ଅବସାଦକୁ କିପରି ଆୟତ୍ତାଧୀନ କରାଯାଇ ପାରିବ ?***

ହଁ, ଏଥିପାଇଁ ଗୋଟିଏ ଅତି ସରଳ ଉପାୟ ଅଛି । ଅବସାଦ ସାଧାରଣ ଭାବରେ ପ୍ରାଣ ସ୍ତରରେ ସୃଷ୍ଟହୁଏ । ପ୍ରାଣ ସଙ୍ଗେ ଚେତନାର ସମ୍ପର୍କ ସ୍ଥାପିତ ହୋଇଗଲେ ବ୍ୟକ୍ତି ବିଶେଷ ଅବସାଦ ଜର୍ଜରିତ ହୋଇପଡ଼ନ୍ତି । ପ୍ରାଣ ସ୍ତରରୁ ବାହାରି ଆସି ଗଭୀର ଚେତନା ସଙ୍ଗେ ଯୁକ୍ତ ହୋଇ ପାରିଲେ ଏଥିରୁ ମୁକ୍ତି ମିଳିଯାଏ । ଉଚ୍ଚତର ମନ, ଆଲୋକିତ ମନ ଓ ଉଚ୍ଚସ୍ତରୀୟ ଭାବନା ସମୂହ ଅବସାଦକୁ ଦୂରକରି ଦେଇ ପାରନ୍ତି । ଏପରିକି ଚିନ୍ତା ରାଜ୍ୟର ଉଚ୍ଚତମ ସୋପାନରେ ଅଧିରୂଢ଼ ହୋଇଗଲେ ଅବସାଦ ସ୍ୱତଃ ଅପସରି ଯାଏ । ମାତ୍ର ସବୁ କ୍ଷେତ୍ରରେ ଯଦି ଜଣେ ଚୈତ୍ୟସତ୍ତାଙ୍କ ପାଖରେ ଆଶ୍ରୟ ନିଅନ୍ତି ତେବେ ଅବସାଦ ବସବାସ କରିବା ସକାଶେ ସ୍ଥାନ ନଥାଏ ।

ଦୁଇଟି କାରଣରୁ ଅବସାଦ ଆସେ। ପ୍ରାଣିକ ସନ୍ତୁଷ୍ଟିର ଅଭାବ ଏବଂ ଶରୀରରେ ପେଶୀଗୁଡ଼ିକର ଅତ୍ୟଧିକ ଦୌର୍ବଲ୍ୟ ଅବସାଦର କାରଣ। ଶରୀରଗତ ଦୌର୍ବଲ୍ୟଜାତ ଅବସାଦ ଅପେକ୍ଷାକୃତ ସହଜ ଭାବରେ ଦୂର ହୋଇପାରେ। ଏଥି ସକାଶେ ଯଥେଷ୍ଟ ବିଶ୍ରାମ ଆବଶ୍ୟକ ହୁଏ। ଜଣେ ଶଯ୍ୟାକୁ ଯାଇ ଶୁଅନ୍ତି ଏବଂ ସୁସ୍ଥ ଅନୁଭବ କଲା ପର୍ଯ୍ୟନ୍ତ ବିଛଣା ଛାଡ଼ନ୍ତି ନାହିଁ। କେହି ବିଶ୍ରାମ କରନ୍ତି, ସ୍ୱପ୍ନ ଦେଖନ୍ତି ଏବଂ ଶୋଇ ପଡ଼ନ୍ତି। ପ୍ରାଣିକ ଅସନ୍ତୁଷ୍ଟି ସହଜରେ ସୃଷ୍ଟି ହୁଏ। ଜଣେ ନିଜର ବିଚାର ବୁଦ୍ଧି ଦ୍ୱାରା ଏହାର ସମ୍ମୁଖୀନ ହେବା ଉଚିତ। ଅବସାଦର କାରଣଗୁଡ଼ିକୁ ଗୁରୁତ୍ୱ ନଦେବା, ପ୍ରାଣିକ ଅସନ୍ତୁଷ୍ଟିର ମୂଳଭୂତ କାର୍ଯ୍ୟ ସମୂହ ଓ ଆନ୍ତର ଆସ୍ପୃହା ସଙ୍ଗେ ଏଗୁଡ଼ିକର ସମ୍ପର୍କ ଖୋଜି ବାହାର କରିବା ଏବଂ ଏଗୁଡ଼ିକର ସତ୍ୟତାର ପରୀକ୍ଷା କରି ଦେଖିବା ଉଚିତ। ଫଳରେ ଏଗୁଡ଼ିକ କେବଳ ବାହ୍ୟପ୍ରକାଶର ଏକ ସାଧାରଣ ପରିସ୍ଥିତିରେ ଜଣେ ଅନୁଭବ କରନ୍ତି ଯେ ଆନ୍ତର ଆସ୍ପୃହା ସଙ୍ଗେ ଏଗୁଡ଼ିକର କିଛି ସଂଯୋଗ ନାହିଁ ଏବଂ ଏହି ନିଷ୍ପତ୍ତି ତାଙ୍କର ସାଧାରଣ କ୍ରିୟା ସମ୍ପାଦନ କରିବାରେ ସହାୟକ ହୁଏ। ଏହା ଯଦି ଯଥେଷ୍ଟ ନହୁଏ ତେବେ ଅନେକ ଗଭୀର ପ୍ରଦେଶକୁ ଅବରଣ କରି ଚୈତ୍ୟ ସତ୍ତାଙ୍କ ସ୍ପର୍ଶ ଲାଭ କରିବା ସକାଶେ ଚେଷ୍ଟା କରିବା ଦରକାର। ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଅବସାଦ ଓ ଏହାର ଆନୁସଙ୍ଗିକ ବିଭାବମାନଙ୍କ ସହିତ ଚୈତ୍ୟସତ୍ତାଙ୍କର ସମ୍ପର୍କ ସ୍ଥାପିତ ହୁଏ ଏବଂ ତତ୍କ୍ଷଣାତ୍ ଅବସାଦ ପବନରେ ମିଳେଇ ଯାଏ।

***(୨୪ ଫେବୃୟାରୀ ୧୯୫୪)***

**ଅବସାଦ ଉପରେ ଅଧିକାର**

***ପ୍ରକୃତିର ପରିବର୍ତ୍ତନ ହେବା ଏବଂ ଆଧାରର ବିଭିନ୍ନ ଅଂଶ ଉପରେ ଅଧିକାର ସାବ୍ୟସ୍ତ କରିବାକୁ ସଚେତନ ହେବା କ'ଣ ଏକା କଥା ଓ ଏକା କାମ?***

ଗୋଟିଏ ଅନ୍ୟଟିର ପୂର୍ବରୁ ଘଟିଥାଏ। ପ୍ରଥମେ ଜଣେ ସଚେତନ ହେବେ, ତା'ପରେ ସଂଯମ ଆଚରଣ କରିବେ ଏବଂ ଏହି ପ୍ରକ୍ରିୟା ଚାଲୁ ରହିଲେ ତାଙ୍କର ଚରିତ୍ରରେ ପରିବର୍ତ୍ତନ ଆସିବ। ସର୍ବଶେଷରେ ଚାରିତ୍ରିକ ପରିବର୍ତ୍ତନ ଆସେ। ମନ୍ଦ ଅଭ୍ୟାସ ଛାଡ଼ିବାକୁ ହେବ। ଅନେକ ଦିନର ସାଧନା ପରେ ଏସବୁ ଦୂର ହୁଏ ଏବଂ ଚରିତ୍ରରେ ସଂଶୋଧନ ଆସେ।

ଦୀର୍ଘସ୍ଥାୟୀ ଅବସାଦ ମଧ୍ୟରେ ଥିବା କାହାରି ଜଣକର କଥା ବିଚାର କରାଯାଉ। ଯେତେବେଳେ ଘଟଣାଗୁଡ଼ିକ ତାଙ୍କର ଇଚ୍ଛାନୁସାରେ ନଘଟେ ସେତେବେଳେ ସେ ଅବସାଦ ଗ୍ରସ୍ତ ହୁଅନ୍ତି। ତେଣୁ ପ୍ରଥମରୁ ସେ ଅବସାଦ ସମ୍ପର୍କରେ ସଚେତନ ହେବେ। କେବଳ ଏତିକି ନୁହେଁ ଅବସାଦର କାରଣ ସମ୍ବନ୍ଧରେ ମଧ୍ୟ ଜାଣିବେ। ଥରେ ସଚେତନ ହୋଇଗଲେ ସେ ଅବସାଦକୁ ନିଜ ଅଧିକାରଭୁକ୍ତ କରି ପାରିବେ, ଯଥେଷ୍ଟ କାରଣ ଥିଲେ ମଧ୍ୟ ଅବସାଦକୁ ଦୂରରେ ରଖିବେ ଏବଂ ଏହାର ଆଗମନର ଦ୍ୱାର ବନ୍ଦ କରିଦେବେ। ଏହି କ୍ରିୟା ଅନେକ ଦିନ ଧରି ଅବ୍ୟାହତ ରହି ପାରିଲେ ପ୍ରକୃତ ଅବସାଦଠାରୁ ଦୂରରେ ରହିବା ସମ୍ଭବ ହୁଏ, ସାଧାରଣ ପ୍ରତିକ୍ରିୟା ସଂଯତ ହୁଏ ଏବଂ ସର୍ବୋପରି ପ୍ରକୃତିର ପରିବର୍ତ୍ତନ ସଙ୍ଘଟିତ ହୁଏ।

***(୨୧ ଏପ୍ରିଲ, ୧୯୫୧)***

**ଶକ୍ତିର ଅପବ୍ୟବହାର**

ଶକ୍ତିର ସଂରକ୍ଷଣ କଥା ମନୁଷ୍ୟମାନେ ଜାଣନ୍ତି ନାହିଁ। ଯେତେବେଳେ କିଛି ଘଟେ, ଦୁର୍ଘଟଣା ବା ଅସୁସ୍ଥତା ଆସେ ସେତେବେଳେ ସାହାଯ୍ୟ ପ୍ରାର୍ଥନା କରି ଶକ୍ତିର ଦୁଇ ବା ତିନିଗୁଣ ଅଧିକ ମାତ୍ରାରେ ବ୍ୟବହାର କରାଯାଏ। ସେମାନେ ନିଜକୁ ଗ୍ରହଣଶୀଳ ମନେକରି ଏହାକୁ ଗ୍ରହଣ କରନ୍ତି। ଏହି କାର୍ଯ୍ୟ ଦୁଇଟି କାରଣରୁ ହୋଇଥାଏ। ଗୋଟିଏ ହେଲା ଦୁର୍ଘଟଣା ବା ଅସୁସ୍ଥତା ଜନିତ କ୍ଷୟକ୍ଷତିର ପୂରଣ କରିବା ଓ ଅନ୍ୟଟି ହେଲା ରୂପାନ୍ତର ସକାଶେ ଶକ୍ତି ପ୍ରଦାନ କରିବା, ଅସୁସ୍ଥତା ବା ଦୁର୍ଘଟଣାର ପ୍ରକୃତ କାରଣକୁ ଖଣ୍ଡିତ ବା ପରିବର୍ତ୍ତନ କରିବା।

ଶକ୍ତିର ତତ୍କ୍ଷଣାତ୍ ଓ ପ୍ରତ୍ୟକ୍ଷ ପ୍ରୟୋଗ ନକରି ସେମାନେ ବାହ୍ୟ ପ୍ରକାଶ ମଧ୍ୟରେ ଏହାକୁ ଛାଡ଼ି ଦିଅନ୍ତି। ଏଣେତେଣେ ବୁଲନ୍ତି କାର୍ଯ୍ୟ କରିବାକୁ ଓ କର୍ମତତ୍ପର ହେବାକୁ ଲାଗିପଡନ୍ତି। ଅନେକ କଥା କହନ୍ତି ଓ ନିଜକୁ ଶକ୍ତିର ଭଣ୍ଡାର ବୋଲି ମନେ କରି ସେସବୁଗୁଡ଼ିକୁ ବାହାରେ ନଷ୍ଟ କରି ଦିଅନ୍ତି। ସେମାନେ କିଛି ହେଲେ ରଖିପାରନ୍ତି ନାହିଁ। ଅନ୍ତରସ୍ଥ ପ୍ରୟୋଗ ସକାଶେ ଶକ୍ତି ଆସେ ମାତ୍ର ଏହାର ଦୁରୂପଯୋଗ କରି ସେମାନେ ହତବାକ୍ ହୋଇପଡ଼ନ୍ତି। ଏହା ସାର୍ବଜନୀନ କଥା। ଭିତରକୁ ପ୍ରବେଶ କରି ଶକ୍ତିର ଉପଯୋଗ ବିଷୟରେ ସେମାନେ ଅଜ୍ଞ। ଏହା ରଖି ହୁଏ ନାହିଁ, ଶରୀରର କ୍ଷୟକ୍ଷତି ସକାଶେ ଏହାର ପ୍ରୟୋଗ ପ୍ରଶସ୍ତ। ତଳକୁ ଯାଇ ଦୁର୍ଘଟଣା ବା ଅନ୍ୟ ଅବ୍ୟବସ୍ଥିତ କ୍ରିୟାର କାରଣ ଜାଣିବା, ଏହାକୁ ସେହି ସ୍ଥାନରେ ଆସ୍ପୃହାରେ ପରିବର୍ତ୍ତନ କରିବା ଏବଂ ଅନ୍ତରର ରୂପାନ୍ତର କାର୍ଯ୍ୟରେ ବିନିଯୋଗ କରିବା ଶ୍ରେୟସ୍କର ହୋଇଥାଏ। ଏକଥା ନ କରି ଲୋକମାନେ ଇତସ୍ତତଃ ହୁଅନ୍ତି, ଅଯଥା କଥାବାର୍ତ୍ତା କରନ୍ତି ଓ ଏଣୁ ତେଣୁ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇଯାଆନ୍ତି।

ବାସ୍ତବ କ୍ଷେତ୍ରରେ ଅଧିକାଂଶ ଲୋକେ ମନେ କରନ୍ତି ଯେ ଶକ୍ତି ନଷ୍ଟ କରୁଥିବାରୁ ସେମାନେ ବଞ୍ଚିଅଛନ୍ତି, ଏହା ନହୋଇ ପାରିଲେ ଏହା ଜୀବନ ଥିଲା ପରି ଲାଗେ ନାହିଁ। ଶକ୍ତି ନଷ୍ଟ ନ କରିବା ଅର୍ଥ ଯେଉଁ ଉଦ୍ଦେଶ୍ୟ ସକାଶେ ଏହା ଦିଆଯାଇଅଛି ସେହି ଉଦ୍ଦେଶ୍ୟରେ ଏହାର ଉପଯୋଗ କରିବା। ଯଦି ଶକ୍ତି ରୂପାନ୍ତର ସକାଶେ ବା ପବିତ୍ରୀକରଣ ସକାଶେ ଏହା ପ୍ରଦତ୍ତ ହୋଇଥାଏ ତେବେ ସେହି

ବିଭାଗ ସକାଶେ ଏହାର ପ୍ରୟୋଗ କରିବା ଉଚିତ। ଶରୀରର କିଛି ଅସଜଡ଼ା ଅଂଶକୁ କାର୍ଯ୍ୟକ୍ଷମ କରିବା ସକାଶେ ଯଦି ଏହା ଦିଆଯାଇଥାଏ ତେବେ ସେହି କାର୍ଯ୍ୟ ସକାଶେ ଏହାକୁ ପ୍ରୟୋଗ କରାଯିବ।

ଯଦି କୌଣସି ବିଶେଷ କାମ ସକାଶେ ଶକ୍ତି ପ୍ରଦତ୍ତ ହୁଏ ତେବେ ଏହା ଉତ୍ତମ କଥା, କାରଣ ସେହି କାର୍ଯ୍ୟ ସକାଶେ ଶକ୍ତି ପ୍ରଦତ୍ତ ହୋଇଥିଲା।

ନିଜ ମଧ୍ୟରେ ଶକ୍ତିର ଅନୁଭବ ଆସିଲେ ତତ୍‌କ୍ଷଣାତ୍ କିଛି କରିବାକୁ ଇଚ୍ଛା ହୁଏ। ନଚେତ ଯେଉଁମାନଙ୍କର କୌଣସି ଭଲ କାମ କରିବାର ଧାରଣା ନଥାଏ ସେମାନେ ଗପ କରିବାରେ ରହିଯାଆନ୍ତି। ଯେଉଁମାନଙ୍କର ନିଜ ଉପରେ କର୍ତ୍ତୃତ୍ୱ ନଥାଏ ସେମାନେ ଅସହିଷ୍ଣୁ ଓ କନ୍ଦଳପ୍ରିୟ ହୋଇପଡ଼ନ୍ତି। ଯଦି ତାଙ୍କର ମତିଗତି ବିରୁଦ୍ଧରେ କିଛି କରାଯାଏ ତେବେ ସେମାନେ ନିଜକୁ ଶକ୍ତିମାନ ବୋଲି ମନେକରନ୍ତି ଏବଂ ଏହାକୁ ଦୈବୀକୃତ କ୍ରୋଧ ଭାବରେ ଗ୍ରହଣ କରନ୍ତି।

**ଶିଥିଳିକରଣର "ଆବଶ୍ୟକତା"**

ପେଶୀଗୁଡ଼ିକର ଶିଥିଳିକରଣରୁ ସବୁ ବିଷୟ ଆସିଥାଏ ଏବଂ ମନୁଷ୍ୟମାନଙ୍କୁ ଏହି କି ସନ୍ଦେଶ ଦିଏ ? ଏହା ସବୁବେଳେ ଏକ ତଳ ସ୍ତରକୁ ଖସି ଆସିବାର ସୂଚନା ଦିଏ। ସେମାନେ ଜାଣନ୍ତି ନାହିଁ ଯେ ପ୍ରକୃତରେ ପେଶୀ ଓ ଅଂଶଗୁଡ଼ିକୁ ଢ଼ିଲା କରିବା ସକାଶେ ଆଉଟିକିଏ ଉପରକୁ ଯିବାକୁ ହେବ, ନିଜ ଉପର ସୋପାନକୁ ଯିବାକୁ ହେବ। ଯଦି କେହି ନିମ୍ନଗାମୀ ହୁଅନ୍ତି ତେବେ ଏହା କ୍ଳାନ୍ତି ବୃଦ୍ଧି କରେ ଓ ତାଙ୍କୁ ଆଶ୍ଚର୍ଯ୍ୟ ଚକିତ ଅବସ୍ଥାରେ ପଡ଼ିବାକୁ ହୋଇଥାଏ। ପ୍ରତିଥର ତଳକୁ ଖସିବା ସମୟରେ ଅବଚେତନ ଭାର ବୃଦ୍ଧି ହେଉଥାଏ ଏବଂ ଏହି ଗୁରୁଭାରକୁ ଲାଘବ କରିବା ଉଚିତ। କାରଣ ଏହା ଗୋଡ଼ରେ ଚେନ୍‌ଟିଏ ପରି ଅନୁଭୂତ ହୁଏ। ମାତ୍ର ଏହି ଶିକ୍ଷା ଦେବା କଠିନ, କାରଣ ଅନ୍ୟ କାହାରିକୁ ଶିକ୍ଷା ଦେଲା ପୂର୍ବରୁ ଜଣେ ନିଜେ ଏ ବିଷୟ ଜାଣିଥିବା ଦରକାର।

ଏକଥା ପିଲାମାନଙ୍କୁ କେବେହେଲେ କୁହାଯାଏ ନାହିଁ। ପିଲାମାନେ କୌତୁକ ଚାହାନ୍ତି, ପିଲା ଏସବୁ ଭଲ ପାଆନ୍ତି - ଏପରି କହିବା ଦ୍ୱାରା ସେହି ପିଲାମାନେ ସଂସାର ଯାକର ଅସୁବିଧା ସୃଷ୍ଟି କରିଥାଆନ୍ତି।

ନିଜ ମଧ୍ୟରେ ତଳକୁ ବୁଡ଼ିଯାଇ ଦୁର୍ବଳତା ଦୂର କରିହୁଏ ନାହିଁ, ଶିଢ଼ି ଉପରକୁ ଚଢ଼ିବାକୁ ହେବ ଓ ସେଠାରେ ପ୍ରକୃତ ବିଶ୍ରାମ ମିଳିବ, କାରଣ ଜଣେ ବ୍ୟକ୍ତିଙ୍କର ଆନ୍ତର ଶାନ୍ତି, ଆଲୋକିତ ଓ ବାୟୁମଣ୍ଡଳ ଓ ସାର୍ବଜନୀନ ଶକ୍ତି ଅଛି। ଧୀରେ ଧୀରେ ଜଣେ ତାହାଙ୍କର ଜୀବନ ସ୍ଥିତିର କାରଣଭୂତ ସତ୍ୟ ସମ୍ପର୍କରେ ଆସି ପାରିବେ।

ତୁମ୍ଭେ ଯଦି ନିଶ୍ଚିତ ଭାବରେ ଏହା ସଙ୍ଗେ ସମ୍ବନ୍ଧ ସ୍ଥାପନ କରିପାର ତେବେ ତୁମ୍ଭର ସବୁ ଦୁର୍ବଳତା ଦୂର ହୋଇଯିବ।

*(୨୬ ଫେବୃୟାରୀ, ୧୯୫୧)*

**ଦୁଃଖାଭିଭୂତ ଅବସ୍ଥା : ମନୁଷ୍ୟର ସବୁଠାରୁ ସାଧାରଣ ଅସୁସ୍ଥତା**

ସତ କହିବାକୁ ଗଲେ ଦୁଃଖପୂର୍ଣ୍ଣ ଅବସ୍ଥା ମଧ୍ୟରେ ତିଷ୍ଠି ରହିବା ମନୁଷ୍ୟମାନଙ୍କର ସବୁଠାରୁ ସାଧାରଣ ଅସୁସ୍ଥତା। ଏହି ଦୁଃଖମୟ ସ୍ଥିତିରୁ ବାହାରିଯିବା ସକାଶେ ଚେଷ୍ଟା କରିଲା ସମୟରେ ଲୋକମାନେ ଅନେକ ଅପ୍ରୀତିକର କାର୍ଯ୍ୟ କରିଥାଆନ୍ତି। ମୁଁ ନିଶ୍ଚିତ ଭାବରେ କହିବି ଯେ ବାହ୍ୟ ପ୍ରଲେପ ଆଦି ସୁଫଳ ଦିଅନ୍ତି ନାହିଁ। ଦୁଃଖଦ ପରିସ୍ଥିତିରୁ ବାହାରି ଯିବା ଉଦ୍ୟମ କଲେ ମଧ୍ୟ ଏହା ତୁମ୍ଭ ସଙ୍ଗରେ ରହିଥାଏ, ତୁମ ଆଧାରର ପୁନର୍ଗଠନ କରେ, ଏହାର ଚଳଣିରେ ସୁଧାର ଆଣିଲେ, କୈନ୍ଦ୍ରିକ ଚେତନା ଓ ପ୍ରକାଶିତ ସତ୍ତା ସଙ୍ଗେ ସମ୍ପର୍କିତ ହେଲେ ନିଶ୍ଚିତ ପୂର୍ଣ୍ଣସୁଖ ଓ ଆରାମ ମିଳିଥାଏ। ଏହା ଆଶାତୀତ କୌତୁହଳର ସୃଷ୍ଟିକରିପାରେ ଓ ଏକ ଅତି ଉଚ୍ଚସ୍ତରର ଅସାଧାରଣ ବିବିଧତା ଆଣିପାରେ। ଏହି ସ୍ଥିତିରେ ବାସକଲେ ଦୁଃଖପୂର୍ଣ୍ଣ ଅବସ୍ଥାରେ ରହିବା ପାଇଁ ତୁମ୍ଭର ସମୟ ନଥାଏ। (୬ଜୁନ୍, ୧୯୫୬)

**ଅନିଚ୍ଛାକୃତ କର୍ମ ପେଶୀ ଦୌର୍ବଲ୍ୟ ଆଣେ**

ଯେଉଁ କାମ କରିବା ସକାଶେ ତୁମ୍ଭଙ୍କୁ ଭଲ ନଲାଗେ ସେହି କାମ କରିବା ଦ୍ୱାରା ତୁମ୍ଭର ପେଶୀମାନଙ୍କର ଦୁର୍ବଳତା ଆସେ।

ଯେଉଁ କାମ କଲେ ମଧ୍ୟ ତୁମ୍ଭେ ସେଥିରେ ଆନନ୍ଦ ପାଇ ପାରିବ। ଯଦି ତୁମ୍ଭେ ଏହାକୁ ପ୍ରଗତିର ଉପାୟ ବୋଲି ମନେକର, କରୁଥିବା କାମକୁ ଅଧିକ ସୁନ୍ଦର କରିବାର ଚେଷ୍ଟା କର, ଅଗ୍ରଗତି କରିବାର ଇଚ୍ଛା ପୋଷଣ କର ଏବଂ କରୁଥିବା କାମ ଯାହା ହେଉ ନା କାହିଁକି, ସେଥିରେ ଆନନ୍ଦ ଅନୁଭବ କର, ତେବେ ସବୁକାମ ତୁମ୍ଭଙ୍କୁ ଆନନ୍ଦ ଦେଇ ପାରିବେ। କାମକୁ ଏହି ଭାବରେ ଦେଖିଲେ ନଗଣ୍ୟ କାମ ମଧ୍ୟ ତୁମ୍ଭର ସୁଖକର ହୋଇପାରିବ।

ଯଦି ତୁମ୍ଭ ମଧ୍ୟରେ ପୂର୍ଣ୍ଣତା ପ୍ରାପ୍ତିର ଆଦର୍ଶ ନଥିବ, ତେବେ ସବୁଠାରୁ ଆନନ୍ଦଦାୟକ କାମ ମଧ୍ୟ ତୁମ୍ଭ ସକାଶେ ନିରର୍ଥକ ମନେ ହେବ।

କ୍ଳାନ୍ତି ଅଗ୍ରଗତିର ନ୍ୟୁନତାର ସୂଚନା ଦିଏ। କ୍ଳାନ୍ତି ବା ଦୁର୍ବଳତା ଅନୁଭବ କରିବା ଅର୍ଥ ଅଗ୍ରଗତି ସକାଶେ ତୁମ୍ଭେ ବଦ୍ଧପରିକର ହୋଇନାହିଁ।

**(୭) ଶକ୍ତିର ଉତ୍ସସମୂହ**

**ପ୍ରଚେଷ୍ଟା ଆନନ୍ଦ ଦିଏ।**

ଗୋଟିଏ ଲକ୍ଷ୍ୟ ଜୀବନର ଏକ ଅର୍ଥ ଓ ଉଦ୍ଦେଶ୍ୟର ଜ୍ଞାପକ।

ଏହି ଉଦ୍ଦେଶ୍ୟ ପଛରେ ଚେଷ୍ଟା ବିଦ୍ୟମାନ ଥାଏ, ଏବଂ ଏହି ଚେଷ୍ଟା ମାଧ୍ୟମରେ ଜଣେ ଆନନ୍ଦ ପ୍ରାପ୍ତି କରିପାରେ।

ଠିକ୍ କହିଅଛ। ଚେଷ୍ଟାହିଁ ଆନନ୍ଦ ଦିଏ। ଯେଉଁ ମନୁଷ୍ୟ ଚେଷ୍ଟା କରିବାର ତତ୍ତ୍ୱ ହୃଦୟଙ୍ଗମ କରିନାହାନ୍ତି ସେ କେବେ ଆନନ୍ଦ ପାଇ ପାରିବେ ନାହିଁ।

ଆଳସ୍ୟପରାୟଣ ଲୋକମାନେ ଆନନ୍ଦ ପାଇବେ ନାହିଁ। ଆନନ୍ଦିତ ହେବା ସକାଶେ ସେମାନଙ୍କର ଶକ୍ତି ନଥାଏ। ଚେଷ୍ଟାହିଁ ଆନନ୍ଦ ଦିଏ। ଚେଷ୍ଟା ମନୁଷ୍ୟ ଭିତରେ ନିର୍ଦ୍ଦିଷ୍ଟ ମାତ୍ରାରେ ସ୍ପନ୍ଦନର ସୃଷ୍ଟିକରେ ଏବଂ ଏହି ଦ୍ୱନ୍ଦ୍ୱଯୁକ୍ତ କମ୍ପନ ତୁମ୍ଭଙ୍କୁ ଆନନ୍ଦ ପାଇବାରେ ସହାୟକ ହୁଏ।

ଯେଉଁ ରାଜ୍ୟରେ ଥିଲେ ମଧ୍ୟ ଚେଷ୍ଟାହିଁ ଫଳବତୀ ହୁଏ। ସାଧାରଣ ଚେଷ୍ଟା ନୈତିକ ଚେଷ୍ଟା ଓ ବୁଦ୍ଧିଯୁକ୍ତ ଚେଷ୍ଟା ସାର୍ବଜନୀନ କମ୍ପନ ସ୍ତର ସଙ୍ଗେ ଯୁକ୍ତ ହେବା ସକାଶେ ଆଧାର ମଧ୍ୟରେ କମ୍ପନ ସୃଷ୍ଟି କରନ୍ତି ଏବଂ ଏହାହିଁ ଆନନ୍ଦ ଦିଏ। ଆଳସ୍ୟ ମଧ୍ୟରୁ ଏହି ଚେଷ୍ଟା ତୁମ୍ଭଙ୍କୁ ବାହାରକୁ ଟାଣି ଆଣେ, ଏହି ଚେଷ୍ଟା ତୁମ୍ଭଙ୍କୁ ସାର୍ବଭୌମ ଶକ୍ତ ପ୍ରତି ଗ୍ରହଣଶୀଳ କରାଏ। ସାଧାରଣ ଭାବରେ ଗତାନୁଗତିକ ଜୀବନ ଯାପନ କରୁଥିବା, ଆଧ୍ୟାତ୍ମିକ ଆସ୍ପୃହା ଥିବା ଓ ଯୋଗ ଅଭ୍ୟାସ କରୁ ନ ଥିବା ବ୍ୟକ୍ତିମାନଙ୍କ ସହିତ ତୁମ୍ଭଙ୍କୁ ମଧ୍ୟ ସ୍ୱତଃ ଆନନ୍ଦ ମିଳିଥାଏ। ବିଶ୍ୱଶକ୍ତି ସଙ୍ଗେ ସ୍ୱୀୟ ଶକ୍ତିର ବିନିମୟ ଦ୍ୱାରା ଏହା ସମ୍ଭବ ହୁଏ। ଲୋକମାନେ ଏହା ଜାଣନ୍ତି ନାହିଁ। କେଉଁ କାରଣ ସକାଶେ କ'ଣ ଘଟୁଅଛି ସେ କଥା ସେମାନେ ତୁମ୍ଭଙ୍କୁ କହିପାରିବେ ନାହିଁ, ମାତ୍ର ତେଣୁ ଏହା ହେଉଅଛି ବୋଲି କହିବେ। **(୧୩ ଜାନୁଆରୀ, ୧୯୫୧)**

**ଅକ୍ଷୟ ଶକ୍ତି**

ବିଶ୍ୱଶକ୍ତିର ଅକ୍ଷୟ ଉତ୍ସରୁ ସଂଗ୍ରହ କରି ନିଜର ଶକ୍ତିକୁ ନୂତନ ରୂପରେ ରୂପାୟିତ କରିବା ସକାଶେ ଯୌଗିକ ଶୃଙ୍ଖଳା ଖେଳାଳୀମାନଙ୍କୁ ଶିକ୍ଷା ଓ ସହାୟତା ପ୍ରଦାନ କରେ। ଏହା ଏକ ପ୍ରଭାଶାଳୀ ସହାୟତା।

ପୁଷ୍ଟିସାଧନ ପ୍ରକ୍ରିୟାରେ ଆଧୁନିକ ବିଜ୍ଞାନ ଯଥେଷ୍ଟ ଉନ୍ନତି କରିଅଛି। ଏହା ଶକ୍ତିର ପୁର୍ବାର ପୁଞ୍ଜିଭୂତ ହେବାର କ୍ରିୟା। ମାତ୍ର ଏହି ପ୍ରଣାଳୀ ଅନ୍ୟ ଉପରେ ନିର୍ଭରଶୀଳ ଏବଂ ସର୍ବଭାବରେ ସୀମିତ। ଏ ବିଷୟରେ ଆମ୍ଭେମାନେ ଏଠାରେ ଆଲୋଚନା କରିବା ନାହିଁ, କାରଣ ବିଷୟଟି ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚିତ ହୋଇଯାଇଅଛି। ମାତ୍ର ଏହା ସତ୍ୟ ଯେ ଯେ ପର୍ଯ୍ୟନ୍ତ ପୃଥିବୀ ଓ ମାନବ ସମାଜ ସେମାନଙ୍କର ନିଜ ନିଜ ସ୍ଥିତିରେ ରହିଥିବେ ସେତେଦିନ ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣ ଅପରିହାର୍ଯ୍ୟ କାମ ଭାବରେ ଗୃହୀତ ହେଉଥିବ। ଯୋଗ-ବିଜ୍ଞାନ ଅନ୍ୟ ଉପାୟରେ ଶକ୍ତି ଆହରଣ ବିଷୟ ଜାଣେ ଏବଂ ଆମ୍ଭେମାନେ ଦୁଇଟିର କଥା ଦେଖିବା।

ଭୌତିକ ପୃଥିବୀରେ ଗଚ୍ଛିତ ଅକ୍ଷୟ ଶକ୍ତି ପ୍ରବାହ ସଙ୍ଗେ ନିଜକୁ ସାମିଲ କରି ଏଥିରୁ ସ୍ୱାଧୀନ ଭାବରେ ଶକ୍ତିର ସଂଗ୍ରହ କରାଯିବ। ଏହା ପ୍ରଥମ କଥା। ଏହି ଭୌତିକ ଶକ୍ତି ଅର୍ଦ୍ଧଚେତନ ଓ ଲୁକ୍କାୟିତ ଥାଏ ଓ ସେଗୁଡ଼ିକ ମନୁଷ୍ୟ ମଧ୍ୟରେ ପଶୁତ୍ୱର ଜାଗରଣ କରନ୍ତି। କିନ୍ତୁ ଏକ ସମୟରେ ସେଗୁଡ଼ିକ ମନୁଷ୍ୟ ଓ ପାର୍ଥିବ ପ୍ରକୃତି ମଧ୍ୟରେ ସଙ୍ଗତିପୂର୍ଣ୍ଣ ଅବସ୍ଥାର ସୃଷ୍ଟି କରନ୍ତି। ଏହି ଶକ୍ତିର ଗ୍ରହଣ ଓ ବ୍ୟବହାର କୁଶଳ ବ୍ୟକ୍ତି ସାଧାରଣତଃ ଜୀବନରେ ସଫଳ ହୁଅନ୍ତି ଏବଂ ଯେଉଁକାମରେ ହାତ ଦିଅନ୍ତି ସେଗୁଡ଼ିକ ସଫଳ ହୁଏ। କିନ୍ତୁ ସେମାନେ ସେମାନଙ୍କର ଜୀବନଶୈଳୀ ଉପରେ ନିର୍ଭର କରନ୍ତି ଏବଂ ସେମାନଙ୍କର ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ସେମାନଙ୍କୁ ପ୍ରଭାବିତ କରେ। ସେମାନଙ୍କ ମଧ୍ୟରେ ସୃଷ୍ଟ ସଙ୍ଗତି ଆକ୍ରମଣରୁ ମୁକ୍ତ ନୁହେଁ। ବିପରୀତ ପରିସ୍ଥିତିର ଉଦ୍ଭବ ମାତ୍ରେ ଏହା ଆପେ ଆପେ ଉଭେଇଯାଏ। ଶିଶୁଟିଏ ସ୍ୱତଃ ଭୌତିକ ପ୍ରକୃତିରୁ ଶକ୍ତି ସଂଗ୍ରହ କରେ ଏବଂ ନିରର୍ଥକ ଅଙ୍ଗକଷା ଛାଡ଼ି ସେ ସଂଗ୍ରହ କରିଥିବା ଶକ୍ତିକୁ ଆନନ୍ଦରେ ଓ ସ୍ୱାଧୀନ ଭାବରେ ଖର୍ଚ୍ଚ କରେ। ମାତ୍ର ବୟସର ବୃଦ୍ଧି ସଙ୍ଗେ ଏହି ବିଭାବଟି ଅଧିକାଂଶ ଲୋକମାନଙ୍କ କ୍ଷେତ୍ରରେ ଦୁଃଖ କଷ୍ଟର ତାଡ଼ନାରେ ଅକାମୀ ହୋଇଯାଏ। ମନ ସ୍ତରର କାର୍ଯ୍ୟକ୍ରମ ସବୁ ଚେତନା ମଧ୍ୟରେ ଯେଉଁ ପ୍ରଧାନ ଭୂମିକା ଗ୍ରହଣ କରନ୍ତି ଏହା ତାହାର ଫଳ ଭାବରେ ପ୍ରକାଶିତ ହୁଏ।

ଯାହାହେଉ, ଶାରୀରିକ ବାହ୍ୟ ପ୍ରକାଶ ଯାହା ହେଲେ ମଧ୍ୟ ଏପରି ଏକ ଶକ୍ତିର ଉତ୍ସ ଅଛି ଯାହା ଥରେ ଆବିଷ୍କୃତ ହୋଇଗଲେ ଆଉ ଲୁପ୍ତ ହୁଏ ନାହିଁ। ଏହି ଶକ୍ତିକୁ ଆଧ୍ୟାତ୍ମିକ ଶକ୍ତି କୁହାଯାଇପାରେ ଓ ଏହା ନିମ୍ନ ଦେଶରୁ ଏବଂ ଅଚେତନ ଗହ୍ୱରରୁ ପ୍ରାପ୍ତ ହୁଏ ନାହିଁ। ଏହା ଉର୍ଦ୍ଧ୍ୱ ଦେଶର ଓ ବିଶ୍ୱ ବ୍ରହ୍ମାଣ୍ଡର ଶାଶ୍ୱତ ପ୍ରକାଶସ୍ଥଳଠାରୁ, ମାନବଠାରୁ ଓ ସର୍ବୋତ୍ତମ ଚେତନାର ସର୍ବଶକ୍ତିମାନ ଓ ଶାଶ୍ୱତ ଔଜଲ୍ୟରୁ ପ୍ରାପ୍ତ ହୁଏ। ଏହା ଆମ୍ଭମାନଙ୍କର ଚାରିପାଖରେ ଅଛି ଏବଂ ସମସ୍ତଙ୍କ ମଧ୍ୟରେ ପ୍ରବେଶ କରିଅଛି। ଏହା ସଙ୍ଗେ ସମ୍ପର୍କ ସ୍ଥାପନ କରିବାକୁ ଓ ଏହାକୁ ଗ୍ରହଣ କରିବାକୁ ଆନ୍ତରିକ ଆସ୍ପୃହା, ବିଶ୍ୱାସ ଓ ନିଷ୍ଠା ସହିତ ଏଥିପ୍ରତି ଉନ୍ମୁଖ ହେବା, ନିଜର ଚେତନାର ଦିଗ୍‌ବଳୟ ବୃଦ୍ଧି କରିବା ଏବଂ ଏହାକୁ ବିଶ୍ୱଚେତନା ସହିତ ପରିଚିତ କରାଇବା ଯଥେଷ୍ଟ ହେବ।

ପ୍ରାରମ୍ଭରୁ ଏହା ଅସମ୍ଭବ ନହେଲେ ମଧ୍ୟ କଠିନ ବୋଧହେବ। ଏହି ଗାଥାକୁ ନିକଟରୁ ବିଚାର କରି ଦେଖିଲେ ଜଣେ ଜାଣିପାରିବ ଯେ ଏହା ଅପରିଚିତ ନୁହେଁ, ଏବଂ ସାଧାରଣ ଭାବରେ ଅଭିବୃଦ୍ଧ ମାନବ ଚେତନାଠାରୁ ଦୂରରେ ନାହିଁ। ଜୀବନରେ ଥରକ ସକାଶେ ହେଲେ ସୁଦ୍ଧା ନିଜର ବିସ୍ତୃତ ଦିଗବଳୟ ବାହାରକୁ ଉଠି ଯାଇଥିବାର ଅନୁଭୂତି ଖୁବ୍ କମ୍ ଲୋକଙ୍କର ଅଛି। ସେମାନଙ୍କ ମଧ୍ୟରେ ଅପ୍ରତ୍ୟାଶିତ ଭାବରେ ଏକ ଅସାଧାରଣ ଶକ୍ତି ପ୍ରବିଷ୍ଟ ହୁଏ,

ଯାହା ଇଚ୍ଛା ତାହା କରିବାର ସୁଯୋଗ ପ୍ରଦାନ କରେ। ଏପରି ସମୟରେ କୌଣସି କଥା କଠିନ ମନେହୁଏ ନାହିଁ ଏବଂ "ଅସମ୍ଭବ" ଶବ୍ଦ ତା'ର ଅର୍ଥ ହରାଇ ବସେ।

ଏହି ଅନୁଭବ କ୍ଷଣସ୍ଥାୟୀ ହେଲେ ମଧ୍ୟ ଏକ ଉଚ୍ଚତର ଶକ୍ତି ସଙ୍ଗେ ସମ୍ପର୍କ ସ୍ଥାପନାର ସୂଚନା ଦିଏ ଓ ଏକ ଦିବ୍ୟ ଝଲକ ଦେଖାଏ। ଯୌଗିକ ଶୃଙ୍ଖଳା ଏହି ସମ୍ପର୍କକୁ ଆବାହନ କରିପାରେ ଓ ଚଳାଇ ରଖି ପାରେ।

ଏହି ସମ୍ପର୍କ ସ୍ଥାପନ କରିବାର ପ୍ରଣାଳୀ ସମ୍ବନ୍ଧରେ ଏଠାରେ ବିସ୍ତୃତ ଭାବରେ କୁହାଯାଇ ପାରିବ ନାହିଁ। ଏହା ବ୍ୟକ୍ତିଗତ ବିଷୟ ଏବଂ ପ୍ରତ୍ୟେକଙ୍କର କ୍ଷେତ୍ରରେ ଅନନ୍ୟ। ଏହା ତାଙ୍କର ଠିଆ ହୋଇଥିବା ସ୍ଥାନରୁ ଆରମ୍ଭ ହୁଏ, ତାଙ୍କର ନିଜର ପ୍ରୟୋଜନ ସଙ୍ଗେ ସାମିଲ ହୁଏ ଏବ ଆଉ ଏକ ପାଦ ଆଗକୁ ଯିବା ପାଇଁ ସାହାଯ୍ୟ କରେ। ଏହି ପଥଟି ସମୟ ସମୟରେ ଦୀର୍ଘ ଓ ଧୀର, ମାତ୍ର କଷ୍ଟକରିବାର ଅନୁରୂପ ଫଳ ଏଥିରେ ମିଳିଥାଏ। ସ୍ୱୀୟ ଇଚ୍ଛାଶକ୍ତିର ଅଧୀନ ଏହି ଶକ୍ତିର ଫଳ ବିଷୟରେ ଆମେ କଳନା କରିପାରିବା, ସେ ସୀମାହୀନ ଶକ୍ତିର, ତା'ର ଅକଳନ୍ତା ପ୍ରଭାବର ଓ ପବିତ୍ର ଔଜଲ୍ୟର ବିଭିନ୍ନ ଅବସ୍ଥାରେ ଅନୁଭବ କରିପାରିବା। ଦୁଃଖ, ଭାଙ୍ଗିପଡ଼ିବା, ଅସୁସ୍ଥତା, ବାର୍ଦ୍ଧକ୍ୟ ଏପରିକି ମୃତ୍ୟୁ ଏହି ରାସ୍ତାରେ ବିଶେଷ ପ୍ରତିବନ୍ଧକ ଭାବରେ ଆସନ୍ତି। ସ୍ଥିର ନିଶ୍ଚିତ ଇଚ୍ଛାଶକ୍ତି ଏହାକୁ ପରାଭୂତ କରିଦେଇପାରେ। (ବୁଲେଟିନ୍, ଅଗଷ୍ଟ ୧୯୪୯)

**ଜୀବନ ସ୍ଥିତିର ତିନୋଟି ଉତ୍ସ**

"ପ୍ରାଣିକ ସ୍ଥିତିର ତିନୋଟି ଉତ୍ସ ଅଛି। ସହଜରେ ଯାଇପାରୁଥିବା ପ୍ରଥମ ଉତ୍ସଟି ନିମ୍ନ ଦେଶରୁ, ଭୌତିକ ଶକ୍ତିରୁ ଓ ଅନୁଭୂତିମାନଙ୍କଠାରୁ ଆସେ।

"ଦ୍ୱିତୀୟଟି ଏହାର ନିଜ ଭୂମିରେ ପ୍ରକାଶିତ। ଯେତେବେଳେ ଏହା ଯଥେଷ୍ଟ ଭାବରେ ବିଶାଳ ଓ ଗ୍ରହଣକ୍ଷମ ହୁଏ ସେତେବେଳେ ବିଶ୍ୱପ୍ରାଣର ଶକ୍ତି ସଙ୍ଗେ ସଂଶ୍ଲିଷ୍ଟ ହୋଇଯାଏ।

ଗଭୀର ଆସ୍ପୃହା ସହ ନିଜକୁ ଖୋଲି ଧରିବା ଓ ଅଗ୍ରଗତି କରିବାର ଶକ୍ତି ଉର୍ଦ୍ଧ୍ୱଦେଶରୁ ଆସେ। ଆଧାତ୍ମିକ ଶକ୍ତି ଓ ପ୍ରେରଣାର ଅପୂର୍ବ ସମ୍ମିଶ୍ରଣ ଏହାର ତୃତୀୟ ଉତ୍ସ। (ଶ୍ରୀମା- "ଚାରିଟି ତପସ୍ୟା")

ତୁମ୍ଭେ ଜାଣ ଯେ ଏହାର ତିନୋଟି ଉତ୍ସ ଅଛି। ତୃତୀୟଟି ଲୋକମାନଙ୍କ ସଙ୍ଗେ ଅଧିକ ସମ୍ପର୍କ ରଖିପାରେ ଏବଂ ପ୍ରବଳ ଆସ୍ପୃହା ଥିବା ସମୟରେ ଆସିଥାଏ। ସେମାନଙ୍କର ଗଭୀର ଆସ୍ପୃହା ଓ ଉର୍ଦ୍ଧ୍ୱକୁ ଯିବାର ଇଚ୍ଛା ବଳବତୀ ଥିବା ସମୟରେ ପ୍ରାଣ ଏହି ଉର୍ଦ୍ଧ୍ୱଦେଶର ଶକ୍ତିମାନଙ୍କୁ ନିଜ ମଧ୍ୟରେ ଗ୍ରହଣ କରେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ତାହା ସକାଶେ ଶକ୍ତିର ବିଶାଳ ଉତ୍ସ ଭାବରେ ପ୍ରକାଶିତ ହୁଏ। ମାତ୍ର ଏହି ସାଧାରଣ ଓ ଅଭ୍ୟସ୍ତ ଜୀବନରେ ଏହା ସେହି ଶକ୍ତିମାନଙ୍କ ସଙ୍ଗେ ସମ୍ପର୍କ ରଖିବାକୁ ଅସମର୍ଥ ହୁଏ। ରୂପାନ୍ତରିତ ହୋଇଗଲା ପରେ ଏ ସମସ୍ୟା ନଥାଏ। ସାଧାରଣ ଜୀବନରେ ନିମ୍ନ ପ୍ରାଣିକ ପର୍ଯ୍ୟାୟ କଥା ମୁଁ କହୁଅଛି। ଉଚ୍ଚତର ଶକ୍ତିର ଉତ୍ସମାନଙ୍କ ପ୍ରତି ଏହା ଉନ୍ମୁଖ ନଥାଏ ଏବଂ ଏହା ସକାଶେ ଏହାର ସ୍ଥିତି ପ୍ରାୟ ନଥାଏ। ଅଧିକାଂଶ ଲୋକମାନଙ୍କର ପ୍ରାଣିକ ଶକ୍ତି ନିମ୍ନ ପ୍ରଦେଶରୁ, ପୃଥିବୀରୁ, ଖାଦ୍ୟରୁ ଏବଂ ସମସ୍ତ ଅନୁଭୂତି ଓ ଆବେଗ ମଧ୍ୟରୁ ଆସେ। ଖାଦ୍ୟରୁ ସେମାନେ ପ୍ରାଣିକ ଶକ୍ତି ଗ୍ରହଣ କରନ୍ତି ଏବଂ ଦେଖିବା, ଶୁଣିବା, ସ୍ପର୍ଶ କରିବା ଓ ଅନୁଭବ କରିବା ଦ୍ୱାରା ଭୌତିକ ସ୍ଥିତିର ଶକ୍ତି ସଙ୍ଗେ ସଂଯୋଗ ସ୍ଥାପନ କରନ୍ତି। ସେମାନେ ଏହି ଭାବରେ ଗ୍ରହଣ କରନ୍ତି। ଏହା ତାଙ୍କର ପାରମ୍ପରିକ ଖାଦ୍ୟ।

ଅନେକ ବ୍ୟକ୍ତିଙ୍କର ଉନ୍ନତ ଓ ଶୃଙ୍ଖଳିତ ପ୍ରାଣ ଅଛି। ସେମାନେ ବିଶାଳ ବିଭାବରେ ପୃଥିବୀ ସହିତ ଏବଂ ପୃଥିବୀ ସମ୍ଭୂତ ଶକ୍ତିମାନଙ୍କ ସଙ୍ଗେ ଯୁକ୍ତ ହୁଅନ୍ତି। ଏହା ସେମାନଙ୍କୁ ଗ୍ରହଣ କରିବାର ସାମର୍ଥ୍ୟ ଦିଏ, ବିଶ୍ୱସ୍ତରୀୟ ପ୍ରାଣଶକ୍ତିକୁ ସେମାନେ ଗ୍ରହଣ କରି ପାରନ୍ତି। ଏହା ସେମାନଙ୍କ ସକାଶେ ଆବଶ୍ୟକ ଶକ୍ତିର ମାତ୍ରାକୁ ନୂତନ ଭାବରେ ବୃଦ୍ଧି କରିବାରେ ସହାୟକ ହୁଏ।

ନିଜ ଜୀବନର ଦୁର୍ଲଭ ମୁହୂର୍ତ୍ତଗୁଡ଼ିକ ସମ୍ବନ୍ଧରେ ସଚେତନ ଭାବେ କମ୍ ସଂଖ୍ୟକ ଲୋକ ଅଛନ୍ତି। ଏମାନେ ଉଚ୍ଚତର ଚେତନା, ଉଚ୍ଚତର ଶକ୍ତି, ଉଚ୍ଚତର ଜ୍ଞାନ ସକାଶେ ଆସ୍ପୃହା ପୋଷଣ କରନ୍ତି ଏବଂ ଏହି ଡାକରାର ବଶବର୍ତ୍ତୀ ହୋଇ ଉର୍ଦ୍ଧ୍ୱଲୋକର ଶକ୍ତିକୁ ସେମାନଙ୍କ ଆଡ଼କୁ ଆକର୍ଷଣ କରିଆଣନ୍ତି। ଏହି ଶକ୍ତି ସେମାନଙ୍କ ମଧ୍ୟରେ ଏକ ବିଶେଷ ମୂଲ୍ୟବୋଧ ଜଡ଼ିତ ଅନନ୍ୟ ଶକ୍ତିର ମଧ୍ୟ ନବୀକରଣ କରେ। କିନ୍ତୁ ନିୟମିତ ଓ ଶୃଙ୍ଖଳିତ ଭାବରେ ଯୋଗାଭ୍ୟାସ ନକଲେ କେହି ଏହି ଶକ୍ତି ସ୍ରୋତ ସଙ୍ଗେ ସଂଶ୍ଲିଷ୍ଟ ହୋଇ ପାରିବେ ନାହିଁ। ସେମାନେ ନିଜ ଭୂମିରୁ ବା ନିମ୍ନ ସ୍ତରରୁ ଶକ୍ତିର ଆବାହନ କରନ୍ତି। ***(୩୧ ମାର୍ଚ୍ଚ, ୧୯୫୪)***

**ନିଜକୁ ଆରୋଗ୍ୟ କରିବାର ଶକ୍ତି**

***ମା' ନିଜକୁ ଆରୋଗ୍ୟ କରିବାର ଶକ୍ତି ନିଜ ମଧ୍ୟରେ ଆସି ପାରିବ କି?***

ସବୁ କଥା ନୀତିଗତ ଭାବରେ ଠିକ୍। ଭଗବତ୍ ଶକ୍ତି ସଙ୍ଗେ ଚେତନାଯୁକ୍ତ ଭାବରେ ସଂଯୁକ୍ତ ହୋଇଗଲେ ଏହା ହୋଇ ପାରିବ। ମାତ୍ର ଏଥି ସକାଶେ ଏକ କାର୍ଯ୍ୟ ପ୍ରଣାଳୀ ଆବଶ୍ୟକ। ଏହା ସମ୍ପୃକ୍ତ ସ୍ଥିତି ଓ ବ୍ୟକ୍ତି ବିଶେଷ ଉପରେ ନିର୍ଭର କରିବ।

ଅନ୍ୟମାନଙ୍କଠାରୁ ସଂଗ୍ରହ ନକରି ନିଜର ପାର୍ଥିବ ପ୍ରକୃତି ଦ୍ୱାରା ଶକ୍ତିର ବ୍ୟବହାର କରିବା ଏହାର ପ୍ରଥମ ସର୍ତ୍ତ। ଉର୍ଦ୍ଧ୍ୱରୁ କିପରି ଶକ୍ତି ସଂଗ୍ରହ କରି ହେବ ସେ ବିଷୟରେ ଜାଣିବା ଏବଂ ପ୍ରାକୃତିକ ସ୍ତରରୁ ଉର୍ଦ୍ଧ୍ୱ ଓ ନିତ୍ୟ ପ୍ରବହମାନ ଶକ୍ତି ସ୍ରୋତ ବିଷୟରେ ଅବଗତ ହେବା ଏହାର ଦ୍ୱିତୀୟ ସର୍ତ୍ତ।

ଏହି ଉପାୟରେ ଜଣେ ଯେତେବେଶୀ ଖର୍ଚ୍ଚ କରେ ସେତିକି ଅଧିକ ପ୍ରାପ୍ତ ହୋଇଥାଏ। ଏହା ତାଙ୍କୁ ଦେଇଦେବା ପରେ ଶୂନ୍ୟ ହେଉଥିବା ପାତ୍ର ଚିରସ୍ରୋତା ନାଳରେ ପରିବର୍ତ୍ତିତ ହୋଇଯାଏ।

ନିଶ୍ଚିତ ଓ ସୁନିର୍ଦ୍ଦିଷ୍ଟ ଆସ୍ପୃହା ଦ୍ୱାରାହିଁ ଜଣେ ଶିକ୍ଷା କରିପାରେ। (୧୨, ୧୩ ଜାନୁଆରୀ ୧୯୭୨)

**(୨) ଯୌବନ, ବାର୍ଦ୍ଧକ୍ୟ ଓ ମୃତ୍ୟୁ**

**ଯୌବନ  ଅଗ୍ରଗତିର ସଚଳ ରଥ।**

ମୋର ସାହସୀ ଛୋଟ ଛୋଟ ସୈନିକମାନେ, ତୁମ୍ଭଙ୍କୁ ନମସ୍କାର। ବୀରତ୍ୱପୂର୍ଣ୍ଣ ଜୟଲାଭ ସକାଶେ ମୁଁ ତୁମ୍ଭମାନଙ୍କୁ ଆହ୍ୱାନ କରୁଅଛି।

*

ମୋର ଛୋଟ ପିଲାମନେ, ତୁମ୍ଭେମାନେ ହିଁ ଆଶା, ତୁମ୍ଭେମାନେ ହିଁ ଭବିଷ୍ୟତ। ସାରଥୀ ଭାବରେ ତୁମ୍ଭମାନଙ୍କୁ ସମୃଦ୍ଧି ଦିଗକୁ ନେଇଯିବାକୁ ସମର୍ଥ ଏ ଯୌବନ ଅବସ୍ଥାକୁ ରକ୍ଷା କର। ଏପରି ହୋଇ ପାରିଲେ "ଏହା ଅସମ୍ଭବ" କଥାଟିର ତୁମ୍ଭ ପାଇଁ କୌଣସି ଅର୍ଥ ନଥିବ।

*

ସର୍ବଦା ଯୁବକ ହୋଇ ରହିଥାଅ। ପୂର୍ଣ୍ଣତା ପ୍ରାପ୍ତି ନ ହେଲା ପର୍ଯ୍ୟନ୍ତ ବିଶ୍ରାମ ନିଅ ନାହିଁ।

*

ଚେତନାର ଅଭିବୃଦ୍ଧି ଯଦି ଜୀବନର ସର୍ବୋତ୍ତମ ଲକ୍ଷ୍ୟ ରୂପେ ସ୍ୱୀକୃତ ହୁଏ ତେବେ ପାର୍ଥିବ ଜୀବନର ବହୁ ଜଞ୍ଜାଳର ସମାଧାନ କରାଯାଇ ପାରିବ। ଅଗ୍ରଗତିକୁ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କରି ପାରିଲେ ବାର୍ଦ୍ଧକ୍ୟ ଆପେ ଆପେ ଦୂରେଇ ଯିବ। ଯେଉଁ ମୁହୂର୍ତ୍ତରୁ ତୁମେ ସବୁ ବିଷୟରେ ସନ୍ତୁଷ୍ଟ ରୁହ ଏବଂ ଆଉ କୌଣସି ବସ୍ତୁ ସକାଶେ ଆସ୍ପୃହା ନ କର ସେହି ମୁହୂର୍ତ୍ତରୁ ତୁମ୍ଭର ମୃତ୍ୟୁ ଆରମ୍ଭ ହୋଇଯାଏ। ଜୀବନ ଏକ ଚଳନ୍ତ ଶକ୍ତି ବିଶିଷ୍ଟ ଯନ୍ତ୍ର, ଏକ ପ୍ରଚେଷ୍ଟା, ଏହା ଅଗ୍ରଗତି କରୁଅଛି, ଭବିଷ୍ୟତର ଆଲୋକ ଓ ପ୍ରକାଶ ଦିଗକୁ ଧାବିତ ହେଉଅଛି। ବିଶ୍ରାମ ନେବାକୁ ଇଚ୍ଛା କରିବା ଅପେକ୍ଷା ଆଉ ଅଧିକ ବିପଦପୂର୍ଣ୍ଣ ଅବସ୍ଥା ନାହିଁ।

*

କୌଣସି କାର୍ଯ୍ୟ ବ୍ୟତୀତ ଯେଉଁ ବର୍ଷଗୁଡ଼ିକ ଅତିବାହିତ ହୁଏ ସେହିଗୁଡ଼ିକ ତୁମ୍ଭମାନଙ୍କୁ ବାର୍ଦ୍ଧକ୍ୟ ଆଣିଦିଏ।

ଯେଉଁ ବର୍ଷ ମଧ୍ୟରେ କୌଣସି ଅଗ୍ରଗତି ସାଧିତ ହୋଇ ନ ଥାଏ, ଚେତନାର ପର୍ଯ୍ୟାୟରେ କୌଣସି ଉନ୍ନତି ହୋଇ ନ ଥାଏ ଏବଂ ପୂର୍ଣ୍ଣତା ପ୍ରାପ୍ତି ସକାଶେ କିଛି ପଦକ୍ଷେପ ନିଆ ହୋଇ ନ ଥାଏ ତାହାହିଁ ଅଦରକାରୀ ବର୍ଷ। କୌଣସି ଉଚ୍ଚତର ଆଲୋକ ଓ ସତ୍ୟର ସନ୍ଧାନ ସକାଶେ ଜୀବନ ଉତ୍ସର୍ଗ କର। ଏହି ଉଚ୍ଚତର ଓ ପ୍ରଶସ୍ତ ରାଜମାର୍ଗ ତୁମ୍ଭମାନଙ୍କୁ ଅତୀତ ବର୍ଷଗୁଡ଼ିକର ଭାର ବହନ କରିବାର ସୁଯୋଗ ଦେବ ନାହିଁ।

ଲୋକମାନେ କାହିଁକି ଶରୀର ତ୍ୟାଗ କରିବା ସକାଶେ ବାଧ୍ୟ ହୁଅନ୍ତି ? ବିଶ୍ୱ ପ୍ରକୃତି ସଙ୍ଗେ ସମତାଳ ହୋଇ ଐଶ୍ୱରୀୟ ଶକ୍ତି ଓ ବିଭୂତି ଦିଗକୁ ଯିବାର ପ୍ରଚେଷ୍ଟା ଓ ଆକାଙ୍କ୍ଷା ସେମାନଙ୍କର ନ ଥାଏ। ଏହା ହିଁ ତା'ର କାରଣ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କ୍ଷୟ, ଅସଙ୍ଗତି ଓ ଅପୂର୍ଣ୍ଣତା ଭୁଲ ବୁଝାମଣା ଓ ବିଚାରର ଫଳ।

ଅଭିବୃଦ୍ଧି ପଥରେ ପୂର୍ଣ୍ଣତା ଦିଗକୁ ଅଗ୍ରସର ହେବା ଶିକ୍ଷା କରି ପାରିଲେ ଜଣେ କେହି ମୃତ୍ୟୁର ମାରାତ୍ମକତା ଉପରେ ବିଜୟ ଲାଭ କରିବାକୁ ବହୁ ଦୂର ଅଗ୍ରସର ହୋଇ ପାରିବେ।

ପ୍ରତି ମୁହୂର୍ତ୍ତରେ ନବ ଜନ୍ମ ଲାଭ କରିବାର କୌଶଳ ଓ ପ୍ରଜ୍ଞା ଶିକ୍ଷା କରିବା ଚିର ଯୌବନ ଲାଭ କରିବାର ଚାବିକାଠି।

**ତୁମ୍ଭେ କାହିଁକି ବୁଢ଼ା ହୁଅ**

ତୁମ୍ଭେ ଯେତେ ବର୍ଷ ବଞ୍ଚିଅଛ ସେଗୁଡ଼ିକ ତୁମ୍ଭଙ୍କୁ ବୁଢ଼ା କରେ ନାହିଁ। ଅଗ୍ରଗତିର ମାର୍ଗରୁ ବିଚ୍ୟୁତ ହେଲେ ବୃଦ୍ଧତ୍ୱ ଆସେ।

ଯେତେବେଳେ ତୁମ୍ଭେ ଭାବିନିଅ ଯେ ତୁମ୍ଭର ଯାହା କରିବାକୁ ଥିଲା ତାହା ତୁମ୍ଭେ କରିଅଛ, ଯାହା ଜାଣିବାର ଥିଲା ସେ ସବୁ ତୁମ୍ଭେ ଜାଣିଅଛ, କରିଥିବା କର୍ମର ଫଳ ଭୋଗ କରିବାକୁ ଆସ୍ଥାନ ଜମାଇ ବସିଯାଅ ଓ ଜୀବନରେ ଅନେକ କିଛି କରିଅଛ ବୋଲି ମନେକର ତେବେ ସେହି ମୁହୂର୍ତ୍ତରୁ ତୁମ୍ଭେ ବୁଢ଼ା ହୋଇଯାଅ ଏବଂ ତୁମ୍ଭର କ୍ରମଃ ପତନ ଆରମ୍ଭ ହୋଇଯାଏ।

ଅନ୍ୟ ପକ୍ଷରେ ତୁମ୍ଭେ ଯାହା ଜାଣିଅଛ ସେ ସବୁ ଜାଣିବାକୁ ବାକିଥିବା ବିଷୟମାନଙ୍କଠାରୁ ଢ଼େର୍ କମ୍, ଯାହା କରିଅଛ ସେଗୁଡ଼ିକ ବାକି ଥିବା କାମଗୁଡ଼ିକର ଆରମ୍ଭ ମାତ୍ର, ଏବଂ ଭବିଷ୍ୟତ ସୂର୍ଯ୍ୟଙ୍କର କିରଣ ପରି ଅନନ୍ତ ସମ୍ଭାବନାରେ ପରିପୂର୍ଣ୍ଣ  - ଏହି କେତୋଟି କଥା ଯେତେବେଳେ ବିଶ୍ୱସ୍ତ ଭାବରେ ସ୍ୱୀକାର କର ସେତେବେଳେ ତୁମ୍ଭେ ଯୁବକ। ଏହି କ୍ଷେତ୍ରରେ ସଂସାରରେ ତୁମ୍ଭେ  କେତେ ବର୍ଷ କଟାଇ ଅଛ ସେ ବିଷୟ ବିଚାର୍ଯ୍ୟ ନୁହେଁ। ଯୁବକ ଓ ଭବିଷ୍ୟତର ସାତ୍ତ୍ୱିକ ଅନୁଭବ ଧନରେ ଧନୀ ହୋଇ ତୁମ୍ଭେ ପୃଥିବୀରେ ବାସ କର।

ତୁମ୍ଭ ଶରୀର ତୁମ୍ଭ ପ୍ରତି ପ୍ରତାରଣା ନ କରୁ, ଏ କଥା ଯଦି ବିଚାର କର ତେବେ ନିରର୍ଥକ ଓ ଅସାର ଗଣ୍ଡଗୋଳ ଠାରୁ ଦୂରରେ ରୁହ। ଯାହା କରୁଅଛ ତାହା ଶାନ୍ତ ଭାବରେ ଗମ୍ଭୀର ଓ ସ୍ଥିର ଅବସ୍ଥା ମଧ୍ୟରେ କର। ଶାନ୍ତି ଓ ନୀରବତା ମଧ୍ୟରେ ଶକ୍ତି ବିରାଜମାନ କରେ।

୨୧ ଫେବୃୟାରୀ, ୧୯୬୮

### ଶରୀରର ଅଗ୍ରଗତି କାହିଁକି ବନ୍ଦ ହୁଏ ?

ଶରୀର ବାହ୍ୟ ବାତାବରଣ ମଧ୍ୟରେ ରହିବା ଦ୍ୱାରା ଅନେକ ଭାବରେ ବାହାରର ବସ୍ତୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ । ଏହା ନୂତନ ମାଠିଆର ଅଦୃଶ୍ୟ ଛିଦ୍ର ପରି ପ୍ରତୀତ ହୁଏ । ଗୋଟିଏ ଶକ୍ତି ଚାଲିଯାଏ ଏବଂ ଆଉ ଗୋଟିଏ ଶକ୍ତି ପ୍ରବେଶ କରେ । ନାଡୀର ଚଳଣି ମଧ୍ୟ ତାଦୃଶ ହୋଇଥାଏ । ଏହି କାରଣରୁ ଜଣେ ବାସ କରିବା ଅନୁରୂପ ପରିବେଶ ଚୟନ କରିବା ଦରକାର । କାରଣ ତୁମ୍ଭେ ଯାହା ଦିଅ ବା ଗ୍ରହଣ କର ତାହା ମଧ୍ୟରେ ଏକ ସୁସ୍ଥ ବିନିମୟ ପ୍ରକ୍ରିୟା କାର୍ଯ୍ୟ କରୁଥାଏ । ଯେଉଁ ଲୋକମାନେ ବିଭିନ୍ନ ବାହ୍ୟ କାର୍ଯ୍ୟକ୍ରମଗୁଡିକରେ ଜଡିତ ଥାଆନ୍ତି ସେମାନେ ବେଶୀ ମାତ୍ରାରେ ପାଇଥାନ୍ତି । ମାତ୍ର ସେମାନେ ସେମାନଙ୍କର କାର୍ଯ୍ୟ ପରିସର ଅନୁସାରେ ପାଇଥାଆନ୍ତି । ପିଲାମାନେ ବିଶେଷତଃ ଅଳ୍ପ ବୟସର ପିଲାମାନେ ସବୁବେଳେ ଡେଇଁବା, ଖେଳିବା ଓ ପାଟିତୁଣ୍ଡ କରୁଥାଆନ୍ତି (ସେମାନେ ଖୁବ୍ କମ୍ ସମୟ ପାଇଁ ଚୁପ୍ ରହନ୍ତି, କେତେକ ସମୟରେ ଏହା ମଧ୍ୟ ସମ୍ଭବ ହୁଏ ନାହିଁ) । ହଁ, ସେମାନେ ବେଶୀ ଶକ୍ତି ଖର୍ଚ୍ଚ କରନ୍ତି ଓ ତାର ପ୍ରତିଦାନରେ ବେଶୀ କିଛି ପାଇଥାଆନ୍ତି । ସେମାନେ ଦୈହିକ ଓ ପ୍ରାଣିକ ଶକ୍ତିର ଉପଯୋଗ କରନ୍ତି ଏବଂ ଏହି ଶକ୍ତି ଫେରି ପାଆନ୍ତି । ସେମାନେ ଖର୍ଚ୍ଚ କରିଥିବା ଶକ୍ତିର ବହୁ ଅଂଶ ପୂରଣ କରି ଦେଇ ପାରନ୍ତି । ତେଣୁ ସେମାନେ ଶକ୍ତି ଖର୍ଚ୍ଚ କରି ସାରିବା ପରେ ବା ଏହାର ଉପଯୋଗ କରୁଥିବା ସମୟରେ ଏପରି ଏକ ପରିବେଶ ମଧ୍ୟରେ ରହିଥିବା ଦରକାର ଯେଉଁଥିରୁ ସେମାନଙ୍କର ବ୍ୟୟିତ ଶକ୍ତିର ଅନୁରୂପ ଶକ୍ତି ଫେରି ପାଇ ପାରିବେ । ଏହା ନିମ୍ନମାନର ଶକ୍ତି ନୁହେଁ ।

ଯେତେବେଳେ ତୁମ୍ଭେମାନେ ଏହି ଉଦାର ଗୁଣ ଟିକକ ହରାଇ ବସ ସେତେବେଳେ ତୁମ୍ଭେ ଖୁବ୍ କମ୍ ପ୍ରାପ୍ତି କରିଥାଅ । ଦୈହିକ ଅଗ୍ରଗତି ବନ୍ଦ ହେବା ସକାଶେ ମୁଖ୍ୟ କାରଣ ଗୁଡିକ ମଧ୍ୟରୁ ଏହା ଗୋଟିଏ । ତୁମ୍ଭେ ମିତବ୍ୟୟୀ ହେବାକୁ ଇଚ୍ଛା କରି କିଛି ନଷ୍ଟ କରି ଦେବାକୁ ଭଲ ପାଅ ନାହିଁ ଏ ସ୍ଥିତିରେ ମନ ହସ୍ତକ୍ଷେପ କରି କହେ, "ଯତ୍ନ ନିଅ, ନିଜକୁ କ୍ଳାନ୍ତି ଦିଅ ନାହିଁ, ବେଶୀ କିଛି କର ନାହିଁ," ଇତ୍ୟାଦି । ମନର ଅନୁପ୍ରବେଶର ଫଳ ସ୍ୱରୂପ ଶରୀରର ଗ୍ରହଣଶୀଳତା ବହୁ ଗୁଣରେ ହ୍ରାସ ପାଏ । ଶେଷରେ ତୁମ୍ଭର ଆଉ ବୃଦ୍ଧି ହୁଏ ନାହିଁ । ମିତବ୍ୟୟୀ ହୋଇ ଯଥାର୍ଥଭାବରେ ବଢ଼ିବାର ଅଭିଳାଷ ନେଇ ତୁମ୍ଭେ ବୃଦ୍ଧିର ପଥ ବନ୍ଦ କରିଦିଅ ।

୫ ଅଗଷ୍ଟ, ୧୯୫୩

### ଶରୀରର କଠିନତା ପ୍ରାପ୍ତିକୁ ଯୋଗ ଶକ୍ତି ଦ୍ୱାରା ବନ୍ଦ କରି ହେବ ନାହିଁକି ?

ଏହା ସମ୍ଭବ । ତୁମ୍ଭେ ବ୍ୟାୟାମ କଲା ସମୟରେ ଏହା ଶରୀରକୁ ନମନୀୟ କରିବା ସକାଶେ କର ନାହିଁ କି ? ଏହା ଦ୍ୱାରା ତୁମ୍ଭେ ଧୀରେ ଧୀରେ ଅଗ୍ରଗତି କର । ପ୍ରଥମ ବର୍ଷ ତୁମ୍ଭେ ଯାହା କରିବାକୁ ଅସମର୍ଥ ହୁଅ, କେତେ ବର୍ଷ ପରେ ସେ ସବୁ କରିପାର । ଯେଉଁମାନେ ଆସନ ଅଭ୍ୟାସ କରନ୍ତି ସେମାନଙ୍କର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଚଞ୍ଚଳ ଓ ଶିଥିଳ ଥାଏ । ହଁ ଜଣେ ତାଙ୍କର ଶରୀରକୁ ସବୁବେଳେ ଶିଥିଳତା ଦେଇ ଗତି କରାଇ ପାରିବେ । ମାତ୍ର କୌଣସି ସାଧାରଣ ଓ ଅନଭ୍ୟସ୍ତ ବ୍ୟକ୍ତି ଏ କାର୍ଯ୍ୟ କଲେ ତାଙ୍କର ଶରୀରର କୌଣସି ଅଂଶ ଆଘାତ ପ୍ରାପ୍ତ ହୁଏ, ଏସବୁ ସେହିପରି ଘଟେ । ମନ କ୍ଷେତ୍ରର ମଧ୍ୟ ଏହି ସମାନ କଥା । ବ୍ୟାୟାମ କସରତଆଦି ଦ୍ୱାରା ତୁମ୍ଭେ ଶରୀରକୁ ନମନୀୟ କରିପାର । ଏହା ଶୃଙ୍ଖଳା ଓ ପ୍ରଗତିର ପ୍ରଶ୍ନ ।

ତୁମ୍ଭେ କହିଲ ଯେ ଭୌତିକ ଭୂମିରେ "ଗ୍ରହଣଶୀଳତା ବିରୋଧାତ୍ମକ କ୍ରିୟା ସଙ୍ଗେ ଯୁକ୍ତ ହୋଇଅଛି" । ଏହି ବିରୋଧ ଭାବ କଣ ?

ତୁମ୍ଭର ଶରୀରରେ ପ୍ରତିରୋଧ ଶକ୍ତି ନାହିଁ କି ? ବ୍ୟାୟାମ କରିବା ସମୟରେ ଶରୀର ସଙ୍ଗେ ତୁମ୍ଭର ଇଚ୍ଛାନୁସାରେ କାର୍ଯ୍ୟ କରି ପାରିବ କି ? ତୁମ୍ଭେ ଉତ୍ତମ ସ୍ୱାସ୍ଥ୍ୟ ଚାହୁଁଥିବା ସମୟରେ ତୁମ୍ଭର ଶରୀର କଥା ମାନେ କି ? ତୁମ୍ଭେ ପାଠ ପଢ଼ିବା ସମୟରେ କୌଣସି ଅସୁବିଧା ନ ଥାଇ ମନ ତୁମ୍ଭର ଇଚ୍ଛାର ଅନୁସରଣ କରେ କି? ତାହା ହିଁ ବିରୋଧ ଭାବ ବା ପ୍ରତିରୋଧ କ୍ରିୟା - ଏହା ଅଗ୍ରଗତି କରିବାକୁ ସବୁବେଳେ ଅମଙ୍ଗ ହୁଏ । ଏବଂ ମୋର ବିଶ୍ୱାସ ଯେ ଗ୍ରହଣଶୀଳତାଠାରୁ ପ୍ରତିରୋଧର ମାତ୍ରା ଅଧିକ ଗ୍ରହଣଶୀଳ ହେବାକୁ ହେଲେ ବହୁ ପରିଶ୍ରମ କରିବାକୁ ହେବ ।

୧୬ ସେପ୍ଟେମ୍ବର, ୧୯୫୩

### ଶରୀରର ଅସାମର୍ଥ୍ୟ

ଭୌତିକ ଜଗତରେ ଅଗ୍ରଗତି ସ୍ଥିର ଓ ସ୍ଥାୟୀ ହୋଇ ନ ଥିବାରୁ ବୃଦ୍ଧି, କ୍ଷଣିକ ସଙ୍କୁଚନ, ଅବନତି ଏବଂ ଦୁଷ୍ଟ ପ୍ରକ୍ରିୟା ଗଠନ ସମ୍ଭବ ହୁଏ । ଯାହା ଆଗକୁ ଯାଏ ନାହିଁ ତାହା ପଛକୁ ଫେରିଆସେ ଏବଂ ଯାହାର ଅଗ୍ରଗତି ନାହିଁ ତାର ସ୍ଥାଣୁତ୍ୱ ନିଶ୍ଚିତ ।

ଏହିପରି ସବୁ ଶରୀର ସ୍ତରରେ ଘଟିଥାଏ । ନିରବଚ୍ଛିନ୍ନ ଭାବରେ ଅଗ୍ରଗତି କରିବା ସକାଶେ ଏ ଜଗତ ଶିକ୍ଷା କରି ପାରି ନାହିଁ । ଗୋଟିଏ ସ୍ଥାନରେ ଉପନୀତ ହେଲା ପରେ ଏହା ଅଗ୍ରଗତିରେ କ୍ଳାନ୍ତି ଅନୁଭବ କରେ ବା ଅଗ୍ରଗତି ସକାଶେ ସାମର୍ଥ୍ୟ ହରାଇ ବସେ । ଏହି ଶରୀରରେ ଏହା ଘଟେ ମାତ୍ର ପ୍ରକୃତରେ ଏହା ଅଗ୍ରଗତି କରେ ନାହିଁ ଏବଂ କେତେ ଦିନ ପରେ ସ୍ଥାଣୁ ପାଲଟିଯାଏ ।

ନିଜକୁ ରୂପାନ୍ତରିତ ନ କରିବା, ଅବନତିକୁ ବାଦ ଦେଇ ଅଗ୍ରଗତି ନ କରିବା ଏବଂ ଶେଷରେ ଆନ୍ତର ଭାରସାମ୍ୟ ହରାଇ ବସିବା - ଶରୀରର ଅସାମର୍ଥ୍ୟ ବୋଲି କୁହାଯାଇପାରେ । କେତେ ଦିନ ପରେ ସାମଗ୍ରିକ ବିଶୃଙ୍ଖଳା ସୃଷ୍ଟ ହୁଏ ଏବଂ ଶରୀର ତାର ସାମ୍ୟଭାବ ଓ ସ୍ୱାସ୍ଥ୍ୟ ଆଉ ଫେରି ପାଏ ନାହିଁ । (୫ ଅଗଷ୍ଟ, ୧୯୫୩)

## ଶରୀର କ୍ଷୟ ହୁଏ, ଅବନତିର ସମ୍ମୁଖୀନ ହୁଏ

***ଅଳ୍ପ ବୟସରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କର ଶରୀର ଅଦରକାରୀ ବୋଲି ବିବେଚିତ ହେବ କି?***

ନାହିଁ, ତୁମ୍ଭେ ଭୁଲ ଦିଗରୁ ବିଚାର କରୁଅଛ। ଶରୀର କ୍ଷୟର ସମ୍ମୁଖୀନ ହୋଇ ନ ଥିଲେ ସେମାନେ ମୃତ୍ୟୁକୁ ହଟାଇ ଦେଇ ପାରନ୍ତି। ଯେ ହେତୁ ଶରୀରର କ୍ଷୟ ସାଧିତ ହେଉଅଛି, ତେଣୁ ସେମାନେ ମୃତ୍ୟୁ ବରଣ କରୁ ଅଛନ୍ତି। ସେମାନେ ମରିବାକୁ ନ ଥିଲେ ତାଙ୍କର ଶରୀର ଅଦରକାରୀ ହେବ ନାହିଁ। ଏହା ବିପରୀତଧର୍ମୀ କଥା ମାତ୍ର। ଶରୀର କ୍ଷୟ ହୁଏ, କାର୍ଯ୍ୟ କରିବାକୁ ନାରାଜ ହୁଏ ଏବଂ ଏକାନ୍ତ ଅବନତିର ସମ୍ମୁଖୀନ ହୁଏ - ଏହି କେତେକ କାରଣରୁ ମୃତ୍ୟୁ ଅନିବାର୍ଯ୍ୟ ହୁଏ। ମାତ୍ର ଶରୀର ଯଦି ଆନ୍ତର ସତ୍ତାର ଆଭ୍ୟୁଦାୟିକ ମାର୍ଗରେ ଚାଲିଥାଆନ୍ତା ଏବଂ ଚୈତ୍ୟସତ୍ତାଙ୍କ ପରି ଅଗ୍ରଗତି ଓ ପୂର୍ଣ୍ଣତା ସକାଶେ ମନୋବଳ ରଖିଥାଆନ୍ତା ତେବେ ମରିବା ଦରକାର ହୋଇ ନ ଥାନ୍ତା। ଗୋଟିଏ ବର୍ଷ ଆଉ ଗୋଟିଏ ବର୍ଷ ସାଙ୍ଗେ ମିଶି ଅଧୋଗତି ଆଣନ୍ତି ନାହିଁ। ଏହା ପ୍ରକୃତିର ଅଭ୍ୟାସଗତ କର୍ମ। ବର୍ତ୍ତମାନ ଯାହା ଘଟୁଅଛି ଏହି ଅବସ୍ଥାର ଏହା ଅନ୍ୟ ଏକ ରୂପ। ଏବଂ ତାହା ହିଁ ମୃତ୍ୟୁର କାରଣ। ଅପର ପକ୍ଷରେ ଜଣେ ଦେଖି ପାରିବେ ଯେ ପୂର୍ଣ୍ଣତା ଦିଗକୁ ଯାତ୍ରା ଜୀବନର ଆରମ୍ଭରୁ ଅନ୍ୟ ଗୋଟିଏ ମାର୍ଗରେ ଓ ରୂପରେ ଯାଇଥାଆନ୍ତା। ମୁଁ ତୁମ୍ଭଙ୍କୁ ଆଗରୁ କହିଅଛି ଯେ ଜଣେ ନିରବଚ୍ଛିନ୍ନ ପ୍ରଗତି ବିଷୟରେ ନିଶ୍ଚିତ ହୋଇ ପାରିବ ନାହିଁ। କାରଣ ଏଗୁଡିକ କେତେ ଦିନ ପରେ ଘର ଗୁଡିକର ଉଚ୍ଚତା ବଢ଼ିବା ସକାଶେ ଇଚ୍ଛା କରିବେ। ମାତ୍ର ସାଧନା ଘରର ଏ ଉଚ୍ଚତା ବୃଦ୍ଧି ପୂର୍ଣ୍ଣତାର ବୃଦ୍ଧିରେ ପରିବର୍ତ୍ତିତ ହୋଇଯିବ। ଏହି ପୂର୍ଣ୍ଣତା ଶରୀର ଗଠନର ପୂର୍ଣ୍ଣତା। ଅନ୍ୟ ସମସ୍ତ ଅସମ୍ପୂର୍ଣ୍ଣବିନ୍ୟସ୍ତ କାର୍ଯ୍ୟ ପରେ ସଂଶୋଧିତ ହେବ, ଦୁର୍ବଳତା ଶକ୍ତିରେ ବଦଳିଯିବ, ଅସାମର୍ଥ୍ୟ କୌଶଳରେ ପରିବର୍ତ୍ତିତ ହୋଇଯିବ। ଏହା ଏପରି କାହିଁକି ନ ହୋଇ ପାରିବ? ତୁମ୍ଭେ ସେହି ଦୃଷ୍ଟିରୁ ବିଚାର କର ନାହିଁ, କାରଣ ଭିନ୍ନ ଦୃଷ୍ଟିରେ ବସ୍ତୁମାନଙ୍କୁ ଦେଖିବାର ଅଭ୍ୟାସ ତୁମ୍ଭମାନଙ୍କର ଅଛି। ଏହା ନ ଘଟିବା ସକାଶେ କୌଣସି କାରଣ ଦର୍ଶାଯାଇ ପାରିବ ନାହିଁ।

କେହି ଜଣେ କିଛି ଛାଡି ଦେଇ ପାରନ୍ତି, ମାତ୍ର ଏହା ବୃଦ୍ଧି ଲାଭ କରିବା ସକାଶେ ଓ ଅଧିକ କିଛି ପାଇବା ସକାଶେ କରାଯାଇପାରେ। ସଙ୍ଗତି ଓ ସୌନ୍ଦର୍ଯ୍ୟ ଶେଷ ପର୍ଯ୍ୟନ୍ତ ରକ୍ଷା କରିବା ସକାଶେ ଚେଷ୍ଟିତ ହେବା ଦରକାର। ଯେଉଁ ଶରୀରର ଆଉ କୌଣସି ଉଦ୍ଦେଶ୍ୟ ନାହିଁ ସେ ଶରୀର ରହିବାରେ ଯଥାର୍ଥତା ନାହିଁ। କାରଣ ଏହା ପରେ ଶରୀର ଆଉ କୌଣସି କାମରେ ଲାଗି ପାରିବ ନାହିଁ। ଅନ୍ୟ କୌଣସି କାମ ସକାଶେ ଅନୁପଯୁକ୍ତ ହେବାର ଅବସ୍ଥା ତା'ର ଅପସାରଣର କାରଣଭୂତ ହୁଏ।

ପୂର୍ଣ୍ଣତା ପରେ ପୂର୍ଣ୍ଣତା ଲାଭ କରୁଥିବା ଶରୀର ଜଣେ ପାଇ ପାରନ୍ତି। ଶରୀରର ଅନେକ ଅବସ୍ଥା ତୁମ୍ଭ ମୁହଁରେ "ଓ ଏହା ସେପରି ହୋଇଥାଆନ୍ତା କି? ( ମୁଁ ତୁମ୍ଭର ପ୍ରକୃତି କଥା କହୁ ନାହିଁ, କାରଣ ଅନେକ କିଛି ଏପରି ଅଛି ଯାହାର ପରିବର୍ତ୍ତନ ଦରକାର। ମୁଁ କେବଳ ତୁମ୍ଭର ପ୍ରକାଶିତ ଶରୀର କଥା କହୁଅଛି) କୌଣସି ସ୍ଥାନରେ କିଛି ଅସଙ୍ଗତି ଦେଖି ତୁମେ କୁହ, "ଯଦି ଏହି ଅସଙ୍ଗତି ଦୂର ହୋଇ ପାରନ୍ତା ତେବେ ପରିସ୍ଥିତି କେତେ ସୁନ୍ଦର ନ ହୁଅନ୍ତା"। କିନ୍ତୁ ଏହା ଯେ ହୋଇ ପାରିବ ଏ କଥା କାହିଁକି ବିଚାର କର ନାହିଁ? ନିଜ ମଧ୍ୟକୁ ସରଳ ଭାବରେ, ସଠିକ ମାର୍ଗରେ ଚାହଁ, ଶାରୀରିକ ଲୋଭର ବଶବର୍ତ୍ତୀ ହୋଇ ଦେଖିବାର ଚେଷ୍ଟା କର ନାହିଁ, ଅନ୍ୟକୁ ଚାହିଁଲା ପରି ଦେଖଏବଂ ନିଜକୁ କୁହ, "କିନ୍ତୁ ଏହି ଜିନିଷଟି ସେହି ପଦାର୍ଥ ସଙ୍ଗେ ସଙ୍ଗତିପୂର୍ଣ୍ଣ ସ୍ଥିତିରେ ନାହିଁ" ଟିକିଏ ତଳେଇ କରି ଦେଖିଲେ, ତୁମ୍ଭେ ଦେଖିବ ଯେ ଏହି ଅସଙ୍ଗତିଟି ତୁମ୍ଭର ପ୍ରକୃତି ମଧ୍ୟରେ ଥିବା ଏକ ବ୍ୟତିକ୍ରମର ପ୍ରକାଶ। ତୁମ୍ଭର ପ୍ରକୃତି ମଧ୍ୟରେ କିଛି ବିଶୃଙ୍ଖଳା ସୃଷ୍ଟ ହୋଇଅଛି ଏବଂ ତୁମ୍ଭର ଶରୀରର କୌଣସି ଅଂଶରେ ଏହା ଅନୁଭୂତ ହେଉଅଛି। ଏହା ପରେ ତୁମ୍ଭେ କାମ କରିବାକୁ ଆରମ୍ଭ କର ଏବଂ ଫଳ ପ୍ରାପ୍ତ ହୋଇଥାଏ।

ଶରୀର କେତେଦୂର କୋମଳ ଓ ନମନୀୟ ତାହା ତୁମ୍ଭେ ଜାଣନାହିଁ। ଅନ୍ୟ ଦୃଷ୍ଟିରୁ ମୁଁ କହିବି ଯେ ଅତ୍ୟଧିକ କଠିନ ହୋଇଥିବାରୁ ଏହା କ୍ଷୟପ୍ରବଣ ହୋଇଥାଏ। କିନ୍ତୁ ଆମ୍ଭେମାନେ ଏହାର ବ୍ୟବହାର ବିଧି ବିଷୟରେ ଅଜ୍ଞ ଥିବା ହେତୁ ଏପରି ଘଟିଥାଏ। ଆମ୍ଭେମାନେ ଛୋଟ ପତ୍ର ପରି ସତେଜ ଥିଲା ସମୟରେ ସୌନ୍ଦର୍ଯ୍ୟପୂର୍ଣ୍ଣ, ଉଜ୍ଜ୍ୱଳ ଓ ତ୍ରୁଟିବିହୀନ ପ୍ରଫୁଲ୍ଲ ଅବସ୍ଥା ସକାଶେ ଇଚ୍ଛା କରି ନ ଥାଉ। ଦୁଃଖ ପୂର୍ଣ୍ଣ ଦୃଷ୍ଟିରେ ନିଜକୁ "ମୋର ବାହୁ ଦୁଇଟି ଅତି ପତଳା, ମୋର ଗୋଡ ଦୁଇଟି ଖୁବ୍ ଲମ୍ବା, ମୋର ପିଠି ସିଧା ନୁହେଁ ବା ମୋର ମୁଣ୍ଡ ସୁନ୍ଦର ନୁହେଁ" କହିବା ପରିବର୍ତ୍ତେ ଯଦି କେହି "ଏହା ଅନ୍ୟ ପ୍ରକାର ହେବ, ମୋର ବାହୁ ଅନୁପାତ ସୀମାରେ ରହିବ, ମୋର ଶରୀର ସୁନ୍ଦର ସଙ୍ଗତିପୂର୍ଣ୍ଣ ହେବ, ମୋର ଗଠନର ସମସ୍ତ ବିଭାବ ନୈସର୍ଗିକ ସୌନ୍ଦର୍ଯ୍ୟ ପ୍ରକାଶ କରିବ" ବୋଲି କହନ୍ତି ତେବେ ସଫଳତା ନିଶ୍ଚିତ ଭାବରେ ମିଳିବ। ଏହା କିପରି କରିବାକୁ ହେବ ସେ କଥା ଜାଣି ପାରିଲେ ତୁମ୍ଭେ ସଫଳକାମ ହେବ। ସ୍ଥିର, ଶାନ୍ତ, ଧୈର୍ଯ୍ୟଶୀଳ, ପରାଜୟରେ ସମଭାବାପନ୍ନ, ନୀରବରେ କର୍ମ କୁଶଳ ଓ ଅତି ଧିରତା ସହିତ କର୍ମନିରତ ଦୃଢ଼ ଇଚ୍ଛା ଶକ୍ତି ଏହା କରି ଦେଇପାରିବ। ଏହି ଆସ୍ପୃହା ଏହା ସେହିପରି ହେଉ ବୋଲି ସଙ୍କଳ୍ପ କରେ, ଅନ୍ତର ସ୍ଥିତିରେ ଏହାର କାରଣ ଅନୁସନ୍ଧାନ କରେ, ଏହାକୁ ଆବିଷ୍କାର କରେ ଏବଂ ଶକ୍ତି ସଂଯୋଜନ କରି କାର୍ଯ୍ୟ ସମ୍ପାଦନ କରେ। ଯେତେବେଳେ ଏହା ମଧ୍ୟରେ ତୁମ୍ଭେ ଏକ କୃଷ୍ଣବର୍ଣ୍ଣର କୀଟ, ଏହାର ଅସୁନ୍ଦର ଶରୀର, ଏହା ଦ୍ୱାରା ସୃଷ୍ଟ ଅସ୍ୱସ୍ତିକର ଦାଗ ଗୁଡିକୁ

ଦେଖିବ ସେତେବେଳେ ତତ୍‌କ୍ଷଣାତ୍ ଏହାକୁ ବାହାର କରିଦେବ ଏବଂ ଏହାର ସ୍ଥାନରେ ଗୋଟିଏ ସୁନ୍ଦର ଆଲୋକ ସ୍ଥାପନ କରିବ। କିଛି ସମୟ ପରେ ତୁମ୍ଭେ "ମୋ ମୁହଁର ଅସୁନ୍ଦର ଛବି କାହିଁକି ଅପସରି ଗଲା, ମୋର ଭାବ ପ୍ରକାଶରେ ଥିବା କ୍ରୁରତା ଓ ନିଶ୍ଚେତନାର ଚିହ୍ନ ଲୋପ ଲୋପ ହୋଇଗଲା, ଏହା ଚାଲିଯାଉଅଛି" ବୋଲି ଜାଣିପାରିବ। ଦଶ ବର୍ଷ ପରେ ତୁମ୍ଭେ ନିଜକୁ ଚିହ୍ନି ପାରିବ ନାହିଁ।

ତୁମ୍ଭେମାନେ ସମସ୍ତେ ଯୌବନଦୀପ୍ତ ଜୀବନର ଅଧିକାରୀ। ଏଥିରୁ ଲାଭ ଉଠାଇବାର କୌଶଳ ତୁମ୍ଭେମାନେ ଶିକ୍ଷା କରିବା ଉଚିତ। ଏହି ଶିକ୍ଷା କ୍ଷୁଦ୍ର, ସ୍ୱାର୍ଥକୈନ୍ଦ୍ରିକ, ନିର୍ବୋଧ ଚିନ୍ତା ସକାଶେ ନ ହୋଇ ସୌନ୍ଦର୍ଯ୍ୟର ଉପାସନା ଓ ସଙ୍ଗତିର ଆଗମନୀ ସକାଶେ ହେବ।

ଶରୀର ସ୍ଥାୟୀ ହେବାକୁ କ୍ଷୟର ପ୍ରତିରୋଧ କରିବା ଉଚିତ। ସାମାନ୍ୟତମ କ୍ଷୟସୂଚକ ପ୍ରକ୍ରିୟା ରହିବା ଉଚିତ ନୁହେଁ। ଏହା ଜୟଯୁକ୍ତ ହେବ, ଏହାର ରୂପାନ୍ତର ହେବ ଏବଂ ଏହା କୌଣସି ସମୟରେ କ୍ଷୟକବଳିତ ହେବ ନାହିଁ। କ୍ଷୟ ସଙ୍ଗେ ଅମରତ୍ୱ ବାସ କରି ନ ପାରେ।

୧୭ ଜୁନ୍, ୧୯୫୩

## ନା, ମୁଁ ମରିବି ନାହିଁ

***ମରିବା ସମୟରେ କେତେକ ଲୋକ ମୃତ୍ୟୁର ସନ୍ନିକଟ ହେଲେଣି ବୋଲି ଜାଣି ପାରନ୍ତି। ସେମାନେ ମୃତ୍ୟୁକୁ ଚାଲିଯିବା ସକାଶେ କାହିଁକି କହନ୍ତି ନାହିଁ?***

ଓଃ, ଏଇ କଥା, ଏହା ଲୋକଙ୍କ ଉପରେ ନିର୍ଭର କରେ। ଦୁଇଟି କଥା ଦରକାର। ପ୍ରଥମେ ତୁମ ଆଧାରର କୌଣସି ଅଂଶ ମରିବା ସକାଶେ ସମ୍ମତି ଦେବ ନାହିଁ। ଏହା ସବୁବେଳେ ଘଟେ ନାହିଁ। ତୁମ୍ଭ ମଧ୍ୟରେ କୌଣସି ନା କୌଣସି ପରାଜୟର ମନୋଭାବ ରହିଥାଏ, କ୍ଳାନ୍ତି, ଅବସାଦ, ଏସବୁର ସମାହାର ଫଳରେ ଅନ୍ୟ କିଛି ଘଟଣା, ଆଳସ୍ୟ ଏବଂ ସଂଗ୍ରାମ ସକାଶେ ବୈକଲ୍ୟ - ଏହି ଗୁଡିକ କହନ୍ତି "ଭଲ ହେଲା, ଏହାର ଶେଷ ହେଉ, ଯେତେ ଶୀଘ୍ର ହେବ ସେତେ ଭଲ"। ଏତିକି ତୁମ୍ଭର ମୃତ୍ୟୁ ପାଇଁ ଯଥେଷ୍ଟ।

ମାତ୍ର ଏହା ଏକ ସତ୍ୟ, ଯଦି ତୁମ୍ଭ ଭିତରର କୌଣସି ଅଂଶ ବା ସତ୍ତା ମୃତ୍ୟୁ ସକାଶେ ସମ୍ମତି ନ ଦିଅନ୍ତି, ତେବେ ତୁମ୍ଭର ମୃତ୍ୟୁ ହେବ ନାହିଁ। ସମସ୍ତଙ୍କ ସକାଶେ ମୃତ୍ୟୁର ମୁହୂର୍ତ୍ତ ନିର୍ଦ୍ଧାରିତ ହୋଇଥାଏ। ସମ୍ଭବତଃ ଏହି ମୁହୂର୍ତ୍ତର ଏକ ଶତାଂଶ ଭାଗରୁ କୌଣସି ଏକ ସମୟରେ ସେ ମରିବାକୁ ସମ୍ମତି ଦିଏ। ଯଦି ଏହି ସମ୍ମତି ପ୍ରଦାନ ମୁହୂର୍ତ୍ତଟି ନ ଥିବ ତେବେ ମୃତ୍ୟୁ ଆସିବ ନାହିଁ।

ପ୍ରାଣିକ ଓ ଶାରୀରିକ ନିୟମାନୁବର୍ତ୍ତୀ ହୋଇ ମରିବାକୁ ଥିବା କେତେକ ବ୍ୟକ୍ତି ମରିବା ସକାଶେ ମନା କରି ଦେଇଥବବା ମୁଁ ଜାଣେ। ସେମାନେ କହିଲେ, "ନା, ମୁଁ ମରିବି ନାହିଁ"। ଏବଂ ସେମାନେ ବଞ୍ଚି ରହିଥିଲେ। ଆହୁରି କେତେକ ବ୍ୟକ୍ତି ମରିବାକୁ ଇଚ୍ଛା କରନ୍ତି ନାହିଁ। ସେମାନେ କହନ୍ତି, "ଭଲ କଥା, ଯେତେ ଶୀଘ୍ର ଏହା ଶେଷ ହେବା ଭଲ" ଏବଂ ଏହା ଶେଷ ହୋଇଯାଏ। ସେତିକି ମାତ୍ର, ଏପରିକି ତା' ଠାରୁ ଅଧିକ ନୁହେଁ। ତୁମ୍ଭର ନିଶ୍ଚିତ କିଛି ଇଚ୍ଛା ମଧ୍ୟ ଦରକାର ନାହିଁ। ତୁମ୍ଭେ କେବଳ କହିବ, "ଭଲ କଥା, ମୁଁ ଯଥେଷ୍ଟ ପାଇ ସାରିଛି", ଏବଂ ଏହା ଶେଷ ହୋଇଯାଏ। ତେଣୁ ଏହା ପ୍ରକୃତରେ ସେହିପରି ହୋଇଥାଏ। ତୁମ୍ଭ ଶଯ୍ୟା ପାଖରେ ମୃତ୍ୟୁ ଠିଆ ହୋଇଥିବା ସମୟରେ କୁହ, "ମୁଁ ତୁମ୍ଭଙ୍କୁ ଚାହେଁ ନାହିଁ, ତୁମ୍ଭ ଚାଲିଯାଅ", ଏବଂ ମୃତ୍ୟୁ ଚାଲିଯିବା ସକାଶେ ବାଧ୍ୟ ହେବ। ମାତ୍ର ଜଣେ ଏଥିପାଇଁ ପ୍ରଶ୍ରୟ ଦିଅନ୍ତି। ଏଥି ନିମିତ୍ତ ସଂଗ୍ରାମ, ବଳ, ସାହସ, ଧୈର୍ଯ୍ୟ ଓ ଜୀବନ ଉପରେ ଗଭୀର ବିଶ୍ୱାସ ଦରକାର। କେହି ଜଣେ ମନେ କରନ୍ତି ଯେ ତାଙ୍କର ଆହୁରି କିଛି କରିବାକୁ ଅଛି ଓ ସେ ତାହା କରିବେ। ଯେଉଁ ବ୍ୟକ୍ତିଙ୍କର ପରାଜିତ ହେବାର ସାମାନ୍ୟ ଚିନ୍ତା ନ ଥାଏ ସେ କେବଳ କହନ୍ତି, ଏହା ଖୁବ୍ ଭଲ ହେଲା କି? ଏହା ଏହିପରି ଭାବରେ ନିଜକୁ ଯୁକ୍ତ କରିବାରେ ସହାୟକ ହୁଏ।

୧ ଜୁଲାଇ, ୧୯୫୩

## ମୃତ୍ୟୁକୁ ଗୌରବଯୁକ୍ତ କର

ଜଣେ ବ୍ୟକ୍ତି ଯଦି କୌଣସି କାରଣରୁ ଶରୀର ତ୍ୟାଗ କରି ଅନ୍ୟ ଏକ ଶରୀର ଗ୍ରହଣ କରନ୍ତି ତେବେ ଏକ ଦୁଃଖ ଦୁର୍ଦ୍ଦଶାପୂର୍ଣ୍ଣ ପରାଜୟଠାରୁ ଏହା ଗୌରବଯୁକ୍ତ, ଆନନ୍ଦମୟ ଏବଂ ଉତ୍ସାହସମ୍ପନ୍ନ ହେବ ନାହିଁ କି? ଯେଉଁମାନେ ଏଥି ସହିତ ଜଡିତ ହୋଇ ମୃତ୍ୟୁକୁ ଗୋଟିଏ ବା ଦୁଇ ମୁହୂର୍ତ୍ତ ସକାଶେ ବନ୍ଦ କରିଦେବା ସକାଶେ ସମସ୍ତ ସମ୍ଭାବ୍ୟ ଉପାୟର ଆଶ୍ରୟ ନିଅନ୍ତି ଏବଂ ଏକ ଭୟଙ୍କର ଆଶଙ୍କାସଙ୍କୁଳ ପରିସ୍ଥିତିର ସୃଷ୍ଟି କରନ୍ତି ସେମାନେ ନିଜର ଆତ୍ମା ବିଷୟରେ ସଚେତନ ରହନ୍ତି ନାହିଁ। ମୋଟ ଉପରେ ଏହା ଗୋଟିଏ ଉପାୟ ମାତ୍ର। ଏହା ନୁହେଁ କି? ଜଣେ ଏହି ଦୁର୍ଘଟଣାକୁ ଏକ ଧାରାରେ ପରିବର୍ତ୍ତନ କରି ଦେଇ ପାରିବେ। ମନେରଖ, ଯେଉଁମାନେ ଏହାକୁ ଭୟ କରନ୍ତି ନାହିଁ, ଉଦବିଗ୍ନ ହୁଅନ୍ତି ନାହିଁ, ସାମାନ୍ୟତମ ଦୁଶ୍ଚିନ୍ତା ବିନା ମରନ୍ତି, ସେମାନେ ଏ ସବୁ ବିଷୟରେ କେବେହେଲେ ଚିନ୍ତା କରନ୍ତି ନାହିଁ। ସେମାନେ ଏହି "ଭୟାବହ" ପରିସ୍ଥିତିରୁ ମୁକ୍ତି ଲାଭ ସକାଶେ ଯଥା ଶକ୍ତି ଚେଷ୍ଟା କରନ୍ତି। ଯେତେବେଳେ ସମୟ ଉପସ୍ଥିତ ହୁଏ ସେତେବେଳେ ସେମାନେ ମୁଣ୍ଡ ଟେକି ସ୍ମିତ ହାସ୍ୟ କରି କହନ୍ତି, "ମୁଁ ଏଠାରେ ଅଛି"।

ସେମାନଙ୍କର ନିଜ ଜୀବନର ସର୍ବୋତ୍ତମ ବିନିଯୋଗ ସକାଶେ ଇଚ୍ଛା ଥାଏ। ସେମାନେ ହିଁ କହନ୍ତି, "ଯେତେଦିନ ପର୍ଯ୍ୟନ୍ତ ଆବଶ୍ୟକ ମୁଁ ଏଠାରେ ରହିବି ଏବଂ ମୋର ଲକ୍ଷ୍ୟ ହାସଲ କରିବାକୁ ଗୋଟିଏ ମୁହୂର୍ତ୍ତ ମଧ୍ୟ ଛାଡିବି ନାହିଁ"। ଏଗୁଡିକ ଆବଶ୍ୟକ ସମୟରେ

ବହୁ କାର୍ଯ୍ୟ କରନ୍ତି। କାହିଁକି ? ଏହା ଖୁବ୍ ସ୍ପଷ୍ଟ। ସେମାନେ ତାଙ୍କର ଆଦର୍ଶକୁ ଧରି ଚଳନ୍ତି, କାରଣ ଏହାହିଁ ସେମାନଙ୍କ ସକାଶେ ପ୍ରକୃତ ସାର୍ଥକତା। ଏହା ହିଁ ତାଙ୍କର ଆଧାରର କାରଣଭୂତ ସତ୍ତା ଏବଂ ସେମାନେ କେବେହେଲେ ସାଧାରଣ ଜୀବନର ନିମ୍ନ ସ୍ତରକୁ ଓହ୍ଲାଇ ଆସନ୍ତି ନାହିଁ।

ତେଣୁ ଏହାର ସାରାଂଶ ଏହିପରି।

ଜଣେ କେବେହେଲେ ମରିବା ସକାଶେ ଇଚ୍ଛା କରିବ ନାହିଁ।

ଜଣେ କେବେହେଲେ ମରିବା ସକାଶେ କାମନା ପୋଷଣ କରିବ ନାହିଁ।

ଜଣେ କେବେହେଲେ ମୃତ୍ୟୁକୁ ଭୟ କରିବ ନାହିଁ।

ଜଣେ ସବୁ ସମୟରେ ନିଜଠାରୁ ଉର୍ଦ୍ଧ୍ୱତର ସୋପାନକୁ ଯିବାର ଆସ୍ପୃହା କରିବ।

*(୨୩ ଏପ୍ରିଲ, ୧୯୫୧)*

### (୩) ରୂପାନ୍ତର

### ରୂପାନ୍ତରର କାର୍ଯ୍ୟ

ସବୁ କାର୍ଯ୍ୟ ମଧ୍ୟରେ ଭୌତିକ ସଂସାରକୁ ଈଶ୍ୱରୀୟ ଚେତନା ଓହ୍ଲାଇ ଆଣିବା ସବୁଠାରୁ କଠିନ କାମ। ଏହି କାରଣରୁ ଏଥି ନିମିତ୍ତ ପ୍ରଚେଷ୍ଟା ବନ୍ଦ ରହିବ କି ? ନିଶ୍ଚିତ ଭାବରେ ନୁହେଁ।

ଏକ ସର୍ବୋତ୍ତମ ଈଶ୍ୱରୀୟ ଚେତନା ଅଛି। ଏହି ଈଶ୍ୱରୀୟ ଚେତନାକୁ ଶରୀର ସର୍ବସ୍ୱ ଜୀବନରେ ପ୍ରକାଶ କରିବାକୁ ଆମ୍ଭେମାନେ ଇଚ୍ଛା କରୁ।

ଈଶ୍ୱରୀୟ ଚେତନା ମଧ୍ୟରେ ନିଜକୁ ଲୋପ କରିଦେବା ଆମର ଲକ୍ଷ୍ୟ ନୁହେଁ। ଏହି ଚେତନା ଜଡ ମଧ୍ୟରେ ପ୍ରବେଶ କରି ଏହାକୁ ରୂପାନ୍ତରିତ କରିବା ଆମର ଲକ୍ଷ୍ୟ।

ଭବିଷ୍ୟତର ଆଧ୍ୟାତ୍ମିକତା ଭୌତିକ ଜଗତକୁ ଅଧିକାର କରି ରୂପାନ୍ତର କ୍ରିୟା କରିବ।

ଅମରତ୍ୱ ପ୍ରାପ୍ତି ଏକ ଲକ୍ଷ୍ୟ ନୁହେଁ। ଏକ ଉପାୟ ମଧ୍ୟ ନୁହେଁ। ସତ୍ୟରେ, ସତ୍ୟ ସକାଶେ ଓ ସତ୍ୟ ଆଲୋକିତ ଜୀବନ ପ୍ରବାହ ମଧ୍ୟରୁ ଏହା ପ୍ରକାଶିତ ହେବ।

ଆମ୍ଭେମାନେ ଗ୍ରହଣ କରିଥିବା ଲକ୍ଷ୍ୟ ହେଉଛି ଅମରତ୍ୱ ଏବଂ ସକଳ ପ୍ରକାର ଅଭ୍ୟାସ ମଧ୍ୟରୁ ମୃତ୍ୟୁ ସବୁଠାରୁ ଅବାଧ ଓ ଅଲଙ୍ଘନୀୟ।

ଅସୀମ ଧୈର୍ଯ୍ୟ ଏବଂ ଅଖଣ୍ଡ ନିଷ୍ଠା ନ ଥିଲେ ରୂପାନ୍ତର ପ୍ରକ୍ରିୟାରେ ସାମିଲ ହେବା ଉଚିତ ନୁହେଁ।

କେହି ଜଣେ ମୋତେ ପଚାରିଲେ -

"ରୂପାନ୍ତର ପ୍ରକ୍ରିୟାରେ କିଏ ସବୁଠାରୁ ଧୀର ଗତିରେ ତାଙ୍କର କାମ କରନ୍ତି, ମନୁଷ୍ୟ ନା ଭଗବାନ ?

ମୁଁ ଉତ୍ତର ଦେଲି -

ଭଗବାନ ମନୁଷ୍ୟ ପ୍ରାର୍ଥନାର ଉତ୍ତର ଖୁବ୍ ଡେରିରେ ଦିଅନ୍ତି ବୋଲି ମନୁଷ୍ୟ ଅନୁଭବ କରେ।

ମନୁଷ୍ୟ ଖୁବ୍ ଡେରିରେ ତାଙ୍କର ପ୍ରଭାବର ଅଧୀନକୁ ଆସେ ବୋଲି ଭଗବାନ ଅନୁଭବ କରନ୍ତି।

ମାତ୍ର ସତ୍ୟ ଆଧାରିତ ଚେତନା ସକାଶେ ସବୁ କାର୍ଯ୍ୟ ଯେପରି ଭାବରେ ହେବା କଥା ସେହିପରି ହେଉଅଛି।

### ଏକ ପୂର୍ଣ୍ଣାଙ୍ଗ ରୂପାନ୍ତର

ଆମେ ପୂର୍ଣ୍ଣାଙ୍ଗ ରୂପାନ୍ତର ଚାହୁଁ। ଶରୀର ଓ ଏହାର ସକଳ କାର୍ଯ୍ୟକ୍ରମର ରୂପାନ୍ତର କ୍ରିୟା ସାଧିତ ହେବ।

ଅତୀତରେ ରୂପାନ୍ତର କହିଲେ କେବଳ ଆନ୍ତର ଚେତନାର ରୂପାନ୍ତରକୁ ବୁଝାଉଥିଲା। ଜଣେ ନିଜ ଭିତରେ ଏହି ଗାମ୍ଭୀର୍ଯ୍ୟସିକ୍ତ ଚେତନାର ସନ୍ଧାନ କରୁଥିଲେ ଏବଂ ଶରୀର ଓ ଏହାର ବିଭିନ୍ନ କାର୍ଯ୍ୟାବଳୀକୁ ଅଲୋଡା ବୋଲି ତ୍ୟାଗ କରୁଥିଲେ। କେବଳ ଆନ୍ତର ଗତିବିଧି ସହିତ ସଂଯୋଜିତ ହେବାର ଇଚ୍ଛା କରୁଥିଲେ। ଶ୍ରୀଅରବିନ୍ଦ ଘୋଷଣା କଲେ ଯେ ଏତିକି ଯଥେଷ୍ଟ ନୁହେଁ।

ଭୌତିକ ଦୃଶ୍ୟମାନ ଜଗତ ମଧ୍ୟ ରୂପାନ୍ତର କ୍ରିୟାରେ ସହଯୋଗ କରି ନିଗୂଢ଼ ସତ୍ୟର ପରିପ୍ରକାଶ ହେବ ବୋଲି ସତ୍ୟ ଜିଦ୍ ଧରି ବସିଲା। ଯେତେବେଳେ ଲୋକମାନେ ଏ କଥା ଶୁଣିଲେ ସେମାନେ ଭାବିଲେ ଯେ ଆନ୍ତର ପ୍ରଦେଶରେ ଘଟୁଥିବା ପରିବର୍ତ୍ତନ ପ୍ରତି ଦୃଷ୍ଟି ନ ଦେଇ ଶରୀର ଓ ଏହାର କାର୍ଯ୍ୟ ସମୂହକୁ ରୂପାନ୍ତରିତ କରି ହେବ। ପ୍ରକୃତ ପକ୍ଷରେ ଏହା ସତ୍ୟ ନୁହେଁ। ଶରୀର ସ୍ତରର ରୂପାନ୍ତର କାର୍ଯ୍ୟ ହାତକୁ ନେବା ପୂର୍ବରୁ ତୁମ୍ଭର ଆନ୍ତର ଚେତନା ସୁସଂଯତ ସ୍ଥିତିରେ ଥିବା ଆବଶ୍ୟକ। ସତ୍ୟ ସଙ୍ଗରେ ଦୃଢ଼ ଭାବରେ ସଂଯୁକ୍ତ ହେବା ଉଚିତ। ସବୁଠାରୁ ଏହି କାର୍ଯ୍ୟଟି କଠିନ। ଏତିକି କରି ପାରିଲେ ସତ୍ୟର ଅନ୍ତିମ ପରିଣାମ ରୂପେ ରୂପାନ୍ତର କ୍ରିୟା ପ୍ରକାଶିତ ହୋଇ ପାରିବ। ସର୍ବଶେଷ ଶବ୍ଦଟି ବର୍ତ୍ତମାନ ମୁହୂର୍ତ୍ତ ପ୍ରତି ପ୍ରଯୁଜ୍ୟ।

ଗ୍ରହଣଶୀଳତା ଏହି ରୂପାନ୍ତରର ମୂଳ ଉତ୍ସ। ଆମ୍ଭେମାନେ ପୂର୍ବରୁ ଏ ସମ୍ବନ୍ଧରେ କଥାବାର୍ତ୍ତା କରିଅଛୁ। ରୂପାନ୍ତରିତ ହେବା ସକାଶେ ଏହା ଅନିବାର୍ଯ୍ୟ ସର୍ତ୍ତ। ଏହାପରେ ଆସେ ଚେତନା ପରିବର୍ତ୍ତନର କଥା। ଚେତନାର ଏହି ପରିବର୍ତ୍ତନ ଓ ପ୍ରସ୍ତୁତିକୁ ସମୟ ସମୟରେ ଅଣ୍ଡା ମଧ୍ୟସ୍ଥ କୁକୁଡା ଛୁଆ ସଙ୍ଗେ ତୁଳନା କରାଯାଏ। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅଣ୍ଡା ତାର ପୂର୍ବ ଅବସ୍ଥାରେ ରହିଥାଏ, ଏବଂ କିଛି ମାତ୍ର ପରିବର୍ତ୍ତନ ହୋଇ ନ ଥାଏ। କୁକୁଡା ଛୁଆଟି ସମ୍ପୂର୍ଣ୍ଣ ଭାବରେ ଗଠିତ

ଏବଂ ଜୀବନ ଶକ୍ତି ପ୍ରାପ୍ତ ହୋଇ ନିଜର ପିଠି ଦ୍ୱାରା ଖୋଳପା କଣା କରି ବାହାରକୁ ଆସେ। ଚେତନାର ପରିବର୍ତ୍ତନ ସମୟରେ ଏହିପରି ଘଟଣା ଘଟିଥାଏ। ଅନେକ ଦିନ ପର୍ଯ୍ୟନ୍ତ ତୁମ୍ଭର ଧାରଣା ଥାଏ ଯେ କିଛି ହେଉ ନାହିଁ, ତୁମ୍ଭର ଚେତନା ପୂର୍ବ ପରି ଅଛି ଏବଂ ଯଦି ତୁମ୍ଭର ତୀବ୍ର ଆସ୍ପୃହା ଥାଏ ତୁମ୍ଭେ ଅନୁଭବ କର ଯେ ତୁମ୍ଭେ ଗୋଟିଏ କାନ୍ଥକୁ ଧରି ରହିଅଛ ଏବଂ ଏହି କାର୍ଯ୍ୟ ତୁମ୍ଭଙ୍କୁ କିଛି ଦେଉ ନାହିଁ। ଯେତେବେଳେ ତୁମ୍ଭେ ପ୍ରକୃତରେ ଆନ୍ତର ସତ୍ତାର ସାନ୍ନିଧ ଲାଭ କର ସେତେବେଳେ ଆଧାରର ପୃଷ୍ଠଭାଗ ବିଦୀର୍ଣ୍ଣ କରିବା ଅବସ୍ଥା ଆସେ ଏବଂ ସବୁ କିଛି ଉନ୍ମୁକ୍ତ ହୋଇଯାଏ। ଏହି ଶେଷ ପ୍ରଚେଷ୍ଟା ତୁମ୍ଭଙ୍କୁ ଅନ୍ୟ ଏକ ସମୃଦ୍ଧ ଚେତନାକୁ ନେଇ ଯିବାକୁ ସାମର୍ଥ୍ୟ ଦିଏ। ମୌଳିକ ଭାରସାମ୍ୟ କ୍ଷେତ୍ରରେ ଏହା ଏକ ବିପ୍ଳବାତ୍ମକ କ୍ରିୟା ବୋଲି ମୁଁ କହିଅଛି। ଚେତନାର ଏହି ବିପରୀତଧର୍ମୀ ଗତିକୁ ଆମ୍ଭେମାନେ ପ୍ରିଜମ୍ ମଧ ଦେଇ ଗତି କରୁଥିବା ଆଲୋକ ରେଖା ସଙ୍ଗେ ତୁଳନା କରି ପାରିବା। କିମ୍ବା ଏହାକୁ ଗୋଟିଏ ପେଣ୍ଡୁକୁ ଭିତରୁ ବାହାରକୁ ନେବା ପରି ମନେ କରି ପାର ଏବଂ ଏହା ଚତୁର୍ଥ ସତ୍ତାଟି ବିନା ହୋଇ ପାରିବ ନାହିଁ।

ଜଣେ ସାଧାରଣ ତିନି ସ୍ତରୀୟ ଚେତନା ବାହାରକୁ ଆସି ଉର୍ଦ୍ଧ୍ୱସ୍ତରୀୟ ଚତୁଃସ୍ତରୀୟ ଚେତନା ସଙ୍ଗେ ମିଶିବାକୁ ଓ ଅସଂଖ୍ୟ ସତ୍ତାମାନଙ୍କ ମଧ୍ୟରେ ପ୍ରବେଶ କରିବାକୁ ଯତ୍ନ କରେ। ଏହା ଅପରିହାର୍ଯ୍ୟ ପ୍ରାରମ୍ଭ ସ୍ଥାନ। ତୁମ୍ଭର ଚେତନା ଯଦି ଏହାର ବ୍ୟାପ୍ତିରେ ପରିବର୍ତ୍ତନ ନ କରେ ତେବେ ଏହା ପୂର୍ବପରି ସ୍ଥୁଳ ଚକ୍ଷୁରେ ଦୃଶ୍ୟମାନ ପଦାର୍ଥ ପରି ରହିଥିବ ଏବଂ ଏହା ସହିତ ସଂଶ୍ଳିଷ୍ଟ ସମସ୍ତ ଗୁଣବତ୍ତା ତୁମ୍ଭଠାରୁ ଦୂରେଇ ଯିବ।

୪ ଜାନୁୟାରୀ, ୧୯୫୧

## ଶାରୀରିକ ସଂଗ୍ରାମ

ଆମ୍ଭେମାନେ ବର୍ତ୍ତମାନ ସବୁଠାରୁ ଭୟାବହ ଯୁଦ୍ଧ କଥା ଦେଖିବା। ଏହା ଶରୀର ସମ୍ବନ୍ଧୀୟ ସଂଗ୍ରାମ ଏବଂ ଏହା ବିରତି ବା ବିରୋଧଶକ୍ତିର ସାମୟିକ ଦମନ ନ କରି ଅବ୍ୟାହତ ରହିଥାଏ। ଏହା ଜନ୍ମ ସଙ୍ଗେ ଆସିଥାଏ ଏବଂ ରୂପାନ୍ତରକାରୀ ଶକ୍ତି ଓ ପୂର୍ଣ୍ଣତାର ବିରୋଧ କରୁଥିବା ଶକ୍ତି ମଧ୍ୟରୁ ଗୋଟିକର ପରାଜୟ ସଙ୍ଗେ ଶେଷ ହୁଏ। ମୁଁ ଜନ୍ମ ସଙ୍ଗେ ଆସିବା କଥା କହୁଅଛି, କାରଣ ଏ ଦୁଇଟି ଶକ୍ତି ଶରୀରଟିଏ ପୃଥିବୀକୁ ଆସିବା ସଙ୍ଗେ ସଙ୍ଗେ ସଂଘର୍ଷରେ ଜଡିତ ହୋଇଯାଆନ୍ତି। ଅନେକ ସମୟ ଅତୀତ ହେବା ପରେ ଏ ସଂଘର୍ଷ ଚେତନାଯୁକ୍ତ ଓ ସ୍ୱାଭାବିକ ହୁଏ। ପ୍ରତ୍ୟେକ ଜ୍ୱରାବସ୍ଥା, ଅସୁସ୍ଥତା, ଅପ୍ରାକୃତିକ ଗଠନ ଏପରିକି ଦୁର୍ଘଟଣା ମଧ ଏହି ପୂର୍ଣ୍ଣତା ବିରୋଧୀ ଶକ୍ତିର କରାମତି ଏବଂ ବୃଦ୍ଧ, ସଙ୍ଗତିପୂର୍ଣ୍ଣ ଉନ୍ନତି, ପ୍ରତିରୋଧ କରିବାର ଶକ୍ତି, ଅସୁସ୍ଥତାରୁ ଆରୋଗ୍ୟ, ସାଧାରଣ ଭାବରେ କାର୍ଯ୍ୟ କରିବା ଏବଂ ଅଗ୍ରଗତିସୂଚକ ଉନ୍ନତି ରୂପାନ୍ତର କ୍ରିୟାର ସୁଫଳ ଅଟେ। ପରେ ଚେତନାର ଅଭିବୃଦ୍ଧି ସଙ୍ଗେ ଯେତେବେଳେ ଏହି ସଂଗ୍ରାମ ସ୍ୱାଭାବିକ ଭାବରେ ଚାଲେ ସେତେବେଳେ ଏହା ଉଗ୍ର ରୂପ ଧାରଣ କରେ ଏବଂ ଦୁଇଟି ଯାକ ଶକ୍ତି ନିଜ ନିଜର ଲକ୍ଷ୍ୟ ହାସଲ କରିବାକୁ ବ୍ୟଗ୍ର ହୋଇ ପଡନ୍ତି। ରୂପାନ୍ତର ଓ ମୃତ୍ୟୁ ଏହି ଦୁଇଟି ଲକ୍ଷ୍ୟ। ବିରାମହୀନ ପ୍ରଯତ୍ନ ଓ ଅବ୍ୟାହତ ନିଷ୍ଠା ଉର୍ଦ୍ଧ୍ୱରୁ ପାବନକାରୀ ଶକ୍ତିର ଆବାହନ କରନ୍ତି। ଏହି ଶକ୍ତି ପ୍ରତି କୋଷମାନଙ୍କର ଗ୍ରହଣଶୀଳତା ବୃଦ୍ଧି କରିବା, ପାଦକୁ ପାଦ ମିଳାଇ ଯୁଦ୍ଧ କରିବା, ଓ ଧ୍ୱଂସାଭିମୁଖୀ ଅଧଃପତନରୁ ରକ୍ଷା ପାଇବା ସକାଶେ ନିରୂପିତ ସ୍ଥାନରୁ ଯୁଦ୍ଧ କରିବା ସକାଶେ ସାହାଯ୍ୟ କରନ୍ତି। ଯାହା କିଛି ଆରୋହଣକ୍ଷମ ପ୍ରଚେଷ୍ଟାର ଅନୁକୂଳ ଏବଂ ଆଲୋକିତ କରିବାକୁ, ଶୁଦ୍ଧ କରିବାକୁ ଏବଂ ସ୍ଥିର କରିବାକୁ ସମର୍ଥ ସେ ସବୁ ପ୍ରକ୍ରିୟାର ସହାୟକ ହୁଅନ୍ତି। ଏହା ଏକ ଲୁପ୍ତ ପ୍ରାୟ ଓ ଲଗାମ ବିହୀନ ସଂଗ୍ରାମ, ଅନେକ ସମୟରେ ଏଥିରେ ଆଖିଦୃଶିଆ ଫଳ ବା ଆଂଶିକ ଜୟଲାଭର ବାହ୍ୟ ଚିହ୍ନ ମଧ ନ ଥାଏ। ଏଗୁଡିକ ଅନିୟନ୍ତ୍ରିତ ଓ ଅନିଶ୍ଚିତ ଥାଏ, କାରଣ କରାଯାଇଥିବା କାମ ଗୁଡିକ ସକାଶେ ପୁଣି ଥରେ ପୁର୍ନଗଠନ ଆବଶ୍ୟକ ହୁଏ। ପ୍ରତି ପଦର ଅଗ୍ରଗତି ପ୍ରତ୍ୟେକ ପଶ୍ଚାତ୍ ଗତିର ବଦଳରେ ହୋଇଥାଏ ଏବଂ ଯାହା ଦିନେ କରା ହୋଇ ଅଛି ତାହା ଆସନ୍ତା କାଲି ଭାଙ୍ଗି ଦିଆଯାଇପାରେ। ବିଜୟ ସ୍ଥାୟୀ ଓ ନିଶ୍ଚିତ ହେବାକୁ ପୂର୍ଣ୍ଣତା ଉପରେ ନିର୍ଭର କରେ ଏବଂ ଏ ସବୁ ପ୍ରକ୍ରିୟା ଦୀର୍ଘ ସମୟର ଅପେକ୍ଷା କରେ। ଫଳହୀନ ବର୍ଷ ଅତୀତ ହୋଇଯାଏ ଏବଂ ବିରୋଧୀ ଶକ୍ତିମାନଙ୍କର ଶକ୍ତି ବୃଦ୍ଧି ପାଏ।

ଏହି ସମୟ ମଧ୍ୟରେ ଚେତନା ଏକ ପରିଖା ମଧ୍ୟରେ ସୈନିକ ପରି ଦଣ୍ଡାୟମାନ ହୋଇଥାଏ। ତୁମ୍ଭେ ନିଶ୍ଚିତ ରହିବ, ସାମାନ୍ୟତମ ଭୟ, ଅଦୂରଦର୍ଶିତା ତ୍ୟାଗ କରିବ, ତୁମ୍ଭର ଲକ୍ଷ୍ୟ ସାଧନ ପ୍ରତି ଏବଂ ତୁମ୍ଭଙ୍କୁ ରକ୍ଷା କରିବାକୁ ଓ ପ୍ରେରଣା ଦେବାକୁ ଉର୍ଦ୍ଧ୍ୱରୁ ଆସୁଥିବା ଶକ୍ତି ଉପରେ ଅଖଣ୍ଡ ବିଶ୍ୱାସ ରଖିବ; କାରଣ ଧୈର୍ଯ୍ୟବାନ ବ୍ୟକ୍ତି ହିଁ ବିଜୟୀ ହେବେ।

(ବୁଲେଟିନ୍, ଫେବୃୟାରୀ ୧୯୫୪)

## କ୍ରମ ବର୍ଦ୍ଧିଷ୍ଣୁ ସଙ୍ଗତିର କାର୍ଯ୍ୟ

ନିୟମାଧାରିତ ଓ ଶୃଙ୍ଖଳିତ ଶାରୀରିକ ଶିକ୍ଷା ଦ୍ୱାରା ଆମ୍ଭେମାନେ ଆମ୍ଭେମାନଙ୍କର ଶରୀରକୁ ବଳବାନ ଓ ନମନୀୟ କରିବାକୁ ହେବ। ଫଳରେ ଆମ୍ଭେମାନେ ଏ ସଂସାରରେ ଗୋଟିଏ ଗୋଟିଏ ଉପଯୁକ୍ତ ଯନ୍ତ୍ର ହୋଇ ପାରିବା। ଆମ୍ଭରି ମଧ୍ୟରେ ସତ୍ୟ ଆଧାରିତ ଶକ୍ତି ପ୍ରକାଶିତ ହୋଇ ପାରିବ।

ପ୍ରକୃତରେ ଶରୀର ଶାସନ ନ କରି ଆଦେଶ ପାଳନ କରିବା ଉଚିତ। ସ୍ୱଭାବତଃ ଏହା ଏକ ଶିକ୍ଷାନୁରାଗୀ ଓ ବିଶ୍ୱସ୍ତ ଭୃତ୍ୟ

ଅଟେ। ଦୁର୍ଭାଗ୍ୟବଶତଃ ଏହାର ପ୍ରଭୂ ମନ ଓ ପ୍ରାଣ ସଙ୍ଗେ ଯେଉଁପରି ଚଳିବା ଦରକାର ଶରୀରର ସେ ବିଚାର ସାମର୍ଥ୍ୟ ନ ଥାଏ। ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ବଦଳରେ ସେ ସେମାନଙ୍କୁ ଅନ୍ଧ ଭାବରେ ଅନୁସରଣ କରେ। ମନ ତାହାର ସ୍ଥିରୀକୃତ ସ୍ଥିତି ଓ ନିଶ୍ଚିତ ଏକଛତ୍ରବାଦୀ ନିୟମ ଦ୍ୱାରା ଏବଂ ପ୍ରାଣ ତାହାର କାମନା ବାସନା ଓ ଏହାର ଆଧିକ୍ୟ ଦ୍ୱାରା ଶରୀରର ପ୍ରାକୃତିକ ଓ ସ୍ୱାଭାବିକ ଭାରସାମ୍ୟ ନଷ୍ଟ କରି ତା' ମଧ୍ୟରେ କ୍ଲାନ୍ତି, ଦୁର୍ବଳତା ଓ ରୋଗ ଆଣି ଦିଅନ୍ତି। ଏହାକୁ ଏହି ଅତ୍ୟାଚାରରୁ ମୁକ୍ତ କରିବାକୁ ହେବ। ଏହା ଆଧାରର ଚୈତ୍ୟ ସତ୍ତା ସଙ୍ଗେ ସମ୍ପର୍କ ସ୍ଥାପନ କରିବା ଦ୍ୱାରା ହୋଇ ପାରିବ। ଶରୀରର ଗ୍ରହଣ କରିବା ଓ ଧୈର୍ଯ୍ୟବାନ ହେବା ସକାଶେ ଅଦ୍ଭୁତ କ୍ଷମତା ଅଛି।

ତୁମ୍ଭେ କଳ୍ପନା କରୁଥିବା କାର୍ଯ୍ୟମାନଙ୍କଠାରୁ ବହୁ ଗୁଣରେ ଅଧିକ କାର୍ଯ୍ୟ କରିବାକୁ ଏହା ସମର୍ଥ। ଯଦି ଏହା ଅଜ୍ଞ ଓ ସାମନ୍ତବାଦୀ ପ୍ରଭୂମାନଙ୍କ ଦ୍ୱାରା ଶାସିତ ନ ହୋଇ ଆଧାରର କୈନ୍ଦ୍ରିକ ସତ୍ୟ ଦ୍ୱାରା ଶାସିତ ହୁଏ ତେବେ ଏହାର କାର୍ଯ୍ୟକୁଶଳତାରେ ତୁମ୍ଭେ ବିସ୍ମୟାଭିଭୂତ ହୋଇଯିବ। ଶାନ୍ତ, ଧୀର, ବଳବାନ, କର୍ମକୁଶଳ ଭାବରେ ପ୍ରତି ମୁହୂର୍ତ୍ତରେ ଏହାଠାରୁ ଆଶା କରାଯାଉଥିବା କର୍ମ ଏ ଶରୀର ସମ୍ପାଦନ କରିପାରିବ। ଏହା କର୍ମ କରିବାରେ ବିଶ୍ରାମ ଓ ଶକ୍ତିର ପୁନଃ ଆହରଣ କ୍ଷମତା ବିଶ୍ୱ ଶକ୍ତି ସହିତ ସମ୍ପର୍କ ସ୍ଥାପନ କରି ପ୍ରାପ୍ତ ହୁଏ। ଏହି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ସନ୍ତୁଳିତ ଜୀବନ ମଧ୍ୟରେ ଶରୀରରେ ଏକ ନୂତନ ସଙ୍ଗତିର ଅଭ୍ୟୁଦୟ ହେବ, ଏବଂ ଉର୍ଦ୍ଧ୍ୱତର ପ୍ରଦେଶର ଆଲୋକ ବିଚ୍ଛୁରିତ ହେବ। ଏହା ଶରୀରକୁ ସମାନୁପାତିକ ଓ ନୈସର୍ଗିକ ସୌନ୍ଦର୍ଯ୍ୟ ଦ୍ୱାରା ଗଠନ କରିବ, ଏହି ସଙ୍ଗତି ବର୍ଦ୍ଧନଶୀଳ ଭାବରେ ଆଗେଇ ଚାଲିବ, କାରଣ ଆଧାରର ସତ୍ୟଟି ସ୍ଥିର ନିଶ୍ଚଳ ନୁହେଁ, ଏହା ବୃଦ୍ଧି ଲାଭ କରୁଥିବା ପୂର୍ଣ୍ଣତାର ଏକ ଶାଶ୍ୱତ ପରିପ୍ରକାଶ। ଏହି ପୂର୍ଣ୍ଣତା ଅଧିକରୁ ଅଧିକ ସମ୍ପୂର୍ଣ୍ଣ ଏବଂ ସ୍ୱୟଂସିଦ୍ଧ। ଯେତେବେଳେ ଶରୀର ଏହି ବର୍ଦ୍ଧନଶୀଳ ସଙ୍ଗତିର ଶିକ୍ଷା କରି ପାରିବ ସେତେବେଳେ ଚଳମାନ ରୂପାନ୍ତର ପ୍ରକ୍ରିୟା ମାଧ୍ୟମରେ ଏହା ଅପୂର୍ଣ୍ଣତା ମଧ୍ୟରୁ ଏବଂ ଧ୍ୱଂସ ମୁଖରୁ ରକ୍ଷା ପାଇ ପାରିବ। ଫଳରେ ଅପ୍ରତିହତ ଦୃଢ଼ତା ସହିତ ଚଳିଆସୁଥିବା ମୃତ୍ୟୁର ନିୟମ ଗୁଡ଼ିକ ପୃଥିବୀରେ ରହିବାର କୌଣସି ଯଥାର୍ଥତା ନ ଥିବ। *(ବୁଲେଟିନ୍, ନଭେମ୍ବର, ୧୯୫୦)*

**ଶରୀର ରୂପାନ୍ତରର ମୂଳ କଥା**

ତୁମ୍ଭେମାନେ ଜାଣ ଯେ ଶରୀର ସମ୍ବନ୍ଧୀୟ ବିଚାର ଦୃଷ୍ଟିରୁ ମନୁଷ୍ୟମାନେ ଘୋର ଅଜ୍ଞତା ମଧ୍ୟରେ ବାସ କରୁଅଛନ୍ତି। ସେମାନେ ଯଥାର୍ଥ ଭାବରେ ମଧ୍ୟ କହିପାରନ୍ତି ନାହିଁ। ଉଦାହରଣଟିଏ ଦେଲେ ଏକଥା ବୁଝି ପାରିବ। ପ୍ରତ୍ୟେକ ଥର ଖାଇବା ସମୟରେ କେତେ ପରିମାଣରେ ଓ କେଉଁ ପ୍ରକାର ଖାଦ୍ୟ ତୁମ୍ଭର ଶରୀର ଦରକାର କରେ ତାହା ତୁମ୍ଭେ ଠିକ୍ ଭାବରେ କହି ପାରିବ କି ? କେବଳ ସେହି କଥା - ଏହାଠାରୁ ଅଧିକ କିଛି ନୁହେଁ, କେତେ ପରିମାଣରେ ଓ କେଉଁ ସମୟରେ ଖାଦ୍ୟ ଗ୍ରହଣ କରିବ।

ତୁମ୍ଭେ ଏ ବିଷୟରେ କିଛି ଜାଣି ନାହଁ। କେବଳ ଏକ ଅବାନ୍ତର ଧାରଣା ଅଛି। କିଛି କଳ୍ପନା, ଆନୁମାନିକ ହିସାବ ଓ କେତେକ ଘଟଣାଲବ୍ଧ ଅନୁଭୂତି, ଏସବୁର ଜ୍ଞାନ ସଙ୍ଗେ କିଛି କରିବାର ନ ଥାଏ। ମାତ୍ର ସେହି ସଠିକ ଜ୍ଞାନ : "ଏହା ମୁଁ ଖାଇବି, ମୁଁ ଏତିକି ପରିମାଣରେ ଖାଇବି" ଏତିକିରେ ସବୁ ଶେଷ ହୁଏ। "ଏହା ମୋର ଶରୀର ଦରକାର କରେ"। ହଁ, ତାହା ମଧ୍ୟ କରିହେବ। ଏପରି ସମୟ ଆସେ ଯେତେବେଳେ ଜଣେ ଏ ବିଷୟ ଭଲ ଭାବରେ ବୁଝିପାରେ। ମାତ୍ର ଏହା ବର୍ଷ ବର୍ଷ ଧରି ପରିଶ୍ରମର ଅପେକ୍ଷା କରେ ଏବଂ ସର୍ବୋପରି ମନର ଶାସନର ମୁକ୍ତ ଅନେକ ବର୍ଷର ସାଧନା ଦରକାର କରେ। ଏକ ନମନୀୟ ଚେତନା ରୂପାନ୍ତରର ମୌଳିକ ତଥ୍ୟାବଳୀ ସଙ୍ଗେ ସମ୍ପର୍କ ସ୍ଥାପନ କରାଇ ଦେବା ସକାଶେ ଯଥେଷ୍ଟ ହୋଇଥାଏ ଏବଂ ଅଗ୍ରଗତି ଏହାର ସଙ୍ଗୀ ଭାବରେ ଆସେ। ସଠିକ ମାତ୍ରାରେ ଶାରୀରିକ କର୍ମ, ବିଭିନ୍ନ କାର୍ଯ୍ୟାବଳୀ, ଶକ୍ତିର ବ୍ୟବହାର ଓ ଆହରଣ, ପାଇବା ଓ ଦେବା ମଧ୍ୟରେ ଅନୁପାତ ରକ୍ଷା, ଭାରସାମ୍ୟ ପୁନଃ ପ୍ରତିଷ୍ଠା କରିବା ସକାଶେ ଶକ୍ତିର ଉପଯୋଗ, ଭାରସାମ୍ୟ ରକ୍ଷା ମଧ୍ୟରେ ଭଙ୍ଗପ୍ରବଣତା ଦୂର କରିବା, ଅଗ୍ରଗତି କରି ନ ପାରୁଥିବା କୋଷମାନଙ୍କର ନିର୍ମାଣ କରିବା ଏବଂ ଅଧିକ ଉନ୍ନତି ସକାଶେ ସମ୍ଭାବ୍ୟ ପରିସ୍ଥିତିର ସୃଷ୍ଟି କରିବା ଆଦି ଅତ୍ୟନ୍ତ ଅସାଧ କାର୍ଯ୍ୟ। ଜଣେ ଶରୀରର ରୂପାନ୍ତର ସକାଶେ ଆଶା କରୁଥିଲେ ସେଥି ନିମିତ୍ତ ଯାହା କରିବା ଦରକାର ସେସବୁ ନିଶ୍ଚିତ ଭାବରେ କରାଯିବ। ପ୍ରଥମେ ଏହା ଆନ୍ତର ଚେତନା ସଙ୍ଗେ ପୂର୍ଣ୍ଣ ସଙ୍ଗତି ସହିତ ଅବସ୍ଥିତ ହେବ। ଏହା କରିବା ସକାଶେ ପ୍ରତ୍ୟେକ କୋଷ କାର୍ଯ୍ୟକାରୀ ହେବେ, ପ୍ରତ୍ୟେକ କ୍ଷୁଦ୍ର କାର୍ଯ୍ୟ ଚାଲୁ ରହିବ ଏବଂ ଦୈହିକ ଯନ୍ତ୍ରଗୁଡ଼ିକ କର୍ମ ତତ୍ପର ହେବେ। ଏତିକିରେ ଆଉ କିଛି କାର୍ଯ୍ୟ ନ କରି ଜଣେ ଦିନ ରାତି ବ୍ୟସ୍ତ ରହି ପାରିବେ। ଜଣେ ପ୍ରଚେଷ୍ଟା ଚଳାଇ ରଖି ପାରନ୍ତି ନାହିଁ, ଏବଂ ସର୍ବୋପରି ଏକାଗ୍ରତା ଓ ଆନ୍ତର ଦୃଷ୍ଟିର ମଧ୍ୟ ଏହି ଅବସ୍ଥା ହୁଏ।

ମୁଁ ତୁମ୍ଭମାନଙ୍କୁ ଗୋଟିଏ ଉପରଠାଉରିଆ ପ୍ରଶ୍ନ ପଚାରିଅଛି। ଜଣେ ପ୍ରକୃତରେ କେତେ ପରିମାଣରେ ଖାଇପାରିବେ, କ'ଣ ଖାଇବେ ଓ କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ କ'ଣ ଖାଇବେ ତାହା ଜାଣିପାରିବେ। କେଉଁ ସମୟରେ ଜଣେ ତାଙ୍କର ଖାଦ୍ୟ ଖାଇବେ ଏବଂ ଆଉ ଥରେ ଖାଇବା ସକାଶେ କେତେବେଳେ ପ୍ରସ୍ତୁତ ହେବେ, ଏ କଥା ମଧ୍ୟ ଜାଣି ପାରିବେ। ହେଉ, ଏ ସମସ୍ୟାର ଏହା ଏକ ଉପରଠାଉରିଆ ଅଂଶ। ଯଦି ତୁମ୍ଭେ କୋଷମାନଙ୍କର ପ୍ରକାର ଭେଦ ମଧ୍ୟରେ ଓ ଆନ୍ତର ସଙ୍ଗଠନ କ୍ରିୟା ମଧ୍ୟରେ ପ୍ରବେଶ କର ତେବେ ଦେଖିବ ଯେ ଏଗୁଡ଼ିକ ଉର୍ଦ୍ଧ୍ୱରୁ ଅବତରଣ କରୁଥିବା ଶକ୍ତି ପ୍ରତି ଉନ୍ମୁଖ

ହୋଇ ଅଛନ୍ତି। ତୁମ୍ଭ ଶରୀରର କୋଷ, ସେମାନଙ୍କର ବିଭିନ୍ନ ପ୍ରକୃତି, ସେମାନଙ୍କର କାର୍ଯ୍ୟ, ସେମାନଙ୍କର ଗ୍ରହଣଶୀଳତାର ମାତ୍ରା, ସେମାନଙ୍କର ଉତ୍ତମ ପରିବେଶ ଅଛି କି ନାହିଁ - ଏ ସବୁ ବିଷୟରେ ତୁମ୍ଭେ ସଚେତନ କି ? ତୁମ୍ଭେ କେତେବେଳେ ଓ କାହିଁକି କ୍ଳାନ୍ତି ଅନୁଭବ କର, ସେ କଥା ଦୃଢ଼ ଭାବରେ କହି ପାରବ କି ? କେଉଁଠାରେ କିଛି ଭୁଲ ଘଟିଲେ ତୁମ୍ଭେ କହିବକି, "ଏହା ସକାଶେ ମୁଁ କଷ୍ଟ ଭୋଗ କରୁଅଛି" ? ଲୋକମାନେ କାହିଁକି ଡାକ୍ତରମାନଙ୍କ ପାଖକୁ ଯାଆନ୍ତି ? କାରଣ ସେମାନେ ଭାବନ୍ତି ଯେ ଡାକ୍ତର ତାଙ୍କଠାରୁ ଅଧିକ ଜାଣନ୍ତି, ତାଙ୍କ ଶରୀରର ପରୀକ୍ଷା କରି ପାରନ୍ତି ଓ କେଉଁଠାରେ କିଛି ଭୁଲ ଘଟିଲା ତାହା ମଧ୍ୟ ଜାଣିପାରନ୍ତି। ଏ କଥାରେ ବିଶେଷ କିଛି ଗୁରୁତ୍ୱ ନାହିଁ। ମାତ୍ର ଏହାହିଁ ଲୋକାଭ୍ୟାସ। କିନ୍ତୁ କେହି କେହି ବ୍ୟକ୍ତି ଭିତରକୁ ଖୁବ୍ ସଂଯତ ଭାବରେ ଓ ଠିକ୍ ଭାବରେ ଦେଖି ପାରନ୍ତି, ଖରାପ ଅଂଶଟିକୁ ଚିହ୍ନି ପାରନ୍ତି, କାହିଁକି ଓ କିପରି ଏହା ଘଟିଅଛି ତାହା ଜାଣି ପାରନ୍ତି। ଏହା କେବଳ ପର୍ଯ୍ୟବେକ୍ଷଣ କ୍ରିୟାର ଫଳ। ପରେ ଏହାକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ସକାଶେ ଯାହା ସବୁ ଦରକାର ଜଣେ ସେ ସବୁ କରିବା ଉଚିତ, ଏବଂ ଏହି କାର୍ଯ୍ୟଟି ଅଧିକ କଠିନ।

ହେଉ, ଏହା ହିଁ ଶରୀର ରୂପାନ୍ତରର ମୂଳ କଥା।

*(୨୪ ଫେବୃୟାରୀ, ୧୯୫୪)*

### ଅସରନ୍ତି ଧୈର୍ଯ୍ୟ ଓ ସାମର୍ଥ୍ୟ

ସତର୍କ ହେବାକୁ ହେବ। ଜଣେ କହିବ ନାହିଁ, "ଆମ୍ଭମାନେ ଏଠାରେ ଅଛୁ। ଏହାର କିଛି ମୂଲ୍ୟ ନାହିଁ, ମୁଁ କେବେହେଲେ କିଛି ଲାଭ କରିପାରିବି ନାହିଁ। ମୋର ସବୁ ପରିଶ୍ରମ ବୃଥା। ଏସବୁ କିଛି ମାୟା, ଏହା ଅସମ୍ଭବ"। ଅନ୍ୟ ପକ୍ଷରେ ଜଣେ କହିବ "ମୁଁ ଯଥେଷ୍ଟ ସତର୍କ ନ ଥିଲି"।

"ଓଃ, ଏହା କରା ହୋଇଅଛି ଏବଂ ଶେଷ କରାହୋଇଅଛି" ଏହା କହିବା ପୂର୍ବରୁ ଅନେକ ଦିନ, ଦୀର୍ଘଦିନ ଓ କେତେକ ସମୟରେ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ହେବ।

ବିବର୍ତ୍ତନ ଧାରାରେ ସଚେତନ ଭାବରେ ଅଂଶଗ୍ରହଣ କରି ଭୌତିକ ମନୁଷ୍ୟ ଶରୀର ସହ ଚେତନାର ଚୂଡାନ୍ତ ରୂପାନ୍ତର ଦ୍ୱାରା ପରିଶେଷରେ ଅସୁସ୍ଥତାରୁ ସମ୍ପୂର୍ଣ୍ଣ ମୁକ୍ତି ଏବଂ ଅମରତ୍ୱ ଲାଭ।

ସକଳ ରୋଗବ୍ୟାଧି ନିମ୍ନ ପ୍ରକୃତିର ବା ବିରୋଧି ଶକ୍ତିର ଆକ୍ରମଣ ଦ୍ୱାରା ହୋଇଥାଆନ୍ତି। ଏସବୁ ବାହାରୁ ଆସିଥା'ନ୍ତି। ଏସବୁର ଉପଶମ ପାଇଁ ବ୍ୟକ୍ତିକୁ ନିଜ ଭିତରୁ ଚେଷ୍ଟା କରିବାକୁ ହେବ। ପାର୍ଥିବ ପ୍ରକୃତିର ବିରୋଧ ଓ ଅଳସୁଆମୀ ହେତୁ ଏହା ସର୍ବଦା ସମ୍ଭବ ହୋଇନଥାଏ। ଆମେ ସୂକ୍ଷ୍ମ ଚେତନା ଓ ସୂକ୍ଷ୍ମ ଶରୀର ଦ୍ୱାରା ଏହାର ପ୍ରତିରୋଧକୁ ବଢ଼ାଇ ପାରିବା। ଏଥିପାଇଁ ଅଭ୍ୟାସ କରିବାକୁ ହେବ। ଯେତେଦିନ ପର୍ଯ୍ୟନ୍ତ ଏହା ଫଳପ୍ରଦ ନହୋଇଛି ସେତେଦିନ ପର୍ଯ୍ୟନ୍ତ ଶାରୀରିକ ପ୍ରଚେଷ୍ଟାକୁ ପ୍ରତ୍ୟାଖ୍ୟାନ କରି ହେବ ନାହିଁ। ରୋଗର ଆକ୍ରମଣକୁ ବାଧା ଦେବାପାଇଁ ପ୍ରାଣିକ ଶୁଦ୍ଧତାର ଆବଶ୍ୟକତା ରହିଛି। ମା କୁହନ୍ତି, ଯେତେବେଳେ ଜଣେ ସମ୍ପୂର୍ଣ୍ଣ ସ୍ଥାୟୀ ଭାବରେ ନିଜର ଚେତନାକୁ ଅତିମାନସ ଚେତନା ସହିତ ଯୁକ୍ତ କରିଥାଏ ସେତେବେଳେ ଶରୀର ବିରୋଧି ଶକ୍ତିର ଆକ୍ରମଣ ଓ ଆନ୍ତର ଅସାମଞ୍ଜସ୍ୟରୁ ରକ୍ଷା ପାଇଥାଏ। ଆନ୍ତର ଅସାମଞ୍ଜସ୍ୟ ହିଁ ରୋଗର କାରଣ।

ଜଣେ ନିଜ ଭିତରେ ଶାନ୍ତି, ସ୍ଥିରତା, ଅଚଞ୍ଚଳତା, ନିଶ୍ଚଳ ନୀରବତାର ପ୍ରତିଷ୍ଠା ଯେତେ ଅଧିକ କରିପାରିବ ସେତେ ଶୀଘ୍ର ଶରୀର ରୂପାନ୍ତର ଦିଗରେ ଆସୁଥିବା ବାଧାକୁ ଅତିକ୍ରମ କରିପାରିବ। ନିଷ୍ପାପର ଭାବରେ ମା'ଙ୍କ ସହିତ ଜୀବନ ବଞ୍ଚିଲେ ଜଣେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିପାରିବ।

ମା' କୁହନ୍ତି, ଯଦି ତୁମେ ସୁସ୍ଥ ହେବାପାଇଁ ଚାହଁ ତେବେ ୨ଟି ସର୍ତ୍ତ ପାଳନ କରିବା ଆବଶ୍ୟକ। ସେ ଦୁଇଟି ହେଲା:

୧. ଭୟଠାରୁ ଦୂରେଇ ରହିବା ବା ସମ୍ପୂର୍ଣ୍ଣ ଭୟଶୂନ୍ୟ ହେବା

୨. ଭଗବାନଙ୍କ ସୁରକ୍ଷା ଉପରେ ସମ୍ପୂର୍ଣ୍ଣ ଭରସା ବା ବିଶ୍ୱାସ ରଖିବା

"କାଲେ କ'ଣ ହୋଇଯିବ ? କ'ଣ ହେବାକୁ ଯାଉଛି ? ଇତ୍ୟାଦି" ଏସବୁ ବ୍ୟଗ୍ରତା ବନ୍ଦ କରିବାକୁ ହେବ। କାରଣ ଏହି ବ୍ୟଗ୍ରତା ଦିବ୍ୟ କରୁଣା ପ୍ରତି ବିଶ୍ୱାସନୀୟତାର ଅଭାବ ଅଟେ। ଶରୀରକୁ ଏଇ ଧାରଣା ଦେବାକୁ ହେବ ଯେ ଏହାର ମୂଳଭୂତ ଭାବ ହେଉଛି ଦିବ୍ୟତ୍ୱ। ତେବେ ଶରୀର ଭୟରୁ ମୁକ୍ତ ହୋଇପାରିବ।

ଯୋଗ ହେଉଛି ଆମର ବାହ୍ୟଚେତନା ସହିତ ସତ୍ୟ ଚେତନାକୁ ସଂଯୋଗ କରିବା। ଏଣୁ ଯୋଗ ଅଭ୍ୟାସ କଲେ ଆମ ଚେତନାର ଅଭିବୃଦ୍ଧି ହେବ। ପୃଥିବୀ ପାଇଁ ଆଣିଦେବ ପରିପୂର୍ଣ୍ଣ ସଙ୍ଗତି, ପ୍ରେମ, ସୌନ୍ଦର୍ଯ୍ୟ, ଜ୍ଞାନ ଓ ଆନନ୍ଦ। ବର୍ତ୍ତମାନର ମଣିଷମାନଙ୍କର ଚେତନା ଓ ଜୀବନ ରୂପାନ୍ତରିତ ହେବ ଏବଂ ଏକ ନୂତନ ଜାତି ସୃଷ୍ଟି ହେବ। ଏକଥା ସ୍ମରଣ ରଖିବା ଯେ ଦିବ୍ୟକୃପା ଆମ ମଧ୍ୟରେ ସର୍ବଦା କ୍ରିୟାଶୀଳ। ସର୍ବୋତ୍ତମ ଲକ୍ଷ୍ୟ - ସମ୍ପୂର୍ଣ୍ଣ ରୂପାନ୍ତର ହାସଲ ପାଇଁ ନିଜକୁ ଦିବ୍ୟଜନନୀଙ୍କ ନିକଟରେ ସମର୍ପଣ କରିବା ଅପରିହାର୍ଯ୍ୟ।

✤

*I Salute you, my brave little soldiers, I give you my call to the rendezvous with Victory.*

***- The Mother***

# ଆମ ଲକ୍ଷ୍ୟ

ଶ୍ରୀ ପ୍ରସାଦ ତ୍ରିପାଠୀ

ଥରେ ଗୋଟିଏ ଗୋଷ୍ଠୀରେ ବସି ଆଲୋଚନା କଲାବେଳେ ହଠାତ୍ ମୋ ଭିତରେ ଗୋଟିଏ ଆଗ୍ରହ ଆସିଲା, କହିଦେଲି, ଭାଇମାନେ ଆଜି ସକାଳୁ ମୁଣ୍ଡଟା କାହିଁକି ଭାରି ବିନ୍ଧୁଛି। ତା'ପରେ ଆରମ୍ଭ ହୋଇଗଲା-

"ଆପଣ ଟିକେ ଗରମ ପାଣିରେ ମହୁ ପକାଇ ଖାଆନ୍ତୁ।"

"ସକାଳୁ ଉଠି ଖାଲିପେଟରେ ଲୁଣ ଟିକିଏ ପାଟିରେ ପକାଇ କିଛି ସମୟ ଚାଲନ୍ତୁ।"

"ସଦାବିହାରୀ ରସ ଟିକେ ନାକରେ ପକାଇ ଦିଅନ୍ତୁ।"

"ପାରାସିଟାମଲ ବଟିକାଟିଏ ଖାଇ ଦେଉନାହାନ୍ତି। ଫଟ୍ କରି ବନ୍ଦ ହୋଇଯିବ।"

"ଜିଭ ତଳେ ୟୁଜେସିକ୍ ଟାବଲେଟ୍‌ଟିଏ ରଖିଦିଅନ୍ତୁ।"

"ନାଇଁ ଆଜ୍ଞା ଭର୍ଟାଇଗୋ ହୋଇଥିବ- ମୋର ସେମିତି ହେଉଥିଲା। Vertin 16 ଦିନର ଦୁଇଥର ଖାଇ ଦିଅନ୍ତୁ ନା। ସାତ ଦିନ ଖାଇଦେଲେ ପୁରା ବଞ୍ଚିଥିବା ଯାଏ ମୁଣ୍ଡ ବିନ୍ଧିବ ନାହିଁ।"

"ସେମିତି ପିଲାଳିଆ କଥା ହୁଅ ନାହିଁ। ଆମର ସବୁ ବୟସ ହୋଇଗଲାଣି। ତେଣୁ ମୁଁ ଭାବୁଛି ବ୍ରେନ୍ ସ୍କାନିଂ କରିଦେଲେ ଭଲ ହୁଅନ୍ତା।"

ଏ ସବୁ ଶୁଣିଲା ପରେ ଆପଣଙ୍କର ମୁଣ୍ଡର ଅବସ୍ଥା କ'ଣ ହୋଇଥିବ ? ରକ୍ଷା ହୋଇଛି ମୋର ସତରେ ବିନ୍ଧୁ ନଥିଲା-ନଚେତ୍ ସତରେ ଅବସ୍ଥା ସାଘାତିକ ହୋଇଥାନ୍ତା।

ଏହାର କାରଣ ହେଲା, ଆମ ଭାରତୀୟମାନେ ସମସ୍ତେ ଗୋଟିଏ ଗୋଟିଏ ଡାକ୍ତର। ସ୍ୱାସ୍ଥ୍ୟ ସଚେତନ ନଥିଲେ ବି ଚଳିବ ମାତ୍ର ପରାମର୍ଶ ଦେବାରେ ଊଣା ନାହିଁ। ଯେପରି ମୋବାଇଲ ବାହାରିଲା ପରେ ସମସ୍ତେ ଗୋଟିଏ ଗୋଟିଏ ଫଟୋ ଗ୍ରାଫର ହୋଇଗଲେ। ଠିକ୍ ସେମିତି ପରାମର୍ଶ ଦେବାବେଳେ ସମସ୍ତେ ସ୍ୱାସ୍ଥ୍ୟ ସଚେତନ ମାତ୍ର ନିଜ ଉପରେ ପଡିଲା ବେଳକୁ ଏହି ସଚେତନତା ରହେ ନାହିଁ।

ସ୍ୱାସ୍ଥ୍ୟ ସମ୍ପର୍କରେ ଆମର ଧାରଣା ଅତ୍ୟନ୍ତ ଅସ୍ପଷ୍ଟ। କେହି ରୋଗ ମୁକ୍ତ ରହିବାକୁ, କେହି ଏକ ସୁନ୍ଦର, ସମତୁଲ ଶରୀରରେ ରହିବାକୁ, କେହି ଆଦୌ ଔଷଧ ସେବନ ନକରିବାକୁ ହିଁ ସ୍ୱାସ୍ଥ୍ୟର ସଂଜ୍ଞା ବୋଲି କହିଥାନ୍ତି। ମାତ୍ର ପ୍ରକୃତରେ ସ୍ୱାସ୍ଥ୍ୟ ହେଉଛି ଆଧ୍ୟାତ୍ମିକ ଧାରାରେ ଯଦି ଆମେ ବିଚାର କରୁ ତେବେ ବ୍ୟକ୍ତିର ମନ, ପ୍ରାଣ ଓ ଶରୀରକୁ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବାପାଇଁ ସୁଯୋଗ ଦେବା।

ଅର୍ଥାତ୍ ବର୍ତ୍ତମାନ ଆମ୍ଭମାନଙ୍କର ମନ, ପ୍ରାଣ ଓ ଶରୀର ଅହଙ୍କାର ଦ୍ୱାରା ପରିଚାଳିତ ହେଉଛନ୍ତି ଏବଂ ସେଥିପାଇଁ ଅସୁସ୍ଥ ହେଉଛନ୍ତି। ଯେତେବେଳେ ସେମାନେ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବେ ସେତେବେଳେ ଏକ ସମ୍ପୂର୍ଣ୍ଣ ପବିତ୍ର, ଶୁଦ୍ଧ ଚେତନା ଦ୍ୱାରା ଆମର ସମସ୍ତ ବାହ୍ୟଚେତନା ପରିଚାଳିତ ହେବେ ଏବଂ ସେତେବେଳେ ସୁସ୍ଥ ରହିବା ଏକ ଅନିବାର୍ଯ୍ୟ ବିଷୟ ହୋଇଯିବ। ଆଉ ସୁସ୍ଥ ରହିବାକୁ ଉଦ୍ୟମ କରିବାକୁ ପଡିବ ନାହିଁ।

ବର୍ତ୍ତମାନ ସମାଜରେ ସୁନ୍ଦର ଏବଂ Handsom ଦିଶୁଥିବା ବ୍ୟକ୍ତିଙ୍କୁ ସୁସ୍ଥ ବୋଲି ବୁଝାଯାଏ। ମାତ୍ର ତାହା ସମ୍ପୂର୍ଣ୍ଣ ଭୁଲ। ସହରର କୌଣସି ଗୋଟିଏ ଇଂରାଜୀ ମାଧ୍ୟମ ଶିକ୍ଷାକେନ୍ଦ୍ରରେ ଦେଖିଲେ ପିଲାମାନେ ଖୁବ୍ ଫିଟ୍‌ଫାଟ୍, ସ୍ମାର୍ଟ, ପରିଷ୍କାର ପରିଚ୍ଛନ୍ନ ଦେଖାଯିବେ। ମାତ୍ର ପ୍ରାୟ ସମସ୍ତେ ଅସୁସ୍ଥଥିବେ ମାତ୍ର ଗାଁ ଗଣ୍ଡାର ଅତ୍ୟନ୍ତ ମଳିମୁଣ୍ଡିଆ ପିଲାଟିଏ ଆଦୌ ସ୍ମାର୍ଟ ଲାଗୁନଥିବ ମାତ୍ର ବେଶ୍ ସୁସ୍ଥ, ଖୁସୀ ଏବଂ ପୂର୍ଣ୍ଣ ତାରୁଣ୍ୟରେ ଥିବ।

ମା' କହିଲେ, ଭୟହିଁ ଅଧିକାଂଶ ରୋଗର କାରଣ। ପ୍ରାୟ ଶତକଡ଼ା ନବେ ଭାଗ ଲୋକ କେବଳ ଭୟର ଶୀକାର ହୁଅନ୍ତି ଏବଂ ସେଥିପାଇଁ ରୋଗଗ୍ରସ୍ତ ହୁଅନ୍ତି। ଆଉ ପୁଣି ମା' କହିଲେ, ତୁମେ ଯେତେ ଅଧିକ ଶରୀର ସମ୍ପର୍କରେ ବ୍ୟସ୍ତ ରହିବ, ସେତେ ଅଧିକ ଅସୁସ୍ଥ ହେବ। The more you concentrate on your health, the more you are ill ତେଣୁ ଶରୀର ଉପରେ ବା ସ୍ୱାସ୍ଥ୍ୟ ଉପରେ ଅଧିକ ଏକାଗ୍ର ନହୋଇ ଯେଉଁ କର୍ମରେ ନିୟୋଜିତ ହୋଇଛ ତା' ଉପରେ ଏକାଗ୍ର ହୁଅ। ଆଉ ଗୋଟିଏ ବାଣୀ ମା' କହିଛନ୍ତି, ଯେତେଦିନ ଯାଏ ତୁମର ଶରୀର ଅଛି, ସେତେଦିନ ପର୍ଯ୍ୟନ୍ତ ତୁମେ ସାଧନା କରିପାରିବ, ଶରୀର ଚାଲିଗଲେ ଆଉ ସାଧନା ପ୍ରଶ୍ନ ଉଠିବ ନାହିଁ।

ଆମେ ସମସ୍ତେ ଜାଣୁ ପ୍ରତ୍ୟେକ ବ୍ୟକ୍ତିର ସବୁଠାରୁ ବଡ଼ ଭୟ ହେଲା ମୃତ୍ୟୁ। ଅର୍ଥାତ୍ କାହାରି ମୃତ୍ୟୁ ଖବର ପାଇଲେ ଆମେ ହଠାତ୍ ଟିକେ ବିବ୍ରତ ହୋଇଯାଉ। ନିଜକୁ ଦେଖୁ- କାହିଁ ମୁଁ ମରିନି ତ ? ତୁମେ ଡରିଲେ ଶୀଘ୍ର ମରିଯିବନି କି ନ ଡରିଲେ ବେଶୀ ଦିନ ବଞ୍ଚିବ ନାହିଁ। ଗୋଟିଏ ଇଂରାଜୀ କବିତା ପଢ଼ିଥିଲି -ମୋର ପଙ୍‌କ୍ତିଗୁଡ଼ିକ ମନେନାହିଁ- ମାତ୍ର ଓଡ଼ିଆରେ ଏହିଭଳି-

"ରାତିରେ ଶୋଇବା ପୂର୍ବରୁ ଆଖିରୁ ଚଷମା କାଢ଼ିଲି, ପାଟିରୁ ଦାନ୍ତ କାଢ଼ି ରଖିଲି, କାନରୁ ଶୁଣିବା ଯନ୍ତ୍ର କାଢ଼ି ରଖିଲି। ଆଉ କାଳେ କ'ଣ ରହିଯାଇଛି କି ନାହିଁ ତାକୁ ଖୋଜିଲି। ଦେଖିଲି ଆଉ କିଛି ନାହିଁ। ତା'ପରେ ଶୋଇପଡ଼ିଲି। ସକାଳୁ ଉଠି ଆଗେ ଖବରକାଗଜରେ ଶ୍ରଦ୍ଧାଞ୍ଜଳି ପୃଷ୍ଠା ଖୋଜିଲି ଦେଖିଲି ଯଦି ସେଥିରେ ମୋ ଫଟୋ ନାହିଁ ତେବେ ବଞ୍ଚିଛି ବୋଲି ଜାଣିଲି ଏବଂ ଜଳଖିଆ ଖାଇ ଆନନ୍ଦରେ ଡେଇଁଲି।"

ଆଶ୍ରମର ବିଶିଷ୍ଟ ସାଧକ ଦିବଂଗତ ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କୁ ୮୦ ବର୍ଷ ହେଲା ବେଳେ ଆଶ୍ରମର ପିଲାମାନେ ତାଙ୍କୁ celebrate କରିବାପାଇଁ ମା'ଙ୍କଠାରୁ ଅନୁମତି ମାଗିଲେ। ମା କହିଲେ, କ'ଣ ହେଲା- ମୁଁ ତାଙ୍କୁ ତା'ର ବୟସ ଭୁଲାଇବାକୁ ଚେଷ୍ଟା କରୁଛି ମାତ୍ର ତୁମେ ତାଙ୍କୁ ମନେ ପକାଇବା ପାଇଁ ଉଦ୍ୟମ କରୁଛ।

ଆମର ସ୍ୱାସ୍ଥ୍ୟ ଯେ ଆମ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆମେ ବୟସ୍କ ହେଲାପରେ ଅନୁଭବ କରୁ। ମା' କହିଲେ, I have seen young people of 70 years and old people of 20 years. ପ୍ରକୃତରେ ଆମେ ଖୁବ୍ ପିଲାବେଳୁ ବୟସ୍କ ହୋଇଯାଉଛୁ ତା'ର କାରଣ ଅନ୍ୟ ଯାହା କିଛି ହେଉ କି ନାହିଁ ମୋବାଇଲ ମୁଖ୍ୟ। ସମସ୍ତ outdoor game ପାୟତଃ ବନ୍ଦ ହୋଇଗଲାଣି। ଖୁବ୍ ଅଳ୍ପ ଆଗ୍ରହୀ କିଛି ଖେଳୁଛନ୍ତି। ଏବେ ପ୍ରଚୁର Morning walk ଚାଲିଛି। ମାତ୍ର ତାହା ଡାକ୍ତରଙ୍କ ତାଡ଼ନାରେ ବା ଭୟରେ Morning walk ନକଲେ ସୁଗର କମିବ ନାହିଁ। ଆନନ୍ଦରେ Morning walk ନାହିଁ ଆଉ ଯଦିବା କେତେଜଣ ଆନନ୍ଦରେ କରୁଛନ୍ତି ସେମାନେ ଦଳ ଦଳ ହୋଇ ବଡ଼ ଗମାତ୍‌ରେ ଚାଲୁଛନ୍ତି। କୋଉ ମର୍ଣ୍ଣିଂ ବା ଇଭିନିଙ୍ଗ କିଛି ୱାକ୍ ହେଉ ନାହିଁ।

ସ୍ୱାସ୍ଥ୍ୟ ଏକ ଅତ୍ୟନ୍ତ ମୂଲ୍ୟବାନ ବସ୍ତୁ। ଆମ ଶରୀରର ଖାଲି ନୁହେଁ ପ୍ରାଣିକ ସ୍ୱାସ୍ଥ୍ୟ ଏବଂ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ସମ୍ପୂର୍ଣ୍ଣ ବା ସାମଗ୍ରିକ ସୁସ୍ଥ ରହିବା କଥା କେବେ ଭାବୁ ତେବେ ତାହା ଶରୀର, ପ୍ରାଣ, ମନ ଏବଂ ଆତ୍ମାର ସ୍ୱାସ୍ଥ୍ୟ।

ଆମ ଜୀବନର ଲକ୍ଷ୍ୟ ରୂପାନ୍ତର। ଆଉ ସେହି ରୂପାନ୍ତର ପାଇଁ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଅପରିହାର୍ଯ୍ୟ। କାରଣ ଅସୁସ୍ଥ ବ୍ୟକ୍ତିର ରୂପାନ୍ତର ହେବା ସମ୍ଭବ ନୁହେଁ କେବଳ ଯଦି ସେ ଏକ ସାମଗ୍ରିକ ସ୍ୱାସ୍ଥ୍ୟର ଅଧିକାରୀ ହେବ ତେବେ ତା' ମଧ୍ୟରେ ରୂପାନ୍ତର ସମ୍ଭବ ହେବ। ମାନବର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା - ମନୁଷ୍ୟରୁ ଅତିମାନବକୁ ଯାତ୍ରା-ତାହାହିଁ ଆମର ଲକ୍ଷ୍ୟ।

✾

*My little ones, you are the hope, you are the future. Keep always this youth which is the faculty to progress; for you the phrase "it is impossible" will have no meaning.*

***- The Mother***

# ଶ୍ରୀଅରବିନ୍ଦ ପାଠଚକ୍ରର କର୍ମୀମାନଙ୍କୁ କିପରି ସୁମନ ସ୍ୱେଚ୍ଛାସେବୀ ପାଇଁ ଚିହ୍ନଟ କରିପାରିବା

**ଶ୍ରୀମତୀ ମନୋରମା ନାୟକ**
ମାତୃଭବନ, କଟକ

ବର୍ତ୍ତମାନ ଏହି ସୁମନ କାର୍ଯ୍ୟକ୍ରମଟି ମା'ହିଁ ସରକାରଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରେଇ ନେବାର ଆହ୍ୱାନ ଦେଉଛନ୍ତି। ଏଥିପାଇଁ ପୂଜ୍ୟ ମାମୁଁ (ଶ୍ରୀ ଗଦାଧର ମିଶ୍ର)ଙ୍କର ଅବଦାନ ସମସ୍ତେ ହୃଦୟଙ୍ଗମ କରୁଥିବେ। ସମସ୍ତେ ଏ ବିଷୟରେ ଜାଣିବା ଏବଂ ସହଯୋଗ କରିବା।

ସୁମନ- ସୁରକ୍ଷିତ ମାତୃତ୍ୱ ଆଶ୍ୱାସନା। ମା' କହୁଛନ୍ତି- ନାରୀର ଯଥାର୍ଥ କ୍ଷେତ୍ର ହେଉଛି ଆଧ୍ୟାତ୍ମିକତା। ଏକ ନୂତନ ଚେତନା ଓ ନୂତନ ଜୀବନର ପ୍ରକାଶ ପାଇଁ ନିଜକୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଆମେ ଏଠାରେ ରହିଛୁ। ନୂତନ ଜାତିର ପ୍ରଥମ ନମୁନାକୁ ଏହି ପୃଥିବୀରେ ଜନ୍ମଦେବା ହେଉଛି ତା'ର ସ୍ୱତନ୍ତ୍ର କାର୍ଯ୍ୟ। ନାରୀ ହିଁ ଅତିମାନବକୁ ଜନ୍ମ ଦେବ। ଏହି କାର୍ଯ୍ୟଟି ନାରୀ ଉପରେ ହିଁ ନ୍ୟସ୍ତ କରାଯାଇଛି।

ମହାକାବ୍ୟ ସାବିତ୍ରୀର ଗୋଟିଏ ଧାଡ଼ି "A greater being saw a greater world." ତେଣୁ ଆମର ଲକ୍ଷ୍ୟ ଯେତେ ମହାନ୍ ହୋଇଉଠିବ ଆମ୍ଭମାନଙ୍କର ପ୍ରସ୍ତୁତି ମଧ୍ୟ ସେତିକି ମହାନ୍ ହେବାରେ ଲାଗିବ।

ମା'ଙ୍କର ଅସୀମ କୃପା। ପୂଜ୍ୟ ବାବାଜି ମହାରାଜଙ୍କ ପ୍ରେରଣା ଗ୍ରାମେ ଗ୍ରାମେ ପୁରେ ପୁରେ ମା'ପ୍ରଭୁଙ୍କର କଥା ପହଞ୍ଚାଇବା। ପ୍ରାଥମିକ ଅବସ୍ଥାରେ ନୂତନ ପାଠଚକ୍ର ଗଠନ ପାଇଁ ଦର୍ଶନ ଦିନ ମାନଙ୍କରେ ପଣ୍ଡିଚେରୀ ଗଲେ ପୂଜ୍ୟ ମହାରାଜଜୀଙ୍କ ପାଖରୁ ମା'ଙ୍କର ଆଶୀର୍ବାଦ ପୁଷ୍ପ ସଙ୍ଗରେ ଧରି କଟକ ଫେରୁଥିଲୁ।

ସମୟକ୍ରମେ ଅନୁଭବ କଲୁ ଗୋଟିଏ ଅଟୋରିକ୍ସା ଯଦି କିଣି ନେଇ ପାରନ୍ତୁ ତେବେ ପାଠଚକ୍ର କାର୍ଯ୍ୟକ୍ରମଟି ତ୍ୱରାନ୍ୱିତ ହୋଇ ପାରନ୍ତା। ପୁଣି ଏକ ସମୟରେ ପୂଜ୍ୟ ମହାରାଜଜୀଙ୍କ ପାଖରୁ ଅଟୋରିକ୍ସା କିଣିବା ପାଇଁ ମା'ଙ୍କର ଆଶୀର୍ବାଦ ପୁଷ୍ପ ପ୍ରାପ୍ତ କଲୁ। କିନ୍ତୁ ବିଧିର ବିଧାନ ଅଟୋରିକ୍ସା କିଣିବା ପୂର୍ବରୁ ପୂଜ୍ୟ ବାବାଜି ମହାରାଜ ଶରୀର ତ୍ୟାଗ କଲେ। ମନ ବଡ଼ କଷ୍ଟ ହେଲା। ଡ଼ଃ ଶ୍ୟାମା କାନୁନ୍‌ଗୋ (ଶାମିଅପା)ଙ୍କୁ ଏକଥା ଜଣାଇଲି। ଅପା ସଙ୍ଗେ ସଙ୍ଗେ ଚେକ୍‌ଟିଏ କାଟିଦେଲେ ଅଟୋରିକ୍ସା କିଣିବାପାଇଁ। ଆରମ୍ଭ ହୋଇଗଲା ଗ୍ରାମେ ଗ୍ରାମେ ପାଠଚକ୍ର ଗଢ଼ିଉଠିବାର କାର୍ଯ୍ୟକ୍ରମ। ମାତୃଭବନର ଅପାମାନେ ଘରକାମ ସାରି ପ୍ରାୟତଃ ପ୍ରତ୍ୟେକ ଦିନ ବାହାରି ପଡ଼ନ୍ତି ନୂତନ ପାଠଚକ୍ର ଗଠନ କରିବା ପାଇଁ। ଏହି କାର୍ଯ୍ୟକ୍ରମ କିଛି ଆଗେଇଗଲା। ହେଲେ ନୂତନ ପାଠଚକ୍ର ସହିତ ବିଶେଷ ସଂଯୋଗ ସ୍ଥାପନ ହୋଇପାରିଲା ନାହିଁ।

ପରବର୍ତ୍ତୀ ଅବସ୍ଥାରେ ଚିନ୍ତାକଲୁ ୧୪ଟି ବ୍ଲକର ପ୍ରତ୍ୟେକ ପଞ୍ଚାୟତମାନଙ୍କରେ ପାଠଚକ୍ର ସଙ୍ଗଠକମାନଙ୍କୁ ପ୍ରସ୍ତୁତ କରିବା। ଏହା ଭିତରେ ଏକ ସୁଯୋଗ ଆସିଲା ପ୍ରଭୁଙ୍କର ୧୫୦ତମ ଜନ୍ମଜୟନ୍ତୀ ପାଳନ ଅବସରରେ। କଟକ ଜିଲ୍ଲାର ସର୍ବମୋଟ ୩୭୩ଟି ଗ୍ରାମପଞ୍ଚାୟତ, ୨ଟି ମ୍ୟୁନିସିପାଲ୍ଟି ୨ଟି ଏନ୍‌ଏସି।

ପୂଜ୍ୟ ମାମୁଁଙ୍କର ଏହି କାର୍ଯ୍ୟରେ ପ୍ରେରଣା, ଉତ୍ସାହ ଆମ୍ଭମାନଙ୍କୁ ଆଗକୁ ଯିବା ପାଇଁ ବାଟ ଦେଖାଇଦେଲା। ମା'ଙ୍କର ଓ ପ୍ରଭୁଙ୍କର ଫଟୋ, ମା'ଙ୍କର ଆଶୀର୍ବାଦ ପୁଷ୍ପ, ମା'ଙ୍କର ପ୍ରଭୁଙ୍କର ବାଣୀ, ପାଠଚକ୍ର ଗଠନର ଫର୍ମ ତଥା ବ୍ଲେସିଙ୍ଗସ୍ ପ୍ୟାକେଟ୍ କିପରି ଭାବରେ ପ୍ରସ୍ତୁତ ହେବ ଏବଂ ସୁରକ୍ଷିତ ଭାବରେ ଲଫାପା ଭିତରେ କିପରି ଦିଆଯିବ ଏ ସବୁର ବାଟ ବତାଇ ଦେଲେ।

୨୦୨୨ ମସିହାରେ କଟକ ଜିଲ୍ଲାର ସବୁ ପଞ୍ଚାୟତରେ ଗଢ଼ିଉଠିଲା ନୂତନ ପାଠଚକ୍ର। ଏହି କାର୍ଯ୍ୟରେ ୧୪ଟି ବ୍ଲକର ସଙ୍ଗଠକ ଅପା ଭାଇ ମାନଙ୍କର ପୂର୍ଣ୍ଣ ସହଯୋଗରେ କଟକ ଜିଲ୍ଲାରେ ପଞ୍ଚାୟତ ସ୍ତରରେ ଏକ ପୂର୍ଣ୍ଣ ରୂପ ପ୍ରକାଶ ପାଇପାରିଲା। ପୂଜ୍ୟ ମାମୁଁ ଯେତେବେଳେ କଟକ ଜିଲ୍ଲାର ଲିଷ୍ଟଟିକୁ ଦେଖିଲେ ବହୁତ ଖୁସି ହୋଇଗଲେ।

ପରବର୍ତ୍ତୀ ଅବସ୍ଥାରେ ପଞ୍ଚାୟତ ସଙ୍ଗଠକମାନଙ୍କ ସହିତ ପ୍ରାୟତଃ ସଂଯୋଗ ରହି ପାରିଲା ନାହିଁ।

ପୂଜ୍ୟ ମାମୁଁ ଆଜି ସ୍ଥୂଳ ଶରୀରରେ ନାହାନ୍ତି ସତ । କିନ୍ତୁ ସୂକ୍ଷ୍ମ ଭାବରେ ମାମୁଁ ପ୍ରତ୍ୟେକ କାର୍ଯ୍ୟରେ ଉପସ୍ଥିତ । ପୂଜ୍ୟ ବାବାଜି ମହାରାଜ, ପୂଜ୍ୟ ମାମୁଁଙ୍କର ତପସ୍ୟା ଜାରି ରହିଛି । ମା'ଙ୍କର ଆଶୀର୍ବାଦ ଝରି ପଡୁଛି । ଏକ ନୂତନ ଦିଗ ଆଖି ଆଗରେ ମା' ଖୋଲି ଦେଲେ, "SUMAN VOLUNTEER" ର କାର୍ଯ୍ୟ । ଯାହା ଫଳରେ ଆମର ପଞ୍ଚାୟତ ସ୍ତରର ପାଠଚକ୍ର ସଙ୍ଗଠକ ଅପାଭାଇମାନଙ୍କୁ ଏକାଠି କରିବାର ଏକ ସୁଯୋଗ ମା' ଆଣି ଛିଡ଼ା କରାଇଦେଲେ । ପୂଜ୍ୟ ମାମୁଁ- ମା'ଙ୍କ କାର୍ଯ୍ୟର ଯେଉଁ ବିଭିନ୍ନ ଧାରା ଓଡ଼ିଶାରେ ଗଢ଼ିତୋଳିଲେ, ଯାହା ଯାହା ପ୍ରସ୍ତୁତ କରାଇ ନେଲେ ଫଳ ସ୍ୱରୂପ ମା'ଙ୍କ କାର୍ଯ୍ୟର ଏକ ପୂର୍ଣ୍ଣରୂପ ପ୍ରକାଶ ପାଇବାପାଇଁ ପ୍ରତ୍ୟେକ କାର୍ଯ୍ୟର ଧାରା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇଗଲା । ଏଥି ମଧ୍ୟରେ କଟକ ଜିଲ୍ଲାର ୪ଟି ବ୍ଲକ- ତିଗିରିଆ, କଣ୍ଟାପଡ଼ା, ବାରଙ୍ଗ ଏବଂ ନିଆଳିରେ SUMAN VOLUNTEER Training Programme କାର୍ଯ୍ୟକାରୀ ହୋଇସାରିଛି । ଏଥିପାଇଁ ସରୋଜ ପାଣିଗ୍ରାହୀ ସାର (RMNCHA Consultant)ଙ୍କର ଅବଦାନ ପାଇଁ ମା'ଙ୍କ ପାଖରେ ଆମେ କୃତଜ୍ଞତା ଜଣାଉଅଛୁ । CDMO Officeରେ ସରୋଜ ପାଣିଗ୍ରାହୀ ସାର୍ ତାଙ୍କର ପ୍ରଚେଷ୍ଟା ଜାରି ରଖି ୧୭.୧୨.୨୪ରେ କଟକ ଜିଲ୍ଲାର ୧୪ଟି ବ୍ଲକ ପାଇଁ Official order ବାହାର କରିନେଲେ । ପରବର୍ତ୍ତୀ ଅବସ୍ଥାରେ ୧୪ଟି ବ୍ଲକ୍‌ର ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜରଙ୍କର ନାମ ଏବଂ ଫୋନ ନଂର ତାଲିକା CDMO Officeରୁ ସଂଗ୍ରହ କରିଥିଲୁ । ଏତଦ୍ ବ୍ୟତୀତ କଟକ ଜିଲ୍ଲାରେ ସମୁଦାୟ ସବ୍ ସେଣ୍ଟରଗୁଡ଼ିକ ୩୩୨ଟି ରହିଛି । ଏହାର ତାଲିକା ମଧ୍ୟ ସଂଗ୍ରହ କରାଯାଇଛି । ଯାହା ଫଳରେ ପ୍ରତ୍ୟେକ ବ୍ଲକ୍‌ରେ ଆମେ କେତେଜଣ ପାଠଚକ୍ର ଅପାଭାଇମାନଙ୍କୁ SUMAN VOLUNTEER Training ଦେଇ ପାରିବା, ତାହା ଜାଣିପାରିବୁ ।

ଏତଦ୍ ବ୍ୟତୀତ ଯେତେବେଳେ ଆମେ ପ୍ରତ୍ୟେକ ବ୍ଲକ୍‌ର ପ୍ରୋଗ୍ରାମ ମ୍ୟାନେଜରଙ୍କୁ ସାକ୍ଷାତ୍ କରିଥାଉ ଟ୍ରେନିଂ ତାରିଖଟି ନିର୍ଦ୍ଧାରିତ କରିବାପାଇଁ ସଙ୍ଗରେ CDMOଙ୍କ Order ଏବଂ ପୂର୍ବତନ Health Secretary Shalini Pandit, IAS Date 23.04.24ରେ Sri Prasad Tripathy- Secretary, NLET, Odishaଙ୍କୁ ଏକ Letter issue କରିଥିଲେ ଯେଉଁଥିରେ କି Different health Programmes & Schemes ସହିତ SUMAN VOLUNTEER Training Programmeର ସୁବିଧା ଦର୍ଶାଇଥିବା ଚିଠିଟିକୁ ଦେଖାଇଥାଉ । ପ୍ରକୃତରେ ଶାଳିନୀ ପଣ୍ଡିତ ମ୍ୟାଡାମ୍‌ଙ୍କର ସରକାରଙ୍କ ତରଫରୁ ଏହି ଯେଉଁ ଅବଦାନ, ଆମ୍ଭେମାନେ ସମସ୍ତେ ତାଙ୍କ ପାଖରେ କୃତଜ୍ଞତା ଜଣାଉଛୁ ।

ମାତୃବାଣୀ ପ୍ରଥମ ଭାଗ ପୁସ୍ତକରେ ମା' କହୁଛନ୍ତି, ଆମ୍ଭେମାନେ ସମସ୍ତେ ପୂର୍ବଜନ୍ମରେ ଏକତ୍ର ମିଳିତ ହୋଇଥିଲୁ ନହେଲେ ଏ ଜନ୍ମରେ କେବେବି ଆମ୍ଭେମାନେ ଏକତ୍ର ହୋଇ ପାରିନଥା'ନ୍ତୁ । ଆମ୍ଭେମାନେ ସମସ୍ତେ ଗୋଟିଏ ପରିବାରରେ ଯୁଗଯୁଗାନ୍ତରରୁ ଭଗବାନଙ୍କ ବିଜୟ ଏବଂ ଜଗତ୍‌ରେ ତାଙ୍କର ପ୍ରକାଶ ନିମିତ୍ତ କାର୍ଯ୍ୟ କରି ଆସିଛୁ ।

ଏଥିପାଇଁ ମା'ଙ୍କ ପାଦପଦ୍ମରେ ସମଗ୍ର ଓଡ଼ିଶାର ମାତୃପ୍ରେମୀ ଭାଇଭଉଣୀମାନଙ୍କ ତରଫରୁ କୃତଜ୍ଞତା ଜଣାଉଛି । ମା' ଭଗବତୀଙ୍କର କାର୍ଯ୍ୟ ବିଶ୍ୱକୁ ପରିପ୍ଲାବିତ କରୁ । ମା'ଙ୍କର ବିଶ୍ୱରେ ଜୟ ହେଉ ।

✾

*From the body will have learnt the art of ever progressing towards a growing perfection, one will have gone a long way towards conquering the fatality of death.*

***- Mother***

# SRI AUROBINDO MEDICAL ASSOCIATION CONFERENCE, KRUPAZONE (DHENKANAL - ANGUL)

**୧୧.୦୧.୨୦୨୫:**

ପ୍ରାରମ୍ଭରେ ମହାନଦୀ କୋଇଲା ନିଗମ ଏରିଆର ପ୍ରାଥମିକ ଚିକିତ୍ସକ ବନ୍ଧୁଗଣ ଆମ୍ବୁଲାନ୍ସ ସହ ଆମ ଗହଣରେ ପହଞ୍ଚିଥିଲେ ଏବଂ ପ୍ରାଥମିକ ଚିକିତ୍ସାର ଘରୋଇ ଉପଚାର ଦେଖାଇଥିଲେ। ଶ୍ରୀଯୁକ୍ତ ଦୀନବନ୍ଧୁ ବାବୁ ହୃଦ୍‌ଘାତର ଘରୋଇ ଉପଚାର ସମ୍ବନ୍ଧେ ଅତି ଚମତ୍କାର ଭାବେ ଡେମୋ ଦେଖାଇ ବୁଝାଇଥିଲେ।

ଡାକ୍ତର ମଦନ ମୋହନ ପ୍ରଧାନ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍‌ର Aims & Objectives ବିଷୟରେ ସମ୍ୟକ୍ ସୂଚନା ଦେଲେ। ସୂଚନାଟି ଏହିପରି - ପୂର୍ଣ୍ଣାଙ୍ଗ ଶିକ୍ଷା, ଶ୍ରୀଅରବିନ୍ଦଙ୍କର ଯୋଗ ବ୍ୟକ୍ତିଗତ ଯୋଗ ନୁହେଁ, ସମସ୍ତଙ୍କୁ ନେଇ ଯୋଗ। ଅତିମାନସ ଯୋଗ। ଦଶକର୍ମଧାରା ବିଷୟରେ ସମ୍ୟକ୍ ଧାରଣା ଦେଲେ ପାଠଚକ୍ର , କଳା, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି।

ପ୍ରଥମେ ଡାକ୍ତର ଚୈତନ୍ୟଭାଇ ନିଜର ବକ୍ତବ୍ୟ ପ୍ରଦାନ କଲେ। ପ୍ରଫୁଲ୍ଲ ଭାଇ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସେ କହିଲେ, Health is Wealth କିନ୍ତୁ ଆମେ Wealth is Healthରେ ବଞ୍ଚୁଛନ୍ତି।

**ଡ. ପୂର୍ଣ୍ଣିମା –** ଅନୁଗୁଳ ମେଡିକାଲ ରେ କାର୍ଯ୍ୟରତା ସେ ତାଙ୍କ ବକ୍ତବ୍ୟରେ ସରକାରଙ୍କର ସ୍ୱାସ୍ଥ୍ୟ ଯୋଜନା ବିଷୟରେ କହିଥିଲେ। ବର୍ତ୍ତମାନ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଅନୁଯାୟୀ ପବ୍ଲିକ୍ ହେଲଥକୁ କିପରି ଗୁରୁତ୍ୱ ଦିଆଯାଉଛି ସେ ବିଷୟରେ କହିଥିଲେ। ପ୍ରାଥମିକ ସ୍ତରରେ ଆଶା କର୍ମୀ, ଅଙ୍ଗନୱାଡ଼ି ଓ CHC ମାଧ୍ୟମରେ ରୋଗ ନିରୂପଣ କରାଯାଇପାରୁଛି। ପ୍ରତି ପଞ୍ଚାୟତ ରେ B.P., ଡାଇବେଟିସ, ଜ୍ୱର, ଝାଡା ପାଇଁ Health Care ନିଯୁକ୍ତ ଅଛନ୍ତି। ଅନୁଗୁଳ ଏବେ ମ୍ୟାଲେରିଆ ମୁକ୍ତ।

ଅନୁଗୁଳ C.D.M.Oଙ୍କ ତରଫରୁ ମାଡାମ୍ ଆସିଥିଲେ। ମଣିଷ ଛୋଟ ବେଳୁ ଯାହା ଶିଖିଥାଏ ତାହା ହେଲା ଜୀବନଶୈଳୀ ବଦଳେଇବାକୁ ପଡ଼ିବ। ପିଲାଙ୍କୁ ଜନ୍ମ ବେଳୁ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ଶିଖାଇବା, ଖେଳ କସରତ ଦ୍ୱାରା ତା'ର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା।

**ଡ. କଳ୍ପନା** - ଅନୁଗୁଳ ମେଡିକାଲର ଶିଶୁ ବିଶେଷଜ୍ଞ ତାଙ୍କ ବକ୍ତବ୍ୟ ସେ ରଖିଥିଲେ ଯେ ପିଲାଟି ବିଦ୍ୟାଳୟ ରେ ୬ ଘଣ୍ଟା ସମୟ ରହୁଛି, ତେଣୁ ଅପା ଭାଇମାନଙ୍କୁ ଟ୍ରେନିଂ ଦେଲେ ସେମାନେ ପିଲାମାନଙ୍କୁ ସଚେତନ କରାଇବେ।

**ଡ. ପ୍ରଶାନ୍ତ** - ମନୁଷ୍ୟ ସୃଷ୍ଟି ହେବା ଦିନରୁ ୪ଟି ଜିନିଷ ଖୋଜି ଚାଲିଛି। God, Freedom, Light, Immortality କିଏ ନ ଚାହିଁବ ଏହି ୪ଟି ଜିନିଷ। ଆନନ୍ଦମୟ, ସଦାମୁକ୍ତ, ଅମରତ୍ୱ ଭଗବାନଙ୍କୁ ଛାଡ଼ି ଆମେ ଡାକ୍ତର ଖୋଜୁଛୁ। ଡାକ୍ତରଙ୍କର ଅବଶ୍ୟ ଭୂମିକା ରହିଛି। ଯେତେଦିନ ପର୍ଯ୍ୟନ୍ତ ମଣିଷର ଚେତନା ଜାଗ୍ରତ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ସେ ଅଚେତନ ରହିବ।

**ଡ. ବିଶ୍ୱଜିତ୍ ସାମଲ** (ଅନୁଗୁଳ) - ରୋଗର ସୃଷ୍ଟି କେଉଁଠି ହେଉଛି ? ପରିବେଶରେ ଯାହା ହେଉଛି ତଥା ଡାଇବେଟିସ,ଖାଦ୍ୟ, ନିଃଶ୍ୱାସ ନେବା, ଏଥିପାଇଁ ଆମେ ସବୁ ଦାୟୀ। ମଣିଷର ଯେତେ ଉନ୍ନତି ହେଉଛି, ସେତିକି ପଛକୁ ଯାଉଛି।

**ଡ. ବିନୋଦ –** ତାଙ୍କର ବକ୍ତବ୍ୟ ରଖିଥିଲେ। ଶେଷରେ ଅକ୍ଷୟ କୁମାର ବିଶ୍ୱାଳ (ଅନୁଗୁଳ) ଓ ତାଙ୍କର ସମସ୍ତ ବନ୍ଧୁ ମାନଙ୍କୁ ଆମ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିବାରୁ ମା' ଓ ଶ୍ରୀଅରବିନ୍ଦଙ୍କ ଚରଣ ତଳେ ଶତ କୃତଜ୍ଞତା ଜ୍ଞାପନ କଲେ। ।

ଘ.୨.୩୦ ମି. ରୁ ଘ. ୪.୦୦ ମି. - ଡାକ୍ତର ମଦନ ମୋହନ ପ୍ରଧାନ ଦ୍ୱିତୀୟ ଅଧିବେଶନ କାର୍ଯ୍ୟକ୍ରମ ଆରମ୍ଭ କଲେ।

**ବିଷୟ – (ସ୍ୱାସ୍ଥ୍ୟ, ସଙ୍ଗତି ଓ ଚେତନା)**

ପାନେଲିଷ୍ଟ - ଡ. ରେଣୁବାଳା ସାମଲ (ଡେରା, ଅନୁଗୁଳ) ନଳିନୀ କାନ୍ତ ପ୍ରଧାନ (ଢେଙ୍କାନାଳ) ପ୍ରଦୀପ ଦାସ (ଅନୁଗୁଳ) ଡ. କଳ୍ପନା ଜେନା (ସ୍ତ୍ରୀ ରୋଗ ବିଶେଷଜ୍ଞ) ଓ ଡ.ପ୍ରଶାନ୍ତ (ରାଉରକେଲା)।

** School Health Service and Govt. Support and Suman Volunteers by Saroj Panigrahi - ତାଙ୍କ ବକ୍ତବ୍ୟ ରେ ସେ କହିଥିଲେ ଘରୋଇ ବିଦ୍ୟାଳୟକୁ ସ୍ୱାସ୍ଥ୍ୟ

ବିଭାଗ ସହିତ ସେ ସଂଯୋଗ କରିବା। ବର୍ତ୍ତମାନ ୫୬୭ ଟି ବିଦ୍ୟାଳୟ ୫୦ ହଜାରରୁ ଊର୍ଦ୍ଧ୍ୱ ପିଲାମାନଙ୍କୁ ନେଇ କାର୍ଯ୍ୟକ୍ରମ ଚାଲୁଅଛି। କିନ୍ତୁ ଆପଣମାନଙ୍କଠାରୁ ସେମିତି ସହଯୋଗ ପାଉନୁ। ଆପଣ ମାନଙ୍କ ପାଇଁ ପ୍ରୋଗ୍ରାମ କେତେ କ'ଣ ହୋଇଛି ତଥାପି ଫଳପ୍ରଦ ହୋଇପାରୁନାହିଁ, ପ୍ରତ୍ୟେକ ସ୍କୁଲର ଶ୍ରଦ୍ଧା ଟ୍ରେନିଂ ପାଇଁ ଉଭୟ ପୁଅ ଓ ଝିଅକୁ ପଠାଇବାର ଅଛି। ପ୍ରତ୍ୟେକ ଝିଅମାନଙ୍କ ଅଙ୍ଗନଓ୍ୱାଡ଼ି କେନ୍ଦ୍ରରୁ ୬ ଟଙ୍କା ହିସାବରେ ଓ୍ୱାନ୍ ପ୍ୟାକେଟ୍ 'ଖୁସି' ପ୍ୟାଡ୍ କ୍ରୟକରିପାରିବେ। ଆଶା କର୍ମୀଠାରୁ ଆଣିପାରିବେ। ବର୍ତ୍ତମାନ ହିସାବ ଅନୁଯାୟୀ ଶହେ ଝିଅ ମଧ୍ୟରୁ ୬୫ ଜଣ ରକ୍ତହୀନତା ଓ ପୁଅ ଶହେ ରୁ ୩୦ ଜଣ ରକ୍ତହୀନତା। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପିଙ୍କ୍ ବଟିକା ଷଷ୍ଠରୁ ଦଶମ ବ୍ଲୁ ବଟିକା ପ୍ରତି ସପ୍ତାହର ସୋମବାର ଦିଆଯାଉଛି। ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ମାଗଣା ଉପଲବ୍ଧ।

**ନଟବର ରାଉତ –** କରିବା ଆମେ ଅମୃତ ଚାଷ, ହଟାଇ ଦେବା ବିଲରୁ ବିଷ। କଦଳୀ, ଅମୃତଭଣ୍ଡା, କଲରା, କାକୁଡି କିପରି ନିଜ ବାଡ଼ିରେ ଲଗାଇବା ଓ ବୃକ୍ଷରୋପଣ କରି ପ୍ରଦୂଷଣ ମୁକ୍ତ କରିବା ସେ ବିଷୟରେ ଆଲୋଚନା କରିଥିଲେ। ତତ୍ ପରେ ଡେରା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସୁନ୍ଦର ଭାବରେ ପରିବେଷଣ କରି ଅତିଥିମାନଙ୍କୁ ମନ୍ତ୍ର ମୁଗ୍ଧ କରିଦେଇଥିଲା। ମାତୃ ସଙ୍ଗୀତ ସହ ଅଦ୍ୟ ଦିବସର କାର୍ଯ୍ୟକ୍ରମକୁ ଶେଷ କରାଗଲା ଓ ସମସ୍ତେ ରାତ୍ରି ଭୋଜନ କରି ବିଶ୍ରାମ କଲେ।

ପ୍ରଥମ ଅଧିବେଶନରେ ଡ. ଅଧିର ସାହୁ ଏବଂ ଡ. ନଟବର ରାଉତ ଔଷଧୀୟ ବୃକ୍ଷ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ ଏବଂ ତା' ସହିତ ସେଗୁଡ଼ିକର ଚିତ୍ରପଟ୍ଟ ଦେଖାଇଥିଲେ। ଏହି ଚିତ୍ରପଟ୍ଟକୁ ଦେଖାଇବାରେ ଡାକ୍ତର ଦ୍ୱୟଙ୍କୁ ସହଯୋଗ କରିଥିଲେ ଆମ ଅନୁଷ୍ଠାନର ବିଜ୍ଞାନ ଶିକ୍ଷକ ଶାନ୍ତନୁ ପ୍ରଧାନ। ସେହି ବୃକ୍ଷଗୁଡ଼ିକୁ ଆମେ ଅତି ସହଜରେ ଘର ତଥା ବିଦ୍ୟାଳୟଗୁଡିକରେ ଲଗାଇ ପାରିବା ଯାହାକି ଆମ ଦୈନନ୍ଦିନ ଜୀବନରେ ଆବଶ୍ୟକ ହେବ।

୧୧.୦୧.୨୦୨୫ରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ବ୍ରଜକିଶୋର ପ୍ରଧାନ ଅସୁବିଧାବଶତଃ ଆସି ପାରିନଥିବାରୁ ତା ୧୨.୦୧.୨୦୨୫ ସମୟ ୧୨.୦୦ ଘଟିକାରେ ଆସିଥିଲେ। ଶ୍ରୀଯୁକ୍ତ ବିଧାୟକ ଗଛ ଲଗାଇ ତାଳଚେରକୁ ପ୍ରଦୂଷଣ ମୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

**ବିପିନି ବିହାରୀ କର –** ଖାଦ୍ୟ ଦୂଷିତ ହେବା, ମୂର୍ଚ୍ଛା ରୋଗ, ସାପ କାମୁଡ଼ିଲେ ପ୍ରଥମେ କଣ କରିବେ ଇତ୍ୟାଦି ପ୍ରାଥମିକ ଚିକିତ୍ସା ସମ୍ପର୍କରେ ବିସ୍ତୃତ ଭାବରେ କହିଥିଲେ। ଏହାପରେ ମା'ଙ୍କ ମ୍ୟୁଜିକ ସହ ଦ୍ୱିତୀୟ ଅଧିବେଶନ କାର୍ଯ୍ୟ ଶେଷ ହୋଇଥିଲା।

ଅପରାହ୍ନ ୪.୩୦ ମି.ରେ ସମସ୍ତଙ୍କୁ ମା'ଙ୍କ ବାଣୀ ପ୍ରଦାନ କରିବା ସହ କାର୍ଯ୍ୟକ୍ରମଟିକୁ ମା'ଙ୍କ ପଦ୍ମପାଦରେ ସମର୍ପଣ କରାଯାଇଥିଲା।

- ବନ୍ଦେ ମାତରଂ-

*To know how to be reborn into a new life at every moment is the secret of eternal youth.*

***-The Mother***

# ସ୍ୱାସ୍ଥ୍ୟ କର୍ମଧାରା, ଶାନ୍ତି ମଣ୍ଡଳ (ସୁବର୍ଣ୍ଣପୁର, ବଲାଙ୍ଗୀର ଓ ନୂଆପଡା ଜିଲ୍ଲା) ଦ୍ୱାରା ସଞ୍ଚାଳିତ ଗତ ୧୦ ଓ ୧୧ ଅଗଷ୍ଟ ୨୦୨୪ ସୋନପୁର, ପ୍ରଥମ ମଣ୍ଡଳ ସ୍ତରୀୟ ସମ୍ମିଳନୀର ବିବରଣୀ ।

ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆମନ୍ତ୍ରିତ ଅଭିଜ୍ଞ ଚିକିତ୍ସକବୃନ୍ଦ, ବୈଜ୍ଞାନିକ ତଥା ସୁବର୍ଣ୍ଣପୁର ଜିଲ୍ଲାର ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ତାଙ୍କ ସହକର୍ମୀମାନଙ୍କୁ ସକ୍ରିୟ ସହଯୋଗ କ୍ରମେ ତଥା ଏହି କର୍ମଧାରାର ରାଜ୍ୟ ଆବାହିକା ଡାକ୍ତର ଶ୍ୟାମା କାନୁନଗୋ ଓ ଡା: ପ୍ରଶାନ୍ତ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶାନ୍ତି ମଣ୍ଡଳ ସ୍ତରୀୟ ଦୁଇ ଦିନିଆ ପ୍ରଥମ ସ୍ୱାସ୍ଥ୍ୟ ସମ୍ମିଳନୀ ଓ ତାଲିମ ଶିବିର, ଗତ୨୦୨୪ ବର୍ଷ ଅଗଷ୍ଟ ୧୦ ଓ୧୧ ତାରିଖ ଦୁଇଦିନ, ସୋନପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ସମ୍ମିଳନୀର ଶୀର୍ଷକ ଥିଲା 'ଏକ ନୂତନ ଜୀବନ'।

ତା୧୦.୦୮.୨୦୨୪ରିଖ ସକାଳ ଘ୯.୩୦ଟା ସମୟରେ ଦିବ୍ୟ ଜନନୀଙ୍କୁ ଆବାହନ, ପ୍ରଦୀପ ପ୍ରଜ୍ୱଳନ ସହ ଉଦଘାଟନ କରିଥିଲେ, ସୋନପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷା ସୁଶ୍ରୀ ରେଣୁକା ମିଶ୍ର ଓ ଡାକ୍ତର ମଦନମୋହନ ପ୍ରଧାନ। ଏହି ଅବସରରେ ଅବସର ପ୍ରାପ୍ତ ରିଡର ଡ: ଜ୍ୟୋତି ରଞ୍ଜନ ବହିଦାର, ସମ୍ମିଳନୀର ଉଦ୍ଦେଶ୍ୟ ଓ ଶିକ୍ଷାକେନ୍ଦ୍ରର ଶିକ୍ଷକ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ 'ନୂତନ ଜୀବନ'ର ପ୍ରାସଙ୍ଗିକତାକୁ ନେଇ ଆଲୋଚନା କରିଥିଲେ।

ପ୍ରାରମ୍ଭିକ ଆଲୋଚକ ରୂପେ ଡ଼ା: ଅରବିନ୍ଦ ମହାପାତ୍ର ସ୍ଥାନୀୟ ଜିଲ୍ଲା ହସ୍ପିଟାଲର ପ୍ରସୂତି ବିଭାଗ ମୁଖ୍ୟ ଓ ସୁଶ୍ରୀ ଇନ୍ଦୁରେଖା ବେହେରା, ମୁଖ୍ୟ ସେବିକାଙ୍କ ଆଲୋଚନା ପରେ ବିଶେଷଜ୍ଞ ରୂପେ ଡ଼: ସୁଜାତା ଦାସ ମତ ବ୍ୟକ୍ତ କରିଥିଲେ ଓ ଏହାପରେ ଡ଼: ପ୍ରକାଶ ଦଣ୍ଡସେନା ବିଶଦ ବ୍ୟାଖ୍ୟାନ କରିଥିଲେ।

ଦ୍ୱିତୀୟ ଅଧିବେଶନରେ 'ସାମଗ୍ରିକ ଶିଶୁ ଯତ୍ନ ଓ ସଚେତନ ଅଭିଭାବକ' ବିଷୟରେ ପୂର୍ବଭଳି ଆଲୋଚନା କରିଥିଲେ, ଡ଼: ରେଣୁବାଳା ସାମଲ, ଡ଼: ପ୍ରଶାନ୍ତ ପାତ୍ର, ସୁଶ୍ରୀ ମଞ୍ଜୁଲତା ସ୍ୱାଇଁ ଓ ଶ୍ରୀ ବିଜୟ ନାଏକ।

ତୃତୀୟ ଅଧିବେଶନରେ 'ସଚେତନ ଜୀବନ' ବିଷୟରେ ପର୍ଯ୍ୟାୟ କ୍ରମେ ଡ଼:ରମେଶ ଚନ୍ଦ୍ର ସ୍ୱାଇଁ, ଡ଼: ରେଣୁବାଳା ସାମଲ, ସସ୍ମିତା ପଣ୍ଡା, ଟଙ୍କଧର ବିଶ୍ୱାଳ ଓ ମଦନମୋହନ ଦାନୀ ଆଲୋଚନା କରିବା ପରେ ସବିଶେଷ ବ୍ୟାଖ୍ୟାନ କରିଥିଲେ,ଡାକ୍ତର ମଦନମୋହନ ପ୍ରଧାନ।

ଅପରାହ୍ନ ଅଧିବେଶନରେ 'ବିଦ୍ୟାଳୟ ସ୍ତରୀୟ ସ୍ୱାସ୍ଥ୍ୟ ଓ ନୂତନ ଜୀବନର ଆଭିମୁଖ୍ୟ' ବିଷୟରେ, ସି.ଡି.ପି.ଓ. ସୁଶ୍ରୀ ମଞ୍ଜୁଲତା ସ୍ୱାଇଁ, ଡ: ତୋଫାନ ପତି ବରିଷ୍ଠ ମନସ୍ତତ୍ତ୍ୱବିଦ୍,ଡ:ସରୋଜ କୁମାର ପଟେଲ, ଡ: ଚିତ୍ତରଞ୍ଜନ ତ୍ରିପାଠୀ ଓ ଡ: ମଦନମୋହନ ପ୍ରଧାନ ଆଲୋଚନା କରିଥିଲେ। ଏଥିରେ ସରକାରୀ ସ୍ତରର ଉପଲବ୍ଧ ବିଭିନ୍ନ ସୁବିଧା ବିଷୟରେ ଆଲୋଚନା ହୋଇଥିଲା।

ସାନ୍ଧ୍ୟ ଅଧିବେଶନରେ 'ସାମ୍ପ୍ରତିକ ଜୀବନ ଓ ସମାଧାନ' ବିଷୟରେ ଡ: ତୋଫାନ ପତି ଏକ ମର୍ମସ୍ପର୍ଶୀ ଭାଷଣ ଦେଇଥିଲେ ଏବଂ 'ଏକ ନୂତନ ଜୀବନ' ବିଷୟରେ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହୁ ଆଲୋକପାତ କରିଥିଲେ।

ଦ୍ୱିତୀୟ ଦିବସରେ ଉଦ୍ଭିଦ ବିଜ୍ଞାନୀ ଡ: ଅଧୀର ରଞ୍ଜନ ସାହୁ, ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ, ଲତା, ଗୁଳ୍ମର ଉପଯୋଗୀତା ଓ ଚାଷ ତଥା ରୋପଣ କରାଯିବା ଆବଶ୍ୟକତା ଆଲୋଚନା କରିଥିଲେ। ଏହା ପରେ ସ୍ୱାସ୍ଥ୍ୟ କାର୍ଡ କିପରି ପୂରଣ କରାଯିବ ତାହାର ଆବଶ୍ୟକତା ଆଲୋଚନା କରାଯାଇ ଯୋଗଦାନ କରିଥିବା ଶିକ୍ଷାକେନ୍ଦ୍ରଗୁଡ଼ିକୁ ବଣ୍ଟନ କରାଯାଇଥିଲା।

ପ୍ରାଥମିକ ଚିକିତ୍ସା ବିଷୟରେ ଶ୍ରୀଯୁକ୍ତ ବିପିନ୍ ବିହାରୀ କର ଓ ଡାକ୍ତର ପ୍ରଶାନ୍ତ କୁମାର ନନ୍ଦ ବିଶଦ ଭାବେ ବର୍ଣ୍ଣନା କରି ତାହାର ବାସ୍ତବ ପ୍ରୟୋଗ ଦେଖାଇଥିଲେ। ଏହି ବିଷୟରେ ବିଭିନ୍ନ ପ୍ରଶ୍ନ ଗୁଡ଼ିକର ଉତ୍ତର ମଧ ରଖିଥିଲେ ତଥା ଶିବିରାର୍ଥୀମାନଙ୍କୁ ଅଭ୍ୟସ୍ତ କରାଇବା ପ୍ରୟାସ କରିଥିଲେ। ଶିବିରାର୍ଥୀମାନଙ୍କ ଅଭିଜ୍ଞତା ବର୍ଣ୍ଣନ ପରେ ଦିବ୍ୟ ଜନନୀଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ଏହି ଦୁଇଦିନିଆ

ସମ୍ମିଳନୀର ଉଦ୍‌ଯାପନ ହୋଇଥିଲା। ୩୦ ଗୋଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସତୁରୀ ଜଣ, ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ତଥା ସୋନପୁର ଶିକ୍ଷାକେନ୍ଦ୍ର ର ଅପା ଭାଇ, ପରିଚାଳନା ସଦସ୍ୟବୃନ୍ଦ କାର୍ଯ୍ୟକ୍ରମର ସମସ୍ତ ଦିଗ, ବାସସ୍ଥାନ, ଖାଦ୍ୟପେୟ, ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦି ଦାୟିତ୍ୱ ସହ ନିର୍ବାହ କରିଥିଲେ।

ଚଳିତ ବର୍ଷ ଏହି ଶାନ୍ତି ମଣ୍ଡଳର ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଗତ ତା୧୦.୮.୨୦୨୫ ତାରିଖ ଦିନ ଏକ ଦିବସୀୟ ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତ ବର୍ଷ ଅନୁଷ୍ଠିତ ସମ୍ମିଳନୀରେ, ପ୍ରତି ଶିକ୍ଷାକେନ୍ଦ୍ର ଛାତ୍ରଛାତ୍ରୀମାନଙ୍କ ପାଇଁ ବଣ୍ଟନ ହୋଇଥିବା ସ୍ୱାସ୍ଥ୍ୟ କାର୍ଡ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ଏଥିରେ ଜିଲ୍ଲାର ସମସ୍ତ ଶିକ୍ଷାକେନ୍ଦ୍ର ଯୋଗ ଦେଇ ଥିଲେ ଏବଂ କର୍ମଧାରାର ଆବାହକ ଶ୍ରୀ ଶ୍ୟାମସୁନ୍ଦର ପଣ୍ଡା, ତାଲିମ ପ୍ରଦାନ କରିଥିଲେ ମଣ୍ଡଳ ଆବାହକ ମଦନ ମୋହନ ଦାନୀ ଭାଇଙ୍କ ସହାୟତା ଓ ଜିଲ୍ଲା ଆବାହକ ଲଳିତ ମୋହନ ପୂଜାରି ଓ ସୁଧାଂଶୁ ଲୁହା, ଶିକ୍ଷାକେନ୍ଦ୍ର ଅପାଭାଇମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ଦିବ୍ୟ ଜନନୀଙ୍କ ଜୟ ହେଉ।

✾

# ୯.୧୧.୨୦୨୪ ଓ ୧୦.୧୧.୨୦୨୪ ସତ୍ୟଜୋନ୍ SAMACONର୍ ବାର୍ଷିକ ଅଧିବେଶନ, ମାତୃଭବନ, କଟକ

୯.୧୧.୨୦୨୪ରେ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ନବଜୀବନ ଶିକ୍ଷାସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀ, ଡାକ୍ତର ମଦନ ମୋହନ ପ୍ରଧାନ ଯୋଗଦେଇଥିଲେ। ଏଥିରେ SCB ର ଅଧକ୍ଷା ଲୁସି ଦାସ ଯୋଗଦେଇ ଶିଶୁର ଜନ୍ମ ସମୟରେ ଯତ୍ନ (Congaru Mother Care) ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ରକ୍ଷାରେ ଉଦ୍ଭିଦମାନଙ୍କର ଭୂମିକା ସମ୍ପର୍କରେ ଅଧୀର ସାହୁ ଆଲୋକପତା କରିଥିଲେ।

ଦ୍ୱିତୀୟ ଦିବସରେ ଯୋଗାସନ ପରେ ଆଭା କାନୁନ୍‌ଗୋ ଆଖି ବ୍ୟାୟାମ ସମ୍ପର୍କରେ ତାଲିମ ଦେଇଥିଲେ। ଏହାପରେ ବିପିନ୍ ବିହାରୀ କର ଏବଂ ପ୍ରଶାନ୍ତ ନନ୍ଦ First Aid ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହା ପରେ ଉପସ୍ଥିତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପାମାନଙ୍କୁ ସ୍କୁଲ ହେଲ୍‌ଥକାର୍ଡ଼ Fill up ଉପରେ ପ୍ରଶିକ୍ଷଣ ଦିଆଯିବାପରେ ସେମାନଙ୍କ ସ୍କୁଲର ପିଲାଙ୍କ ସଂଖ୍ୟାନୁସାରେ କାର୍ଡ଼ ବଣ୍ଟନ କରାଯାଇଥିଲା। ଏହାପରେ ଶ୍ରୀଯୁକ୍ତ ପ୍ରଶାନ୍ତ ପାତ୍ର ପିତାମାତା ଅନିଚ୍ଛାସତ୍ତ୍ୱେ ଜନ୍ମ ହୋଇଥିବା ପିଲାମାନେ କିପରି ବିଦ୍ରୋହୀ ହୁଅନ୍ତି, ସେ ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବଶେଷରେ ଉର୍ମିଳା ରାଉତ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ୨୦୦ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ।

✾

*Remain Young, never stop striving towards perfection.*

***- The Mother***

# ସ୍ୱାସ୍ଥ୍ୟ କର୍ମଧାରା, ଆସ୍ପୃହା ମଣ୍ଡଳ (ଗଞ୍ଜାମ, ଗଜପତି,କନ୍ଧମାଳ) ଗତ ୮ ଓ ୯ ମାର୍ଚ୍ଚ ୨୦୨୫ ସୋନପର, ମଣ୍ଡଳ ସ୍ତରୀୟ ସମ୍ମିଳନୀର ବିବରଣୀ

୧. ଆସ୍ପୃହା ମଣ୍ଡଳର ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ "ସ୍କୁଲ ହେଲ୍‌ଥ କାର୍ଡ଼" ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଫର୍ମ ପହଞ୍ଚାଯାଇଥିଲା ।

୨. CDMO & PHO, Ganjamଙ୍କୁ ସାକ୍ଷାତ କରି ନିବେଦନ ଚିଠି ଦିଆଯାଇଥିଲା ଏବଂ ଉଭୟ ମହାଶୟ ସମସ୍ତ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କୁ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଜଣାଇଥିଲେ ।

୩. ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନର ଆଭିମୁଖ୍ୟ ଏବଂ ପିଲାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ପାଇଁ ଏବଂ ପରିଚାଳନା ସଭ୍ୟବୃନ୍ଦଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗୀୟ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ନିବେଦନ ପୂର୍ବକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କର୍ମକର୍ତ୍ତା, ଅଭିଭାବକ ତଥା ଅପାଭାଇଙ୍କୁ ନେଇ ଆଲୋଚନା କରାଯାଇଥିଲା ।

୪. ମାର୍ଚ୍ଚ ୮ ଏବଂ ୯ ତାରିଖ ୨୦୨୫ ମସିହାରେ ଶ୍ରୀଅରବିନ୍ଦ ଭବନ, ବ୍ରହ୍ମପୁରଠାରେ ଦୁଇଦିନ ପାଇଁ ଆସ୍ପୃହା ମଣ୍ଡଳର ମେଡ଼ିକାଲ ଆସୋସିଏସନ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ପ୍ରାୟ ୨୫୦ ଜଣ ଯୋଗ ଦେଇଥିଲେ ।

ଉକ୍ତ ସମ୍ମିଳନୀର ପ୍ରଥମ ଦିନରେ "Preparation for Physically Healthy New Born" ପ୍ରସଙ୍ଗରେ ଏବଂ ଦ୍ୱିତୀୟ ଦିନ Intergral School Health Check up and First Aid in Schools & Basic life support" ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଡ: ଶ୍ୟାମା କାନୁନ୍‌ଗୋ, ଡ: ତୋଫାନ ପତି, ଡ: ବିଜୟ କୁମାର ସାହୁ, ଡ: କରୁଣାକର ପାଢ଼ି, ଡ:ସୁରେଶ ମିଶ୍ର, ଡ: ଭାରତୀ ମିଶ୍ର, ଡ: ସଙ୍ଘମିତ୍ରା ମହାପାତ୍ର, ଡ: ସୁର କିଶୋର ମିଶ୍ର, ଡ: ବିଜୟ କୁମାର ପଣ୍ଡା, ଡ: ନିରୁପମା ଦେବୀ, ଶ୍ରୀ ପ୍ରସାଦ ତ୍ରିପାଠୀ, ଡ: କମଳା କାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ ।

୫. ୩୧.୦୭.୨୫ରେ ଶ୍ରୀଅରବିନ୍ଦ ଭବନ, ବ୍ରହ୍ମପୁରଠାରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରଯାଇଥିଲା ଏଥିରେ Health Check up & BMI Test ମଧ୍ୟ କରାଯାଇଥିଲା । କିଶୋରୀ ମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଏଥିରେ ଡ: ନିରୁପମା ଦେବୀ, ଡ: ଭାରତୀ ମିଶ୍ର, ଡ: ସଙ୍ଘମିତ୍ରା ମହାପାତ୍ର, ଡ: ବନିତା ପଣ୍ଡା, ଡ: ଇନ୍ଦିରା ପୋଲୋ, ଡ:କମଳାକାନ୍ତ ପାଣିଗ୍ରାହୀ, ଡ: ସଙ୍ଘମିତ୍ରା ପାଢ଼ି ପ୍ରମୁଖ ସହଯୋଗ କରିଥିଲେ ।

୬. ୨୩.୦୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସାବୁଲିଆଠାରେ ଶ୍ରୀ ପର୍ଶୁରାମ ବାରିକଙ୍କ ସହାୟତାରେ ଖଲ୍ଲିକୋଟର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ Vision Test କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଡ: ନିରୁପମା ଦେବୀ, ଶ୍ରୀ ଲଲାଟେନ୍ଦୁ ସାମନ୍ତ ଏବଂ ଶ୍ରୀ ଲକ୍ଷ୍ମୀଚରଣ ପଣ୍ଡା, ସର୍ବୋପରି ମା'ଙ୍କ କୃପା ହିଁ ସଙ୍ଗଠିତ କରିପାରିଛି ।

# ସମର୍ପଣ ମଣ୍ଡଳର ପ୍ରଥମ ଶ୍ରୀଅରବିନ୍ଦ ମେଡ଼ିକାଲ୍ ଆସୋସିଏନର୍ ଦୁଇଦିନିଆ କର୍ମଶାଳା, ଶ୍ରୀଅରବିନ୍ଦ ଭବନ, କୋରାପୁଟ

ଗତ ଅକ୍ଟୋବର ୧୯ ଓ ୨୦ ତାରିଖ ୨୦୨୪ ରେ ଦୁଇଦିନ ଧର ସମର୍ପଣ ମଣ୍ଡଳର ପ୍ରଥମ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ କର୍ମଶାଳା କୋରାପୁଟ ଶ୍ରୀଅରବିନ୍ଦ ଭବନଠାରେ ଡ: ଶ୍ୟାମା କାନୁନ୍‌ଗୋଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ଅଧିବେଶନରେ ଧନନ୍ତ୍ୱରୀ ଶ୍ଳୋକ ଆବୃତ୍ତି ସହିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହାପରେ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନର ସଙ୍ଗଠିକା ଡ:ଶ୍ୟାମା କାନୁନ୍‌ଗୋ ଉକ୍ତ ସମ୍ମିଳନୀର ଉଦ୍ଦେଶ୍ୟ ବିଷୟରେ ସଚେତନ କରାଇଥିଲେ। ବୌଦ୍ଧ ଜିଲ୍ଲାର DPHO ଡ: ମଦନ ମୋହନ ପ୍ରଧାନ ବ୍ୟକ୍ତି ସଚେତନତା ଓ ଚେତନାର ପରିବର୍ତ୍ତନ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି କୋରାପୁଟ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଡ: ସୁଶାନ୍ତ କୁମାର ଦାସ ଏବଂ ମୁଖ୍ୟ ଅତିଥି କୋରାପୁଟ ଜିଲ୍ଲାର ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଡିନ୍ ଓ ଅଧକ୍ଷ ଡ: ସୁଶାନ୍ତ ସାହୁ ପ୍ରମୂଖ ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରିଥିଲେ।

ଅପରାହ୍ନରେ ଡ: ଶ୍ୟାମା କାନୁନ୍‌ଗୋଙ୍କ ଅଧକ୍ଷତାରେ "Scientific preparation for healthy new born" ବିଷୟରେ ପ୍ୟାନେଲ ଆଲୋଚନା କରିଥିଲେ ଡ: ଉତ୍କଳ ନାୟକ, ଡ: ମଦନ ମୋହନ ପ୍ରଧାନ, ଡ: ନିର୍ମାଲ୍ୟ ପ୍ରଧାନ ଓ ଡ: ରମେଶ ବିଶ୍ୱାଳ। "Conscious preparation for a spiritually developed Newborn" ପ୍ରସଙ୍ଗରେ ଆଲୋଚନା କରିଥିଲେ ଡ: ଶ୍ୟାମା କାନୁନ୍‌ଗୋ, ଡ: ରେଣୁବାଳା ସାମଲ, ଶ୍ରୀମତୀ ଦେବସ୍ମିତା ସାମଲ, ଡ: ରମେଶ ବିଶ୍ୱାଳ, ଡ:ମଦନ ମୋହନ ପ୍ରଧାନ ଏବଂ ଡ: ନିର୍ମାଲ୍ୟ ପ୍ରଧାନ।

ସାନ୍ଧ୍ୟ ଅଧିବେଶନରେ ଶ୍ରୀଯୁକ୍ତ ସୁରେଶ ମିଶ୍ର, ଇଂ. ସନ୍ତୋଷ କୁମାର ଗାହାଣ ଓ ଡ: ମଦନ ମୋହନ ପ୍ରଧାନଙ୍କ ଅଧକ୍ଷତାରେ ଡ: ନିର୍ମାଲ୍ୟ ପ୍ରଧାନ Scientific & Spiritual upbringing of New born, Infant and under-five" ପ୍ରସଙ୍ଗରେ ଏବଂ ଶ୍ରୀଯୁକ୍ତ ସରୋଜ ପାଣିଗ୍ରାହୀ State RMNCHAN Consultant " ସୁମନ ସ୍ୱେଚ୍ଛାସେବୀ ଭାବରେ ଶ୍ରୀଅରବିନ୍ଦ ପାଠଚକ୍ରର କର୍ମୀ" ବିଷୟରେ ସ୍ୱତନ୍ତ୍ର ଆଲୋଚନା କରିଥିଲେ।

୨୦ ତାରିଖ ଦିନ ଭୋରରୁ ଡ: ମଦନ ମୋହନ ପ୍ରଧାନଙ୍କ ପରିଚାଳନାରେ "ନିୟନ୍ତ୍ରଣାଧୀନ ଧ୍ୟାନ" କରାଯାଇଥିଲା। ଏହାପରେ ଶ୍ରୀମତୀ ଦେବସ୍ମିତା ସାମଲ, କୁମାରୀ ଆଭା କାନୁନ୍‌ଗୋ ଓ ଶ୍ରୀମତୀ ମିରାମ୍ବିକା ମହାପାତ୍ର ପ୍ରମୁଖ ସ୍ୱାସ୍ଥ୍ୟପ୍ରଦ ଚକ୍ଷୁର ବ୍ୟାୟାମ ବିଷୟରେ ଆଲୋଚନା କରିଥିଲେ। "ସ୍ୱାସ୍ଥ୍ୟପ୍ରଦ ସ୍ଥାନୀୟ ଔଷଧୀୟ ଗୁଳ୍ମଲତା" ବିଷୟରେ ଡ: ଅଧୀର କୁମାର ସାହୁ, "ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ" ବିଷୟରେ ଡ: ଶ୍ୟାମା କାନୁନ୍‌ଗୋ ଏବଂ "ବିଦ୍ୟାଳୟ ସ୍ୱାସ୍ଥ୍ୟକାର୍ଡ କିପରି ପୂରଣ କରିବା ଏବଂ ଡାଟା କିପରି ଅପ୍‌ଲୋଡ଼ କରିବା" ବିଷୟରେ ଡ: କବିତା ସ୍ୱାଇଁ, ଶ୍ରୀମତୀ ମିରାମ୍ବିକା ମହାପାତ୍ର ଓ ଶ୍ରୀଯୁକ୍ତ ସରୋଜ କୁମାର ପାଣିଗ୍ରାହୀ ପ୍ରମୁଖ ଆଲୋଚନା କରିଥିଲେ।

"Basic Life Support" ବିଷୟରେ ଶ୍ରୀଯୁକ୍ତ ବିପିନ ବିହାରୀ କର ପ୍ରାକ୍ଟିକାଲ ଦେଖାଇ ଆଲୋଚନା କରିଥିଲେ।

ଉକ୍ତ କର୍ମଶାଳାରେ ସମୁଦାୟ ୧୨୫ଜଣ ଶିବିରାର୍ଥୀ ଯୋଗ ଦେଇଥିଲେ। ଶ୍ରୀଯୁକ୍ତ ସୁରେଶ ମିଶ୍ର, ଇଂ ସନ୍ତୋଷ କୁମାର ଗାହାଣ ଏବଂ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଆଗକୁ କିପରି କାର୍ଯ୍ୟକ୍ରମ ଜାରି ରହିବ ସେ ବିଷୟରେ ଆଲୋଚନା କରିଥିଲେ। ଆଗାମୀ ବର୍ଷ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ଜୋନ୍ ସ୍ତରୀୟ ଉକ୍ତ କର୍ମଶାଳା କରାଯିବ ବୋଲି କଳାହାଣ୍ଡି ଜିଲ୍ଲା ସଙ୍ଗଠକ ଶ୍ରୀଯୁକ୍ତ ଗଣେଶ ପ୍ରସାଦ ଆଭାସୀ ସ୍ୱାଗତ ଓ ନିମନ୍ତ୍ରଣ ଜଣାଇଥିଲେ। ଡ: ଶ୍ୟାମା କାନୁନ୍‌ଗୋ ସମସ୍ତ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ସଭା ସାଙ୍ଗ କରାଯାଇଥିଲା।

ବନ୍ଦେମାତରମ୍

# ଆସ୍ଥା ଜୋନ୍ ସ୍ତରୀୟ ଶ୍ରୀଅରବିନ୍ଦ ମେଡ଼ିକାଲ୍ ଓ ହେଲ୍ଥସ୍ୱାଡ଼ର୍ ସମ୍ମିଳନୀ ୨୦୨୪-୨୫

୩୦.୧୧ ଏବଂ ୦୧.୧୨ରେ ବାଲେଶ୍ୱର ଜିଲ୍ଲା କଳିଙ୍ଗ ନଗରସ୍ଥିତ ନିଉକ୍ରିଏସନ, ମେଣ୍ଢାଶୋଳ ପରିସରରେ ନବଜୀବନ ଶିକ୍ଷା ସଂସଦର ସମ୍ପାଦକ ଶ୍ରୀଯୁକ୍ତ ପ୍ରସାଦ ତ୍ରିପାଠୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ ସମ୍ମିଳନୀର ଶୁଭାରମ୍ଭ ହୋଇଥିଲା। ଉକ୍ତ ସମ୍ମିଳନୀରେ ରାଜ୍ୟ ମେଡ଼ିକାଲ ଆସୋସିଏସନର ଆବାହିକା ଡାକ୍ତର ଶ୍ୟାମା କାନୁନ୍‌ଗୋ, ଆସ୍ଥାଜୋନ୍ ମେଡ଼ିକାଲ ଆସୋସିଏସନର ଆବାହକ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର, ଆସ୍ଥାଜୋନ୍ ଆବାହକ ଶଶୀକାନ୍ତ ଭୋଇ, ବାଲେଶ୍ୱର ଜିଲ୍ଲା ଆବାହକ ଦୟାନିଧି ପାତ୍ର ଏବଂ ନବଜୀବନ ଶିକ୍ଷାସଂସଦର ଉପସଭାପତି ଶ୍ରୀଯୁକ୍ତ ଲମ୍ବୋଦର ଦେ ପ୍ରମୁଖ ଯୋଗଦାନ କରି ଉକ୍ତ ସମ୍ମିଳନୀ ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବାହ୍ନ ୧୦ଟା ସମୟରେ ଶ୍ରୀଯୁକ୍ତ ବିପିନ୍ ବିହାରୀ କର First Aid & Basic Life Support ସମ୍ପର୍କରେ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରିଥିଲେ।

ମଧ୍ୟାହ୍ନ ୧୨ଟାରେ ଉଦ୍ଘାଟନୀ ସଭାରେ ଡାକ୍ତର ଶ୍ୟାମା କାନୁନ୍‌ଗୋ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଏବଂ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିଥିଲେ। ଅପରାହ୍ନ ୨.୪୫ରେ ନୂତନ ସୁସ୍ଥ ସବଳ ଜନ୍ମିତ ଶିଶୁ ପାଇଁ ବୈଜ୍ଞାନିକ କୌଶଳର ପ୍ରସ୍ତୁତି ସମ୍ପର୍କରେ ପ୍ୟାନେଲ ଡିସ୍‌କସନ୍ କରାଯାଇଥିଲା। ଏଥିରେ ନିୟାମକ ଥିଲେ ଡ: ଶ୍ୟାମା କାନୁନ୍‌ଗୋ ଓ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର। ଆଲୋଚକ ଭାବେ ପ୍ରଫେସର ନୀହାର ରଞ୍ଜନ ବେହେରା ଓ ଡ: ବବିନା ମହାନ୍ତି- ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ।

ଅପରାହ୍ନ ୪.୧୫-୫ଟା ରେ "Preparation for a spiritually Developed New born" ସମ୍ପର୍କରେ ପ୍ୟାନେଲ ଡିସ୍‌କସନ୍ କରାଯାଇଥିଲା। ଏଥିରେ ନିୟାମକ ଥିଲେ ଡ: ଶ୍ୟାମା କାନୁନ୍‌ଗୋ ଓ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର। ଆଲୋଚକ ଭାବେ ପ୍ରଫେସର ନୀହାର ରଞ୍ଜନ ବେହେରା ଓ ଡ: ବବିନା ମହାନ୍ତି- ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ।

ସାନ୍ଧ୍ୟ ଅଧିବେଶନରେ ଶ୍ରୀ ଗଣେଶ ପ୍ରସାଦ ମହାପାତ୍ର ଓ ପ୍ରଫେସର ଗୋଲକ ବିହାରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟଙ୍କ ଦ୍ୱାରା "Scientific upbringing of New born, infant and under five" ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପ୍ରୋଜେକ୍ଟର ବ୍ୟବହାର ସହ କରାଯାଇଥିଲା।

ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଶ୍ରୀଯୁକ୍ତ ସରୋଜ ପାଣିଗ୍ରାହୀ State RMNCHAN Consultant " ସୁମନ ସ୍ୱେଚ୍ଛାସେବୀ ଭାବରେ ଶ୍ରୀଅରବିନ୍ଦ ପାଠଚକ୍ରର କର୍ମୀ" ବିଷୟରେ ସ୍ୱତନ୍ତ୍ର ଆଲୋଚନା କରିଥିଲେ।

ଦ୍ୱିତୀୟ ଦିବସରେ ସକାଳ ୯ଟା ବେଳେ ଭଗବାନ ନାୟକଙ୍କ ଦ୍ୱାରା ମାତୃବନ୍ଦନା ପରେ ଆଭା କାନୁନ୍‌ଗୋ Helpful Eye Excersise ଶିଖାଇଥିଲେ ଏବଂ ସମସ୍ତ ଶିକ୍ଷାକେନ୍ଦ୍ରମାନଙ୍କୁ ସମସ୍ତ ଉପକରଣ ମଧ ପ୍ରଦାନ କରିଥିଲେ। ଏହାପରେ ଡ: ବିଜୟ କୁମାର ସାହୁ ହେଲ୍‌ଥ କାର୍ଡ଼ ପୂରଣ ସମ୍ପର୍କରେ ସମସ୍ତ ଅଂଶଗ୍ରହଣକାରୀଙ୍କ ବୁଝାଇଥିଲେ।

ଉଦ୍‌ଯାପନୀ ସଭାରେ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ, ଜୀବନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ଆଗାମୀ ବର୍ଷ ଏହି କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲାରେ କରାଯିବାର ସ୍ଥିର କରାଯାଇ କାର୍ଯ୍ୟକ୍ରମ ସାଙ୍ଗ କରାଯାଇଥିଲା।

# 1ST SRI AUROBINDO MEDICAL ASSOCIATION CONFERENCE SANGATI ZONE REPORT

**14th & 15th June 2025**

**DAY-1**

**Morning Session**

**Firstaid**- Sri Bibin bihari Kar

**Basic life support** – Dr. Kishor Chandra Mohapatra

Dr. Raseswari Panigrahi - life time achievement award By SAMA at her residence

**Afternoon Session**

Integrated school health check up- Dr Shyama Kanungo

Govt schemes in school and Suman volunteer – Saroj Kumar Panigrahi

**Evening Session**

Integral healing – Sruprakash Choudhury

'State of life today ' am I not satisfied – Dr. Tophan Pati

The new life- Dr Sindhu Nandini Tripathy

**DAY-2**

6.30 to 8.30- Opening the body to consciousness -Dr Yogesh Mohan

10am to11am- 'Holistic medical education' is it feasible -Dr Shyama Kanungo

**Inaugural session**

11am to 1 pm-

Welcome address – Prafulla Panda

Report of activities of SAMA Sangati zone –Dr. Dyuman Naik

Introduction to guest -Dr Smita Panda

Healing with consciousness session -Dr Yogesh Mohan

Gratitude : Udit Bhai

**Concluding Session**

**Penal discussion :**

Preparation for physically healthy newborn and preparation for spiritually developedn ewborn-

Moderator -Dr. Prasanta Patra and Dr. Kishore Chandra Mahapatra

Penalist- Smt. Anita Patri, Dr. Satya Behera, Dr. Shakti Tripathy, Dr. Prakash Chandra Panda, Dr. Smita Panda, Dr. Ojaswini Patel

# REPORT OF ACTIVITIES OF SAMA OF 2024-2025

**Dr. Shyama Kanungo**

The 35th Annual Conference was dedicated to "Holistic Medical Education". With a glow of a white aura the theme almost descended enroute to Dr.A.S.Dalal's chamber at 'Care'. The wish to invite the NMC Chairman as Chief Guest was a spontaneous aspiration which again was granted by the Divine Mother's Grace and subtle participation of Her child Gadadhar Mishra who had simply said about the previous conference at Sarala Bhaban on The New Childhood 'was good' just before he left for Ashram on 24th February never to return physically.

The 35th conference was held at Sarala Bhaban also. On Day 1( 14th September '24) the first two morning sessions were panel discussions; first on 'Holistic approach to School Health Program" moderated by Dr.Tophan Pati and Dr.Prashant Patra, Dr.Madan Mohan Pradhan. Panelists were Dr. Pravakar Moshra, Seema Parija,Dr. Subhakanta Sahu. Experts were Dr.Bipinananda Mishra and Sri Prasad Tripathy. The Second was on Holistic health inputs by Suman Volunteers. The moderators were Prof. Bijayeeni Mohapatra and Sri Saroj Panigrahi. The panelists were Manorama Nayak, Sunil Kumar Prusty, Radharani Ojha, Dharitri Rout, Devangana Barik, Dr. Latika Behera, Experts were Sri Ashok Kumar Nayak and Debasmita Samal. The Exhibition on the theme "Holistic Medical Education" was opened by the Chief Guest. In the Inaugural Session was launched by a video message by Swami Prajnanananda Maharaj . Then Prof Badal Mohanty gave the Welcome address;Prof J.K.Panda introduced the Guests; Shyama Kanungo read out the report of the previous year's activities. Dr. Nityananda Swain was proferred a Life time achievement Award for his long time support, advice and participation in activities of Sri Aurobindo Medical Association. Encouraging Addresses were given by NMC Chairman Prof. B.N.Gangadhar who stressed on need for integrative medicine and restructuring medical education in lines of total health; Prof Manash Ranjan Sahoo, VC OUHS addressed the congress and stressed on the urgent need for holistic approach in medical education. Prof. Uma Kant Satapathy Addl. DMET addressed on the need for holistic education which was a difficult proposal in the scenario of scarcity of teaching faculty. Dr. Sudhir Brahma gave vote of thanks. Immediate post lunch was a panel discussion on 'Holistic Approach in Graduate Medical teaching. Moderators were Prof. Bhalendu Vaishnav, Prof. Nikhil Kharod and Shyama Kanungo. The panelists were Prof. K.R.Sethuraman, Prof.B.N.Mohapatra, Prof. Smruti Vaishnav, Prof. Kaushik Mishra,Prof,Arpita Priyadarshini, Dr.Karunakar Padhy, Prof. Manasi Panda. Experts were Prof.B.N.Gangadhar, Prof.Manash Ranjan Sahoo, Prof. Umakant Satapathy, Prof.Sabita Mohapatra, Prof.Yogesh Mohan. Prof. B.N.Gangadhar clubbed his address of the plenary session during his address as expert due to an exigency. Following this Guided Meditation with music was presented by Prof. Bhalendu Vaishnav.

On Day 2 The morning session was started by two video talks by Prof. Reba Kanungo on 'Microbes and Consciousness; and by Dr. Alok Pandey on 'Holistic Nursing'. Next was a talk by Dr. Nityananda Swain on 'Delivering a Medical topic effectively' which was chaired by Dr.Pratap Chandra Rath, Dr.Prashanta Nanda, Prof. Sindhu Nandini Tripathy. The next talk was by Prof. K.R.Sethuraman on "Salutogenic approach to Wellness-a little-known principle in Medical Education". This session was chaired by Dr. Chittaranjan Sarangi and Dr. Pravat Kumar Thatoi. The next Talk was 'Healing by Consciousness-Concept and Capacity building in medical Graduates-by Prof Yogesh Mohan chaired by Dr. Madan Mohan Sahoo and Dr.Sujata Das. The last pre-lunch session was "Necessity of awareness of the Psychic being in health and healing in the graduate curriculum" by Dr. Soumitra Basu. This session was chaired by Dr.Debadatta Dash,

Nirmallya Deo Pradhan and Dr. Akshay Kumar Mishra.

The post lunch meeting was held at Matrubhaban where all the guest faculty and the members worked upon the way forward and recommendations to be made to the NMC for including Holistic Approach in Graduate Medical Education. The Organisers under the Chairmanship of Prasad Tripathy sat for planning the coming year's SAMA activities at Zonal and District levels.

Other activities of the Association were all 9 Zones could have two day Zonal Level conferences. The general theme followed the previous year's theme of SAYM 'The New Life'. The detailed report of the Zonal Conferences are printed separately by the respective Zonal Convenors. In most the regional Govt Medical College faculty participated.

-The First Zonal SAMACON of Samarpan Zone on the theme 'The New Life' was held on 19th & 20th October 2024 at SAIEC, Koraput

- The First Zonal SAMACON on the theme 'The New Life' was held at Matrubhaban on 9th & 10th November 2024. Faculty of OBGYN & Dean& Principal of SCB joined as Faculty.

-The first Zonal Conference on the theme 'The New Life' of Astha Zone was held at SAIEC, New Creation, Balasore on 30th November and 1st December 2024. MP Hon'ble Sri Pratap Sarangi was Chief Guest of Day two.

-The first Zonal SAMACON of Nistha Zone on the theme 'The New Life' was held at Sri Aurobindo Dham, Puri on 14th and 15th December. Faculty of SJMCH O&G & Pediatrics department joined as faculty

-The second Zonal SAMACON of Krupa Zone was held at SAIEC, Dera, Talcher on 11th and 12th January.

-The 12th Zonal SAMACON of Samata Zone was held at Sri Aurobindo Yoga Mandir on 8th and 9th February 2025

- The first Zonal SAMACON of Aspruha Zone on the theme 'The New Life' was held on 8th and 9th March 2025 at Sri Aurobindo Bhaban, Ankuli Bypass, NH, Berhampur.The Faculty of MKCG,SUM MC & Hospital and retired Doctors participated as resource persons.

- The first Zonal SAMACON of Sangati Zone on the theme 'The New Life' was held on 14th & 15th June 2025 at Udiyaman Matrukshetra, Dadernuapalli, Sambalpur. The Faculty of VIMSAR had participated

- The first Zonal SAMACON of Shanti Zone on the theme 'The New Life'was held on 10th and 11th August 2024 at SAIEC, Sonepur. It could not be held on second Saturday and Sunday in 2025 for logistic reasons.

The Annual 22nd Sri Aurobindo Health Squad Training was held jointly with Sri Aurobindo Patha chakra Organisers Training at Sri Aurobindo Srikshetra , Dalijoda from 3rd to 13th May'25 . It was inaugurated at Matrubhaban on 3rd May,2025 and held thence on from 4th to 13th May'25 at Sri Aurobindo Srikshetra. There were a total of 24 participants. There were several joint sessions. The Dasakarmadhara Convenors sensitised the Sri Aurobindo Pathachakra Organisers. Manorama Nayak sensitised on formatting of block level and Panchayat level organisers. Saroj Panigrahi discussed the School Health Benefits and mechanics of SUMAN VOLUNTEERS. Accupressure sessions were conducted by Smt Leena Sahoo and team,Oral health care and common oral problems were covered by Prof.Hemamalini Rath, HoD Dept of preventive Dentistry, SCB Dental College . Integrated School Health Program theory and Practice were conducted. The practice was conducted in the SAPV school with a good response and detection of significant health issues and advice were given. One such was a delayed puberty and growth spurt in an improperly treated hypothyroid girl who is now doing well after being treated at SCB department of Endocrinology. This also encourage d the guardians who were presented by Lokasahitya books and addressed by Pathachakra organisers to start Sri Aurobindo Study Circles

This year the theme of the 36th Annual Conference is "Integral Health-Springboard for Transformation" happily endorsed by Dr. A. S. Dalal is the central objective to the entire Sri Aurobindo's movement -to be allowed to be transformed into Divinity by the Divine.

# PROGRAM FOR 36th STATE LEVEL SAMACON
## 13th & 14th SEPTEMBER 2025

Masters of Ceremony : Dr. Madhusmita Pradhan, Dr. Abhipsa Rath

**13.09.2025 (SATURDAY)**

| | | |
|---|---|---|
| 8.00 - 9.00 am | : | Registration and Breakfast |
| 9.30 - 10.30 am | : | Integral Health Consciousness in School Children |
| Moderators | : | Dr. Prashanta Kumar Patra, Dr. Subhakanta Sahu |
| Panelists | : | Dr. Jyotiranjan Champatiray, Dr. Hemamalini Rath,<br>Dr. Rama Dalai, Dr. Smruti Swain, Dr. Lagnajit Dash, Dr. Bijoy Kumar Sahoo, |
| Experts | : | Sri Prasad Tripathy, Dr. Seema Parija, Dr. Sanghamitra Panda |
| 10.30 - 11.30 am | : | Integral Health Consciousness in the Community by SUMAN VOLUNTEERS |
| Moderators | : | Dr. Madan Mohan Pradhan,<br>Dr. Kishore Chandra Mohapatra |
| Panelists | : | Dr. Subhakanta Sahu, Sri Saroj Kumar Panigrahi,<br>Dr. Madhusmita Pradhan, Dr. Latika Behera, |
| Experts | : | Dr. Bijayeeni Mohapatra, Dr. Bipinananda Mishra |
| 12.00 - 1.30 pm | : | **INAUGURAL SESSION**<br>Video Message from Paramahamsa Prajnananandaji<br>Welcome Address : Dr. Sudhir Kumar Brahma<br>Report of previous year : Dr. Shyama Kanungo<br>Our Association SAMA : Dr. Badal Kumar Mohanty<br>Introduction of this year's Theme & Guests :<br>Dr. Jayanta Kumar Panda<br>Opening of Souvenir : Chief Guest- Dr. Soumitra Basu<br>Address by Chief Guest. |
| Vote of Thanks | : | Dr. Prashanta Kumar Nanda |
| 1.30 - 2.30 pm | : | **LUNCH** |
| 3.30 - 5.30 pm | : | **LIVING HEALTHY TO EVOLVE**<br>Foreword by Dr. Yogesh Mohan<br>i. Food - what, when and how to eat to evolve? - Sri Nishith Ranjan Rout<br>ii. Rest - How to rest consciously? - Sri Padmalochan Pothal<br>iii. Exercise with consciousness to evolve - Dr. Subhakanta Sahoo<br>iv. Conscious Sleeping - Dr. Jijnasa Sahani<br>v. Analysing dreams to evolve - Dr. Shraddha Shataparba Dash<br>vi. Meditation and Nama Japa to evolve - Ms Jasaswini Roy<br>vii. Yogasan & Pranayam to evolve - Dr. Ambujaksha Behera<br>viii. Evolving Consciousness- How to develop? - Dr. Abhipsa Rath<br>Summing up by Dr. Soumitra Basu |
| 5.30 - 6.00 pm | : | **TEA** |
| 6.30 - 8.00 pm | : | **ORATION** |
| Chairpersons | : | Dr. Tophan Pati, Dr. Sampdananda Mishra,<br>Dr. Badal Kumar Mohanty |

**INTEGRAL HEALTH - SPRINGBOARD FOR TRANSFORMATION**

- Dr. Soumitra Basu

| | | |
|---|---|---|
| 8.00-8.30 pm | : | Guided Meditation for INTEGRAL HEALTH TOWARDS TRANSFORMATION |
| Chairpersons | : | Dr. Sujata Das, Dr. Gouranga Prusty, Dr. Nirmalya Pradhan |
| Facilitator | : | Dr. Bhalendu Vaishnav |
| 8.30 pm | : | Dinner |

**14.09.2025 (SUNDAY)**

| | | |
|---|---|---|
| 6.30-8.00 am | : | **GUIDED ACTIVITY : OPENING TO CONSCIOUSNESS OF INTEGRAL HEALTH**<br>Dr. Yogesh Mohan |
| 8.00-9.00 am | : | Breakfast |
| 10.00 - 10.45 am | : | **PHYSICAL HEALTH - HOLISTIC APPROACH**<br>Chairpersons : Dr. Pratap Ch. Rath, Dr. Dhaneswar Pradhan, Dr. Radhakanta Mishra |
| Speaker | : | Dr. Sampadananda Mishra |
| 11.00 am-1.00 pm | : | **PANEL DISCUSSION: CONCEPT OF INTEGRAL HEALTH & TRANSFORMATION FOR THE MEDICO** |
| MODERATORS | : | Dr. Bhalendu Vaishnav, Dr. Yogesh Mohan |
| PANELISTS | : | Dr. Biranchi Narayan Mohapatra, Dr. Arpita Priyadarshini, Dr. Smruti Vaishnav, Dr. Lucy Das, Dr. Dr. Manasi Panda, Dr. Tophan Pati, Dr. Akshay Kumar Mishra |
| EXPERTS | : | Dr. Jayanta Kumar Panda, Dr. Sampadananda Mishra, Dr. Lalmohan Nayak |
| 1.30-2.30 pm | : | LUNCH |
| 3.00-3.30pm | : | **INTEGRAL HEALTH OF WOMEN**<br>Chairpersons : Dr. Hemalata Swain, Dr. Jayashree Patnaik, Dr. Sanjay Swain<br>Speaker : Dr. Sindhu Nandini Tripathy |
| 3.30-4.30 pm | : | Plenary Session |
| Chairpersons | : | Dr. Nityananda Swain, Dr. Sudhir Kumar Brahma, Dr. Madan Mohan Pradhan, |
| Topic | : | **MECHANICS FOR SCHOOL HEALTH BENEFITS & TRAINING FOR SUMAN VOLUNTEERS** - Sri Saroj Kumar Panigrahi |
| Topic | : | **HOW TO IDENTIFY SRI AUROBINDO STUDY CIRCLE WORKERS FOR SUMAN VOLUNTEERS -** Smt. Manorama Nayak |
| 4.30-5.30 pm | : | **WAY FORWARD - THEME, VENUE & ORGANISATION OF ZONAL LEVEL SAMACONS** |
| Chairpersons | : | Sri Prasad Tripathy, Dr. Bijoy Kumar Sahoo, Dr. Prashanta Kumar Patra, Dr. Radhakanta Mishra, Dr. Dyuman Naik |
| ASPRUHA | : | Er. Lalatendu Samant |
| ASTHA | : | Sri Sashikant Bhoi |
| KRUPA | : | Sri Akshay Kumar Biswal |
| NISTHA | : | Sri Sukanta Kumar Jena |
| SAMATA | : | Sri Dambarudhar Sahoo |
| SAMARPANA | : | Sri Suresh Chandra Mishra |
| SANGATI | : | Sri Prafulla Kumar Panda |
| SHANTI | : | Sri Madan Mohan Dani |
| SATYA | : | Sri Mayadhar Sahoo |
| 5.30-6.00 pm | : | Tea & Snacks |